


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-311 ♦SUNDAY ♦10 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୧୧ ♦ରବିବାର ♦୧୦ ମେ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦



## ଏନ.ଏସ. ରାଜାସୁବ୍ରମଣି ହେବେ ନୂତନ ସିଡିଏସ୍



■ ନୂଆଦିଲ୍ଲୀ, ୯।୫(ଏଜେନ୍ସି): ଭାରତୀୟ ସେନାବାହିନୀର ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି। କେନ୍ଦ୍ର ସରକାର ଆଜି ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣିଙ୍କୁ ପରବର୍ତ୍ତୀ 'ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍' (ସିଡିଏସ) ଭାବେ ନିଯୁକ୍ତ କରିଛନ୍ତି। ଏହା ସହିତ ଭାରତୀୟ ନୌସେନାର ମୁଖ୍ୟ ଭାବେ ଭାଇସ୍ ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ବର୍ତ୍ତମାନର ସିଡିଏସ ଜେନେରାଲ ଅନିଲ ଚୌହାନଙ୍କ କାର୍ଯ୍ୟକାଳ ଚଳିତ ମେ ମାସ ୩୦ ତାରିଖରେ ସମାପ୍ତ ହେବାକୁ ଯାଉଥିବା ବେଳେ, ସୁବ୍ରମଣି ସେହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ। ସେ କେବଳ ସିଡିଏସ ଭାବେ ନୁହେଁ, ବରଂ ସାମରିକ ବ୍ୟାପାର ବିଭାଗର ସଚିବ ଭାବେ ମଧ୍ୟ କାର୍ଯ୍ୟ ନିର୍ବାହ କରିବେ।

ଲେଫ୍ଟନାଣ୍ଟ ଜେନେରାଲ ସୁବ୍ରମଣି ଜଣେ ଅତ୍ୟନ୍ତ ଅଭିଜ୍ଞ ସମରକଳା ବିଶାରଦ। ପ୍ରାୟ ୩୯ ବର୍ଷର ଦୀର୍ଘ ସାମରିକ ଜୀବନରେ ସେ ଅନେକ ଜଟିଳ ପରିସ୍ଥିତିର ସଫଳତାର ସହ ମୁକାବିଲା କରିଛନ୍ତି। ପୂର୍ବରୁ ସେ ସେନାବାହିନୀର ଉପ-ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଅସାଧାରଣ ସେବା ପାଇଁ ତାଙ୍କୁ 'ପରମ ବିଶିଷ୍ଟ ସେବାପଦକ' ଓ 'ଅତି ବିଶିଷ୍ଟ ସେବା ପଦକ' ▶ପୃଷ୍ଠା-୭

## ପଞ୍ଜାବ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ବାନ୍ଧିଲା ଇଡି




ନୂଆଦିଲ୍ଲୀ/ଚଣ୍ଡିଗଡ଼, ୯।୫(ଏଜେନ୍ସି): ପଞ୍ଜାବର ଶିଳ୍ପ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଦିନ ଗିରଫ କରିଛି। ଏକ ନୂତନ ଅର୍ଥ ହେରଫେର ମାମଲାରେ ତାଙ୍କ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରାୟ ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ମୋବାଇଲ୍ ଫୋନ୍‌ର ଜାଲ୍ ଜିଏସଟି କ୍ରୟ ଏବଂ ଦୁବାଇରୁ ଭାରତକୁ ବେଆଇନ ଅର୍ଥ ପଠାଇବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି। ଜାଲ୍ ବିଲ୍ ମାଧ୍ୟମରେ ଟ୍ୟାକ୍ସ କ୍ରେଡିଟ୍ ହାସଲ କରିଥିବା ଇଡି ଦାବି କରିଛି। ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏହାକୁ ନେଇ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ବିଜେପିରେ ସାମିଲ ହେଉନାହାନ୍ତି ସେମାନଙ୍କୁ ଇଡି ମାଧ୍ୟମରେ ଟାର୍ଗେଟ୍ କରାଯାଉଛି। ଏହି କାର୍ଯ୍ୟାନୁଷ୍ଠାନ ଯୋଗୁଁ ବିଜେପି ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ପଞ୍ଜାବରେ ପଶିପାରିବ ନାହିଁ ବୋଲି ସେ ଦାବି କରିଛନ୍ତି। ଏହାପୂର୍ବରୁ ଏପ୍ରିଲ ୧୭ରେ ମଧ୍ୟ ଆରୋରାଙ୍କ ଘରେ ଚଢ଼ାଉ କରାଯାଇ ୧୫୭ କୋଟି ଟଙ୍କାର ସମ୍ପତ୍ତି ବ୍ୟାଜାପ୍ତ କରାଯାଇଥିଲା। ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଇଡିର ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ଏକ ବଡ଼ ରାଜନୈତିକ ସଂଘର୍ଷ ସୃଷ୍ଟି କରିଛି। ଆପ୍ ସରକାର ଏହାକୁ 'ରାଜନୈତିକ ପ୍ରତିଶୋଧ' କହୁଥିବା ବେଳେ ଏହି ଘଟଣା ଏବେ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛି।

### ମୁହଁ ଖୋଲିଲେ ମୃତ କନେଷ୍ଟବଳ ସୌମ୍ୟଙ୍କ ସମ୍ପର୍କୀୟ ଓମ୍

# ପୁଲିସ ଅଟକାଇଲା ନାହିଁ; ଭିଡ଼ ମାରିଦେଲା

■ ଭୁବନେଶ୍ୱର, ୯।୫(ସମିସ): ବାଲିଅନ୍ତା ଭିଡ଼ହତ୍ୟା ମାମଲାରେ ପ୍ରଥମ ପ୍ରତ୍ୟକ୍ଷଦର୍ଶୀ ତଥା ମୃତ ଜିଆର୍‌ପି କନେଷ୍ଟବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ସମ୍ପର୍କୀୟ ଓମ୍ ପୁଲିସ ହେପାଜତରୁ ବାହାରିବା ପରେ ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି। ସୌମ୍ୟଙ୍କୁ ପିଟିପିଟି ମାରିଦେବା ଘଟଣାରେ ସେ ସମ୍ପୂର୍ଣ୍ଣ ଭାବେ ପୁଲିସ ଏବଂ ଭିଡ଼ରେ ସାମିଲ ଥିବା ଲୋକଙ୍କୁ ଦାୟୀ କରିଛନ୍ତି। ପୁଲିସ ଚାହିଁଥିଲେ ଭିଡ଼ହିଂସାକୁ ରୋକି ପାରିଥା'ନ୍ତା; ହେଲେ ତାହା ନ କରି କେବଳ ନିରବଦ୍ରଷ୍ଟା ସାଜିଲା। ବଳପୂର୍ବକ ଭାବେ କାହାକୁ ଅଟକାଇଲା ନାହିଁ। ଏପରିକି ଭିଡ଼ ହିଂସାର ଭିଡିଓ କରିବାକୁ ଭୟ କରି ଜଣେ ପୁଲିସ ଅଧିକାରୀ ନିଜ ମୋବାଇଲକୁ ପକେଟରେ ପୂରାଇ ଦେଲେ। ଲୋକେ ସୌମ୍ୟଙ୍କୁ ମାଡ଼ ମାରୁଥିଲା ବେଳେ ପୋଷାକରେ ଥିବା ପୁଲିସ ଅଧିକାରୀମାନେ ପଛରେ ଛିଡ଼ା ହୋଇଥିଲେ। ଏପରିକି ସୌମ୍ୟ ମାଡ଼ ଖାଉଥିଲା ବେଳେ ସେଠାରେ ସାଦା ପୋଷାକରେ ଉପସ୍ଥିତ ଥିବା ଜଣେ ପୁଲିସ ଅଧିକାରୀ ସୌମ୍ୟଙ୍କ ଉପରେ ଚଢ଼ି ଯାଇଥିଲେ। ସୌମ୍ୟଙ୍କ ହାତଗୋଡ଼ ବାନ୍ଧି ବାଉଁଶରେ ଲଟକାଇ ଏକ ମିନିଟ୍ରକ୍‌ର ଡାଲାରେ ଫୋପଡ଼ାଯାଇଥିଲା, ଯାହା ସମ୍ପୃକ୍ତ ସାଦା ପୋଷକଧାରୀ ପୁଲିସ ଅଧିକାରୀଙ୍କର ହିଁ ପ୍ଲାନ୍ ଥିଲା ବୋଲି ଓମ୍ ଗଣମାଧ୍ୟମକୁ କହିଛନ୍ତି। ଭିଡ଼ରେ ୪୫ରୁ ଉର୍ଦ୍ଧ୍ୱ ଲୋକ ଥିଲେ; ହେଲେ ୧୨ରୁ ୧୫ ଜଣ ନିର୍ଦ୍ଦୁକ ମାଡ଼ ମାରୁଥିଲେ। ତେବେ ସୌମ୍ୟ ଯୁବତୀମାନଙ୍କୁ ଅସଦାଚରଣ କରିଥିବା ଅଭିଯୋଗକୁ ଓମ୍ ସଂପୂର୍ଣ୍ଣ ରୂପେ ଅସ୍ୱୀକାର କରିଛନ୍ତି। ▶ପୃଷ୍ଠା-୭

**ବାଲିଅନ୍ତା ଭିଡ଼ ହତ୍ୟା**



- **ପୁଲିସର ପ୍ଲାନ୍‌ରେ ସୌମ୍ୟଙ୍କ ହାତଗୋଡ଼ ବାନ୍ଧି ନିଆଗଲା**
- **ଉଚ୍ଚସ୍ତରୀୟ ତଦନ୍ତ ଓ ପଲିଗ୍ରାଫ୍ ଟେଷ୍ଟ ହେଲେ ଧରାପଡ଼ିବ ସତ**
- **ଆଉ ୬ ଗିରଫ, ଗିରଫଦାରୀ ସଂଖ୍ୟା ୧୧ରେ ପହଞ୍ଚିଲା**

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ



ଘଟଣାର ପୁନରାବୃତ୍ତି ନ ହେବା ନେଇ ଡିଜିପିଙ୍କୁ ତାଗିଦ୍ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୯।୫(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଞ୍ଚ୍ ଦ୍ୱାରା ଏହି ଘଟଣାର ଯାଞ୍ଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସତର୍କ ଓ ସଜାଗ ରହିବା ପାଇଁ ପୁଲିସ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଥିଲେ। ରାଜ୍ୟରେ ଆଇନର ଶାସନ ▶ପୃଷ୍ଠା-୭

### ପଶ୍ଚିମବଙ୍ଗର ମଙ୍ଗ ଧରିଲେ ଶୁଭେନ୍ଦୁ ଅଧିକାରୀ

# ବିଜୟଙ୍କ ବିଜୟ; ଆଜି ନେବେ ଶପଥ




■ କୋଲକାତା/ଚେନ୍ନାଇ, ୯।୫ (ଏଜେନ୍ସି): ପଶ୍ଚିମ ବଙ୍ଗରେ ଆଜି ଶୁଭେନ୍ଦୁ ଅଧିକାରୀ ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେହିପରି ତାମିଲନାଡୁରେ ଆସନ୍ତାକାଲି ଟିଭିକେ ମୁଖ୍ୟ ବିଜୟ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ଆବଶ୍ୟକ ୧୨୦ ବିଧାୟକଙ୍କ ସମର୍ଥନ ମିଳିବା ପରେ ରାଜ୍ୟପାଳ ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଛନ୍ତି। ଆସନ୍ତା ୧୩ ତାରିଖ ସୁଦ୍ଧା ଆସ୍ଥା ଭୋଟ୍ ଲୋଡ଼ିବା ଲାଗି ବିଜୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର।

ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି। ଶନିବାର କୋଲକାତାର ଐତିହାସିକ ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରବୀନ୍ଦ୍ର ଜୟନ୍ତୀ ଅବସରରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର କ୍ୟାବିନେଟର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ଶୁଭେନ୍ଦୁ ଅଧିକାରୀଙ୍କ ସହିତ ଅନ୍ୟ ୫ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ସେମାନେ ହେଲେ ଦିଲୀପ ଘୋଷ, ଅଗ୍ନିମିତ୍ରା ପଲ, ନିଶିଥ ପ୍ରମାଣିକ, ଅଶୋକ କୀର୍ତ୍ତନିଆ ଓ କ୍ଷୁଦିରାମ ଟୁଡୁ।

ଶପଥ ଗ୍ରହଣ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ବଙ୍ଗଳାର ସବୁଠାରୁ ବୟୋଜ୍ୟେଷ୍ଠ ବିଜେପି କର୍ମୀ ୯୮ ବର୍ଷୀୟ ମାଖନଲାଲ ସରକାରଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ମାଖନଲାଲ ୧୯୫୨ ମସିହାରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହ କାଶ୍ମୀର ଆନ୍ଦୋଳନରେ ସାମିଲ ହୋଇ ଜେଲ ଯାଇଥିଲେ। ସମାରୋହ ସ୍ଥଳରେ ବଙ୍ଗଳାର ପ୍ରସିଦ୍ଧ 'ଝାଲମୁଢ଼ି' ଏବଂ ମିଠାର ୨୦ରୁ ଅଧିକ ଷ୍ଟଲ୍ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା।

ଇତିମଧ୍ୟରେ ଗତ ୫ ଦିନ ଧରି ତାମିଲନାଡୁରେ ଲାଗି ରହିଥିବା ଅନିଶ୍ଚିତତାର ଅବସାନ ଘଟିଛି। ଟିଭିକେ ମୁଖ୍ୟ ବିଜୟଙ୍କୁ ସରକାର ଗଠନ ଲାଗି ରାଜ୍ୟପାଳ ଆଜି ଆମନ୍ତ୍ରଣ କରିଛନ୍ତି। ସରକାର ଗଠନ ପାଇଁ ଆବଶ୍ୟକ ▶ପୃଷ୍ଠା-୭

## ୧୧ରେ ଲଘୁଚାପ; ଉପକୂଳରେ ବର୍ଷିବ

**ଆଜି ଅଧିକାଂଶ ଜିଲ୍ଲାରେ ବର୍ଷା, ପବନ ଆଶଙ୍କା**

■ ଭୁବନେଶ୍ୱର, ୯।୫(ସମିସ): ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୧୧ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଶନିବାର ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ତେବେ ରାଜ୍ୟରେ ବାତ୍ୟାକୁ ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ମନ୍ନାର ଉପସାଗର ଓ ସଂଲଗ୍ନ ଶ୍ରୀଲଙ୍କା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି, ଯାହା ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ବଜ୍ରପାତ ଓ ପବନ ବହିବାର ଆଶଙ୍କା ରହିଛି। ବିଶେଷକରି, ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଆଦି ଅଞ୍ଚଳରେ ଏହାର ପ୍ରଭାବ ଅଧିକ ପଡ଼ିପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗ କହିଛି ଯେ ଲଘୁଚାପର ତୀବ୍ରତା ଓ ଗତିପଥ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ କ୍ଷେତ୍ରରେ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହେବ।

ଅପରପକ୍ଷେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା, ପବନ ଜାରି ରହିଥିବା ବେଳେ ଆସନ୍ତାକାଲି ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୪୦ରୁ ୫୦କିମି ବେଗରେ ପବନ ସହ ବର୍ଷା ଏବଂ ବିଜୁଳିର ସମ୍ଭାବନା ଥିବା ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦କିମି ବେଗରେ ପବନ ବହିବା ସହ ବର୍ଷା ଆଶଙ୍କା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ଅଶୁଭ ଶନିବାର

# ଦୁର୍ଘଟଣାରେ ଗଲା ୭ ଜୀବନ

## ଧକ୍କା ଦେଇ ଚଢ଼ିଗଲା ଟ୍ରକ୍; ୩ ମୃତ



■ ଭୁବନେଶ୍ୱର, ୯।୫(ସମିସ): ରାଜଧାନୀ ଦେଇ ଯାଇଥିବା ୧୬ ନଂ ଜାତୀୟ ରାଜପଥରେ ଆଜି ସଂଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜଣେ ଯୁବତୀଙ୍କ ସମେତ ୩ଜଣଙ୍କ ଜୀବନ ନେଇଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ଯାଜପୁରର ବରିର ବର୍ଷାରାଣୀ ବେହେରା ଓ ବରମୁଣ୍ଡାର ସିଦ୍ଧାର୍ଥ ରଥ। ଅନ୍ୟଜଣଙ୍କ ପରିଚୟ ମିଳି ପାରିନାହିଁ। ସେହିପରି ଗୁରୁତର ଆହତ ହେଲେ, ବରମୁଣ୍ଡାର ସୁରେନ୍ଦ୍ର ନାଥ। ଫାୟାର ଷ୍ଟେସନ୍ ଓଭରବ୍ରିଜ୍ ଉପରେ ଏହି ଛାତିଥରା ଘଟଣା ଘଟିଛି। ମିଳିଥିବା ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୮ଟାରେ ୨ଟି ସ୍କୁଟି ଓ ଗୋଟିଏ ▶ପୃଷ୍ଠା-୭

### ଟ୍ରକ୍‌କୁ ପିଟିଲା କାର୍

## ବାପା-ପୁଅ ମୃତ

■ ମାଥିଲି, ୯।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ସମ୍ମୁଖରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ଏକ କାର୍ ଧକ୍କା ଦେବାରୁ ବାପା-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପଟନୁର ମାଣୀକାନ୍ତା ରାଓ ଓ ତାଙ୍କ ୧୧ ମାସର ପୁଅ ପଟନୁର ପାର୍ଥିବ। କାର୍‌ରେ ବସିଥିବା ୩ଜଣ ମହିଳା ଓ ଜଣେ ନାବାଳକ ମଧ୍ୟ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ମାଣୀକାନ୍ତା ନିଜ କାର୍ (ଓଡ଼ି-୨୪ଏ-୭୨୭୨) ▶ପୃଷ୍ଠା-୭


## ବାଇକ୍‌କୁ ଧକ୍କା ଦେଲା କାର୍; ଦମ୍ପତି ମୃତ



ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେଇ ଫେରୁଥିଲେ

■ ଶିକରପାଇ, ୯।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଞ୍ଚାୟତ କୃଷ୍ଣନଗର ନିକଟରେ ଶନିବାର ସକାଳେ ବାଇକ୍‌କୁ ଏକ କାର୍ ଧକ୍କା ଦେବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କୋଲନରା ବ୍ଲକ୍ ଦୁଦ୍ଦୁଲି ପଞ୍ଚାୟତ ଅଣ୍ଟାମଡା ତାଣ୍ଡିପୁର ଗ୍ରାମର ଦେବ ଭତ୍ରା ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ଭତ୍ରା। ସୂଚନାନୁଯାୟୀ, ଭତ୍ରା ▶ପୃଷ୍ଠା-୭

## ନ୍ୟାୟ ପାଇଁ ମୋବାଇଲ୍ ଟାୱାର୍ ଉପରେ ୧୪ ଘଣ୍ଟା



■ ଢେଙ୍କାନାଳ, ୯।୫ (ସମିସ): ନ୍ୟାୟ ପାଇଁ ଜଣେ ଯୁବକ ଏକ ମୋବାଇଲ ଟାୱାରରେ ଚଢ଼ି ଆତ୍ମହତ୍ୟା ଧମକ ଦେବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସକାଳୁ ପ୍ରଶାସନ, ପୁଲିସ, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ତାଙ୍କୁ ବୁଝାଇବାରେ ବିଫଳ ହୋଇଛନ୍ତି।

କାମାକ୍ଷାନଗର ଉପଖଣ୍ଡ ସୋଗର ଗ୍ରାମର ରୁଦ୍ରନାରାୟଣ ଦାସଙ୍କୁ ଓଡ଼ିଶା ପୁଲିସର ପ୍ରଥମ ବାଟାଲିୟନରେ ୨୦୧୮ରେ ଝାରସୁଗୁଡ଼ାରେ ନିଯୁକ୍ତି ମିଳିଥିଲା। କିନ୍ତୁ, ସେଠାରେ କୋଭିଡ୍ ଟେଷ୍ଟ କରାଯିବା ପରେ ପଜିଟିଭ ଥିବାରୁ ଏକ ଇଞ୍ଜେକ୍ସନ୍ ଦିଆଯାଇଥିଲା। ରୁଦ୍ରଙ୍କ କହିବା ଅନୁସାରେ, ଏହି ଇଞ୍ଜେକ୍ସନ୍ ପରେ ତାଙ୍କ ଶରୀର ଅଧିକ ଅସୁସ୍ଥ ହୋଇପଡ଼ିଥିଲା। ସେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେବା ବେଳେ ତାଙ୍କୁ ପୁଣିଥରେ ବାଟାଲିୟନକୁ ଫେରାଇ ଅଣାଯାଇଥିଲା। ମେଡିକାଲ ଫିଟନେସ୍ ପ୍ରମାଣପତ୍ର ଦେବା ପରେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ପରେ ଏକ ମିଥ୍ୟା ରିପୋର୍ଟ ଆଧାରରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ନ୍ୟାୟ ପାଇଁ ସେ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ନିରାଶ ହୋଇଥିଲେ। ଏପରିକି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ ▶ପୃଷ୍ଠା-୭

### ଜାତିସଂଘର ସାଂଘାତିକ ରିପୋର୍ଟ

# ବର୍ଷ ଶେଷଆଡ଼କୁ ବିଶ୍ୱରେ ଖାଦ୍ୟ ସଙ୍କଟ

- **ଆହୁରି ଅଧିକ ମହଙ୍ଗା ହେବ ବଜାର ଦର**
- **ତିନି ବର୍ଷରେ ବିଶ୍ୱବ୍ୟାପୀ ଖାଦ୍ୟ ମୂଲ୍ୟ ସର୍ବାଧିକ**
- **ଟମାଟୋ, ଖାଇବା ତେଲ, ଏଲ୍‌ପିଜି ବିଗାଡ଼ିଲା ହାଣ୍ଡିଶାଳ ବଜେଟ**
- **ଏପ୍ରିଲରେ ଦେଶର ଖାଇବା ଥାଳି ମୂଲ୍ୟ ୨ ପ୍ରତିଶତ ବଢ଼ିଛି**



■ ୱାସିଂଟନ୍, ୯।୫(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଘନଘଟା ଏବେ ସାରା ବିଶ୍ୱ ଅର୍ଥନୀତିକୁ ଦୋହଲାଇଦେଇଛି। ଯୁଦ୍ଧରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବରେ ଚାରିଆଡେ ଖାଉଟି ବଜାର ମହଙ୍ଗା ହେବାରେ ଲାଗିଛି। ଏଥିଯୋଗୁ ବିଗତ ତିନି ବର୍ଷ ମଧ୍ୟରେ ବିଶ୍ୱବ୍ୟାପୀ ଖାଦ୍ୟ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ହେଲେ ଏତିକିରେ ଦରଦାମ୍ ତାତିରୁ ନିସ୍ତାରେ ମିଳିବା ଭଳି ଲାଗୁନାହିଁ। ଆଗାମୀ ଦିନରେ ବଜାର ଦର ଆହୁରି ମହଙ୍ଗା ହେବ ବୋଲି ମିଳିତ ଜାତିସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ରେଟିଂ ଏଜେନ୍ସି କ୍ରିସିଲ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ମଧ୍ୟ ଏହି ସମାନ କଥା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଏପ୍ରିଲ ମାସରେ ଭାରତରେ ଖାଇବା ଥାଳି ମୂଲ୍ୟ ୨% ବୃଦ୍ଧି ଘଟିଛି। ଏଲ୍ପିଜି ସଙ୍କଟ ସହ ଦର ବୃଦ୍ଧି ଏବଂ ଟମାଟୋ, ଖାଇବା ତେଲ ମୂଲ୍ୟରେ ଉପରମୁହାଁ ହେବା ଏବେ ଭାରତୀୟଙ୍କ ହାଣ୍ଡିଶାଳ ବଜେଟ ବିଗାଡିଦେଇଛି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ଯଦି ଏହି ଉତ୍ତେଜନା ୩ ମାସରୁ ଅଧିକ ସମୟ ଧରି ଜାରି ରହେ, ତେବେ ୨୦୨୬ ଶେଷ ଏବଂ ୨୦୨୭ ମଧ୍ୟରେ ବିଶ୍ୱରେ ଖାଦ୍ୟ ସଙ୍କଟ ଦେଖାଦେବାର ସମ୍ଭାବନା ବହୁତ ବଢ଼ିଯିବ।

ମିଳିତ ଜାତିସଂଘ (ୟୁଏନ୍‌ଓ) ସହ ଜଡିତ ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ)ର ରିପୋର୍ଟ ଅନୁଯାୟୀ, ଏପ୍ରିଲରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ସୂଚକାଙ୍କ ୧.୬% ବୃଦ୍ଧି ପାଇଛି। ଏହା ଗତ ବର୍ଷ ତୁଳନାରେ ୨.୫% ଅଧିକ। ଇରାନ ଯୁଦ୍ଧ ଏହି ବୃଦ୍ଧିର ମୁଖ୍ୟ କାରଣ। ତେବେ ଜାତିସଂଘ ଆଗାମୀ ଦିନରେ ଆହୁରି ମୂଲ୍ୟ ବୃଦ୍ଧି ଘଟିବା ନେଇ ଚେତାବନୀ ମଧ୍ୟ ଜାରି କରିଛି। ଇରାନ ଯୁଦ୍ଧକୁ ଇତିମଧ୍ୟରେ ୧୦ ସପ୍ତାହ ବିତିଗଲାଣି। ଏଥିଯୋଗୁ ହର୍ମୁଜ୍ ରୁଟ୍ ବନ୍ଦ ହୋଇଛି, ଯାହା ଡିଜେଲ ଏବଂ ସାର ଭଳି ଅତ୍ୟାବଶ୍ୟକ କୃଷି ସାମଗ୍ରୀର ପରିବହନକୁ ବନ୍ଦ କରିଦେଇଛି। ସାର ଏବଂ ଇନ୍ଧନର ଉଚ୍ଚ ମୂଲ୍ୟରେ କୃଷକଙ୍କ ପାଇଁ ଚାଷ କଷ୍ଟକର ହୋଇପଡିଛି, ଯାହା ଭବିଷ୍ୟତରେ ସିଧାସଳଖ ଖାଦ୍ୟ ମୂଲ୍ୟକୁ ପ୍ରଭାବିତ କରିବ। ରିପୋର୍ଟ ଅନୁଯାୟୀ, ପନିପରିବା ତେଲ ସର୍ବାଧିକ ପ୍ରଭାବିତ ହୋଇଥିଲା। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଜୈବ ଇନ୍ଧନର ଚାହିଦା ବୃଦ୍ଧି ପାଇଛି, ଯାହା ଫଳରେ ମାର୍ଚ୍ଚ ତୁଳନାରେ ଭେଜିଟେବୁଲ ତେଲ ମୂଲ୍ୟରେ ୫.୯% ବୃଦ୍ଧି ଘଟିଛି। ଏହା ୨୦୨୨ ଜୁଲାଇ ପରଠାରୁ ସର୍ବାଧିକ। ଏହି ସମୟରେ, ମାଂସ ମୂଲ୍ୟ ୧.୨% ବୃଦ୍ଧି ପାଇଛି, ଯାହା ସର୍ବକାଳୀନ ରେକର୍ଡ ସ୍ଥାପନ କରିଛି। ଏଫ୍‌ଏଓର ମୁଖ୍ୟ ଅର୍ଥନୀତିଜ୍ଞ ମ୍ୟାକ୍ସିମୋ ଟୋରେରୋ ଏକ ସାକ୍ଷାତକାରରେ କହିଛନ୍ତି ଯେ କୃଷି-ଖାଦ୍ୟ ଶିଳ୍ପ ବର୍ତ୍ତମାନ ବଞ୍ଚି ରହିଛି, କାରଣ କମ୍ପାନୀଗୁଡ଼ିକ ପୁସେମାନଙ୍କର ରୁଣା ଷ୍ଟକ୍ ବିକ୍ରି କରୁଛନ୍ତି। ସେ କହିଛନ୍ତି, କଞ୍ଚାମାଲ ଏବଂ ଶକ୍ତିର ବର୍ଦ୍ଧିତ ମୂଲ୍ୟ କମ୍ପାନୀଗୁଡ଼ିକର ▶ପୃଷ୍ଠା-୭

ସକାଳ
THE SAKALA



# ଜିଆଇଇଟିରେ ନର୍ସିଂ ପକ୍ଷରୁ ବିଶ୍ୱ ସେବିକା ଦିବସ




ଗୁଣୁପୁର, ୯।୫(ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ନର୍ସିଂ ପକ୍ଷରୁ ବିଶ୍ୱ ସେବିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟ ଏଙ୍ଗେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ଜୀବନର ଲକ୍ଷ୍ୟ ପୂରଣ ପାଇଁ ଧୈର୍ଯ୍ୟ ରହିବା ଆବଶ୍ୟକ ବୋଲି କହିଥିଲେ। ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷା କେ. ଜୟଶ୍ରୀ ଯୋଗଦେଇ ବର୍ତ୍ତମାନ ସେବା କ୍ଷେତ୍ରରେ ସେବୀକା ମାନଙ୍କ ଭୂମିକା ଓ ଅବଦାନ ବିଷୟରେ କହିଥିଲେ। ବିଶ୍ୱ ବିଦ୍ୟାଳୟର କୁଳପତି ଡ ଏଭିଏନଏଲ ଶର୍ମା ଯୋଗଦେଇ ଦୈନନ୍ଦିନ ଜୀବନରେ ସେବିକାମାନଙ୍କ ଭୂମିକା ଅତୁଳନୀୟ ବୋଲି କହିବା ସହ ସେବିକାମାନଙ୍କ ଦାୟିତ୍ୱ ଓ ଭବିଷ୍ୟତର ବିଭିନ୍ନ ଦିଗରେ ଉନ୍ନତି କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପି. ବିଜୟ କୁମାର ମଞ୍ଚାସୀନ ଥିଲେ। ସ୍କୁଲ ଅଫ ନର୍ସିଂର ସହକାରୀ ପ୍ରଫେସର ରତନ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ପ୍ରତୀକ୍ଷା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରୀ ଇପ୍ସିତା ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଗତ ଏକ ସପ୍ତାହ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ମେମେଣ୍ଟ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍କୁଲ୍ ଅଫ୍ ନର୍ସିଂର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

# ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକ ମୃତ



## ଶବ ଗାଁକୁ ଆଣିବାକୁ ଅକ୍ଷମ ବାପା; ସହାୟତା ପାଇଁ ଗୁହାରି

ମାଥିଲି, ୯।୫(ସମିସ): ଦାଦନ ଶ୍ରମିକ ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ର ସରକାର ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦାଦନ ଶ୍ରମିକ ଉପରେ ଅଙ୍କୁଶ ଲାଗେଇବାରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିବାର ଚିତ୍ର ବହୁବାର ନଜରକୁ ଆସିଛି। ଗ୍ରାମାଞ୍ଚଳର ଯୁବକ ଯୁବତୀମାନେ ବାହାର ରାଜ୍ୟକୁ ନିଜର ପରିବାର ଗୁଜରାଣ ମେଣ୍ଟେଇବାକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରିବାର ଦୃଶ୍ୟ ଏବେ ଏକପ୍ରକାର ନିତିଦିନିଆ ଘଟଣା ହୋଇଛି। ଆଜି ପୁଣିଥରେ ସମାନ ଚିତ୍ର ଆସିଛି ମାଲକାନଗିରି ଜିଲ୍ଲାରୁ। ସୂଚନାନୁଯାୟୀ, ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତର ଧଉଡାଗୁଡା ଗ୍ରାମର ଲକ୍ଷ୍ମଣ ଭୂମିଆଙ୍କ ସାନ ପୁଅ ପିତମ ଭୂମିଆ (୨୩) ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ତେରମନା ଜିଲ୍ଲା କରୁତ ଥାନା ଅନ୍ତର୍ଗତ ଅଭାନୀଗେଟା ଗ୍ରାମରେ କମସି କୁମାରଙ୍କ ଚିଙ୍ଗୁଡ଼ି କମ୍ପାନୀରେ କାର୍ଯ୍ୟ କରିବା ପାଇଁ ଯାଇଥିଲେ। କିନ୍ତୁ ଗତ ୮ ତାରିଖ ଦିନ ୯ଟା ସମୟରେ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ହଠାତ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଅନ୍ୟ କର୍ମଚାରୀ ମାନେ ପିତମକୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ସ୍ଥାନୀୟ ଆଭାନୀଗେଟା ନାମକ ଏକ ସରକାରୀ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପିତମଙ୍କୁ ମୃତ ଘୋଷଣା ଶୁଣିବା ପରେ ସାଥି କର୍ମଚାରୀ ମାନେ ସଙ୍ଗେ ସଙ୍ଗେ ପିତମଙ୍କ ବାପା ଲକ୍ଷ୍ମଣ ଭୂମିଆଙ୍କୁ ଫୋନ ଯୋଗେ ଜଣାଇଥିଲେ। ପୁଅର ମୃତ ଶରୀର କିପରି ଗାଁକୁ ଆସିବ, ତାହା ତାଙ୍କ ପାଇଁ ଚିନ୍ତା ବଢାଇଥିଲା। ବାପା ଲକ୍ଷ୍ମଣ ଗରିବ ଶ୍ରେଣୀର ହୋଇଥିବାରୁ ସେ ପୁଅର ମୃତ ଶରୀର ଗାଁକୁ ଆଣିବା ପାଇଁ ବ୍ୟବସ୍ଥା କରିବାରେ ସକ୍ଷମ ନଥିଲେ। ପୁଅର ଶବ ଗାଁକୁ ଆଣିବାକୁ ସହାୟତା କରିବାକୁ ସେ ଥାନା ସମେତ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି। ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀ, ବିଜୁ ଜନତା ଦଳର ବ୍ଲକ ସଭାପତି ସଦାଶିବ ପୂଜାର ଓ ୱାର୍ଡମେମ୍ବର ଏବଂ କିଛି ଗ୍ରାମବାସୀ ବାପା ଲକ୍ଷ୍ମଣଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ପୁଅର ମୃତ ଶରୀର କିପରି ଗାଁକୁ ଫେରିବ ଓ କିପରି ସରକାରୀ ସହାୟତା ମିଳିବ ସେଥିପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି କହିଥିଲେ। ତେବେ ଏନେଇ ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ମୃତ ଶରୀର ଆଣିବା ପାଇଁ ସମ୍ପୂର୍ଣ୍ଣ ଭାବରେ ଆଇନଗତ ସାହାର୍ଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ସାଧାରଣ ବୈଠକ

ମାଲକାନଗିରି, ୯।୫(ସମିସ):




ଆଜି ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ମାଲକାନଗିରି ଶାଖାର ସାଧାରଣ ସଭା ଜିଲ୍ଲା ସଂଘ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ମାଲକାନଗିରି ଶାଖାର ସଭାପତି ଇଂ.ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମଣ୍ଡଳ ସଭାପତି ଇଂ.କୃତିବାସ ନାୟକ ସଭା ପରିଚାଳନା କରିଥିଲେକ୍ଷ ସାଧାରଣ ସଭାରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ସଂଘର ବିଶେଷତା, ସଂଗଠନ ଶୃଙ୍ଖଳିତ ଅଉ ଦୃଢ଼ କିପରି ହେବ ସେନେଇ ଆଲୋଚନା ହୋଇଥିଲା। ଏହା ସହ ସଂଘର ୭ ଦଫା ଦାବି ପୁରଣ ପାଇଁ ଖୁବଶୀଘ୍ର ସରକାରଙ୍କ ଦୃଷ୍ଟି ଗୋଚର କରାଯିବ ବୋଲି ମଧ ଆଲୋଚନା କରାଯାଇଥିଲା। ୭ଦଫା ଦାବି ଗୁଡିକ ହେଲା, କନିଷ୍ଠ ଯନ୍ତ୍ରୀଙ୍କ ପଦବୀରୁ ସହକାରୀ ଯନ୍ତ୍ରୀ ପଦୋନ୍ନତି ସମୟ ସୀମାକୁ ୧ବର୍ଷ ରଖିବା, ଡିପ୍ଲୋମା ଇଞ୍ଜିନିୟର ମାନଙ୍କୁ ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀକୁ ପଦୋନ୍ନତି ହାର ଶତକଡା ୪୦ଭାଗରୁ ବଢାଇ ଶତକଡା ୫୦ ଭାଗ କରିବା। ୨୦୦୩ରୁ ୨୦୧୩ ନିଯୁକ୍ତି ପାଇଥିବା କନିଷ୍ଠ ଯନ୍ତ୍ରୀଙ୍କ ଠିକା ସମୟକୁ ବିଚାରକୁ ନେଇ କାର୍ଯ୍ୟରେ ଯୋଗ ଦେବାଠାରୁ ସମସ୍ତ ସୁବିଧା ଦେବା, ସମସ୍ତ ଡିପ୍ଲୋମା ଇଞ୍ଜିନିୟରଙ୍କ ପାଇଁ ଗୋଟିଏ କ୍ୟାଡର ନିୟମ ପ୍ରଚଳନ କରିବା, ଡିପ୍ଲୋମା ଇଞ୍ଜିନିୟରଙ୍କୁ ୪ ଥାକିଆ ଏମ୍ଏସିପି ପ୍ରଦାନ କରିବା, ପୁରାତନ ପେନସନ ଲାଗୁ କରିବା ଓ ଡିଗ୍ରୀ ଧାରୀ ଡିପ୍ଲୋମା ଇଞ୍ଜିନିୟରଙ୍କୁ ୨ଟି ଇନ୍କ୍ରିମେଣ୍ଟ ଦେବା ଇତ୍ୟାଦି। ସଭାପତି ପ୍ରଶାନ୍ତ ବେହେରା ଏହି ବୈଠକରେ ପ୍ରକାଶ କରିଛନ୍ତି ଯେ, ଆଗାମୀ ୧୫ ତାରିଖ ସୁଦ୍ଧା ସବୁ ବ୍ଲକରେ ବ୍ଲକ ସ୍ତରୀୟ କମିଟି ତିଆରି କରିଯିବ। ଆଗାମୀ ଦିନରେ ସରକାରଙ୍କୁ ୭ଦଫା ଦାବି ପାଇଁ ଦୃଷ୍ଟି ଆକର୍ଷଣ କରାଯିବକ୍ଷ ଦରକାର ପଡିଲେ ଦାବି ପୂରଣ ନହେଲେ ବିଧାନସଭା ଆଗରେ ଧାରଣ ମଧ୍ୟ ଦିଆଯିବ। ଏହି ଦାବି ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ସେ ପ୍ରକାଶ କରିଥିଲେ। ଏହି ସଭାରେ ସମ୍ପାଦିକା ଇଂ. ସୁଦୀପ୍ତା ସାହୁ, ସଭାପତି ଇଂ.ଚୈତନ୍ୟ ସାଗର, ଇଂ. ପିଥା ସୋରେନ ଓ ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ, ପଞ୍ଚାୟତ ରାଜ, ଜଳଯୋଗାଣ, ଜଳସେଚନ, ଆଇଟିଡିଏ ଆଦି ବିଭିନ୍ନ ବିଭାଗର ବହୁ ଡିପ୍ଲୋମା ଇଞ୍ଜିନିୟର ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ଇଂ.କାର୍ତିକ ନାୟକ ଧନ୍ୟବାଦ ଦେଇଥିଲେ।

# ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ




ରାୟଗଡ, ୯।୫(ସମିସ): ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ଶେଷବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସ୍ନାତକ କଳା ବିଭାଗରେ ୮୫. ୫୬ ପ୍ରତିଶତ, ବିଜ୍ଞାନ ବିଭାଗରେ ୮୦. ୨୨ ପ୍ରତିଶତ, ବାଣିଜ୍ୟ ବିଭାଗରେ ୭୫. ୭୧ ପ୍ରତିଶତ ହାରରେ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ସେହିପରି ସ୍ନାତକୋତ୍ତର କଳାରେ ୧୦୦ ପ୍ରତିଶତ, ବାଣିଜ୍ୟରେ ୮୩. ୩୩ ପ୍ରତିଶତ, ବିଜ୍ଞାନରେ ୮୫. ୩୭ ପ୍ରତିଶତ ହାରରେ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକରେ କଳା ବିଭାଗରୁ ପି. ବର୍ଷିତା, ବିଜ୍ଞାନରେ ଅଞ୍ଜଳି କାର୍ତ୍ତରକା, ବାଣିଜ୍ୟରେ କେ. ଭାବ୍ୟ ଲତା, ବିସିଏରେ ଲକ୍ଷ୍ମୀ ଅମୃତା ପାଢ଼ୀ, ବିବିଏରେ ଟି. ଦେବିସାହିତି ଟପ୍ପର ହୋଇଛନ୍ତି। ସ୍ନାତକୋତ୍ତର ପରୀକ୍ଷାରେ କଳାରେ ପ୍ରିୟଙ୍କା ସାହୁକାର, ବିଜ୍ଞାନରେ ପ୍ରିୟଙ୍କା ମହାନ୍ତି ଓ ତେଜେଶ୍ୱର ପାତ୍ର, ବାଣିଜ୍ୟରେ ତେଜସ୍ୱିନୀ ନାଏକ ଟପ୍ପର ହୋଇଛନ୍ତି। ଫଳ ପ୍ରକାଶିତ ହେବା ପୂର୍ବରୁ ଏକ ସମୀକ୍ଷା ବୈଠକ ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ, ପରୀକ୍ଷା ନିୟନ୍ତ୍ରକ ୱାଇ. ଭି. ସାଇମାଧବ, ଉପ ପରୀକ୍ଷା ନିୟନ୍ତ୍ରକ ଏମ. ଶ୍ରୀନିବାସ ଅଚାରୀ, ଜିତୁ ହିକକା ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ସ୍ନାତକାତର ପରିଷଦ ଅଧ୍ୟକ୍ଷ ପି. ଅରୁଣ କୁମାର, ଲେଫ୍ଟନାଣ୍ଟ ଉଦୟ ନାଏକ, ସୁବ୍ରତ ପ୍ରଧାନ, ରମେଶ ହୁଇକା, ଅଜୟ ରୈତ, ଭବେଶ ମହାନ୍ତି ପ୍ରଭୃତି ଉପସ୍ଥିତ ରହିଥିଲେ। ଫଳାଫଳରେ ଉତ୍ତମ ପ୍ରଦର୍ଶନର ଶ୍ରେୟ ଅଧ୍ୟକ୍ଷା ଛାତ୍ରଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକଙ୍କ କଠିନ ପରିଶ୍ରମକୁ ଦେଇଛନ୍ତି।

# ଘଡ଼ାଇ ଶିକ୍ଷା ସଂସ୍ଥାନରେ ଦଶମ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




ମାଲକାନଗିରି, ୯।୫(ସମିସ): ମାଲକାନଗିରି ଜିଲ୍ଲା ଘଡ଼ାଇ ଶିକ୍ଷା ସଂସ୍ଥାନର ସଂସ୍ଥାପକ ତଥା ପରିଚାଳନା ନିର୍ଦ୍ଦେଶକ ଡଃ ସୁରେଶ ଚନ୍ଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ନୂତନ କ୍ୟାମ୍ପସ୍ ପରିସରରେ ଦଶମ ଶ୍ରେଣୀ ସିବିଏସଇ, ଆଇସିଏସଇ ଓ ଓଡ଼ିଶା ବୋର୍ଡ଼ ପରୀକ୍ଷାର ଅଶିପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ୭୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଘଡ଼ାଇ ଶିକ୍ଷା ସଂସ୍ଥାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମାଲକାନଗିରିର ବିଧାୟକ ନରସିଂହ ମାଡ଼କାମୀ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷାନୁଷ୍ଠାନରୁ ନିମନ୍ତ୍ରିତ ହୋଇଥିବା ୭୦ଜଣ ମୋଧାବୀ ଛାତ୍ରଛାତ୍ରୀ ଓ ଉଚ୍ଚବିଦ୍ୟାଳୟ, କୋଚିଂ କେନ୍ଦ୍ରର ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟପାଇଁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥି ବେହେରା, ସମ୍ମାନୀତ ଅତିଥିଭାବେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଲକାନଗିରିର ସଭାପତି ରବୀନ୍ଦ୍ର କୁମାର ମହାରଣା ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିବାପରେ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିଗଣ କୃତିଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ଅଧ୍ୟବସାୟକୁ ପ୍ରଶଂସା କରି ଆଗାମୀଦିନରେ ସେମାନଙ୍କର ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହୋଇପାରିବ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଶିକ୍ଷା ସଂସ୍ଥାନର ପରିଚାଳନା ନିର୍ଦ୍ଦେଶକ ଡ଼ଃ ସୁରେଶ ଚନ୍ଦ୍ର ଘଡ଼ାଇ ଶିକ୍ଷା ସଂସ୍ଥାନରେ ଥିବା ବିଭିନ୍ନ ସୁବିଧାସୁଯୋଗ, ଅତ୍ୟାଧୁନିକ ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସ, ଲାଇବ୍ରେରୀ, ବିଜ୍ଞାନଗାର, ଆଇଟି ଲ୍ୟାବ, ଅନୁଭବ ଅଧ୍ୟାପକ, ଅଧ୍ୟାପିକା, ବିଗତ ବର୍ଷ ଗୁଡ଼ିକରେ ମହାବିଦ୍ୟାଳୟର ପାସହାର, ବିଭିନ୍ନ ସର୍ବ ଭାରତୀୟ ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ ଓ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ଭଳି ଅନେକ ଆକର୍ଷଣୀୟ ପ୍ରୋତ୍ସାହନ ଓ ଯୋଜନା ସଂପର୍କରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଡଃ ଘଡ଼ାଇଙ୍କ ପୂର୍ବ ପ୍ରତିଶ୍ରୁତି ଓ ଘୋଷଣା ଅନୁଯାୟୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଲକାନଗିରିର କୃତି ଛାତ୍ରୀ ଆରାଧନା ପଟ୍ଟନାୟକ ଚଳିତ ବର୍ଷ ଦଶମ ବୋର୍ଡ଼ ପରୀକ୍ଷାରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ୫୪୪ ରଖି ଏ-୧ ପାଇଥିବାରୁ ତାଙ୍କୁ ପାଞ୍ଚହଜାର ନଗଦ ଅର୍ଥପ୍ରଦାନ କରି ସମ୍ମାନୀତ କରିଥିଲେ। ପରିଶେଷରେ ଘଡ଼ାଇ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜୁଭେନ୍‌ଟିକା ସଚେତନତା କାର୍ଯ୍ୟକ୍ରମ




ରାମନାଗୁଡ଼ା, ୯।୫(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ଥାନା ପକ୍ଷରୁ ଶୁକ୍ରବାର ଅପରାହ୍ନରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଜୁଭେନ୍‌ଟିକା ଆଉଟରିଚ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜଳି ମହାପାତ୍ର ଯୋଗଦେଇ ଜୁଭେନଟିକା ବିଷୟରେ ଉପସ୍ଥିତ ଥିବା କିଶୋରୀମାନଙ୍କୁ ଉଦାହରଣ ଦେଇ ସଚେତନତା ସୃଷ୍ଟି କରିଥିଲେ। ଭବିଷ୍ୟତ ରେ ବାଲ୍ୟ ବିବାହ, ରକ୍ତ ସମ୍ପର୍କ ରେ ବାହା ହେବା ନିଷେଧ ବୋଲି କହିବା ସହିତ ବାଲ୍ୟ ବିବାହ କରିବା ଦ୍ୱାରା କଣ କଣ ସବୁ ଅସୁବିଧା ହୁଏ ସେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କିଶୋର କିଶୋରୀଙ୍କ ମଧ୍ୟରେ ଥାନାକୁ ଆସିବା ନେଇ ରହିଥିବା ଭୟ ଦୂର କରିବା ଏବଂ କିଶୋର କିଶୋରୀମାନଙ୍କ ସୁରକ୍ଷା କେମିତି ହୋଇପାରିବ ସେ ନେଇ ସଚେତନ କରାଯିବା ଏହାର ଲକ୍ଷ୍ୟ। ସମାଜରେ କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ଡିଜିଟାଲ ଚ୍ୟାଲେଞ୍ଜ ବହୁତ ରହୁଛି। ସେମାନଙ୍କ ମାନସିକ ସମସ୍ୟା ଅତ୍ୟଧିକ ଭାବେ ବୃଦ୍ଧି ପାଉଛି। ଫଳରେ ଆତ୍ମହତ୍ୟା ମାମଲାର ବୃଦ୍ଧି ଘଟୁଥିବାରୁ ଉକ୍ତ ବିଷୟକୁ ଅଗ୍ରାହ୍ୟ କରି ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଥିବା ଥାନା ଅଧିକାରୀ କିରଣ ବାଳା ସାମଲ କହିଛନ୍ତି। ସାଇବର ଠକେଇ, ନିଶାମୁକ୍ତ ସମାଜ ଗଠନ, ଟ୍ରାଫିକ ନିୟମ ପାଳନ ଓ ଆଇନ ପ୍ରତି ସମ୍ମାନ ବିଷୟରେ ଯୁବତୀମାନଙ୍କୁ ସେକେଣ୍ଡ ଅଫିସର ବାବୁଲା ପ୍ରଧାନ ସଚେତନ କରିଥିଲେ। ରାମନାଗୁଡ଼ା ଥାନା ଅଞ୍ଚଳର ଅଙ୍ଗନବାଡି କେନ୍ଦ୍ର ସହାୟତାରେ ୫୦ ଜଣରୁ ଉର୍ଦ୍ଧ୍ୱ ପିଲା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିଶୁ କଲ୍ୟାଣ ସୁରକ୍ଷା, ଥାନା ଅଧିକାରୀ (ଆଇଆଇସି) ଙ୍କ ଭୂମିକା, ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କର ଭୂମିକା ବିଷୟରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ଜଗନ୍ନାଥ ବେହେରା, ଠାକୁର ଦାସ ଟୁଡୁ, ଶିଶୁ ବିକାଶ ବିଭାଗର ରାମନାଗୁଡ଼ା ମଣ୍ଡଳ ପରିଦର୍ଶିକା ସୁବୁଦ୍ଧି ଶବର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଜନସାଧାରଣଙ୍କ ସମେତ ପୋଲିସ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ ରାମନାଗୁଡ଼ା ଥାନା ପକ୍ଷରୁ ସେକେଣ୍ଡ ଅଫିସର ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜବରଦଖଲକାରୀଙ୍କ କବ୍‌ଜାରେ ମରାଠିଗୁଡ଼ା କପିଳପୁର-ଗୁର୍ଜୀଆ ରାସ୍ତା

# ଉଚ୍ଛେଦ ପାଇଁ ୩୫ ଜଣଙ୍କୁ ପୌରପରିଷଦର ନୋଟିସ

ଗୁଣୁପୁର, ୯।୫(ସମିସ):

ମରାଠିଗୁଡାକପିଳପୁର ଗୁର୍ଜୀଆ ରାସ୍ତାକୁ କିଛି ଲୋକେ ଜବରଦଖଲ କରି ଘର କରିଥିବା ବେଳେ କିଛି ଲୋକେ

## ୪୮ ଘଣ୍ଟାରେ ଜମି ଖାଲି କରିବାକୁ ନିର୍ଦ୍ଦେଶ

ଏହି ଜାଗାକୁ ବିକ୍ରି କରୁଥିବା ଭଳି ଅଭିଯୋଗ ହୋଇଥିଲା। ଏବେ ଗୁଣୁପୁର ପୌରପରିଷଦ ପକ୍ଷରୁ ବଡ ପଦକ୍ଷେପ ନିଆଯାଇଛି। ରାସ୍ତା ଓ ନାଳ ଜମିକୁ ଜବରଦଖଲ କରିଥିବା ୪୨ ଜଣଙ୍କ ମଧ୍ୟରୁ ୩୫ ପରିବାରକୁ ପୌରପରିଷଦ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ନୋଟିସ୍‌ରେ ୪୮ ଘଣ୍ଟା ମଧ୍ୟରେ ଜବରଦଖଲ ହଟାଇ ଜମି ଖାଲି କରିବାକୁ ନିର୍ଦ୍ଦେଶ ରହିଛି। ଗୁରୁବାର ପୌରପରିଷଦର କର୍ମଚାରୀମାନେ ଜବରଦଖଲ ହୋଇଥିବା ଅଞ୍ଚଳ ବୁଲି ଘର ଓ କୁଡିଆମାଲିକଙ୍କୁ ନୋଟିସ୍ ପ୍ରଦାନ କରିଥିଲେ। ପୌରନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ କହିବା ଅନୁସାରେ, ୪୨ ଜଣ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୩୫ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ନୋଟିସ୍ ଦିଆଯାଇଛି। ବାକି ଜଣଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ନୋଟିସ୍ ପ୍ରଦାନ କରାଯିବ। ଆଗାମୀ ଦିନରେ ଗୁଣୁପୁର ପୌରାଞ୍ଚଳର ସମସ୍ତ ସରକାରୀ ଜମିରୁ ଜବରଦଖଲ ହଟାଇବା ପାଇଁ କଡା ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ମରାଠିଗୁଡାକପିଳପୁର ଗୁର୍ଜୀଆ ରାସ୍ତା ଗୁଣୁପୁର ସହର ମଧ୍ୟଭାଗରେ କପିଳପୁର ନିକଟରେ ସଂଯୋଗ ହୋଇଛି। ଏହି ରାସ୍ତାକୁ ମୁକୁଳାଇ ନିର୍ମାଣ କରାଯାଇଥିଲେ ସହରରେ ଟ୍ରାଫିକ୍ ଜାମ୍ ହ୍ରାସ ପାଇବା ସହ ରେଳ




ଷ୍ଟେସନ୍, ପ୍ରସ୍ତାବିତ ନୂଆ ରେଳ ଷ୍ଟେସନ୍ ଓ ନୂଆ ବସଷ୍ଟାଣ୍ଡକୁ ଅତି କମ୍ ଦୂରତାରେ ଲୋକମାନେ ଯାତାୟାତ କରିପାରିବେ ବୋଲି ବହୁଦିନ ଧରି ବୁଦ୍ଧିଜୀବୀ ମହଲରୁ ଦାବି ଉଠିଆସୁଛି। ଏହାକୁ ନେଇ ଗତ ଫେବୃଆରୀ ୮ ତାରିଖରେ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଗୁଣୁପୁର ଗସ୍ତ ସମୟରେ ୧୮ ନମ୍ବର ୱାର୍ଡର କିଛି ବୁଦ୍ଧିଜୀବୀ, ସମାଜସେବୀ ଓ ସ୍ଥାନୀୟ ବାସିନ୍ଦାମାନେ ଗୁର୍ଜୀଆ ରାସ୍ତାକୁ ଜବରଦଖଲମୁକ୍ତ କରି ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ସେହି ସମୟରେ ଜିଲ୍ଲାପାଳ ପୌରପରିଷଦ ଓ ତହସିଲ ପ୍ରଶାସନକୁ ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ଦାବି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଉଠିଥିଲା। ଏହାପରେ ପୌରପରିଷଦ ଓ ତହସିଲ ପ୍ରଶାସନ ମିଳିତ ଭାବେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ପୌରପରିଷଦର କ୍ଷେତ୍ର ନିରୀକ୍ଷକ ସିଏଚ୍ କୋଣ୍ଡାଙ୍କ ଅନୁସନ୍ଧାନରେ ମରାଠିଗୁଡା ମୌଜାର ଖାତା ନଂ୪୪, ପ୍ଲଟ୍ ନଂ୫୫ରେ ରାସ୍ତା କିଶମର ୪.୩୬ ଏକର ଜମି ରହିଥିବା ଏବଂ ସେଠାରେ ୧୮ଟି ଘର ନିର୍ମାଣ ହୋଇଥିବା ଜଣାପଡିଛି। ସେହିଭଳି କପିଳପୁର ମୌଜାର ଖାତା ନଂ୬୦, ପ୍ଲଟ୍ ନଂ୧୭୯ରେ ୩.୩ ଏକର ଓ ପ୍ଲଟ୍ ନଂ୩୧ରେ ୧.୨୩ ଏକର ନାଳ ଜମି ରହିଥିବା ବେଳେ ସେଠାରେ ୨୪ଟି କୁଡିଆ ନିର୍ମାଣ ହୋଇଥିବା ଚିହ୍ନଟ କରାଯାଇଛି। ଏନେଇ ପୌରପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜବରଦଖଲ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନା ଥାଉକି, ପୂର୍ବ ସରକାର ଅମଳରେ ଏହି ଗୁର୍ଜୀଆ ରାସ୍ତାର ସର୍ଭେ କାମ ମଧ୍ୟ ସରିଥିବା ନେଇ ତତ୍କାଳୀନ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଠାରୁ ସୂଚନା ମିଳିଥିଲା। ବର୍ତ୍ତମାନ ପୌରପରିଷଦର ଏହି ପଦକ୍ଷେପ ପରେ ଦୀର୍ଘ ଦିନର ଦାବି ପୂରଣ ହେବ ବୋଲି ସାଧାରଣ ଲୋକଙ୍କ ମଧ୍ୟରେ ଆଶା ସୃଷ୍ଟି ହୋଇଛି।

# ବିଷମ କଟକରେ ଭାଲୁ ଆତଙ୍କ

ବିଷମକଟକ, ୯।୫(ସମିସ): ଗତକାଲି ରାତିରେ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମାର୍କମା ସାହି ରାସ୍ତାରେ ଏକ ବିଶାଳ କାୟ ଜଙ୍ଗଲି ଭାଲୁ ସାହି ଭିତରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପ୍ରତ୍ୟକ୍ଷଦର୍ଶୀ ମାନେ ଏହି ଭାଲୁର ଫଟୋ ନିଜ ମୋବାଇଲରେ ଉଠାଇଛନ୍ତି। ଘଟଣା କ୍ରମରେ, ବିଷମ କଟକ ମାର୍କମା ସାହି ଉପରେ ସମବାୟ ସମିତିର ନୂତନ କୋଠା ନିର୍ମାଣ ଜାରି ରହିଛି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ କୋଠା ଉପରେ ଶୋଇଥିଲେ ହେଲେ ମଧ୍ୟରାତ୍ରି ୨ଟା ସମୟରେ ଜଣେ ଶ୍ରମିକ ନିର୍ମାଣ ଧିନ କୋଠା ସମ୍ମୁଖରେ ରାସ୍ତାରେ ଏକ ଜଙ୍ଗଲି ଭାଲୁ ଯାଉଥିବା ଦେଖି ଭୟଭିତ ହୋଇଥିଲେ। ପରେ ଅନ୍ୟ



ଶ୍ରମିକମାନେ ମୋବାଇଲରେ ଭାଲୁର ଫଟୋ ଉଠାଇଥିଲେ। ଭାଲୁଟି ସାହି ମୁଖ୍ୟ ରାସ୍ତା ଦେଇ ଚାଲି ଯାଉଥିବା ଦେଖିଥିଲେ। ଆଜି ସକାଳେ ବିଷମ କଟକ ସହରରେ ଏହା ପ୍ରଚାରିତ ହେବା ପରେ ସାହିବାସିନ୍ଦା ଓ ସହରବାସୀଙ୍କ ମଧ୍ୟରେ ଭୟର ବତାବରଣ ଖେଳି ଯାଇଛି। ଗାଁ ନିକଟରେ ଥିବା ପାହାଡ଼ ଓ ଜଙ୍ଗଲ ଦିନକୁ ଦିନ ପଦା ହେବା ସହ ଜଙ୍ଗଲରେ ନିଆଁ ଲଗାଇବା ସହ ପ୍ରଚୁର ମାତ୍ରା ପଡୁ ଚାଷ କରୁଛନ୍ତି। ତାହାର ପରିଣାମ ସ୍ୱରୁପ ଜଙ୍ଗଲରେ ରହୁଥି ଜୀବଜନ୍ତୁ ଏବେ ସହର ମୁହା ହେବାର ଲାଗିଛନ୍ତି। ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ବିଷମ କଟକ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନପାଳ ହେମ ଚନ୍ଦ୍ର ବେହେରା ମାର୍କମ ସାହିରେ ପହଞ୍ଚି ସାହିରେ ରହିଥିବା ସିସି ଫୁଟେଜ ଯାଞ୍ଚ କରିବା ସହ ସ୍ଥିତି ଉପରେ ଅନୁଧ୍ୟାନ କରୁଛନ୍ତି। ଏହା ସହିତ ସାହି ବାସିନ୍ଦାମାନଙ୍କୁ ସତର୍କତା ଅବଲମ୍ବନ କରି ରାତ୍ରି ସମୟରେ ବାହାରକୁ ନ ବାହାରିବାକୁ ପରାମାର୍ଶ ଦେଇଛନ୍ତି। ଭାଲୁର ଗତିବିଧି ସଂକ୍ରାନ୍ତରେ କୌଣସି ସୂଚନା ପାଇଲେ ତୁରନ୍ତ ଜଣାଇବାକୁ କହିଛନ୍ତି।

# ଅଗ୍ନି ଗଙ୍ଗା ମା'ଙ୍କୁ ଘଟ ପ୍ରଦାନ



ସେମିଳିଗୁଡ଼ା, ୯।୫(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହରରେ ପାଳିତ ହେଉଥିବା ଅଗ୍ନି ଗଙ୍ଗା ମା'ଙ୍କ ବାର୍ଷିକ ଯାତ୍ରାର ଶନିବାର ଦିନରେ ପୂଜା ମଣ୍ଡପଠାରେ ଶତାଧିକ ଭକ୍ତଙ୍କ ସହ ଏକ ଆଧ୍ୟାତ୍ମିକ ବତାବରଣ ସୃଷ୍ଟି ହୋଇଥିଲା। ଏହି ଦିନରୁ ମା'ଙ୍କୁ ଭକ୍ତଙ୍କ ଦ୍ୱାରା ଘଟ ପ୍ରଦାନ କରାଯାଇଛି। "ସକାଳ'ରୁ ଅପରାହ୍ଣ ଯାଏଁ ଘଟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା ମଣ୍ଡପରେ ବି ଭିଡ଼ ଜମି ଥିଲା। ମା'ଙ୍କ ଦର୍ଶନ କରି ଭକ୍ତମାନେ ଆଶୀର୍ବାଦ ନେଇଥିଲେ। ସନ୍ଧ୍ୟାରେ ପୂଜା ମଣ୍ଡପରୁ ଘଟ ନଗର ପରିକ୍ରମା ପରେ ପୂଜାରୀ ଘରକୁ ଯାଇଥିଲା। ଉକ୍ତ ସ୍ଥାନରେ ମା'ଙ୍କର ପ୍ରିୟ ନିଆଁ ଦେଲେ। ନିଆଁରେ ଘଟ ଚାଲି ଚାଲି ଯାଇଥିଲେ। ସେହି ପରି ଆଉ କିଛି ସ୍ଥାନରେ ପଣା ମଧ ମା'ଙ୍କୁ ପ୍ରଦାନ କରାଯାଇଥିଲା। ଗଙ୍ଗା ମା'ଙ୍କ ଯାତ୍ରା ଯୋଗୁଁ ସହରରେ ବହୁତ ଭିଡ଼ ଜମୁଛି। ଆସନ୍ତା ବୁଧବାର ଯାଏଁ ଏହି ଯାତ୍ରା ଅନୁଷ୍ଠିତ ହେବ।

# ଶୋଚନୀୟ ସତ୍ୟନଗର ରାସ୍ତା



ସେମିଳିଗୁଡା, ୯।୫(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହର ୧୮ ନମ୍ବର ୱାର୍ଡ ଅଧୀନସ୍ଥ ସତ୍ୟନଗର ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ସତ୍ୟ ନାଗରରେ ଅନେକ ସମସ୍ୟା ଦେଖାଦେଇଥିବା ବେଳେ ରାସ୍ତା କଦର୍ଯ୍ୟ ଅବସ୍ଥା ଅଛି। ତାଜ ବାର ଛକ ଠାରୁ ଅନେକ ସ୍ଥାନରେ ବଡ଼ ବଡ଼ ଗାତ ହୋଇଥିବାରୁ ଯାତାୟାତ କରିବା କଷ୍ଟସାଧ୍ୟ ହେଉଛି। ରାସ୍ତା ମରଣଯନ୍ତା ପାଲଟିଛି। ବାରମ୍ବାର ଏହି ରାସ୍ତାରେ ଛଟ ଦୁର୍ଘଟଣା ଘଟୁଥିଲେ ମଧ୍ୟ ମରାମତି ନିମନ୍ତେ ପୌର ପରିଷଦ ଦୃଷ୍ଟି ଦେଇନି। ଗତ ଦୁଇ ବର୍ଷ ତଳେ ରାସ୍ତା କଦର୍ଯ୍ୟ ହେବାରୁ ମରାମତି କରାଯାଇଥିଲା କିନ୍ତୁ ଚଳିତ ବର୍ଷ ଲଗାତାର ବର୍ଷା ଯୋଗୁଁ ପୁନର୍ବାର ଏହି ରାସ୍ତା କଦର୍ଯ୍ୟ ହୋଇପଡିଛି। ପ୍ରବଳ ବର୍ଷା ଯୋଗୁଁ ଗାତ ଗୁଡିକରେ ପାଣି ଜମିରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରୁ ପ୍ରତ୍ୟେକ ଦିନ ସତ୍ୟ ନାଗରବାସୀ, ସେମିଳିଗୁଡା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଯିବା ଆସିବା ସହ ବିଭିନ୍ନ ବିଭାଗୀୟ ଅଧିକାରୀ ମଧ୍ୟ ଯାତାୟାତ କରୁଛନ୍ତି। ଦିନକୁ ଦିନ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ସାହି ବାସିନ୍ଦା ବାରମ୍ବାର ପୌର ପରିଷଦ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଏ ବି ଏହି ରାସ୍ତା ଉପରେ ଦୃଷ୍ଟି ଦେଉନାହାନ୍ତି। କିଛି ଦିନ ତଳେ ନିଜ ରାସ୍ତାକୁ ନିଜେ ମରାମତି କରିବା ପାଇଁ ବାସିନ୍ଦା ଆଗକୁ ବଢ଼ିବାର କିଛି ଦିନରେ ରାସ୍ତା ମରାମତି ହୋଇଥିଲା। ଏବେ ପୁଣି ଥରେ ରାସ୍ତା ଆହୁରି କଦର୍ଯ୍ୟ ହେଇଯାଇଛି। ରାସ୍ତା ଶୋଚନୀୟ ଅବସ୍ଥାରେ ଥିଲେ ମଧ୍ୟ ମରାମତି କରାଯାଉନି କିମ୍ବା ନୂତନ ରାସ୍ତା ମଧ୍ୟ ନିର୍ମାଣ କରାଯାଉନି ବୋଲି ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପିକ୍ଅପ୍ ଭ୍ୟାନ୍ ସହ ପୋଚ, ମଦ ଜବତ; ୨ ଗିରଫ

ତେନ୍ତୁଳିଖୁଣ୍ଟି, ୯।୫(ସମିସ): ଗତକାଲି ମଧ୍ୟ ରାତ୍ରରେ ତେନ୍ତୁଳିଖୁଣ୍ଟି ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ପିକଅପ ଭ୍ୟାନରେ ଥିବା ୧୦୫୦ ଲିଟର ପୋଚ ମଦ ଜବତ କରିଛି ତେନ୍ତୁଳିଖୁଣ୍ଟି ପୁଲିସ। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିବା ସହ ପିକଅପ ଭ୍ୟାନ ସିଜ ହୋଇଥିବା ଥାନା ଆଇଆଇସି ପ୍ରଣବ କୁମାର ଟୁଡୁ ସୂଚନା ଦେଇଛନ୍ତି। ଗତକାଲି ରାତ୍ର ରେ ପୂଜାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଦାନୀଗୁଡା ଗାଁରୁ ଏକ ପିକଅପ ଭ୍ୟାନ ଯୋଗେ ବ୍ୟାପକ ପରିମାଣରେ ପୋଚ ମଦ ନେଇଁ ଯାଉଥିବା ପୁଲିସ ନିକଟରେ ଖବର ପହଞ୍ଚିଥିଲା। ସଂଗେ ସଂଗେ ଥାନା ଆଇଆଇସି ପ୍ରଣବ କୁମାର ଟୁଡୁଙ୍କ ନେତୃତ୍ୱରେ ଏସଆଇ ଆଦିତ୍ୟ ନାରାୟଣ, ପିଏସ୍ଆଇ ଭରତ ମାଝୀ ସଦଳବଳେ ଦାନିଗୁଡା ଗ୍ରାମ ନିକଟରେ ପହଞ୍ଚିଥିଲେ। ପିକଅପ ଭ୍ୟାନରେ ୫୫ ବସ୍ତା ପୋଚ ମଦ(ପୁଡି) ରହିଥିବା ପୁଲିସ ଯାଞ୍ଚ ସମୟରେ ଜାଣିବାକୁ ପାଇଥିଲା। ଏହାପରେ ପୋଚ ମଦ ସହ ପିକଅପ ଭ୍ୟାନ କୁ ଥାନାକୁ ଆଣି ଏକ ମାମଲା ରୁଜୁ କରାଯାଇଛି। ଏନେଇ ତେନ୍ତୁଳିଖୁଣ୍ଟି ଥାନା କେଶ ୮୯/୨୬ ଅନୁଯାଇ ଏକ ମାମଲା ରୁଜୁ ହୋଇଛି। ୧୦୫୦ ଲିଟର ପୋଚ ମଦ ଜବତ ହୋଇଥିବା ବେଳେ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।



# ଗ୍ରାମୀଣ ନ୍ୟାୟାଳୟରେ ଜାତୀୟ ଲୋକ ଅଦାଲତ



ସେମିଳିଗୁଡା, ୯।୫(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସ୍ଥିତ ଗ୍ରାମୀଣ ନ୍ୟାୟାଳୟରେ ଜାତୀୟ ଲୋକ ଅଦାଲତ ପାଳିତ ହୋଇଯାଇଛି। ବାର ଆସୋସିଏସନର ସଭାପତି ସନ୍ତୋଷ ଦାଶଙ୍କ ଅଧ୍ୟକ୍ଷତାରେ ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ତଥା ଜେଏମଏଫସିର ଆକାଶ ମହାପାତ୍ର, ନ୍ୟାୟାଳୟର ବିଚାରପତି ଶ୍ରୁତିକିତ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସେମିଳିଗୁଡାର ବିଭିନ୍ନ ବ୍ୟାଙ୍କ ଯଥା ଓଡିଶା ଗ୍ରାମୀଣ ବ୍ୟାଙ୍କ, ଆଇଓବି ଇୟୁନିୟନ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଅଧିକାରୀମାନେ ଭାଗ ନେଇଥିଲେ। ଆରସିଏଚ ପ୍ରଧାନ, ଏସ୍ ଖରା, ସୌଭାଗିନୀ ପରିଛା, ସତ୍ୟ ପାଢୀ, ସୀତାରାମ ପଟ୍ଟନାୟକ, ବି. ରାଜଗୁରୁ ଏବଂ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କୋଡ଼ିଙ୍ଗାମାଳିରୁ ଖଣି ଖନନ ସମର୍ଥନରେ ଶୋଭାଯାତ୍ରା



ଲକ୍ଷ୍ମୀପୁର, ୯।୫(ସମିସ): କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ତିନି ବ୍ଲକ ଯଥା ଦଶମନ୍ତପୁର, ଲକ୍ଷ୍ମୀପୁର, କାଶୀପୁରର ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏକ ପଦଯାତ୍ରାରେ ମିନିଷ୍ଟାଡିୟମଠାରୁ ବାହାରି ଓଏମସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ହାତରେ ପ୍ଲାକାର୍ଡ ଧରି ୬ ମିଲିୟନ ଖଣି ଖନନକୁ ସମର୍ଥନ ଜଣାଇ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ପଦଯାତ୍ରାରେ ଯାଇ ଓଏମସି କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ଗାଡ଼ି ମାଲିକ ସଙ୍ଘ, ପାରିପାର୍ଶିକ ଏବଂ ଖଣି ଖନନ ଦ୍ୱାରା ରୋଜଗାର ପାଉଥିବା ଲୋକ ଏଥିରେ ଯୋଗଦେଇ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ପୂର୍ଣ୍ଣ ସମର୍ଥନ ଦେଉଥିବା କହିଥିଲେ। ଏଠି ଓଏମସି ଦ୍ୱାରା ସ୍କୁଲ, ମାତୃ ଓ ଶିଶୁଙ୍କ ପାଇଁ ଦୁଇ ମହଲା ବିଶିଷ୍ଟ କୋଠା, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏଭଳି ଅନେକ କାମ ହୋଇଛି ଯାହାକି ଲୋକେ ଏହା ଦ୍ୱାରା ଉପକୃତ ହେଉଛନ୍ତି । ୬ ମିଲିୟନ ଖଣି ଖନନ ହେଲେ ଏଠାରେ ଉନ୍ନତିମୂଳକ କାର୍ଯ୍ୟ ଦ୍ୱିଗୁଣ ହେବ। ରୋଜଗାର ମଧ୍ୟ ଦ୍ୱିଗୁଣ ବଢିବା ସହ ବେକାରୀ ସମସ୍ୟା ଦୂର ହେବ। ତେଣୁ ୬ ମିଲିୟନ ଖଣି କୋଡିଙ୍ଗା ମାଳିଠାରୁ ଖନନ ପାଇଁ ହେବାକୁ ଥିବା ଜନଶୁଣାଣି କୁ ସ୍ୱାଗତ କରୁଛୁ ବୋଲି ସେମାନେ କହିଥିଲେ। ଓଏମସିର ଡେପୁଟି ମ୍ୟାନେଜର ସୁରେଶ ସେଠୀ ଓ ତହସିଲଦାର ଦାବିପତ୍ରକୁ ଗ୍ରହଣ କରି ଲୋକଙ୍କ ମତ ମୁତାବକ ପଦକ୍ଷେପ ଗ୍ରହଣ କରାଯିବା କଥା କହିଛନ୍ତି। ଏହି ଶୋଭାଯାତ୍ରାରେ ବହୁ ସଂଗଠନ ସାମିଲ ହୋଇଥିଲେ।

# 'ଅରୂପା' ର ବାଣିଜ୍ୟ ମେଳା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ସୁନାବେଡା, ୯।୫(ସମିସ): କୋରାପୁଟ ଜିଲ୍ଲା ସୁନାବେଡା -୩ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପଡିଆଠାରେ ଅରୂପା ର ସର୍ବ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ - ୨୦୨୬ର ଶୁଭ ଖୁଣ୍ଟି ଶୁକ୍ରବାର ସନ୍ଧ୍ୟାରେ ସ୍ଥାପନ ହୋଇଛି। ଏହି ମେଳା ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବ ବୋଲି ଅରୂପା ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୋକ କୁମାର ସାହୁ ଉକ୍ତ ହସ୍ତଶିଳ୍ପ ପ୍ରଦର୍ଶନୀ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଏମଏସଏମଇ ବିଭାଗର ସହଯୋଗରେ ଆୟୋଜିତ ହେଉଥିବା ଏହି ବାଣିଜ୍ୟ ମେଳାରେ କୋରାପୁଟ ଜିଲ୍ଲାର କୋଟପାଡ଼ର ଶାଢ଼ୀ ଏବଂ ଗୌଡଗୁଡ଼ାର ଟେରା କୋଟା ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଭଳି ପ୍ରଦର୍ଶନୀ ଆୟୋଜନ ଦ୍ୱାରା ହସ୍ତଶିଳ୍ପୀ ଏବଂ କୁଶଳୀ ବୁଣାକାରମାନେ ଉତ୍ସାହିତ ହେବା ସହ ସ୍ଥାନୀୟ ବାସିନ୍ଦା ଦେଶର ବିଭିନ୍ନ ପ୍ରାନ୍ତର କାରିଗର ମାନଙ୍କ ହାତ ତିଆରି ନିଖୁଣ କାରୁକାର୍ଯ୍ୟ ସମ୍ପନ୍ନ ଘର ସଜାଇବା ଜିନିଷ ଏବଂ ଘର ବ୍ୟବହାରକାରୀ ଜିନିଷ ପାଇ ପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅରୂପା ପକ୍ଷରୁ ପ୍ରତ୍ୟେକ ଦିନ ଖାଦ୍ୟ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍କୁଲ ,କଲେଜ ଓ ମହିଳା ମାନଙ୍କ ପାଇଁ ଚିତ୍ରାଙ୍କନ, ସଙ୍ଗୀତ , ନୃତ୍ୟ, ବକ୍ତୃତା , ପିଠା ,ଫେସନ୍ ଶୋ ଓ ମେହେନ୍ଦୀ ପ୍ରତିଯୋଗୀତା ଆୟୋଜନ କରି ସମସ୍ତ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ବିକ୍ରୟ ମେଳାରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ ରହିଥିବା ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସେମିଳିଗୁଡା ପ୍ରେସ କ୍ଲବ୍ର ସଭାପତି ଡଃ ଅଜୟ କୁମାର ସାହୁ, ବରିଷ୍ଠ ନାଗରିକ ସଂଘର ସଭାପତି ଚୈତନ୍ୟ ପାଢ଼ୀ, ସମ୍ପାଦକ ସୌରି ନାୟକ, ସ୍ଥାନୀୟ ମା ଦୁର୍ଗା ବଣିକ ସଂଘର ସଭାପତି ନିଳାଞ୍ଚଳ ସାହୁ, ସମାଜ ସେବୀ ଶେଖ ଇବ୍ରାହିମଙ୍କ ସମେତ ସ୍ଥାନୀୟ ସାମ୍ବାଦିକ ବନ୍ଧୁ ଓ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଜବରଦଖଲ ଉଚ୍ଛେଦ

ଉମରକୋଟ, ୯।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଆଜି ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ଘର ତିଆରି କରି ବସବାସ କରୁଥିଲେ। ଏହି ସ୍ଥାନରୁ ଉଚ୍ଛେଦ ପାଇଁ ଉମରକୋଟ ତହସିଲ ପକ୍ଷରୁ ପୂର୍ବରୁ ବହୁବାର ନୋଟିସ କରାଯାଇଥିଲେ ମଧ୍ୟ ଜାଗା ଛାଡି ନଥିଲେ ତେଣୁ ଆଜି ପ୍ରଶାସନ ପକ୍ଷରୁ ବୁଲଡ୍ରଜର ଲଗାଇ ସାତଟି ଘର ଭଙ୍ଗା ଯାଇଛି। ଉମରକୋଟ ସହରର ଡ଼ଙ୍ଗରୀଗୁଡା, ଗୁଲିବାଡାନା, ନୂଆଗୁଡା, ମେନ୍ଦାବେଢାର ୧୭ ଜଣଙ୍କୁ ନୋଟିସ କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣ ଉଚ୍ଚ ନ୍ୟାୟାଳୟରୁ ସାମୟିକ ସ୍ଥଗିତାଦେଶ ଆଣିଥିବା ଯୋଗୁଁ ଭଙ୍ଗା ଯାଇ ନଥିଲା। କିନ୍ତୁ ଅନ୍ୟ ସାତ ଜଣଙ୍କ ଘର ଭଙ୍ଗାଯାଇଥିଲା। ତନ୍ମଧ୍ୟରୁ ୬ ଜଣ ନିଜେ ଘରର ଆସବାସ ପତ୍ର ଖାଲି କରି ଦେଇଥିଲେ। ଜଣଙ୍କ ଘର ତାଲା ପଡିଥିଲା। ପୋଲିସ ଉପସ୍ଥିତିରେ ଘରର ଆସବାସ ପତ୍ର ଖାଲି କରି ଘର ଭଙ୍ଗା ଯାଇଥିଲା ବୋଲି ଉମରକୋଟ ତହସିଲଦାର ମେଘବାନ ବାଗ ପ୍ରକାଶ କରିଛନ୍ତି।

# ଜୁଭେନ୍ଟିକା ସଚେତନତା କାର୍ଯ୍ୟକ୍ରମ

କୋଷାଗୁମୁଡ଼ା, ୯।୫(ସମିସ): ନବରଙ୍ଗପୁର ଜିଲାର କୋଷାଗୁମୁଡ଼ା ଥାନା ପରିସରରେ ପୋଲିସ ଓ ୟୁନିସେଫ୍ ସହଯୋଗରେ ଜୁଭେନ୍ଟିକା-୨୦୨୬ ନାମକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ପାପଡାହାଣ୍ଡି ଏସ୍ଡିପିଓ ସତ୍ୟଜିତ କାଣ୍ଡେଲ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ଥାନା ଅଧିକାରୀ ଶ୍ରୀମତୀ ବାଙ୍ଗୀ ମାଝୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅଙ୍ଗନବାଡି କର୍ମୀ ଯୋଗଦେଇ କିଶୋରୀ ଓ ମହିଳାଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି କରିବା ସହ ସେମାନଙ୍କୁ ଆଇନ ଓ ଅଧିକାର ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିବା ସହ ପିଲାମାନଙ୍କୁ



ଡିଜିଟାଲ ସେଫଟି ବିଷୟରେ ବୁଝାଇ ଥିଲେ। ମୋବାଇଲ ଦ୍ୱାରା କିପରି ଠକାମୀର ଶିକାର ନ ହେବା ସେଥିପାଇଁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ବାଲ୍ୟବିବାହ ଭଳି କୁପ୍ରଥାଠାରୁ କିପରି ଦୂରରେ ରହିବା ସେ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଥାନା ଅଧିକାରୀ ଥାନାରେ କଣ କଣ କାର୍ଯ୍ୟ ହୁଏ ପିଲାମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ୧୯ଜଣ ବାଳିକା, ଅଭିଭାବକ, ଥାନାର ଶିଶୁ ସୁରକ୍ଷା ମହିଳା ସ୍ୱତନ୍ତ୍ର ପୋଲିସ, ଥାନା ଅଧିକାରୀ ଶ୍ରୀମତୀ ବାଙ୍ଗି ମାଝୀ ଉପସ୍ଥିତ ଥିଲେ।

**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନାରେ ମହିଳା, ଶିଶୁ ଓ ବାଳିକାମାନଙ୍କ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଜୁଭେନ୍ଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସଡିପିଓ ମନୋଜ ବେହେରା ଓ ଆଇଆଇସି ସୁଜ୍ଞାନୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ଛାତ୍ରୀମାନେ ଉପସ୍ଥିତ ରହିଥିଲେ। ଅନଲାଇନ୍ ମାଧ୍ୟମରେ କୌଣସି ପ୍ରକାର ପ୍ରଲଭନରେ ନ ପଡ଼ି ନିଜେ କିପରି ସୁରକ୍ଷିତ ସୁରକ୍ଷିତ ରହିବେ ସେ ଉପରେ ଶ୍ରୀ ବେହେରା କହିଥିଲେ । ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ଭାବେ କିପରି ରୋକାଯାଇ ପାରିବ ସେଥିପାଇଁ ଅନେକ ମାଧ୍ୟମରେ ସଚେତନାତା କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠିତ ହେଉଛି, ସେଥିପ୍ରତି ସଚେତନ ହୁଅନ୍ତୁ ବୋଲି ଆଇଆଇସି କହିଥିଲେ। ଯେ କୌଣସି ଅସୁବିଧାର ସମ୍ମୁଖିନ ହେଲେ ତୁରନ୍ତ ଥାନା ସହିତ ଯୋଗାଯୋଗ କରନ୍ତୁ ପୋଲିସ୍ ଆପଣଙ୍କ ସେବାରେ ସଦାବେଳେ ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏସଡିପିଓ, ଆଇଆଇସି ବ୍ୟତିତ ଏସଆଇ ଶାନ୍ତିଲତା ବେହେରା, ଏଏସଆଇ କୃଷ୍ଣ ଆଚାର୍ଯ୍ୟ, କିନ୍ତାଲୁ ରମେଶ ଓ ଅନ୍ୟ କର୍ମଚାରିମାନେ ଉପସ୍ଥିତ ଥିଲେ।




# ବ୍ରାଉନ୍ସୁଗର ସହ ସ୍କୁଟି ଜବତ; ଯୁବକ ଗିରଫ



ବ୍ରହ୍ମପୁର, ୯।୫(ସମିସ)

ଏମକେସିଜି ମେଡିକାଲ କଲେଜ ଖେଳପଡ଼ିଆ ନିକଟରୁ ଜଣେ ଯୁବକଙ୍କ ଠାରୁ ଅବକାରୀ ଗୁଇନ୍ଦା ବିଭାଗ ବ୍ରାଉନ୍ସୁଗର ଜବତ କରିଛି। ଯୁବକ ଜଣକ ହେଲେ ଛତ୍ରପୁର ଅଞ୍ଚଳର ତନ୍ମୟ କୁମାର ବେହେରା (୩୧)। ତାଙ୍କ ନିକଟରୁ ଏକ ଜରି ପ୍ୟାକେଟରେ ଥିବା ୪୭ଗ୍ରାମ ଓଜନର ବ୍ରାଉନ୍ସୁଗର ସହ ଗୋଟିଏ ସ୍କୁଟି ଓ ମୋବାଇଲ ଜବତ ହୋଇଛି। ତନ୍ମୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏମକେସିଜି ଖେଳପଡିଆ ନିକଟରେ ଜଣେ ଯୁବକ ନିୟମିତ ବ୍ରାଉନସୁଗର କାରବାର କରୁଥିବା ସୂଚନା ମିଳିବା ପରେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସେଠାରେ ଚଢ଼ଉ କରାଯାଇଥିଲା। ଅଭିଯୁକ୍ତ ତନ୍ମୟ ସ୍କୁଟି ଯୋଗେ ଯାଉଥିବା ବେଳେ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଅଭିଯୁକ୍ତଙ୍କ ପ୍ୟାଣ୍ଟ ପକେଟରୁ ଏକ ଜରି ପ୍ୟାକେଟରେ ଥିବା ୪୭ଗ୍ରାମ ଓଜନର ବ୍ରାଉନ୍ସୁଗର ଜବତ ହୋଇଥିଲା। ଏହି ନିଶା କାରବାର ପଛରେ ଆଉ କାହାର ହାତ ଅଛି ସେନେଇ ଅବକାରୀ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

# 'ଧଳା ଜହର' କବଳରେ ରେଶମ ସହର

ବ୍ରହ୍ମପୁର, ୯।୫(ସମିସ)

'ଧଳା ଜହର' ବା ବ୍ରାଉନ ସୁଗାର କବଳରେ ରେଶମ ସହର ବ୍ରହ୍ମପୁର। ମଦ ଓ ଗଞ୍ଜେଇ କାରବାରରେ ଯଦିଓ ଗଞ୍ଜାମ ଜିଲ୍ଲାର ନାମ ରହିଥିଲା ତେବେ ଏଠାରେ ବ୍ରାଉନ ସୁଗାର ଭଳି ନିଶାଦ୍ରବ୍ୟ ସ୍ୱପ୍ନ ଥିଲା। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ପୂର୍ବରୁ ଲୁଚା ଚୋରାରେ ଚାଲିଥିବା ଏହି ବ୍ରାଉନ ସୁଗାର କାରବାର ଏବେ ଖୁଲମଖୁଲ୍ଲା ହୋଇସାରିଛି। ନିଶା ମାଫିଆଙ୍କ ଟାର୍ଗେଟରେ ଯୁବାବର୍ଗ ଓ ରାଜ୍ୟ ବାହାରର ପଥିକ। ଯାହାକୁ ନେଇ ସହରର ରେଳଷ୍ଟେସନ, ବସଷ୍ଟାଣ୍ଡ ସହିତ ଖେଳପଡିଆ, ପାର୍କ ଓ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ଏବେ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଯଦ୍ୱାରା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ଆଇନଶୃଙ୍ଖଳା ବ୍ୟବସ୍ଥା। ଆଇନକୁ ଅଥବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ଯେମିତି କାହାରି ଖାତିର ମଧ୍ୟ ନାହିଁ। ଅପରାଧ ବଢିବା ପଛର ପ୍ରମୁଖ କାରଣ ହେଉଛି 'ନିଶା' କାରବାର। ପୂର୍ବରୁ ଚାଲି ଆସିଥିବା ମଦ ଓ ଗଞ୍ଜେଇର ସ୍ଥାନ ନେଇ ସାରିଛି ବ୍ରାଉନ ସୁଗାର ବା 'ଧଳା ଜହର'। ବିଭିନ୍ନ ସ୍ଥାନରେ ଇଂଜିନିୟରିଂ ବା

- **ପଥଭ୍ରଷ୍ଟ ଯୁବପିଢ଼ିଙ୍କ ପାଇଁ ବଢୁଛି ଅପରାଧ**
- **ଷ୍ଟେସନ, ବସଷ୍ଟାଣ୍ଡ, ପାର୍କ, ଖେଳପଡିଆ ଓ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ପାଲଟିଛି ପେଣ୍ଠସ୍ଥଳୀ**



ବୈଶୟିକ ଶିକ୍ଷାନୁଷ୍ଠାନ ଖୋଲିବା ପରେ ବ୍ରାଉନ ସୁଗାର କାରବାରର ମାତ୍ରା ବଢିଥିବା ଜଣାପଡିଛି।

ରାଜ୍ୟ ବାହାରୁ ଆସୁଥିବା ଯୁବାବର୍ଗଙ୍କ ମଧ୍ୟରେ ଏନେଇ ଆଶକ୍ତି ରହୁଥିବାରୁ ଏହାର ସୁଯୋଗ ନେଇ ସ୍ୱଳ୍ପ ସମୟରେ ଓ ସୁବିଧାରେ ଅଧିକ ଅର୍ଥ ରୋଜଗାରର ଲାଳାସାରେ ବଢି ଚାଲିଛି ବ୍ରାଉନ ସୁଗାର କାରବାର। ତେବେ ସବୁଠାରୁ ଚିନ୍ତା ଓ ପରିତାପର ବିଷୟ ହେଉଛି ଏହି ନିଶା ସେବନ ଓ କାରବାରରେ ଯୁବପିଢୀଙ୍କ ସହିତ ନାବାଳକଙ୍କ ସମ୍ପୃକ୍ତି। ନିୟମିତ ବ୍ୟବଧାନରେ ଉଭୟ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଅନେକଙ୍କୁ ଗିରଫ କରାଯାଉଥିଲେ ହେଁ ଏହାକୁ ରୋକିବା ସମ୍ଭବପର ହୋଇନାହିଁ। ଫଳସ୍ୱରୁପ ସହରର ଫାଷ୍ଟଗେଟ ଠାରୁ ଆରମ୍ଭ କରି ହଳଦିଆପଦର, ଆମ୍ବପୁଆ, ଗୋପାଳପୁର ଓ ସହରର ଉପକଣ୍ଠ ଭଳି ସବୁଆଡେ 'ଧଳା ଜହର'ର ପ୍ରଭାବ ଦେଖିବାକୁ ମିଳୁଛି। ଖାସ କରି ପଶ୍ଚିମବଙ୍ଗରୁ ଆସୁଥିବା

ଏହି ଧଳା ଜହର ପ୍ରତି ଯୁବବର୍ଗ ଆକୃଷ୍ଟ ହେଉଥିବା ବେଳେ ଏଥିରୁ ବାଦ ପଡିନାହାନ୍ତି ନାବାଳକ। ନିଶାସକ୍ତ ଯୁବଗୋଷ୍ଠୀ ଓ ନାବାଳକଙ୍କ ମାନସିକ ସ୍ଥିତିର ସୁଯୋଗ ନେଇ ପୁରୁଣା ବା ଭେଟ୍ରୋନ କ୍ରିମିନାଲମାନେ ସେମାନଙ୍କୁ ଅପରାଧ ଦୁନିଆରେ ପ୍ରବେଶ କରାଉଛନ୍ତି। ଫଳସ୍ୱରୁପ ଧଳା ଜହର ଲୋଭରେ ସେମାନେ ଯେକୌଣସି ଅପରାଧ ଘଟାଇବାକୁ ମଧ୍ୟ ପଛାଉନଥିବା ଦେଖିବାକୁ ମିଳୁଛି। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, ପାର୍କ, ଖେଳପଡିଆ ସହିତ ରେଳଷ୍ଟେସନ ଓ ବସଷ୍ଟାଣ୍ଡରେ ବ୍ରାଉନ ସୁଗାର କାରବାର ହେଉଥିବା ଅଭିଯୋଗ ହୋଇଛି।

ପୂର୍ବରୁ ଏହି ସ୍ଥାନଗୁଡିକରେ ଚଢଉ କରି ଉଭୟ ପୁଲିସ ଓ ଅବକାରୀ ବିଭାଗକୁ ମିଳିଥିବା ସଫଳତାରୁ ଏହା ସ୍ପଷ୍ଟ ମଧ୍ୟ ହୋଇଛି। ତେବେ ଏହି ନିଶା କାରବାରକୁ ରୋକିବାରେ ଉଭୟ ଅବକାରୀ ଓ ପୁଲିସ ବିଭାଗ ବିଫଳ। କାରଣ କୋଟିଆଙ୍କୁ ଧରି ଅବକାରୀ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ଆଳରେ ଜରିମାନା ଆଦାୟରେ ବ୍ୟସ୍ତ ପୁଲିସ। ଯାହାର ସୁଯୋଗ ନେଇ ନିଶା କାରବାର ବୃଦ୍ଧି ପାଇଥିବା ବେଳେ ପଥଭ୍ରଷ୍ଟ ହେଉଛନ୍ତି ଯୁବାବର୍ଗ ତଥା ଦେଶର ଭବିଷ୍ୟତ ପିଢୀ। ସହରର ବିଭିନ୍ନ ଖୋଲାପଡିଆରେ ଖୁଲମଖୁଲା ଏହି ବ୍ରାଉନ ସୁଗାର କାରବାର ହେଉଥିବା ବେଳେ ଅବକାରୀ ଗୁଇନ୍ଦା ବିଭାଗ ଆଜି ଜଣେ ଯୁବକକୁ ଗିରଫ କରିଛି।

**କାଳବୈଶାଖୀ ପ୍ରଭାବ**

## ଭାଙ୍ଗିଲା ଘର; ବର୍ତ୍ତିଲେ ପରିବାର



ରିଆମାଲ, ୯ ।୫(ସମିସ): ରିଆମାଲ ବ୍ଲକ୍ ନାଉଲିପଡ଼ା ପଞ୍ଚାୟତ ଅଧୀନ ତେଲିମୁଣ୍ଡା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଗ୍ରାମର ରାମ ପୋଢ଼ଙ୍କ ଘରପାଖରେ ଥିବା ଏକ ଶାଗୁଆନ ଗଛ ଭାଙ୍ଗି ରାମଙ୍କ ଘର ଉପରେ ପଡ଼ିବାରୁ ଘରର ଛପର ନଷ୍ଟ ହୋଇଯାଇଥିବାବେଳେ ପରିବାର ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣା ଘଟିବା ପରେ ସ୍ଥାନୀୟ ସରପଞ୍ଚ ଏଲିନା ସାହୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବ୍ଲକ୍ ଓ ଜିଲ୍ଲା ପ୍ରଶାସନକୁ ଘଟଣା ସମ୍ପର୍କରେ ଜଣାଇ ଥିଲେ।

ଶନିବାର ସକାଳେ ସ୍ଥାନୀୟ ଆରଆଇ ରିତେଶ ସାହୁ ପହଞ୍ଚିବା ସହିତ ରିଆମାଲ ରେଞ୍ଜର ନିରଞ୍ଜନ ଧରୁଆ ଏବଂ ଅଗ୍ନିଶମ ବିଭାଗ ପହଞ୍ଚିବା ପରେ ଗଛକୁ କାଟି ସଫା କରାଯାଇଥିଲା। ଅନ୍ୟପକ୍ଷରେ ଗରିବ ରାମ ପୋଢ଼ଙ୍କୁ ସରକାରଙ୍କ ତରଫରୁ ଏକ ଆବାସ ଗୃହ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

**ନକଲି ଡିଇଏଫ୍ କାରଖାନାରେ ଝାରସୁଗୁଡ଼ା ପୁଲିସର ଚଢ଼ଉ**

# ୭ ଗିରଫ, ୟୁରିଆ ସାର, ଷ୍ଟିକର, ପିକ୍ଅପ୍ ଜବତ

ଝାରସୁଗୁଡ଼ା, ୯ ।୫(ସମିସ)

ଝାରସୁଗୁଡ଼ା ପୁଲିସ ପକ୍ଷରୁ ବେଆଇନ କାର୍ଯ୍ୟ ରୋକିବା ନେଇ ଅପରେସନ୍ ନେତ୍ର ଜାରି ରହିଥିବାବେଳେ ଝାରସୁଗୁଡ଼ା ପୁଲିସକୁ ଆଉଏକ ସଫଳତା ହାସଲ ହୋଇଛି। ଝାରସୁଗୁଡା ସହରର ସିରିଆବଗିଚା ଅଞ୍ଚଳରେ ଚାଲିଥିବା ଏକ ନକଲି ଡିଜେଲ ଏକ୍ସଜଷ୍ଟ ଫ୍ଲୁଇଡ୍ ବା ଡିଇଏଫ ପ୍ରସ୍ତୁତ କାରଖାନା ଉପରେ ସଦର ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜଣେ ଡିଏସ୍ପି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସିରିଆବଗିଚା ଅଞ୍ଚଳରେ ଅତର୍କିତ ଚଢ଼ଉ କରାଯାଇଥିଲା। ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ରିହାତି ଯୁକ୍ତ ୟୁରିଆକୁ ବେଆଇନ ଭାବେ ବ୍ୟବହାର କରି ଏଠାରେ ନକଲି ଡିଇଏଫ ପ୍ରସ୍ତୁତ



କରାଯାଉଥିଲା। ଏହି ନକଲି ସାମଗ୍ରୀକୁ ଟାଟା, ଅଶୋକ ଲେଲ୍ୟାଣ୍ଡ ଭଳି ନାମୀଦାମୀ ବ୍ରାଣ୍ଡର ଲୋଗୋ ଲଗାଇ ଓଡ଼ିଶା ଏବଂ ଛତିଶଗଡ଼ର ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଥିଲା। ପୁଲିସ ଏହି ଘଟଣାରେ ୭ ଜଣ ଅଭିଯୁକ୍ତ ରାଜସ୍ଥାନର ମୁକେଶ ଚାନ୍ଦ ଯୋଗୀ, ଝାରସୁଗୁଡ଼ାର ରାଜ କୁମାର ହେମ୍ବ୍ରମ, ଲମଟିବାହାଲର ଅମନ କୁମାର ସିଂହ, ଝାରସୁଗୁଡ଼ାର ବ୍ରିଜଭୂଷଣ ସିଂହ, ଛତିଶଗଡ଼ର ଜିଆଉଲ ଅନସାରୀ, ବରଗଡ଼ର ଆକାଶ ଅଗ୍ରୱାଲ ଏବଂ ତାଳଚେରର ପାର୍ଥସାରଥୀ ମିଶ୍ରଙ୍କୁ ଗିରଫ କରିଛି। ଏହାସହିତ ଅଭିଯୁକ୍ତଙ୍କ ନିକଟରୁ ୨୫୬ ବସ୍ତା ଭାରତ ୟୁରିଆ ସାର, ୪୨୨ଟି ବିଭିନ୍ନ ବ୍ରାଣ୍ଡର ଖାଲି ବାଲ୍ଟି, ୧୫୦ଟି ଟାଟା ଜେନୁଇନ୍ ପାର୍ଟସ୍ ହୋଲୋଗ୍ରାମ ଷ୍ଟିକର, ୨ଟି ସିନଟେକ୍ସ ଟାଙ୍କି ଏବଂ ପାଣି ମୋଟର, ଡିଇଏଫ ବୋଝେଇ ଦୁଇଟି ବୋଲେରୋ ପିକଅପ୍ ଭ୍ୟାନକୁ ଜବତ କରାଯାଇଛି। ଚଢ଼ଉ ସମୟରେ ପୁଲିସ ସହିତ ଜିଲ୍ଲା ଶିଳ୍ପ କେନ୍ଦ୍ର ଏବଂ କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଝାରସୁଗୁଡା ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି ଯେ ଏହି ନକଲି ଡିଇଏଫ ତିଆରିର ଲିଙ୍କ୍ ଛତିଶଗଡ଼ ପର୍ଯ୍ୟନ୍ତ ଲମ୍ବି ଥିବାବେଳେ ଏନେଇ ଝାରସୁଗୁଡ଼ା ପୁଲିସ ତଦନ୍ତ ଜାରି ରଖିଛି। ଡିଇଏଫ୍ ବ୍ୟବହାର ଯୋଗୁଁ ଗାଡ଼ିର ଇଞ୍ଜିନ ଖରାପ ହେବାର ଆଶଙ୍କା ରହିଥିବାରୁ ଗାଡ଼ି ମାଲିକ ଓ ପରିବହନ ସଂସ୍ଥାମାନଙ୍କୁ ସତର୍କ ରହିବାକୁ ପୁଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଏସ୍ପିଙ୍କ ସହିତ ଝାରସୁଗୁଡା ଏସଡିପିଓ ଉମାଶଙ୍କର ସିଂ, ଝାରସୁଗୁଡା ସଦରଥାନା ଅଧିକାରିଣୀ ସ୍ୱପ୍ନାରାଣୀ ଗୋଛାୟତଙ୍କ ସହିତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

ଝାରସୁଗୁଡ଼ା, ୯ ।୫(ସମିସ): ଶନିବାର ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର କୋର୍ଟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ଅଦାଲତରେ ବିଚାରାଧୀନ ଥିବା ମାମଲା ଗୁଡ଼ିକ ମଧ୍ୟରେ ଏହି ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ୦୨ ଟି ମୋକଦ୍ଦମା ୧,୫୦,୦୦୦ ଟଙ୍କାରେ, ୦୪ ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୦୫ ଟି ଚେକ ବାଉନ୍ସ ମାମଲା ୧୨,୪୭,୭୩୦ ଟଙ୍କାରେ, ୦୧ ଟି ବ୍ୟାଙ୍କ ପୁନରୁଦ୍ଧାର ମାମଲା ୧୬,୩୪,୪୪୫.୮୪ ଟଙ୍କାରେ, ୩ ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମାମଲା, ୯ ଟି ଅନ୍ୟାନ୍ୟ ଦେୱାନି ମାମଲା, ୨୬୧ ଟି ଅନ୍ୟାନ୍ୟ ମାମଲା ଓ ୩୧୯୩ ଟି ରାଜସ୍ୱ ମୋକଦ୍ଦମା ୪,୧୪,୯୨୪ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି।

ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୬୫ ଟି ଋଣ ସମ୍ବନ୍ଧୀୟ ମାମଲା ୧୮,୪୪,୩୨୨ ଟଙ୍କାରେ, ୦୧ ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ମାମଲା, ଆଞ୍ଚଳିକ ପରିବହନ ବିଭାଗର ଟ୍ରାଫିକ ଚାଲାଣ ସଂବନ୍ଧିୟ ୧୪ ଟି ମାମଲା



୫୨,୦୦୦ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ ର ୧୨ ଟି ମାମଲା ୬,୯୨,୮୩୫ ଟଙ୍କାରେ ଓ ବିଦ୍ୟୁତ ବିଲ ସମ୍ବନ୍ଧୀୟ ୦୩ ଟି ମାମଲା ୭୭,୧୩୧ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସଦାଶିବ ଜେନା ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୁରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ୍ ମୋକଦ୍ଦମା ମାମଲା ସମାଧାନ କରାଇଥିଲେ। ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରନ ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମୋକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ। ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ନାୟକ, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ବରିଷ୍ଠ ଦେୱାନି ବିଚାରପତି (ଏଲ.ଆର) ଦେବଶ୍ରୀ ସାହୁ ଓ କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନି ଓ ଟଙ୍କା ପୁନରୁଦ୍ଧାର ମକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ। ସେହିପରି ଏସ୍‌ଡି. ଜେଏମ୍‌ଡି. ବିଶ୍ୱଭୂଷଣ ନାୟକ, କନିଷ୍ଠ ଦେୱାନି ବିଚାରପତି ତଥା ଜେ.ଏମ.ଏଫ.ସି ଲଖନପୁର ଜୟା ରାଏ, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଅପର୍ଣ୍ଣା ସାହୁ, ଜେ. ଏମ୍‌ଏଫ୍‌ସି (କଗ୍ନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଅନ୍ୟାନ୍ୟ ଫୌଜଦାରୀ, ଚେକ ବାଉନ୍ସ ଇତ୍ୟାଦି ମାମଲା ଗୁଡ଼ିକର ଆପୋଷ ସମାଧାନ କରାଇଥିଲେ।

ଏହି ଲୋକ ଅଦାଲତକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ସ୍ୱର୍ଣ୍ଣଲତା ନାୟକ ପରିଚାଳନା କରିଥିବାବେଳେ ସିଭିଲ ଜଜ୍ ପ୍ରୋବେଶନ ସ୍ୱାତୀ ସାମଲ ଉପସ୍ଥିତ ଥିଲେ।

ଏହି ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୦ ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା ଏବଂ ଏହି ବେଞ୍ଚ ଗୁଡ଼ିକର ସଦସ୍ୟ ଭାବରେ ଡାକେଶ୍ୱର ପାଣ୍ଡେ, ଦେବାର୍ଚ୍ଚନ ଠାକୁର, ଭବାନୀଶଙ୍କର ଦଣ୍ଡସେନା, ଡମାଳି ପଟେଲ, ରୁପାଲୀ ଚାଟାର୍ଜି, ମନୋଜ ସୁନା, ଅଶୋକ କୁମାର ପାଟଜୋଶୀ, ସତପାଲ ସିଂହ, ଅନାମିକା ନନ୍ଦ, ଅନିତା ସୋନି, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାୟୀ ଲୋକଅଦାଲତର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ନବ ବିବାହିତାଙ୍କ ଆତ୍ମହତ୍ୟା

ଲହୁଣୀପଡ଼ା, ୯।୫(ସମିସ): କେ.ବଲାଙ୍ଗ ଥାନା ଅଧୀନ ବଡ଼ ବାଲିଯୋର ଗ୍ରାମରେ ଜଣେ ନବ ବିବାହିତା ନିଜ ବାପ ଘରେ କେହି ନଥିବା ବେଳେ ଘର ବାରଣ୍ଡାରେ ନିଜ ପିନ୍ଧା ଲୁଗା ରେ ଫାସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କନାମ ଫଗୁନି ସିଂ (୧୮) ବୋଲି ଜଣାପଡ଼ିଛି। ସୂଚନା ମୁତାବକ ବଡ଼ ବାଲିଯୋର ଗ୍ରାମର ଫଗୁନି ସିଂ ରେଲାହାତୁ ଗ୍ରାମର ଲକ୍ଷନ ସିଂ (୨୦) ସହିତ ୪ ମାସ ପୂର୍ବେ ପ୍ରେମ ବିବାହ କରି ରେଲହାତୁ ଗ୍ରାମରେ ରହିଆସୁଥିଲେ। କିନ୍ତୁ ଗତକିଛି ହେଲା ଫଗୁନି ସିଂ ବାପଘର ବଡ଼ ବାଲିଯୋର ଆସିଥିଲେ। ହେଲେ ଶୁକ୍ରବାର ଅପରାହ୍ନରେ ଘରେ କେହି ନଥିବାର ସୁଯୋଗରେ ଆତ୍ମହତ୍ୟା କରିଥିଲେ। ଘରଲୋକ ଫେରି ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରି ଥିଲା। ଏ ନେଇ ଘର ଲୋକ କେବଲାଙ୍ଗ ପୁଲିସକୁ ଖବର ଦେବାପରେ ପୁଲିସ ପହଞ୍ଚି ଶବ ଜବତ କରିଥିଲା। ସନ୍ଧ୍ୟା ହେବା କାରଣରୁ ଶବକୁ ବଣାଇଁସ୍ଥିତ ମର୍ଗ ହାଉସ ରଖାଯାଇଥିବାବେଳେ ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ଶବକୁ ପରିବାରକୁ ହସ୍ତାନ୍ତର କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ପୁଲିସ।

## ରାଉରକେଲା ଆଇନ ମହାବିଦ୍ୟାଳୟର ରେଡକ୍ରସ୍ ଦିବସ



ରାଉରକେଲା, ୯।୫(ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟର ଆଇକ୍ୟୁଏସି ଓ ୱାଇଆରସି ୟୁନିଟର ମିଳିତ ଆନୁକୂଲ୍ୟରେ ବିଶ୍ୱ ରେଡ କ୍ରସ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୱାଇଆରସିର ଜନକ ହନେରୀ ଡୁରାଣ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ଶ୍ରମିକ ଓ ପଥିକମାନଙ୍କୁ ଆମ୍ବ ଓ ଲେମ୍ବୁ ପଣା ବଣ୍ଟନ କରିଥିଲେ। ଏହାସହିତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ସନ୍ତରଣ କୌଶଳ ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ



ଦେବଗଡ଼, ୯ ।୫(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକାରଣ ପକ୍ଷରୁ ଜରୁରୀକାଳୀନ ପରିସ୍ଥିତି ପାଇଁ ଯୁବପିଢ଼ିଙ୍କୁ ସନ୍ତରଣର କୌଶଳ ସମ୍ପର୍କିତ ତାଲିମର ପ୍ରଥମ ପର୍ଯ୍ୟାୟ ଶନିବାର ଉଦ୍‌ଯାପିତ ହୋଇଛି। ଗତ ୪ ତାରିଖଠାରୁ ୯ ତାରିଖ ପର୍ଯ୍ୟନ୍ତ ଷୋହଳ ବଖରୀକଟାଠାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ପର୍ଯ୍ୟାୟରେ ଓଡ୍ରାଫ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ଓଡ୍ରାଫ୍ ଇନଚାର୍ଜ ମୋହନ କୁମାର ରାଉତ୍ ପ୍ରମୁଖ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କ ଜୀବନ ବଞ୍ଚାଇବାର କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ବୁଢ଼ାପାଳ ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ପଳସମା ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ, ଧରଣୀଧର ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଏହି ପ୍ରଶିକ୍ଷଣ ଶିବିର ଦ୍ୱିତୀୟ ପର୍ଯ୍ୟାୟ ୧୧ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ପ୍ରଶିକ୍ଷାର୍ଥୀଙ୍କ ବୟସ ସୀମା ୧୪ ରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପଞ୍ଜୀକରଣ ପାଇଁ ୮୬୫୮୯୯୭୬୭୩ ମୋବାଇଲ୍ ନମ୍ବର ଯୋଗେ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ଆଇନ୍ ସମ୍ପର୍କିତ ସଚେତନତା ଶିବିର



ଲହୁଣୀପଡ଼ା, ୯।୫(ସମିସ): ସାରା ରାଜ୍ୟରେ ଭିସି ମାଧ୍ୟମରେ ରାଜ୍ୟ ପୁଲିସ ଡିଜି କିଶୋରୀ ବାଳିକାଙ୍କୁ ବିଭିନ୍ନ ଆଇନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୩ ଟାବେଳେ ଲହୁଣୀପଡ଼ା ଥାନା ପକ୍ଷରୁ ମଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କିଶୋରୀ ବାଳିକାମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କିଶୋରୀ ଯୋଗଦାନ କିରି ବିଭିନ୍ନ ଆଇନ ସମ୍ପର୍କିତ ସଚେତନତା ବାର୍ତ୍ତାକୁ ଶୁଣିଥିଲେ। ଲହୁଣୀପଡ଼ା ଥାନା ଏସଆଇ ରଣଜିତ କୁଲୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ଖୁଣ୍ଟାମାଲରେ ଚବିଶପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା, ୯ ।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ ଖୁଣ୍ଟାମାଲ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଖୁଣ୍ଟାମାଲ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଚବିଶ ପ୍ରହର ନାମଯଜ୍ଞରେ ସୁରେନ୍ଦ୍ର ସାହୁ ଧର୍ମପତ୍ନୀ ଓ ଓମ୍ ପ୍ରିୟା ସାହୁ କର୍ତ୍ତା ଦାୟିତ୍ୱ ତୋଲାଇଥିଲେ। ପୂଜକ ଭାବେ ରମାକାନ୍ତ ଦାଶ, ଉମାକାନ୍ତ ଦାଶ, କୁନା ଦାସ ପୂଜାର୍ଚ୍ଚନା କରିଥିଲେ।

ଏହି ନାମଯଜ୍ଞ ପାଇଁ ଗତ ରବିବାର ଗୋଧୂଳି ଲଗ୍ନରେ ଏକ ବିଶାଳ କଳସ ଶୋଭାଯାତ୍ରା ବାହାରି ପୋଖରୀରୁ ପାଣି ଅଣାଯାଇ ଯଜ୍ଞମଣ୍ଡପ ଠାରେ ସ୍ଥାପନା କରାଯାଇ ଶୁଭ ଅଧିବାସ, ସୋମବାର ନାମାରମ୍ଭ, ମଙ୍ଗଳବାର, ବୁଧୁବାର ମହାପ୍ରଭୁଙ୍କୁ ୫୬ ଭୋଗ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁବାର ନାମ ସମାପନ, ନଗରଭ୍ରମଣ, ଦଧିଭାଣ୍ଡଭଞ୍ଜନ, ଆନନ୍ଦ ବଜାରରେ ପ୍ରସାଦ ସେବନ ଏବଂ ମହନ୍ତ ବିଦାୟ ଦିଆଯାଇଥିଲା। ଗୁଲବଦନ ଦାସ ୫୬ ଭୋଗ ଓ ଅନ୍ନପ୍ରାସାଦ ତିଆରି କରିଥିଲେ। ସଭାପତି ଘନଶ୍ୟାମ



ପାଉଲେ, ସମ୍ପାଦକ ରୂପାନନ୍ଦ ବେହେରା, କୋଷାଧ୍ୟକ୍ଷ ବେଣୁଧର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସରପଞ୍ଚ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା। ସଂକୀର୍ତ୍ତନ ଦଳ ମଧ୍ୟରେ ଖୁଣ୍ଟାମାଲ, ଟାମ୍ପରକେଲା, ଘୁଷା, ବାବୁ ଛିପିଡ଼ିହି, ଗୋବିନ୍ଦପୁର, ରେଙ୍ଗାଲି, ପତ୍ରାପାଲି, ଗୁର୍ଲାବାହାଲ, ଗରଗଡ଼ବାହାଲ, ସାତକମା, ଦାଣ୍ଡଜମିରା, କୋଲାବିରା, ତଳସରା, ବିଞ୍ଜିପାଲି, ହୁଡୁମା, ବଂଜାରୀବାହାଲ, ଜମନକିରା, ଡୁଲୁଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

# ନବନିର୍ମାଣ କୃଷକ ସଂଗଠନର 'ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା'

ଦେବଗଡ଼, ୯ ।୫(ସମିସ)

ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବିକୁ ନେଇ ସଂଘର୍ଷ ଜାରି ରଖିଛି। ଯାହାର ପରିଣାମ ସ୍ୱରୁପ କାଳିଆ ଯୋଜନା ଠାରୁ ଆରମ୍ଭ କରି ଧାନ ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତାର ଲାଭ ଚାଷୀ ପାଖରେ ପହଞ୍ଚିଛି। ଠିକ୍ ସେହିପରି ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ ଆରମ୍ଭ ହୋଇଥିବା ଏକ କୃଷକ ଏକତା ପଦଯାତ୍ରା ପ୍ରାଇସ୍ (ଚାଷୀ ଉତ୍ପାଦର ଉଚିତ୍ ମୂଲ୍ୟ), ପ୍ରେଷ୍ଟିଜ୍ (ଚାଷୀର ସମ୍ମାନ, ସ୍ୱାଭିମାନ ଓ ସ୍ୱାବଲମ୍ବନ), ପେନସନ୍ (ଚାଷୀ ସୁରକ୍ଷା ଭତ୍ତା- ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତ୍ତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା) ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ,




ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବିକୁ ନେଇ ଗତ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ମାଧ୍ୟମରେ ସରକାରଙ୍କୁ ଉକ୍ତ ଦାବିଗୁଡ଼ିକ ବିଷୟରେ ସ୍ମାରକ ପତ୍ର ଦେଇ ଆଲୋଚନା କରିବାର ଥିଲା। କିନ୍ତୁ ସରକାର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଦେଇଥିଲା। ଏହାର ପ୍ରତିବାଦରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏପ୍ରିଲ ୨୮ ତାରିଖ ଠାରୁ ନବନିର୍ମାଣ କୃଷକ ସଂଗଠନ କଟକର ସତ୍ୟଭାମାପୁରରୁ 'ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା' ଆରମ୍ଭ କରିଛି । ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ଏହି ସ୍ୱାଭିମାନ ଯାତ୍ରା ସମାପନ ହେବ। ୨୦ ତମ ଜିଲ୍ଲା ଭାବେ ଏହି ଯାତ୍ରା ଆଜି ଦେବଗଡ଼ରେ ପହଞ୍ଚିଛି। ଚାଷୀର ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ସହ ଜମି, ଜଳ, ଜଙ୍ଗଲ ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ୨୧ଟି ଦାବ୍‌ଗୁଡ଼ିକୁ ନେଇ ଲୋକଙ୍କ ସ୍ୱାଭିମାନକୁ ଜାଗ୍ରତ ଓ ସଂଗଠିତ କରିବାର ପ୍ରୟାସ ଚାଲୁ ରଖିବା ପାଇଁ ନବନିର୍ମାଣ କୃଷକ ସଂଗଠନ ସଂକଳ୍ପ ନେଇ ଆଜି ଦେବଗଡ଼ ଜିଲ୍ଲାରେ ପହଞ୍ଚିଛି।

ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ଡ. କୁଳମଣି, ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡି ଅନୱାର ଅଲ୍ଲୀ, ନବନିର୍ମାଣ କୃଷକ ସଂଗଠନ ରାଜ୍ୟ କମିଟୀ ସଦସ୍ୟ ତଥା ଗଜପତି ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ଭଦ୍ରକ ଜିଲ୍ଲା ଯୁବ ଛାତ୍ର ସଂଗଠନ ସହ ସଂଯୋଜକ ପ୍ରଭାତ ମହାଲିକ, ନବନିର୍ମାଣ କୃଷକ ସଂଗଠନ ବୌଦ୍ଧ ଜିଲ୍ଲା ସଂଯୋଜକ ହୃଷିକେଶ ଦେହୁରୀ ଓ ସଦସ୍ୟ ସ୍ୱପ୍ନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ କେଜି ଭାଙ୍ଗ ଜବତ; ଜଣେ ଗିରଫ

ଝାରସୁଗୁଡ଼ା, ୯ ।୫(ସମିସ): ଅବକାରୀ ଅକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇ ଝାରସୁଗୁଡ଼ା ଟାଉନ ଝଣ୍ଡାଛକ ଅଞ୍ଚଳରେ ଆତର୍କିତ ଭାବେ ଚଢ଼ଉ କରାଯାଇଥିଲା। ଏଥିରେ ୩୦ କେଜି ଭାଙ୍ଗ ଜବତ କରି ଅଭିଯୁକ୍ତ ପ୍ରମୋଦ ଶ୍ରୀବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିକେ ସମ୍ପୃକ୍ତ ଅନ୍ୟବ୍ୟକ୍ତିଙ୍କ ବିଷୟରେ ଅଧିକ ତଦନ୍ତ କରିବାପାଇଁ ଝାରସୁଗୁଡା ଅବକାରୀ ଟିମଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍‌ରେ ଝାରସୁଗୁଡ଼ା ଅବକାରୀ ନିରୀକ୍ଷକ ଯାଜ୍ଞସେନୀ ପ୍ରଧାନ, ସହ-ଉପ ନିରୀକ୍ଷକ ନିତ୍ୟାନନ୍ଦ ବେହେରା, ଅବକାରୀ ଆରକ୍ଷୀ ଅବନୀ ସା, ତାପସ କୁମାର ପଟେଲ, ଫୁଲତୁଳି ନାଏକ ପ୍ରମୁଖ ଚଢ଼ଉରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ



ଏହି ଚଢ଼ଉ ଆହୁରି କଡାକଡି ହେବ ବୋଲି ଝାରସୁଗୁଡ଼ା ଜିଲ୍ଲା ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି।

# ଉତ୍କଟ ହେଉଛି ରକ୍ତ ଅଭାବ

ସମ୍ବଲପୁର, ୯।୫ (ସମିସ)

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବୁର୍ଲା ଭିମ୍ସାର ଡାକ୍ତରଖାନା ରକ୍ତଭଣ୍ଡାରରେ ରକ୍ତ ଅଭାବ ଉତ୍କଟ ହୋଇଛି। ଏପରିକି ଦିନେ ଦିନେ ରକ୍ତ ଷ୍ଟକ୍ 'ଶୂନ' ହୋଇଯାଉଛି। ପୁଣି ପ୍ରତି ବର୍ଗରେ ପ୍ରାୟ ରକ୍ତ ନାହିଁ କହିଲେ ଚଳେ। ଉଭୟ ରକ୍ତଭଣ୍ଡାରରେ ସମାନ ଅବସ୍ଥା ଜାରି ରହିଛି। ଏହାକୁ ନେଇ ଗୁରୁତର ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଗ୍ରୀଷ୍ମ ଋତୁ ଆସିଲେ ରକ୍ତାଭାବ ଦେଖା ଦେଇଥାଏ। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନିୟମିତ ଭାବେ ଆୟୋଜିତ ହେଉଥିବା ରକ୍ତଦାନ ଶିବିର ଗୁଡ଼ିକ ବନ୍ଦ ହୋଇଯାଇଥାଏ। ତାପମାତ୍ରା ବଢ଼ିବା ସହ ରକ୍ତଦାନ ପାଇଁ ବହୁଙ୍କାଂଶରେ ଇଚ୍ଛାପ୍ରକାଶ କରି ନ ଥାନ୍ତି। ଭିମ୍ସାର ରକ୍ତଭଣ୍ଡାର ଉପରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକର ଲୋକେ ନିର୍ଭର କରୁଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ସମଗ୍ର ଜିଲ୍ଲା ନିର୍ଭରଶୀଳ। ସମ୍ବଲପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ ଦୁର୍ଘଟଣା ମାମଲାରେ ତୁରନ୍ତ ମାଗଣା ରକ୍ତ ଯୋଗାଇ ଦିଆଯାଇଥାଏ। ଏପରିକି ଜୀବନ ବଞ୍ଚାଇବା ପାଇଁ କେତେବେଳେ ରକ୍ତଭଣ୍ଡାର କର୍ମଚାରୀ ତ କେତେବେଳେ ଆମ୍ବୁଲାନ୍ସ ଚାଳକ ବା କେହି ସହୃଦୟ ବ୍ୟକ୍ତି ରକ୍ତଦାନ କରିବା ନଜିର ରହିଛି। ଏଭଳି ପରିସ୍ଥିତିରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛୋଟ ଛୋଟ ଶିବିର ଆୟୋଜନ କରିବାକୁ ରକ୍ତଭଣ୍ଡାର ପକ୍ଷରୁ ଅନୁରୋଧ କରାଯାଇଛି।

ବୁର୍ଲା ଭିମ୍ସାର ରକ୍ତଭଣ୍ଡାରରୁ ଥାଲାସେମିଆ ରୋଗୀଙ୍କୁ ପ୍ରାୟ ପ୍ରତିଦିନ ୨୫ରୁ ୩୦ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଛି। ଭିମ୍ସାର ରକ୍ତଭଣ୍ଡାରରେ ପ୍ରତିଦିନ ପ୍ଲାଜମା, ପ୍ଲାଟିଲେଟ୍, ହୋଲ୍‌ବ୍ଲଡ୍ ମିଶାଇ ଦୈନିକ ୧୨୦ରୁ ୧୪୦ ୟୁନିଟ୍ ଆବଶ୍ୟକ ପଡୁଛି। ସପ୍ତାହକ ତଳେ ଏହି ରକ୍ତଭଣ୍ଡାରର ରକ୍ତ ଷ୍ଟକ୍ 'ଶୂନ' ହୋଇ ଯାଇଥିଲା। ବିଭିନ୍ନ ଅନୁଷ୍ଠାନକୁ ଅନୁରୋଧକ୍ରମେ ରକ୍ତଦାନ ଶିବିର ଆୟୋଜିତ ହେଉଥିଲେ ହେଁ ସେଥିରେ ମାତ୍ର ୨୫ରୁ ୩୦ ୟୁନିଟ୍ ସଂଗୃହୀତ ହେଉଛି। ଆବଶ୍ୟକତା ତୁଳନାରେ ସଂଗ୍ରହ କମ୍ ହେଉଥିବାରୁ ଅଦଳବଦଳ ଭିତ୍ତିରେ ଦିଆଯାଉଥିଲେ ହେଁ ବହୁସମୟରେ ରକ୍ତଭଣ୍ଡାରରେ ଷ୍ଟକ୍ ଅଭାବରୁ ଗୁରୁତର ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ସପ୍ତାହକ ମଧ୍ୟରେ ପ୍ରାୟ ୭ଟି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲେ ହେଁ ଗୋଟିଏ ଦୁଇଟିକୁ ଛାଡ଼ିଦେଲେ ହାରାହାରି ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି।



'ଗ୍ରୀଷ୍ମଋତୁରେ ଆୟୋଜିତ ହେଉ ଛୋଟ ଛୋଟ ଶିବିର'

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଦୈନିକ ୪୦ରୁ ୫୦ ୟୁନିଟ୍ ରକ୍ତ ଆବଶ୍ୟକ ପଡୁଛି। ଆଜି ରକ୍ତଭଣ୍ଡାରରେ ୭୬ ୟୁନିଟ୍ ରକ୍ତ ରହିଥିଲା। ପ୍ରାୟତଃ ଷ୍ଟକ୍ ରହୁନାହିଁ। ଗତମାସର ୨୩ ତାରିଖରେ ରକ୍ତ ଷ୍ଟକ୍ 'ଶୂନ' ହୋଇଯାଇଥିଲା। ମାର୍ଚ୍ଚ ୧ ତାରିଖରୁ ଆଜି ମଧ୍ୟରେ ଆଉ କେତେଥର ମଧ୍ୟ ରକ୍ତ ରହୁନଥିବା ଜଣାପଡ଼ିଛି। ଚଳିତବର୍ଷ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ହେବାରୁ ସେସମୟରେ କିଛିଟା ବ୍ୟବସ୍ଥିତ ହୋଇ ପାରିଥିଲା। ଏ-ପଜିଟିଭ, ବି-ପଜିଟିଭ, ଏବି-ପଜିଟିଭ ଏବଂ ଓ-ପଜିଟିଭ ରକ୍ତ ସାଧାରଣ ଭାବେ ରହୁଥିବାବେଳେ ବମ୍ବେ ଗ୍ରୁପ୍ ଭଳି ବିରଳ ରକ୍ତ ପାଇଁ ରକ୍ତଦାତାଙ୍କୁ ଯୋଗାଯୋଗ କରାଯାଇଥାଏ। ଚଳିତମାସ ୯ ଦିନ ମଧ୍ୟରେ ୩, ୫ ଓ ୮ ତାରିଖରେ ତିନୋଟି ରକ୍ତଦାନ ଶିବିରରେ ଯଥାକ୍ରମେ ୧୦୧, ୪୦ ଓ ୨୩ ୟୁନିଟ୍ ଏହିଭଳି ମୋଟ୍ ୧୬୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ତେବେ, ଆଜି ପର୍ଯ୍ୟନ୍ତ ୩୪୨ ୟୁନିଟ୍ ରକ୍ତ ଦିଆଯାଇଥିବା (ଇସ୍ୟୁ) ସୂଚନା ମିଳିଛି। ବହୁ ସମୟରେ ଅଦଳବଦଳ କରି ରକ୍ତ ଦିଆଯାଉଛି। ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ରକ୍ତଭଣ୍ଡାରରେ କାଗଜାତକୁ ନେଇ ସମସ୍ୟା ଥିବାରୁ ସମ୍ବଲପୁର ସଦର ରକ୍ତଭଣ୍ଡାରରୁ ସେଠାକୁ ରକ୍ତ ପଠାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଘରୋଇ ଡାକ୍ତରଖାନା ବା ନର୍ସିଂହୋମ୍ ଆଦିକୁ ଅନୁରୋଧକ୍ରମେ ରକ୍ତ ଦିଆଯାଇଥାଏ। ଏପରିକି ଭିମସାର ରକ୍ତଭଣ୍ଡାର ସହିତ ମଧ୍ୟ ରକ୍ତ ଦେଣନେଣ ହୋଇଥାଏ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଅଧିକାରୀ ଡା. କଲ୍ଲେଶ କକ୍କଡ୍ ରକ୍ତାଭାବ ଉତ୍କଟ ହେଉଥିବାବେଳେ ନିୟମିତ ବ୍ୟବଧାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛୋଟ ଛୋଟ ରକ୍ତଦାନ ଶିବିର ଆୟୋଜନ କରିବାକୁ ଅନୁରୋଧ କରିଛନ୍ତି।

## ସମ୍ବଲପୁରରେ ସେବା ଭାରତୀ, ଓଡ଼ିଶା ପଶ୍ଚିମର ବାର୍ଷିକ ଉତ୍ସବ

# 'ସେବା ଭାରତୀ' ନିଃସ୍ୱାର୍ଥପର ମାନବସେବାର ଜ୍ୱଳନ୍ତ ଉଦାହରଣ:ଧର୍ମେନ୍ଦ୍ର

**ସମ୍ବଲପୁର, ୯।୫ (ସମିସ):** 'ସେବା ଭାରତୀ' କେବଳ ଏକ ସଂଗଠନର ନାମ ନୁହେଁ, ବରଂ ଏହା ନିଃସ୍ୱାର୍ଥପର ସେବାର ଏକ ଅନନ୍ୟ ପ୍ରତୀକ ବୋଲି ଶନିବାର ସମ୍ବଲପୁରଠାରେ ଆୟୋଜିତ 'ସେବା ଭାରତୀ' ଓଡ଼ିଶା ପଶ୍ଚିମ ପ୍ରାନ୍ତର ବାର୍ଷିକ ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ସେବା ହିଁ ଭଗବାନ' ମନ୍ତ୍ରକୁ ପାଥେୟ କରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଂସ୍କାର ଏବଂ ବିପର୍ଯ୍ୟୟ ପରିଚାଳନା ଭଳି ପ୍ରତିଟି କ୍ଷେତ୍ରରେ ଏହି ଅନୁଷ୍ଠାନର ସମର୍ପିତ କାର୍ଯ୍ୟଧାରା ଅତ୍ୟନ୍ତ ପ୍ରଶଂସନୀୟ। ସମାଜର ଅବହେଳିତ ଓ ବଞ୍ଚିତ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେବା ଭାରତୀ ଯେଉଁ ସଂକଳ୍ପ ନେଇଛି, ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ଆମେ କାହାକୁ ଦୟା କରିବା ଉଚିତ ନୁହେଁ, କାହାକୁ ଅନୁକମ୍ପା ଦେଖେଇବା ଉଚିତ ନୁହେଁ, ଆମେ ଆମର ନିଜର କର୍ତ୍ତବ୍ୟ କରିବା ଉଚିତ। କର୍ତ୍ତବ୍ୟଟା ଆମର ସମାଜର ସଂସ୍କାର। ସ୍ଥାନୀୟ ପ୍ରସଙ୍ଗ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେବା ଭାରତୀ ସଦାସର୍ବଦା ନିଜକୁ ସମାଜ ସହ ଯୋଡ଼ି ରଖିଛି। ସାମାଜିକ ସ୍ୱାବଲମ୍ବନ ସହ ପାରମ୍ପାରିକ କାର୍ଯ୍ୟକ୍ରମ ଏବଂ ପାନୀୟ ଜଳ ବ୍ୟବସ୍ଥା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଏକ ଆତ୍ମୀୟତା ଓ ସାମୂହିକ ସଦଭାବ ସୃଷ୍ଟି କରିବାରେ ଏହି ସଂଗଠନ ସଫଳ ହୋଇଛି। ତେବେ ଆଜି ଜିଲ୍ଲା ପ୍ରଶାସନ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ସେବା ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବ।



ସେହିପରି ସ୍ଥାନୀୟ ଅଞ୍ଚଳରେ ଚାଲୁଥିବା ଗୋଶାଳା ଓ ଚିକିତ୍ସା ଶିବିର କାର୍ଯ୍ୟରେ ସେବା ଭାରତୀ ସହ ସମାଜର ପ୍ରତିଟି ବ୍ୟକ୍ତି ମଧ୍ୟ ମିଳିତ ଭାବେ ଦାୟିତ୍ୱ ନେବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି। ଆଜିର ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣକୁ ଏକ ଚିନ୍ତାଜନକ ବିଷୟ ଭାବେ ଦର୍ଶାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଗାମୀ ପିଢ଼ିକୁ ସୁସ୍ଥ ଓ ଶିକ୍ଷିତ କରି ଗଢ଼ିତୋଳିବା ଆମ ସମସ୍ତଙ୍କର ମିଳିତ କର୍ତ୍ତବ୍ୟ। ଏହା ସହ ବଢ଼ୁଥିବା ତାପମାତ୍ରାର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ଏବଂ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ବାର୍ଷିକ ଉତ୍ସବରେ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଏବଂ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଅଟୋ ଓଲଟି ୮ ମହିଳା ଆହତ



**ରେଢ଼ାଖୋଲ, ୯।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବଉଦ ରାସ୍ତାର ସାଲେସିଂ ଛକ ନିକଟରେ ଶନିବାର ଦିନ ଅଟୋ ଓଲଟି ୮ ଜଣ ମହିଳା ଆହତ ହୋଇଥିବା ବେଳେ ଜଣେ ମହିଳାଙ୍କୁ ଗୁରୁତର ଭାବେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଉକ୍ତ ସମସ୍ତ ମହିଳା ବଡବାହାଲ ପଞ୍ଚାୟତ ଖଣ୍ଡହତା ଗ୍ରାମର ବୋଲି ଜଣାପଡ଼ିଛି। ମହିଳାମାନେଅଟୋରେ କେନ୍ଦୁପତ୍ର ତୋଳିବା ପାଇଁ ବୁର୍ଡାଗାଁ ନିକଟ ଜଙ୍ଗଲକୁ ଯାଉଥିଲେ। ସାଲେସିଂ ଛକ ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ରେଳପଥ ମହାପ୍ରବନ୍ଧକଙ୍କ ସମ୍ବଲପୁର-ଝାରସୁଗୁଡ଼ା ରୋଡ୍ ସେକ୍ସନ ନିରୀକ୍ଷଣ

**ସମ୍ବଲପୁର, ୯।୫ (ସମିସ):** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର - ଝାରସୁଗୁଡ଼ା ରୋଡ ସେକ୍ସନକୁ ବିସ୍ତୃତ ଭାବେ ନୀରିକ୍ଷଣ କରିଛନ୍ତି। ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ନୀରିକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ଶ୍ରୀ ଫୁଙ୍କୱାଲ ବୁଝିଥିଲେ। ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି। ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି



ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ୱକୁ ଦର୍ଶାଇଛନ୍ତି। ନୀରିକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମ୍ବଲପୁର ସହର ହେବ 'ଗାର୍ବେଜ ଫ୍ରି ସିଟି'

## ହିଣ୍ଡାଲକୋ, ଏସ୍‌ଏମ୍‌ସି ଏବଂ ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ମଧ୍ୟରେ ଏମ୍‌ଓୟୁ

**ସମ୍ବଲପୁର, ୯।୫(ସମିସ):** ସିଏସଆର୍ ପରିକଳ୍ପନା ଅଧୀନରେ ସମ୍ବଲପୁର ସହରକୁ 'ଗାର୍ବେଜ୍ ଫ୍ରି ସିଟି' ରୂପେ ପରିଣତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସମ୍ବଲପୁର ମୁନିସିପାଲ କର୍ପୋରେସନ ପକ୍ଷରୁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହିରାକୁଦ ଏବଂ ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ଚାରିଟେବଲ୍ ଟ୍ରଷ୍ଟ ସହିତ ଏକ ତ୍ରିପକ୍ଷୀୟ ସ୍ମୃତିପତ୍ର ସ୍ୱାକ୍ଷର ହୋଇଛି। ଏହି ଏମଓୟୁଟି ବା ସ୍ମୃତିପତ୍ର ସମ୍ବଲପୁର ମୁନିସିପାଲ କମିଶନର୍ ରେହାନ୍ କ୍ଷେତ୍ରୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହିରାକୁଦ ୟୁନିଟ୍ ହେଡ୍ ସୁମିତ ମୁଖର୍ଜୀ ଏବଂ ଫିଡ୍‌ବ୍ୟାକ୍ ଫାଉଣ୍ଡେସନର ସିନିଅର୍ ମ୍ୟାନେଜର୍ ପ୍ରକାଶ ଚନ୍ଦ୍ର ପାଣିଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିଲା। ଏହି ସମାରୋହରେ ଦୁଯୋର ଆୟୁକ୍ତ ସୁଶାନ୍ତ ସାହୁ, ଉପାୟୁକ୍ତ ହରିଓମ ଭୋଇ, ହିରାକୁଦ କମ୍ପ୍ଲେକ୍ସ ୟୁନିଟ୍ ହେଡ୍ ସୁମିତ ମୁଖର୍ଜୀ, ଏଚଆର୍ ହେଡ୍ ବିଶ୍ୱାସ ଶିନ୍ଦେ, ସ୍ମେଲ୍ଟର୍ ପ୍ଲାଣ୍ଟ ହେଡ୍ ପ୍ରତାପ ସାହୁ ସହ ହିଣ୍ଡାଲକୋର ଅନ୍ୟ ସିନିଅର୍ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର୍ ହିଣ୍ଡାଲକୋ ଏବଂ ଫିଡ୍‌ବ୍ୟାକ୍ ଫାଉଣ୍ଡେସନର ସ୍ୱଚ୍ଛତା ମିଶନରେ ଯୋଗଦାନକୁ ପ୍ରଶଂସା କରି କହିଥିଲେ। ଏହି ତ୍ରିପକ୍ଷୀୟ ସହଯୋଗ ଆସନ୍ତା ଦଶମ ସଂସ୍କରଣ ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୫-୨୬ ପାଇଁ ସମ୍ବଲପୁରର କାର୍ଯ୍ୟଦକ୍ଷତାକୁ ଗଢ଼ିଉଠାଇବ। ଏହି ହସ୍ତକ୍ଷେପର ମୁଖ୍ୟ ଲକ୍ଷଣ "ଖୋଲା ଆବର୍ଜନା ନିଷେଧ ପଦ୍ଧତି" ଯାହା ନାଗରିକଙ୍କ ଆଚରଣ ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ଚାରି ପ୍ରକାରର ଆବର୍ଜନା ସ୍ରୋତ ବର୍ଜ୍ୟ ବିଭାଜନ



(ଓଦା ଓ ଶୁଖିଲା) ଘରୋଇ ହାନିକାରକ ଏବଂ ଘରୋଇ ବାୟୋମେଡିକାଲ୍ ଆବର୍ଜନାକୁ ୧୦୦ପ୍ରତିଶତ ନିଶ୍ଚିତ କରିବ। ଏହାର ଲକ୍ଷ୍ୟ ଅଧିକାଂଶ ୱେଷ୍ଟକୁ ବୈଜ୍ଞାନିକ ଭାବେ ପ୍ରକ୍ରିୟାକରଣ କରିବା।ଫିଡ୍‌ବ୍ୟାକ୍ ଫାଉଣ୍ଡେସନର ପ୍ରାୟୋଗିକ ଦକ୍ଷତା ଏବଂ ହିଣ୍ଡାଲକୋର କର୍ପୋରେଟ୍ ସମର୍ଥନ ସହ ଏସଏମସି ଏକ 'ଷ୍ଟାର୍ ରେଟେଡ୍' ଗାର୍ବେଜ୍ ଫ୍ରି ସିଟି ହେବା ପଥରେ ଓଡ଼ିଶାର ସହରୀୟ ସ୍ୱଚ୍ଛତା ପାଇଁ ଏକ ମାନଦଣ୍ଡ ସ୍ଥାପନ କରିବ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି



**ନାକଟିଦେଉଳ, ୯।୫(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ସରପାଲି ପଞ୍ଚାୟତ ପୋଡ଼ଖୋଲ ଓ ବଳମ ପଞ୍ଚାୟତର ଉପରମୁଣ୍ଡା, ନାକଟିଦେଉଳ ଗ୍ରାମରେ କାଳବୈଶାଖୀ ପ୍ରକୋପରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଶୁକ୍ରବାର ରାତିରେ ପ୍ରବଳ ମାତ୍ରାରେ ପବନ ହେବା ଫଳରେ ଘରର ଆଜବେଷ୍ଟସ୍, କାନ୍ଥ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡ଼ିଛି। ଫଳରେ ପୋଡ଼ଖୋଲ ଗ୍ରାମରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ପ୍ରକାଶ ନାଏକ, ସୁଦାମ ସାହୁ, ଗଣେଶ ବେହେରା, ରମାକାନ୍ତ ବେହେରା, ପୂର୍ଣ୍ଣ ସାହୁ, ସଞ୍ଜୟ ସାହୁ, ସଞ୍ଜୟ ବେହେରା ପ୍ରହଲ୍ଲାଦ ସାହୁ, ପାର ବେହେରା, ବିଜୟ ବସନ୍ତରାଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିଜୟ ବସନ୍ତରାଙ୍କ ପୁଅ କ୍ଷମାନିଧି ବସନ୍ତରାଙ୍କ ମୁଣ୍ଡରେ ଟାଇଲ ବାଜିଯିବାରୁ ଆହତ ହୋଇଥିବା ଜଣାପଡ଼ିଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

# ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଜମନକିରା ମହାବିଦ୍ୟାଳୟ ପରିଦର୍ଶନ

**ଜମନକିରା, ୯।୫ (ସମିସ):** ଜମନକିରା ମହାବିଦ୍ୟାଳୟର ସ୍ଥାୟୀ ସହବନ୍ଧନ ଏବଂ ସ୍ଥାୟୀ ସ୍ୱୀକୃତି ପାଇଁ ଶୁକ୍ରବାର ଦିନ ସମ୍ବଲପୁର ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ମୁରଲିଧର ମାଝି, ମୁଖ୍ୟ କିରାଣୀ ସଞ୍ଜିତ କୁମାର ସେଠ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାୟୋ ଟେକ୍ନୋଲୋଜି ବିଭାଗର ପ୍ରୋଫେସର ଡକ୍ଟର ଅମିୟ ପଟେଲ ଏବଂ ସହବନ୍ଧନ ବିଭାଗର ମୁଖ୍ୟ କିରାଣୀ ଡକ୍ଟର ବ୍ରଜବିହାରୀ ପଣ୍ଡା ମହାବିଦ୍ୟାଳୟର ପରିଦର୍ଶନରେ ଆସି ସମସ୍ତ ଶ୍ରେଣୀ କୋଠରି, ଲାଇବ୍ରେରୀ, ଲେବରୋଟୋରି ଏବଂ କାଗଜପତ୍ର ଯାଞ୍ଚ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ, ଅଧ୍ୟାପିକା ଅରୁଣା ମିଶ୍ର, ବର୍ଣ୍ଣାଲୀ ଦେହୁରୀ, ମୁସାରଦ ଅଂଶାରୀ, ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା, ସୁରଥ ସାହୁ, ମନମୋହନ ଜୟବିକାଶ ବାଘ, ମିନିକେତନ ସାହୁ, ଜୟମନ୍ତ ପଟେଲ ଏବଂ ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ସମ୍ବଲପୁର, ୯।୫ (ସମିସ) :** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀଙ୍କ ଆନୁକୂଲ୍ୟରେଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତରଫରୁ ଆଜି ଶନିବାର ଦିନ ସମ୍ବଲପୁର ଜିଲ୍ଲା ସଦର ମହକୁମାଠାରେ ଅବସ୍ଥିତ ଅଦାଲତ ଗୁଡ଼ିକରେ ଏବଂ କୁଚିଣ୍ଡା ଓ ରେଢ଼ାଖୋଲ ତାଲୁକସ୍ତରୀୟ କୋର୍ଟ ଗୁଡିକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣାଜନିତ ୯ଟି ମାମଲା ସମାଧାନ କରି କ୍ଷତିପୂରଣ ବାବଦକୁ ୭୦, ୧୬, ୨୧୧ ଟଙ୍କାର ପ୍ରତିବାଦୀ ପକ୍ଷମାନଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୦ଟି ପରିବାର ସଂକ୍ରାନ୍ତୀୟ ମାମଲାରେ ଫଇସଲା କରାଯାଇଛି, ବ୍ୟାଙ୍କ ସମ୍ବନ୍ଧୀୟ ୮ଟି ମାମଲା ଫଇସଲା କରାଯାଇ ୧, ୩୨, ୮୬, ୧୬୫ ଟଙ୍କାର ଋଣ ପ୍ରତିବାଦୀ ପକ୍ଷମାନଙ୍କୁ ପରିଶୋଧ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୫ଟି ଦେୱାନୀ ମୋକଦ୍ଦମାର ଫଇସଲା କରାଯାଇ ୮୪, ୧୦, ୦୦୦ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ୨୦୨ଟି ଫୌଜଦାରୀ କମ୍ପାଉଣ୍ଡେବଲ ମୋକଦ୍ଦମାର ଫଇସଲା କରାଯାଇଛି। ସେହିପରି ୫ଟି ଏନ୍‌ଆଇ ଆକ୍ଟ ଫଇସଲା କରାଯାଇ ୬୯୪୭୯୭.୨୮ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଯୋଗଦେଇ ୨୩ଟି ପ୍ରି-ଲିଟିଗେସନ କେସ୍‌ର ଫଇସଲା କରି ୬, ୨୭, ୧୧୪ ଟଙ୍କା ଆଦାୟ କରିଛନ୍ତି। ସେହିପରି ରାଜସ୍ୱ ବିଭାଗରେ ୫୫୭୦ଟି କେସ୍‌ର ଫଇସଲା କରାଯାଇ ୪, ୩୫, ୬୧୯ ଟଙ୍କା ଆଦାୟ କରାଯାଇଛି। ବିଚାରପତି ଶିଶିର କୁମାର ରଥ, ଲୋକ ଉପଯୋଗୀ ସେବାବିବାଦ, ଗୋଟିଏ ବିବାଦର ସମାଧାନ କରିଥିଲେ। ସେହିପରି ଇ-ଚାଲାଣ ବାବଦକୁ ୧୬୪ଟି ମାମଲାର ୩, ୧୧, ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା ବୋଲି ଆର୍‌ଟିଓ, ସମ୍ବଲପୁର ଜଣାଇଛନ୍ତି। ଶ୍ରମ ବିବାଦ ୨ଟି ମାମଲାର ସମାଧାନ କରାଯାଇ ୮୮୨୦୦ ଟଙ୍କା ପ୍ରତିପକ୍ଷ ମାନେ ଆବେଦନକାରୀ ମାନଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବଲପୁର ଠାରେ ଅନୁଷ୍ଠିତ ଲୋକଅଦାଲତ ଜିଲ୍ଲା ଜଜ୍ ତଥା ଆଇନସେବା ପ୍ରାଧିକରଣ, ସମ୍ବଲପୁରର ଅଧ୍ୟକ୍ଷା ପ୍ରଜ୍ଞା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଜ୍ ଦ୍ୱିତୀୟ ଏମ୍‌ଏସିଟି ସୁବ୍ରତ ମହାନ୍ତି, ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ଶିବ ପ୍ରସାଦ ମିଶ୍ର ପ୍ରମୁଖ ବିଭିନ୍ନ ମୋଟର ଦୁର୍ଘଟଣା ଜନିତ ମୋକଦ୍ଦମା ଗୁଡିକର ସମାଧାନ କରିଥିଲେ। ଜଜ୍ ପରିବାର ଅଦାଲତ ରୀନା ଚୌଧରୀ ପରିବାର ସମ୍ପର୍କୀୟ ମୋକଦ୍ଦମା ଗୁଡ଼ିକର ସମାଧାନ କରିଥିଲେ। ସିଭିଲ ଜଜ୍ ସମାପିକା ମହାନ୍ତି, ସୋମାଲୀନା ମିଶ୍ର, ମାନସ ରଞ୍ଜନ ପଧାନଙ୍କ ସମେତ ଅନ୍ୟାନ୍ୟ ସିଭିଲ ଜଜ୍ ବିଭିନ୍ନ ଦେୱାନୀ ମୋକଦ୍ଦମା ଗୁଡିକର ଫଇସଲା କରିଥିଲେ। ସେହିପରି ଫୌଜଦାରୀ ମୋକଦ୍ଦମା ଗୁଡ଼ିକ ଅନନ୍ୟା ଦାଶ, ସ୍ୱୟଂସିକ୍ତା ପତି ଏବଂ ଅନ୍ୟ ପ୍ରଥମ ଶ୍ରେଣୀ ଜଜ୍ ମାନଙ୍କ ଦ୍ୱାରା ଫଇସଲା କରାଯାଇଥିଲା। ତାଲୁକସ୍ତରରେ କୁଚିଣ୍ଡାଠାରେ ଅତିରିକ୍ତ ଜିଲ୍ଲା ଜଜ ଡକ୍ଟର ପ୍ରଭାକର ଗଣ୍ଡିଆ ଏବଂ ତାଲୁକସ୍ତରରେ ରେଢ଼ାଖୋଲ ଠାରେ ଅତିରିକ୍ତ ଜିଲ୍ଲାଜଜ ପାର୍ଥସାରଥୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁରର ସଚିବ ସୁକୁମାର ମହାପାତ୍ର ଏବଂ ରେଜିଷ୍ଟ୍ରାର, ସିଭିଲକୋର୍ଟ ନିହାର ରଞ୍ଜନ ଲେଙ୍କା ସମ୍ବଲପୁରଠାରେ ହୋଇଥିବା ଲୋକ ଅଦାଲତକୁ ପରିଚାଳନା କରିଥିଲେ।

# ସମବାୟ ସମିତି ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସମ୍ବଲପୁର, ୯।୫ (ସମିସ) :** ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ବଟେମୁରା ସମବାୟ ସମିତିର ସମ୍ପାଦକ ବିଜୟ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଛତାବର ଗ୍ରାମର ମସୁରଟିକ୍ରା କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ଚାଷୀ ସୁଶାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ଚାଷୀ ସଙ୍ଗଠନର ସାଧାରଣ ସମ୍ପାଦକ ଗୋବିନ୍ଦ ମିଶ୍ର ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିବାସହ ତାଙ୍କ କାର୍ଯ୍ୟକାଳ ବିଷୟରେ ଆଲୋଚନା କରିଥିଲେ। ତାଙ୍କ ଚାକିରିକାଳରେ ସମିତିର ସଦ୍ୟସତା ବୃଦ୍ଧିକରି ଚାଷୀଙ୍କୁ ଉପଯୁକ୍ତ ସେବା ଦେବା ପାଇଁ ସବୁବେଳେ ଚେଷ୍ଟିତ ଥିଲେ ବୋଲି ପ୍ରତ୍ୟୁତ୍ତରରେ ଶ୍ରୀ ବେହେରା ପ୍ରକାଶ କରିଥିଲେ। ଚାଷୀ ଈଶ୍ୱର ବେହେରା, ମୃତ୍ୟୁଞ୍ଜୟ ସାହୁ, ସନ୍ତୋଷ ସାହୁ, ଦିଲୀପ ପଣ୍ଡା, ପ୍ରମୋଦ ପଣ୍ଡା, କମଳାକାନ୍ତ ପଣ୍ଡା, ମିହିର ମାଝୀ, ଶଶିକାନ୍ତ ପଣ୍ଡା, ଏମ୍. ସତ୍ୟନାରାୟଣ, କେ. ସାଇବାବୁ, କେ. ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏନ୍. ବାଲାଜୀ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସମିତିର ଦିବଂଗତ କର୍ମଚାରୀ ଅକ୍ଷୟ ବେହେରାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା।

## ମନରେଗାରେ ଟଙ୍କା ହଡ଼ପ

# କାମ ନ ହୋଇ ୩୩ ଲକ୍ଷ ଟଙ୍କା ବିଲ୍ ପେମେଣ୍ଟ

କୁଚିଣ୍ଡା, ୯।୫(ସମିସ)

ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। କାମ ସମ୍ପୂର୍ଣ୍ଣ ନହୋଇ ଲକ୍ଷାଧିକ ଟଙ୍କା ବିଲ୍ ପଇଠ ହୋଇଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।ଘଟଣାକୁ ନେଇ ବାମରା ବିଡିଓ ଓ ସମ୍ପୃକ୍ତ ଜିଆରଏସଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, ଗୋବିନ୍ଦପୁର ପଞ୍ଚାୟତରେ ମନରେଗା ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ପାଇବା ପରେ ସମ୍ବଲପୁର ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ ଗତ ପାଞ୍ଚ ଦିନ ପୂର୍ବରୁ ବାମରା ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଡାକିଥିଲେ। ବୈଠକ ସମୟରେ ଗୋବିନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ ବିନୋଦ ପାଲଙ୍କୁ ସମ୍ପୃକ୍ତ କାମର ଫାଇଲ ଓ ରେକର୍ଡ ଦେଖାଇବାକୁ କୁହାଯାଇଥିଲେ ମଧ୍ୟ ସେ ଫାଇଲ ପ୍ରଦର୍ଶନ କରିନଥିବା ଅଭିଯୋଗ ହୋଇଛି।ଏନେଇ ଜିଲ୍ଲା ସିଡିଓ ପ୍ରସନ୍ନ ପାତ୍ରଙ୍କୁ ଅଭିଯୋଗ କରାଯାଇଥିଲା। ସିଡିଓଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସ୍ୱତନ୍ତ୍ର ଟିମ୍ ଗୋବିନ୍ଦପୁର ପଞ୍ଚାୟତରେ ହୋଇଥିବା ମନରେଗା କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ୨୦୨୫-୨୬ ଆର୍ଥିକ ବର୍ଷର ଅନେକ ପ୍ରକଳ୍ପରେ ଗୁରୁତର ଅନିୟମିତତା ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଅଭିଯୋଗ ଅନୁଯାୟୀ, ଅମୃତସରୋବର ଯୋଜନାରେ ବାମରା ଷ୍ଟେସନ ବସ୍ତି କଟା ପାଇଁ ୧୦ ଲକ୍ଷ ଟଙ୍କା, ମୁଣ୍ଡାଡିପା ପ୍ରଧାନ କଟା ପାଇଁ ୧୦ ଲକ୍ଷ ଟଙ୍କା ଏବଂ ହରିପଡ଼ା ପଞ୍ଜାବୀ କଟା ପାଇଁ ୧୦ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ଛୋଟ ବଡ଼ କାମକୁ ମିଶାଇ ମୋଟ ୩୩.୦୬ ଲକ୍ଷ ଟଙ୍କା ବିଲ୍ ପଇଠ ହୋଇସାରିଛି। କିନ୍ତୁ କ୍ଷେତ୍ର ପରିଦର୍ଶନ ସମୟରେ ଅନେକ ସ୍ଥାନରେ କାମ ହୋଇନଥିବା କିମ୍ବା ଅଧାରେ ରହିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବାମରା ବ୍ଲକ ନିର୍ବାହୀ ଯନ୍ତ୍ରୀ ମୁକ୍ତେଶ୍ୱର ମାଝୀଙ୍କୁ ପଚାରାଯିବାରୁ ଗୋବିନ୍ଦପୁର ପଞ୍ଚାୟତରେ ହୋଇଥିବା ଉକ୍ତ କାମଗୁଡ଼ିକ ପାଇଁ କୌଣସି କନିଷ୍ଠ ଯନ୍ତ୍ରୀ କିମ୍ବା ବ୍ଲକ ନିର୍ବାହୀ ଯନ୍ତ୍ରୀ ବିଲ୍ ପାସ୍ କରିନାହାନ୍ତି। ଯନ୍ତ୍ରୀଙ୍କ ସ୍ୱାକ୍ଷର ବିନା କିପରି ବିଲ୍ ପାସ୍ ହୋଇ ପେମେଣ୍ଟ ହେଲା, ସେ ବିଷୟରେ ସେ ଅବଗତ



ନଥିବା କହିଥିଲେ। ଏହାକୁ ନେଇ ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ଯନ୍ତ୍ରୀଙ୍କ ଅନୁମୋଦନ ବିନା କିପରି ସରକାରୀ ଟଙ୍କା ପଇଠ ହେଲା ବୋଲି ସେ ପ୍ରଶ୍ନ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏପଟେ ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କୁ ପଚାରାଯିବାରୁ ବିନା କାମରେ ଟଙ୍କା ପଇଠ ହୋଇଥିବା ବିଷୟ ତାଙ୍କ ଜ୍ଞାନରେ ଅଛି ଏବଂ ପରବର୍ତ୍ତୀ ସମୟରେ କାମ କରାଯିବ। ବିଡିଓଙ୍କ ଏହି ମତାମତ ପରେ ସାଧାରଣଲୋକଙ୍କ ମଧ୍ୟରେ ଅଧିକ ସନ୍ଦେହ ସୃଷ୍ଟି ହୋଇଛି। କାମ ନହୋଇ ପୂର୍ବରୁ ଟଙ୍କା ପଇଠ ହେବା ଏବଂ ଏହା ସମ୍ପର୍କରେ ଅଧିକାରୀମାନେ ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନେଇ ଲୋକମାନେ ପ୍ରଶାସନର ଭୂମିକାକୁ ପ୍ରଶ୍ନ କରୁଛନ୍ତି।ବାମରା ବ୍ଲକରେ ଅଧିକାରୀମାନଙ୍କ ଜାଣତରେ ଲକ୍ଷାଧିକ ଟଙ୍କାର ଅନିୟମିତତା ହୋଇଥିଲେ ମଧ୍ୟ ମାସମାସ ଧରି କୌଣସି ପଦକ୍ଷେପ ନ ନିଆଯାଇବାରୁ ପ୍ରଶାସନର ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି।ଉଲ୍ଲେଖଯୋଗ୍ୟ ଯେ, ଗୋବିନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ୍ ବିନୋଦ ପାଲ ପୂର୍ବରୁ ଦୁର୍ନୀତି ମାମଲାରେ ନିଲମ୍ବିତ ହୋଇଥିବା ଅଭିଯୋଗ ରହିଛି। ପରେ ତାଙ୍କୁ ପୁନର୍ବାର ସେହି ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ପୋତି ହୋଇ ଗଲାଣି ରାସ୍ତା ପାର୍ଶ୍ୱ ଡ୍ରେନ୍

**ପଦ୍ମପୁର, ୯ ।୫(ସମିସ):** ପଦ୍ମପୁର ପାଟନାଗଡ଼ ରାସ୍ତା ସହ ପଦ୍ମପୁର ବରଗଡ଼ ବିଜୁ ଏକ୍ସପ୍ରେସ ରାସ୍ତା ପାର୍ଶ୍ୱରେ ତିଆରି ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ନବନିର୍ମିତ ଡ୍ରେନ୍ ଏବେ ପୋତି ହେବାକୁ ବସିଲିଣି। ଅସରାଏ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମୁଛି। ସେହିପରି ପଦ୍ମପୁର ଭେଡେଁରିଆ ଛକରୁ ଆସିଥିବା ଡ୍ରେନ୍ ଥାନା ଛକ ଓ ସରକାରୀ ବସଷ୍ଟାଣ୍ଡ ପର୍ଯ୍ୟନ୍ତ କରି ବନ୍ଦ କରାଯାଇଛି। ବର୍ଷା ହେଲେ ଏହି ଡ୍ରେନରେ ପ୍ରବାହିତ ପାଣି କେଉଁ ପଟରେ ନିଷ୍କାସନ



ହେବ ତାହା ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଡ୍ରେନର ସ୍ଲାବ୍ ଉପରେ ଉଠାଦୋକାନୀମାନେ ବ୍ୟବସାୟ କରି ସେମାନଙ୍କ ବର୍ଜ୍ୟବସ୍ତୁ ଡ୍ରେନରେ ଫିଙ୍ଗୁଛନ୍ତି। ଏହାଦ୍ୱାରା ଡ୍ରେନ୍ ପୋତି ହୋଇଯାଉଛି। ସେହିପରି ସହର ଭିତରେ ନିମ୍ନ ମାନର କାମ ଯୋଗୁଁ ଅନେକ ଡ୍ରେନର ସ୍ଲାବ୍ ଭାଙ୍ଗି ଯାଇଛି। ପଦ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ଓ ପିଡବ୍ଲୁଡି ଆଇବି ପାର୍ଶ୍ୱରେ ଥିବା ଡ୍ରେନ ଏହାର ଉଦାହରଣ। ତେଣୁ ବିଭାଗୀୟ ଅଧିକାରୀ ବର୍ଷା ପୂର୍ବରୁ ଏହି ସବୁ ଡ୍ରେନ ମରାମତି ସହିତ ଅଧା ଛାଡି ଦେଇଥିବା ଡ୍ରେନକୁ ମରାମତି କରିବା ପାଇଁ ଦାବି ହେଉଛି।

# ସରାପାଲି କେଜିବିଭି ସମସ୍ୟା ସମାଧାନ ପାଇଁ ଦାବି

**ନାକଟିଦେଉଳ, ୯ ।୫(ସମିସ)**

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ସରାପାଲିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ, ସ୍କୁଲ ପରିଚାଳନା କମିଟି, ଗ୍ରାମବାସୀ ଉପସ୍ଥିତ ହୋଇ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଦୃଢ ପ୍ରତିବାଦ ଜଣାଇଛନ୍ତି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ବଦନାମ କରିବାକୁ କିଛି କୁଚକ୍ରୀ ଚେଷ୍ଟିତ ଅଛନ୍ତି ଏବଂ କିଛି ବ୍ୟକ୍ତି ଛାତ୍ରୀ ନିବାସର ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ଟେଣ୍ଡର ନ ପାଇବାରୁ ସ୍କୁଲକୁ ବଦନାମ କରୁଛନ୍ତି। ହଷ୍ଟେଲରୁ ଛୁଟୀ ନେଇ ଘରକୁ ଯାଇଥିବା



କିଛି ଛାତ୍ରୀଙ୍କୁ ପ୍ରଲୋଭନ ଓ ପ୍ରବର୍ତ୍ତାଇ ତାଙ୍କ ଆକ୍ରୋଶ ମୂଳକ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ବାରମ୍ବାର ମିଥ୍ୟା ଅଭିଯୋଗ କରି ସ୍କୁଲକୁ ବଦନାମ କରାଯାଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଗ୍ରାମବାସୀ, ଅଭିଭାବକ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ସୂଚନା ମୁତବକ ସ୍କୁଲରେ ପରିଚାଳନା କମିଟି, ଅଭିଭାବକ, କର୍ମଚାରୀ ଓ ଛାତ୍ରୀମାନଙ୍କ ଉପସ୍ଥିତିରେ ଯାହା କିଛି ସମସ୍ୟା ଥିଲାସବୁ ସମସ୍ୟାର ସମାଧାନ ହୋଇ ସାରିଛି ତେବେ ତେବେ ତିନି ଚାରି ଜଣ ଛାତ୍ରୀ ଛୁଟିରେ ଘରେ ଥିବାବେଳେ ସମସ୍ୟା ବାବଦରେ କେମିତି ଜାଣିଲେ ବୋଲି କହିଛନ୍ତି। କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟରେ ବର୍ତ୍ତମାନ ୧୦୦ଶଯ୍ୟା ବିଶିଷ୍ଠ ହୋଷ୍ଟେଲରେ ୨୦୦ଜଣ ଛାତ୍ରୀ ରହୁଛନ୍ତି। ସରକାର ୨୦୦ ଶଯ୍ୟା ବିଶିଷ୍ଠ ହଷ୍ଟେଲ ଯୋଗାଇ ଦେଲେ, ଛାତ୍ରୀମାନେ ସୁବିଧାରେ ରହିପାରିବେ ବୋଲି ଜଣାଇଛନ୍ତି। ଏ ନେଇ ଅଭିଭାବକ, ଗ୍ରାମବାସୀ ଜିଲ୍ଲା ଶିକ୍ଷା ଅଧିକାରୀ, ବିଡ଼ିଓ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପଠାଇଥିବା ଜଣା ପଡ଼ିଛି।

## ପଦ୍ମପୁର ଅଞ୍ଚଳରେ ମଦ ବନ୍ୟା

# ଅବକାରୀ ବିଭାଗ ନିଦାବିଷ୍ଟ

**ପଦ୍ମପୁର, ୯ ।୫(ସମିସ):** ପଦ୍ମପୁର ଉପଖଣ୍ଡରେ ଏବେ ଅବାଧ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। କେତେକ କୁଚିଆ ବେପାରୀ ଏହି କାରବାର ଚଳାଇଛନ୍ତି। ବିଭିନ୍ନ ଢାବାରେ ଖୁଲମଖୁଲା ମଦ ବିକ୍ରି ହେଉଛି। ଏହା ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ନିଶାସକ୍ତ ବ୍ୟକ୍ତି ରାସ୍ତାଘାଟରେ ଉତ୍ପାତ ସୃଷ୍ଟି କରୁଛନ୍ତି। ଏଭଳି ପରିସ୍ଥିତି ସତ୍ତ୍ୱେ ଅବକାରୀ ବିଭାଗ ଏବଂ ସ୍ଥାନୀୟ ପୁଲିସ ପକ୍ଷରୁ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉନି। ବିଭାଗୀୟ ଅଧିକାରୀ ଏହି ଅବୈଧ କାରବାର ବିଷୟରେ ଜାଣିଥିଲେ ମଧ୍ୟ ନିରବ। ଏଭଳି କାରବାରକୁ ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୀଘ୍ର ଅବୈଧ ମଦ କାବରାର ବନ୍ଦ କରିବାକୁ ଦାବି କରିଛନ୍ତି।

# ସମ୍ବଲପୁରରେ ମହାରାଷ୍ଟ୍ର ପୁଲିସ ଟିମ

**ସମ୍ବଲପୁର, ୯।୫ (ସମିସ) :** ସମ୍ବଲପୁରର କାଳିବାଡ଼ି ଅଞ୍ଚଳରେ ମହାରାଷ୍ଟ୍ରର ନାଗପୁରରୁ ଆସିଥିବା ପୋଲିସର ଏକ ସ୍ୱତନ୍ତ୍ର ନାର୍କୋଟିକ୍ସ ଟିମ୍ ଚଢ଼ାଉ କରି ଜଣେ ଯୁବକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଧନୁପାଲି ଛକ ନିକଟରେ ଏକ ଜିମରୁ ବାହାରୁଥିବା ସମୟରେ ଆଜି ସନ୍ଧ୍ୟାରେ ଯୁବକଙ୍କୁ ଶନିବାର ଆସିଥିବା ପୋଲିସର ତିନିଜଣିଆ ସ୍ୱତନ୍ତ୍ର ନାର୍କୋଟିକ୍ସ ଟିମ ଅତର୍କିତ ଭାବେ ମାଡ଼ି ବସିଥିଲେ। କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଚାଲିଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଧନୁପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଜଣାପଡିଛି। ପ୍ରାୟ ୬ ମାସ ତଳେ ଉକ୍ତ ଯୁବକ ଜଣକ ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ଗଞ୍ଜେଇ କାରବାରରେ ତାଙ୍କ ସଂପୃକ୍ତି ଥିବା ସନ୍ଦେହରେ ମହାରାଷ୍ଟ୍ର ପୁଲିସ ଏହି ଚଢ଼ଉ କରିଥିବା ଚର୍ଚ୍ଚା ହେଉଛି।

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ରେଢ଼ାଖୋଲ, ୯ ।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ଦିନ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜିତ କୁମାର ଭୋଇଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୮ ଟି ବିଦ୍ୟାଳୟ ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏବଂ ୯ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସାମାଜିକ ସମୀକ୍ଷକ ଯୋଗ ଦେଇଥିଲେ। ଶିବିରରେ ୨୦୨୩-୨୪ ଓ ୨୦୨୪-୨୫ ରେ ହେଇଥିବା ସାମାଜିକ ସମୀକ୍ଷାର ଜନ ଶୁଣାଣି ହୋଇଥିଲା। ସାମାଜିକ ସମୀକ୍ଷା ର ତଥ୍ୟ ଗୁଡିକ ଭରତାପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମନୋରଞ୍ଜନ ପାଣିଗ୍ରାହୀ ଓ ବଡ଼ମାଳ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଟଙ୍କଧର ବେହେରା ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଗୁଣାକକ ଶିକ୍ଷାର ଅଭିବୃଦ୍ଧି ପାଇଁ ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କୁ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ବରିହା, ଗୋଷ୍ଠୀ ଶିକ୍ଷା ଅଧିକାର ରଞ୍ଜିତ କୁମାର ଭୋଇ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖନ୍ଦାଡ଼ିପର ପରିଚାଳନା କମିଟିର ସଭାପତି ମହାବୀର ସିଂହ ଦେଓ ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ମୋଚିବାହାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଜେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ 'ତ୍ରିଭୁଜର ତିନୋଟି ବାହୁ' ଓ 'ଉଡ଼ିଆସି ଡାଳେ ବସି' ସମୀକ୍ଷା

**ସମ୍ବଲପୁର, ୯।୫ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଆଜି ଅପରାହ୍ଣରେ ଅଗ୍ରଣୀ ଅନୁଷ୍ଠାନ 'ସେତୁ' ପକ୍ଷରୁ ପୁସ୍ତକ ସମୀକ୍ଷା ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ 'ସେତୁ'ର ଯୁଗ୍ମ ସମ୍ପାଦକ ତଥା ସାହିତ୍ୟିକ ସରୋଜ କୁମାର ମିଶ୍ରଙ୍କ ଦୁଇଟି ପୁସ୍ତକ 'ତ୍ରିଭୁଜର ତିନୋଟି ବାହୁ' ଏବଂ 'ଉଡ଼ିଆସି ଡାଳେ ବସି' ଉପରେ ଆଲୋଚନା କରାଯାଇଥିଲା। 'ସେତୁ' ସଭାପତି ଡଃ ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ



ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗ ଦେଇଥିଲେ। ସମୀକ୍ଷକ ଭାବରେ ଯୋଗଦେଇ ଡଃ ସଂଘମିତ୍ରା ମିଶ୍ର 'ତ୍ରିଭୁଜର ତିନୋଟି ବାହୁ' ଉପରେ କହିଥିଲେ ଯେ, ସମାଜକୁ ସଚେତନ କରିବା ଲେଖକର ଏକ କର୍ତ୍ତବ୍ୟ। ନାରୀ ନିର୍ଯାତନାଠାରୁ ଆରମ୍ଭ କରି ବିସ୍ଥାପନ, ପିତାପୁତ୍ର ସମ୍ପର୍କ, ପିତାର ଅନ୍ତଃବେଦନା, ଦରିଦ୍ରର ଜୀବନ ସଂଘର୍ଷ, ମାନବୈତର ଚରିତ୍ର ଆଦି ବିବିଧ ଭାବର ଗଳ୍ପ ଏଥିରେ ସଙ୍କଳିତ ହୋଇଥିବା ସେ କହିଥିଲେ। ଅନୁରୂପ ଭାବରେ 'ଉଡ଼ିଆସି ଡାଳେ ବସି' ପୁସ୍ତକକୁ ସମୀକ୍ଷା କରି ଡଃ ସଙ୍ଗୀତା ନାୟକ କହିଥିଲେ ଯେ, ଯେଉଁ ସାହିତ୍ୟ ଜୀବନ ସହ ସମ୍ପର୍କୀତ ନୁହେଁ ସେହି ସାହିତ୍ୟ ଜୀବନ୍ତ ନୁହେଁ, ଏହି ଉପନ୍ୟାସରେ ମାନବ ଜୀବନର ଅତି ଘନିଷ୍ଟ ଅନୁଭୂତିକୁ ରୂପ ଦିଆଯାଇଛି। ଏଠାରେ ପକ୍ଷୀ ହେଉଛି ଜୀବନର ପ୍ରତୀକ। ଏହି ଉପନ୍ୟାସକୁ ସେ ଏକ ଦାର୍ଶନିକ ଉପନ୍ୟାସ ବୋଲି ଅବିହିତ କରିଥିଲେ। ଲେଖକ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ହୀରାକୁଦ ବିସ୍ଥାପନର ପ୍ରଭାବରେ ତାଙ୍କ ପରିବାର ମଧ ପ୍ରଭାବିତ ହୋଇଥିଲା, ଏହି ଅନୁଭବର ପ୍ରେରଣା ନେଇ 'ଉଡ଼ି ଆସି ଡାଳେ ବସି' ପୁସ୍ତକର ସୃଷ୍ଟି। 'ତ୍ରିଭୁଜର ତିନୋଟି ବାହୁ'ରେ ସଂକଳିତ ଗଳ୍ପ ଗୁଡ଼ିକ ମଧ ବିବିଧ ଜୀବନାନୁଭୂତି ଉପରେ ଆଧାରିତ ବୋଲି ସେ କହିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡଃ ନିମାଇଁ ଚରଣ ପଣ୍ଡା ଓ ଡାକ୍ତର ରମାବଲ୍ଲଭ ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁଗ୍ମ ସମ୍ପାଦକ ଡଃ ସ୍ୱୟଂପ୍ରକାଶ ପଣ୍ଡା ସଭାକାର୍ଯ୍ୟ ସଂଯୋଜନା କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ କାର୍ଯ୍ୟକାରିଣୀ ସଦସ୍ୟ ଡଃ ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ରବିନାରାୟଣ ପ୍ରଧାନ, ସୋନାଲିକା ମିଶ୍ର, ସୁବ୍ରତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାଭିମାନ ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା



**ରେଢାଖୋଲ, ୯ ।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ଭୀମଭୋଇ ଛକରେ ସନ୍ଥ କବି ଭୀମଭୋଇ କୃଷକ ସଂଘ ପକ୍ଷରୁ ନବ ନିର୍ମାଣ କୃଷକ ସଂଗଠନର ସ୍ୱାଭିମାନ ଯାତ୍ରାକୁ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।ରେଢାଖୋଲ ଭୀମଭୋଇଛକ ସ୍ଥିତ ସନ୍ଥକବି ଭୀମଭୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଯାତ୍ରାରେ ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ନବ ନିର୍ମାଣ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ, ନବ ନିର୍ମାଣ କୃଷକ ସଂଘ ଗଜପତି ଜିଲ୍ଲାର ପ୍ରଭାରି ଯୁବଛାତ୍ର ସଂଗଠନର ରଣଜିତ ପଟ୍ଟନାୟକ ଏବଂ ଅନ୍ୟ ସାଥିଗଣ ଯାତ୍ରାରେ ସାମିଲ ହୋଇ ଯାତ୍ରା ବାହାରିଛନ୍ତି। ଯାତ୍ରାର ମୁଖ୍ୟ ୨୧ ଟି ଦଫା ଦାବି ମୁଖ୍ୟତଃ ଧାନ ଅଭାବି ବିକ୍ରି, ୬୦ ବର୍ଷର ସମସ୍ତ ଚାଷୀଙ୍କୁ ୩ହାଜର ଟଙ୍କା ଭତ୍ତା ୨୦ବର୍ଷରୁ ଅଧିକ ଯୁବଚାଷୀଙ୍କୁ ମାସିକ ୧୦ହଜାର ଟଙ୍କା ସୁରକ୍ଷା ଭତ୍ତା, ସମସ୍ତ ବ୍ଲକଙ୍କରେ ଶୀତଳ ଭଣ୍ଡାର, ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ ସହାୟତା ଗ୍ୟାରେଣ୍ଟି, ସମସ୍ତ ଚାଷ ଜମିକୁ ଜଳସେଚନ କରିବା, ସମସ୍ତ ଧାନ ମଣ୍ଡିରେ ସୁବ୍ୟବସ୍ଥା, ଧାନ ମଣ୍ଡିରେ କଟନୀ ଛଟନୀ ବନ୍ଦ ଆଦି ୨୧ଟି ଦଫା ଦାବି ନେଇ ଯାତ୍ରା ଆରମ୍ଭ ହୋଇଛି। ଯାତ୍ରାକୁ ରେଢାଖୋଲ ସନ୍ଥ କବି ଭୀମଭୋଇ କୃଷକ ସଂଘର ଉପଖଣ୍ଡର ପୂର୍ବ ଉପସଭାପତି ମହେଶ ପ୍ରଧାନ ଓ ସନ୍ଥକବି ଭୀମଭୋଇ କୃଷକ ସଂଘ ସମ୍ପାଦକ ଅଜୟ କୁମାର ସାହୁ ସ୍ୱାଗତ କରିଥିଲେ।

# 'ବିଶ୍ୱ ଥାଲାସେମିଆ ଦିବସ'

**ସମ୍ବଲପୁର, ୯।୫ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷରେ ପଶ୍ଚିମ ଓଡ଼ିଶା ଥାଲାସେମିଆ ଏବଂ ସିକିଲସେଲ୍‌ଫ ସୋସାଇଟି ତରଫରୁ ସମାଜସେବୀ ରାମଦାସ ପଣ୍ଡାଙ୍କ ନେତୃତ୍ୱରେ ଆଜି ପୂର୍ବାହ୍ଣରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଡିନ ଏବଂ ଅଧକ୍ଷ ଭିମସାର ଡା. ପ୍ରଦୀପ ମହାନ୍ତି ମୁଖ୍ୟବକ୍ତା ଏବଂ ଟ୍ରାନ୍ସଫ୍ୟୁଜନ ମେଡିସିନର ଡା. ସଙ୍ଗୀତା ସାମଦ ଓ ବିଶିଷ୍ଟ ସମାଜସେବୀ ସୁଧୀର ପୂଜାରୀ ସମ୍ମାନିତ ଅତିଥି ଥିଲେ। ଥାଲାସେମିଆ ରୋଗୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ପ୍ରତ୍ୟୁଷ ସେଠ ବିଶଦ ଭାବେ ଉପସ୍ଥାପନ କରିଥିଲେ।

ଓଡ଼ିଶାରେ ଆବଶ୍ୟକ ହେଉଥିବା ସମୁଦାୟ ରକ୍ତରୁ କେବଳ ଥାଲାସେମିଆ ରୋଗୀମାନେ ୧୫ ରୁ ୨୦% ରକ୍ତ ନେଇଥାନ୍ତି। ପ୍ରତ୍ୟେକ ମାସ ୨ ଟାରୁ ୫ ଟା ପର୍ଯ୍ୟନ୍ତ ରୋଗୀଙ୍କୁ ରକ୍ତ ଆବଶ୍ୟକ ହୋଇଥାଏ। ସମ୍ବଲପୁରରେ ଏମିତି କିଛି ରୋଗୀ ଅଛନ୍ତି ଯାହାଙ୍କୁ ୧୦୦୦ ୟୁନିଟ୍‌ରୁ ଅଧିକ ରକ୍ତ ଲାଗିସାରିଛି, ତେଣୁ ଏହି ରୋଗ ବିଷୟରେ ସଚେତନ ନିହାତି ଆବଶ୍ୟକ। ଆଗାମୀ ଦିନରେ କିପରି ଥାଲାସେମିଆ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇପାରିବ ଏବଂ ଥାଲାସେମିଆ ରୋଗୀ କିପରି ସୁରୁଖୁରୁରେ ରକ୍ତ ପାଇପାରିବେ ସେନେଇ ରାମଦାସ ପଣ୍ଡା ଆଲୋକପାତ କରିଥିଲେ। ଡ. ପ୍ରଦୀପ ମହାନ୍ତି ରୋଗର କାରଣ ଏବଂ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଥାଲାସେମିଆ ରୋଗୀମାନଙ୍କୁ ବିଶେଷ ସହଯୋଗ କରୁଥିବା ବୁର୍ଲା ରକ୍ତଭଣ୍ଡାରର ଦେବାଶିଷ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସୁବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆନନ୍ଦ ଅଜାଡ଼ିୱାଲ, ଅବିନାଶ ମିଶ୍ର, ମଧୁ ଛତ୍ରିଆ, ଅରୁଣ ଅଜାଡ଼ିୱାଲ, ମଧୁସ୍ମିତା ଦାସ, ଟିଙ୍କୁ ପାତ୍ର, ରାଜେନ୍ଦ୍ର ସତନାମୀ ପ୍ରମୁଖ ସହଯୋଗ କରିଥିଲେ।

# ସମସ୍ୟା ଘେରରେ ଅନେକ ରାଜସ୍ୱ କାର୍ଯ୍ୟାଳୟ

**ବିଜେପୁର, ୯ ।୫(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଅନେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକ ସମସ୍ୟା ମଧ୍ୟରେ ଗତି କରୁଛି। କେଉଁଠି ପାଣି ନାହିଁ ତ କେଉଁଠି ବିଦ୍ୟୁତ୍ ସମସ୍ୟା। ପୁଣି କେଉଁଠାରେ ସ୍ଥାୟୀ କାର୍ଯ୍ୟାଳୟ ନାହିଁ। ପୁଣି କେଉଁଠାରେ ଆବଶ୍ୟକ ମୁତାବକ କର୍ମଚାରୀ ନାହାନ୍ତି। ବିଜେପୁର, ଲାଉମୁଣ୍ଡା, ବଡ ବ୍ରାହ୍ମଣୀ, ତାଳପଦର, ବୁଢ଼ାପାଲି, ପଡ଼ା, ଟି. ଗଣ୍ଡପାଲି ଆଦି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏଭଳି ଅଭାବ ଭିତରେ ଚାଲିଛି। ସାଧାରଣତଃ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜଣେ ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ, ପିଅନ ଆଦି ରହିବା କଥା; ମାତ୍ର କାର୍ଯର୍ୟାଳୟଗୁଡିକରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନ ଥିବାରୁ କାମ କରିବାରେ ବାଧକ ସୃଷ୍ଟି ହେଉଛି। କେତେକ ସ୍ଥାନରେ କର୍ମଚାରୀ ବାହାରକୁ ଡ୍ୟୁଟି ଯିବା ବେଳେ କାର୍ଯର୍ୟାଳୟ ବନ୍ଦ ରହୁଛି। ଅଫିସ ବନ୍ଦ ଥିବାରୁ ଲୋକେ ଫେରିଆସୁଥିବା ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷେ ବିଜେପୁର ଓ ବଡ ବ୍ରାହ୍ମଣୀଠାରେ ନୂତନ କୋଠାଘର କାମ ଚାଲିଛି; ହେଲେ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଟି. ଗଣ୍ଡପାଲିରେ ନୂତନ କୋଠାଘର ନିର୍ମାଣ ହେବାର ୨ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ଏ ନେଇ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କୁ ପଚରାଯିବାରୁ ଟି. ଗଣ୍ଡପାଲିରେ ବିଦ୍ୟୁତ୍ ସମସ୍ୟା ରହିଛି। ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

# ପ୍ରସନ୍ନ ଦାଶ ଶିକ୍ଷକଙ୍କ ପାଇଁ ପ୍ରେରଣା ଥିଲେ

**ବରଗଡ଼, ୯ ।୫(ସମିସ):** ରାଣା ପ୍ରତାପ ସ୍କୁଲରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ପ୍ରସନ୍ନ ଦାଶଙ୍କ ଜୟନ୍ତୀ ପାଳିତ ହୋଇଛି। ସେ ଶିକ୍ଷକ ସମାଜର ଗର୍ବ ଓ ଗୌରବ ତଥା ଶିକ୍ଷକ ସମାଜ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ଥିଲେ ବୋଲି ଏହି ଜୟନ୍ତୀ ସଭାରେ ମତ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ସୁଦୀପ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଶିକ୍ଷକ ସୁଧାଂଶୁ ଶେଖର ସାହୁ, ପୂର୍ବତନ ଛାତ୍ର କପିଳେଶ୍ୱର ବାଗ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ସ୍ୱର୍ଗତ ଦାଶଙ୍କ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପ୍ରତି ରହିଥିବା ଆନୁଗତ୍ୟ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱ ବୋଧ ଶିକ୍ଷକ ସମାଜ ପାଇଁ ଅନୁକରଣୀୟ ବୋଲି ଉଲ୍ଲେଖ କରିଥିଲେ। ତାଙ୍କ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତ ଦାଶ ଏହି ବିଦ୍ୟାଳୟକୁ କିପରି ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରି ପାରିଥିଲେ ତାହା ପ୍ରକାଶ କରିଥିଲେ। ଏହି



ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷକ ଡାକ୍ତର ଭୋଇ, ମୀନା ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ତାଙ୍କ ଗୁଣ ଗାନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଲାଇବ୍ରେରୀ ସ୍ଥାପନ ପାଇଁ ବିଡିଓଙ୍କୁ ଦାବିପତ୍ର

**ଝାରବନ୍ଧ, ୯ । ୫(ସମିସ):** ଝାରବନ୍ଧ ବ୍ଲକରେ ଏକ ଲାଇବ୍ରେରୀ ସ୍ଥାପନ କରିବାକୁ ଦାବି



ଜୋର ଧରିଛି। ଏନେଇ ଅଞ୍ଚଳର କିଛି ଯୁବକ ଓ ସଚେତନ ନାଗରିକଙ୍କ ପକ୍ଷରୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଝାରବନ୍ଧ ଅଞ୍ଚଳରେ ଛାତ୍ରଛାତ୍ରୀ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଯୁବପିଢ଼ିଙ୍କ ପାଇଁ ଏକ ସୁସଜ୍ଜିତ ଲାଇବ୍ରେରୀର ଅତ୍ୟନ୍ତ ଆବଶ୍ୟକତା ରହିଛି। ଏହି ଲାଇବ୍ରେରୀ ସ୍ଥାପିତ ହେଲେ ଶିକ୍ଷା, ଜ୍ଞାନ ଅର୍ଜନ ଓ ସାମାଜିକ ସଚେତନତା କ୍ଷେତ୍ରରେ ବ୍ୟାପକ ସୁଫଳ ମିଳିବ ବୋଲି ଦାବିପତ୍ରରେ କୁହାଯାଇଛି। ଲକ୍ଷ୍ମୀକାନ୍ତ ମହାପାତ୍ର, ରାଜ୍ ପ୍ରଧାନ, ହେମନ୍ତ ପ୍ରଧାନ, ନିକେଶ ପ୍ରଧାନ, ସୁଶୀଲ ସାହୁ, ଅଜୟ ସାହୁ, ନିମେଶ ପ୍ରଧାନ, ଜୋସେଫ ମେହେର ଓ ଜିତେଶ ପ୍ରଧାନ ବିଡିଓଙ୍କୁ ଭେଟିଥିଲେ।

# ଜଳୁଛି ବର୍ଜ୍ୟବସ୍ତୁ, ବଢୁଛି ପ୍ରଦୂଷଣ

**ପଦ୍ମପୁର, ୯ ।୫ (ସମିସ):** ପଦ୍ମପୁର ଗାଇସିଲେଟ ରାସ୍ତାର ସ୍ୱର୍ଗଦ୍ୱାର ପାଖରେ ଡମ୍ପିୟାର୍ଡ ଜଳୁଛି। ସହରବାସୀଙ୍କୁ ସୁସ୍ଥ ପରିବେଶ ଯୋଗାଇ ଦେବାକୁ ଏନଏସି ପକ୍ଷରୁ ଅଳିଆ ଆବର୍ଜନା ସଂଗ୍ରହ କରି ଏଠାରେ ପକାଯାଉଛି; ମାତ୍ର ଏହି ଡମ୍ପିୟାର୍ଡ ଏବେ ପଥଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତାର ବିଷୟ ପାଲଟିଛି। ଏହି ଆବର୍ଜନା ନଷ୍ଟ କରିବା ପାଇଁ ଏଠାରେ ନିଆଁ ଲଗାଇ ଦିଆଯାଉଛି। ଦିନରାତି ବର୍ଜ୍ୟବସ୍ତୁ ସହ ପ୍ଲାଷ୍ଟିକ, ପଲିଥିନ ଜଳୁ ଥିବାରୁ ଧୂଆଁରେ ବାୟୁମଣ୍ଡଳ ଦୂଷିତ ହେଉଛି। ଏହି ନିଆଁ ରଜାପଡ଼ା ନାଳା ପର୍ଯ୍ୟନ୍ତ ବ୍ୟାପୁଥିବାରୁ ସେଠାରେ ରହୁଥିବା ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଭୀମଭୋଇ କଲେଜରେ ବିଶ୍ୱ ରେଡ୍‌କ୍ରସ ଦିବସ




**ରେଢ଼ାଖୋଲ, ୯ ।୫ (ସମିସ):** ସ୍ଥାନୀୟ ଭୀମ ଭୋଇ ମହାବିଦ୍ୟାଳୟରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ମହନ୍ତ ଅଧ୍ୟକ୍ଷତା କରିଥିଲେ। କଲେଜର ଯୁବ ରେଡକ୍ରସ ଉପଦେଷ୍ଟା ଅଞ୍ଜନ ମିଶ୍ର ରେଡକ୍ରସର ପ୍ରତିଷ୍ଠାତା ହେନରି ଡୁନାଣ୍ଟଙ୍କ ଜୀବନୀ ଏବଂ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ସେ ରେଡକ୍ରସର ଇତିହାସ, ମୌଳିକ ନୀତି, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନିଶା ଶାସନୀ, ତୃପ୍ତିମୟୀ ଶାସନୀ, ଶିବାନୀ ପ୍ରଧାନ, ଗାୟତ୍ରୀ ସାହୁ ଓ ଇପଲିସା ପୁରୋହିତ ପ୍ରମୁଖ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ସମେତ ଅନ୍ୟାନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ରାଜେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ରନାଥ ଜୟନ୍ତୀ









## କଲମ ପରିବାର ଟ୍ରଷ୍ଟ

**ସମ୍ବଲପୁର, ୯।୫ (ସମିସ) :** କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନଙ୍କ ଅଧ୍ୟକ୍ଷତାରେ ଶନିବାର ପୂର୍ବାହ୍ଣରେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ କବି ଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, କବିତା ରଚନା ପାଇଁ ଜଟିଳ ଶବ୍ଦ ନୁହେଁ ଭାବର ଗାମ୍ଭୀର୍ଯ୍ୟତା ଅତ୍ୟନ୍ତ ଜରୁରୀ। ଉଦାର, ସ୍ୱାର୍ଥ ତ୍ୟାଗ, ମୁକ୍ତ ବିଚାର ଓ ସରଳତା ଏହାର ଅଳଙ୍କାର ଅଟେ। ଅନୁଭବ ଓ ସଚେତନତା ହିଁ ଶ୍ରେଷ୍ଠ ରଚନା ସୃଷ୍ଟିରେ ସହାୟକ ହୋଇଥାଏ। ପୃଥିବୀର ସମସ୍ତ ଭାଷା, ଲେଖକ ଓ କବିଙ୍କୁ ପଢ଼ିବା ପରେ ହିଁ ଆମ ଜ୍ଞାନର ବିସ୍ତାର ହୋଇଥାଏ। ବିଶ୍ୱର ଉନ୍ନତି ଓ ଶାନ୍ତି ପାଇଁ କବି ହିଁ ମନ୍ତ୍ର ଉଚ୍ଚାରଣ କରିପାରେ। ଅନୁଷ୍ଠାନର ଉପସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରମୁଖ କବି ଗୁରୁ ରବୀନ୍ଦ୍ରନାଥଙ୍କ ସ୍ମୃତିଚାରଣ କରିଥିଲେ। ପରେ ଡଃ ଅନୁପମା ବିଶ୍ୱାଳଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠାନର ପରାମର୍ଶଦାତା ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରବୀନ୍ଦ୍ର ଅନୁରାଗୀ ସମାଜ

**ସମ୍ବଲପୁର:** ସ୍ଥାନୀୟ ରବୀନ୍ଦ୍ର ଅନୁରାଗୀ ସମାଜ ଆନୁକୂଲ୍ୟରେ କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ୧୬୬ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସମାରୋହକୁ ବରିଷ୍ଠ ସଦସ୍ୟ ତରୁଣକାନ୍ତି ଦେ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସମାଜସେବୀ ଓ କବି ମୁକ୍ତକଣ୍ଠ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦାନ କରି କବିଗୁରୁଙ୍କ କାବ୍ୟସାଧନାର ସାରମର୍ମ ଓ ସାମ୍ପ୍ରତିକ ବିଶ୍ୱ ପରିବେଶରେ ତାଙ୍କ କବିତାରେ ଅନ୍ତର୍ନିହିତ ଆହ୍ୱାନର ପ୍ରାସଙ୍ଗିକତା ବିଷୟରେ ଉପସ୍ଥାପନ କରିଥିଲେ। ବିଶ୍ୱବ୍ୟାପୀ ହିଂସା, ଦ୍ୱେଷ, ଆତଙ୍କ ଓ ଯୁଦ୍ଧର ବିଭୀଷିକା ସମୟରେ କବିର କବିତା ହିଁ ମନୁଷ୍ୟ ହୃଦୟରେ ଆଶାର ଆଲୋକ ସଞ୍ଚାର କରିପାରିବ ବୋଲି ତାଙ୍କର କେତେକ କବିତା ଶ୍ରୀ ପ୍ରଧାନ ଆବୃତ୍ତି କରିଥିଲେ। ସଦସ୍ୟମାନେ କବିଗୁରୁଙ୍କ ଅନେକ କବିତା ଆବୃତ୍ତି କରିବା ସଙ୍ଗେ ସଙ୍ଗେ ନୃତ୍ୟରୂପ ମଧ ପରିବେଷଣ କରିଥିଲେ। କେ.ପି ସିହ୍ନା, ସୁବୀର ସେନଗୁପ୍ତା, ମଞ୍ଜୁଷା ସାହା, ସରସ୍ୱତୀ ସାହା ଆବୃତ୍ତି କରିଥିଲେ। ମାହିରା ପଟ୍ଟନାୟକ, ସାଇ ସମୀକ୍ଷା ରାଉତ, ଶିବାନୀ ଦାସ, ଅନ୍ୱେଷା ଜେନା ନୃତ୍ୟ ପରିବେଷଣ କରିଥିଲେ। ଗୋପା ସେନଗୁପ୍ତ, ସାଥୀ ସିହ୍ନା, ମଞ୍ଜୁଷା ସାହା, ସ୍ନେହା ଦେବନାଥ, ସ୍ୱପ୍ନା ରକ୍ଷିତ, ମଧୁମିତା ଧର, ବୀନା ଦାସ ସମବେତ କଣ୍ଠସଙ୍ଗୀତ ପରିବେଷଣ କରି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସୁବୀର ସେନଗୁପ୍ତା, କେପି ସିହ୍ନା, ସରସ୍ୱତୀ ସାହା ଓ ଅଶୋକ ହୋତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାଳିବାଡ଼ି, ସମ୍ବଲପୁର

**ସମ୍ବଲପୁର:** ଆଜି ସନ୍ଧ୍ୟାରେ ସମ୍ବଲପୁରର କାଳିବାଡ଼ିଠାରେ କବିଗୁରୁ ରବୀନ୍ଦ୍ରନାଥଙ୍କ ଜନ୍ମତିଥି ପାଳିତ ହୋଇଯାଇଛି। କାଳିବାଡ଼ି ଟ୍ରଷ୍ଟ କମିଟିର ସମ୍ପାଦକ ଅରୁଣ ମୁଖାର୍ଜୀ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ସୁମିତା କର, ଶୁଭଶ୍ରୀ ରାୟ, ପିଙ୍କି ରାୟ, ରତନ ଧର, ଉପଳ ମଜୁମଦାର, ଜୟବ୍ରତ ଦେ, ଇନ୍ଦ୍ରଜିତ ଚାନ୍ଦ, ସମ୍ରାଟ ଦେ, ନିଖିଳ ଦତ୍ତ, ଦେବାଶିଷ ଦାସ, ସୁଦିପ୍ତ ମୁଖାର୍ଜୀ, ନିମାଇ ରାୟ, ଶଙ୍କର ଭଞ୍ଜ, ରୋହିତ ରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟ କମିଟି ସଦସ୍ୟ ସୁଭାଶିଷ ସରକାର ପରିଚାଳନା କରିଥିଲେ।

# ଭଦାଳୋ ଗ୍ରାମରେ ଚନ୍ଦନ ଯାତ୍ରା



ଗରଦପୁର, ୯।୫(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରାପଡ଼ା ଜିଲ୍ଲାର ଭଦାଳୋ ଗ୍ରାମରେ ଶ୍ରଦ୍ଧା ଓ ଭକ୍ତିର ସହ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଥମେ ଶ୍ରୀଶ୍ରୀ ନବୀନ କିଶୋରଙ୍କ ନିକଟରେ ତର୍ପଣ, ଭୋଗ, ଆଳତୀ ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ପରେ ଠାକୁରଙ୍କ ଚଳନ୍ତି ପ୍ରତୀମାକୁ ବିରାଟ ଶୋଭାଯାତ୍ରାରେ ନେଇ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଖୋଳ, ଝାଞ୍ଜ, କରତାଳ, ଢୋଲ ଓ ହରିନାମ ସଂକୀର୍ତ୍ତନର ତାଳେ ତାଳେ ଭକ୍ତମାନେ ଉତ୍ସାହର ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ଚିତ୍ରୋତ୍ପଳା ନଦୀ ମଧ୍ୟରେ ପହଞ୍ଚିବା ପରେ ଠାକୁରଙ୍କ ଚନ୍ଦନ ଖେଳ ନୀତି ସମ୍ପନ୍ନ ହୋଇଥିଲା । ପରେ ଭକ୍ତଙ୍କ ହରିବୋଲ ଧ୍ୱନି ମଧ୍ୟରେ ଠାକୁରଙ୍କୁ ପୁନର୍ବାର ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । ପୂର୍ଣ୍ଣଚନ୍ଦ୍ର ଜେନା, ବ୍ରଜମୋହନ ଦାଶ, ପ୍ରଦୀପ ଦାସ, ନୃସିଂହ ସ୍ୱାଇଁ, ଦେବ ସେଠୀ, ମନୋଜ ଜେନା ଓ ଅନୁଆ ସେଠୀଙ୍କ ସମେତ ବହୁ ଭକ୍ତ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମନ୍ଦିରରୁ ଚୋରି ଅଭିଯୋଗରେ ଜଣେ ଗିରଫ

କେନ୍ଦ୍ରାପଡ଼ା, ୯।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ଗ୍ରାମର ଏକ ମନ୍ଦିରରୁ ଚୋରି କରିବା ଅଭିଯୋଗରେ ସେହି ଗ୍ରାମର ଭ୍ରମରବର ନାୟକଙ୍କ ପୁଅ ଶୁଭାଶିଷ ନାୟକକୁ ସଦର ଥାନା ପୁଲିସ ଗିରଫ କରି ତା' ନିକଟରୁ ଚୋରି ସୁନା ଓ ରୂପାର ବିଭିନ୍ନ ଅଳଙ୍କାର ଜବତ କରିଛି । ଏହି ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି । ଶୁଭାଶିଷକୁ ସଦର ଥାନା ପୁଲିସ କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ବାରିମୂଳସ୍ଥ ଉପକାରାଗାରକୁ ପଠାଇ ଦିଆଯାଇଛି ।

## ଆର୍ ଆଣ୍ଡ ବି ବିଭାଗର ଅବହେଳା

# ବେଣୀପୁର-ଇନ୍ଦୁପୁର ବିରୂପା ନଦୀବନ୍ଧ ରାସ୍ତାର ହେଉନି ମରାମତି

ପଞ୍ଚୁପାଣ୍ଡବ, ୯।୫(ସମିସ)

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁରଠାରୁ ଇନ୍ଦୁପୁର ବିରୂପା ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତାଟି ସାଧାରଣତଃ ଦୈନିକ ଶହ ଶହ ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ଏହି ରାସ୍ତାରେ ପ୍ରାୟ ହଜାର ଜାଗାରେ ଖାଲ ରହିଥିବାବେଳେ ରାସ୍ତାରୁ ମେଣ୍ଟାଲ ଉଠି ଏଣେତେଣେ ପଡ଼ି ରହିଛି । ରାସ୍ତାର ମରାମତି ପାଇଁ ସରକାର ହେଉ କି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି । ଯାତାୟାତ କରୁଥିବା ଲୋକଙ୍କୁ ଭଗବାନ ଭରସା ବୋଲି ଅଞ୍ଚଳବାସୀ କହିଛନ୍ତି । ଆର ଆଣ୍ଡ ବି ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ରାସ୍ତାର ଏଭଳି ଅବସ୍ଥା ହୋଇଛି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ହେଉଛି ।



ବେଣୀପୁର-ଇନ୍ଦୁପୁର ରାସ୍ତାରେ ଗାଡ଼ି ଚଳାଚଳ ବେଳେ କେତେବେଳେ ଗାଡ଼ି ଚକା ଲିକ୍ ହେଉଥିବାବେଳେ କେତେବେଳେ ଗାଡ଼ି ଚାଳକ ପଡ଼ି ଆହତ ହେଉଥିବା ଅଭିଯୋଗ ହେଉଛି । ଏହି ରାସ୍ତାରେ ଗୋଟିଏ ପଟେ ୫୩ନଂ ଜାତୀୟ ରାଜପଥର ବାଲିଚନ୍ଦ୍ରପୁରପୁର, ବରୀ ବ୍ଲକ, ମହାକାଡପଡ଼ା ବ୍ଲକ, ଡେରାବିଶ ବ୍ଲକରୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଶହ ଶହ ଯାନବାହନ ଚଳାଚଳ କରୁଛି । ଏହି ରାସ୍ତାରେ ଚାରିଚକିଆ ଗାଡ଼ି ସହ କେତେକ ବସ୍ କଟକ ଓ ଭୁବନେଶ୍ୱର ଯିବା ଆସିବା କରୁଥିବାବେଳେ ସ୍କୁଲ, କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ସମାଜସେବୀ ଖଗେଶ୍ୱର ସିଂ, ଗ୍ରାମବାସୀ ଅନାଦି ବେହୁରା ଓ ପ୍ରଦୀପ କେଶରୀ ସାମଲ କହିଛନ୍ତି ଯେ, ଏ ବିଷୟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ପ୍ରତିକାର ହେଉନାହିଁ । ଏ ସମ୍ପର୍କରେ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜୟ ଦାସଙ୍କୁ ପଚାରିବାରୁ ଖୁବଶୀଘ୍ର ଏହି ରାସ୍ତାର ମରାମତି କରାଯିବ ବୋଲି କହିଛନ୍ତି ।

# ମାଟ୍ରିକ୍ ସାର୍ଟିଫିକେଟ ପାଇଁ ସ୍କୁଲକୁ ଯାଇ ଛାତ୍ର ନିଖୋଜ



ରାଜନଗର, ୯।୫(ସମିସ): ରାଜନଗର ଥାନା ଡେରା ପଞ୍ଚାୟତ ଗୋଖଣି ଗ୍ରାମର ନାବାଳକ ଦୁଇଦିନ ହେଲା ନିଖୋଜ ନେଇ ପରିବାର ପକ୍ଷରୁ ରାଜନଗର ଥାନାରେ ଅଭିଯୋଗ ହୋଇଛି । ଗୋଖଣି ଗ୍ରାମର ଗୋଲେଖ ମହାନ୍ତିଙ୍କ ବଡ଼ପୁଅ ଅନନ୍ତ କିଶୋର ମହାନ୍ତି ମାଟ୍ରିକ ସାର୍ଟିଫିକେଟ ଆଣିବା ପାଇଁ ୭ ତାରିଖ ସକାଳୁ ଘରୁ ବାହାରି ହାତିନା ସ୍କୁଲକୁ ଯାଇଥିଲେ । କିନ୍ତୁ ଦୁଇଦିନ ବିତିଯାଇଥିଲେ ବି ପୁଅ ଘରକୁ ଫେରିନାହିଁ । ସାହି ପଡ଼ିଶାଠାରୁ ବନ୍ଧୁବାନ୍ଧବ ସବୁଠି ଖୋଜି କିଛି ଖବର ନ ମିଳିବାରୁ ପୁଲିସର ସହାୟତା ନେଇଛୁ ବୋଲି ଗୋଲେଖ ମହାନ୍ତି କହିଛନ୍ତି । ଅଭିଯୋଗ ପାଇଛୁ, ଏ ନେଇ ବିଭିନ୍ନ ଜାଗାରେ ଖୋଜିବା ଜାରି ରଖିଛୁ ବୋଲି ପୁଲିସ ସୂଚନା ଦେଇଛି ।

# ଜେନାମଣି ବିଦ୍ୟାଳୟରେ ପୋଷାକ ବଣ୍ଟନ

ଡେରାବିଶ, ୯।୫(ସମିସ): ଡେରାବିଶ ଶିକ୍ଷା ସର୍କଲ ମୁକୁନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଅର୍ଦ୍ଧାମୂଳସ୍ଥ ଜେନାମଣି ପ୍ରାଥମିକ ବିଦ୍ୟାଳୟରେ ଆଜି ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିରାମ



ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସଭାପତି ପ୍ରମୋଦ ପ୍ରଧାନ ଉପସ୍ଥିତ ରହି ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଦୁଇହଳ ଲେଖାଏଁ ପୋଷାକ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ଓ ପୋଷାକ ଯୋଗାଣକାରୀ ମା' ଦୁର୍ଗା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ମିନତୀ ପରିଡ଼ା ପରିଚାଳନା କରିଥିଲେ ।

# ଜ୍ୟୋତ୍ସ୍ନାରାଣୀ ଜେନା ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ



କେନ୍ଦ୍ରାପଡ଼ା, ୯।୫(ସମିସ): କେନ୍ଦ୍ରାପଡ଼ାର ପରିଚିତ ନାରୀନେତ୍ରୀ ଡ. ଜ୍ୟୋତ୍ସ୍ନାରାଣୀ ଜେନାଙ୍କୁ ବିଜେପିର କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ସଭାନେତ୍ରୀ ଭାବେ ନିଯୁକ୍ତି ମିଳିଛି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହା ଘୋଷଣା କରିଛନ୍ତି । ଡ. ଜେନା ଦୀର୍ଘଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲାରେ ମହିଳା ସଂଗଠନ ଓ ସାମାଜିକ କାର୍ଯ୍ୟରେ ସକ୍ରିୟ ଭୂମିକା ନେଇଆସୁଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ସମୟରେ ମହିଳା ସଂଗଠନକୁ ସୁଦୃଢ଼ କରିବାରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ସେ ପୂର୍ବରୁ ଜିଲ୍ଲା ପରିଷଦ ସଭ୍ୟା ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ସାମାଜିକ ଓ ସଂଗଠନମୂଳକ ଦାୟିତ୍ୱ ତୁଲାଇଛନ୍ତି । ଡ. ଜେନା ଦଳର ଶୀର୍ଷ ନେତୃତ୍ୱ ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି, ଦଳ ତାଙ୍କ ଉପରେ ଯେଉଁ ଭରସା ରଖିଛି, ସେ ତାହାକୁ ସମ୍ମାନର ସହ ପାଳନ କରିବେ ।

# ସେବାଶ୍ରମରେ ଜନ୍ମଦିନ ପାଳିଲେ ସମାଜସେବିକା

ଗରଦପୁର, ୯।୫(ସମିସ): ପାଟକୁରା ଅଞ୍ଚଳର କିଣିଲୋ ଗ୍ରାମର ସମାଜସେବିକା ମୋହିନୀ ରାଉତ ତାଙ୍କ ଜନ୍ମଦିନ କୋରୁଆ ସେବାଶ୍ରମ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସହ ପାଳିଛନ୍ତି । ମୋହିନୀ ସେବାଶ୍ରମରେ ପହଞ୍ଚି ପିଲାଙ୍କ ସହ କେକ୍ କାଟିଥିଲେ । ଏଥିସହ ଖାଦ୍ୟ ଓ ଆବଶ୍ୟକ ଜିନିଷ ବଣ୍ଟନ କରି ପିଲାଙ୍କ ମୁହଁରେ ହସ ଫୁଟାଇଥିଲେ । କୃତୀ ପିଲାଙ୍କୁ ପୁରସ୍କୃତ କରିଥିଲେ । ମୋହିନୀ କହିଥିଲେ, ଅସହାୟ ଓ ନିରାଶ୍ରୟ ପିଲାଙ୍କ ସହ ଖୁସି ବାଣ୍ଟିବାରେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ଅନ୍ୟକୌଣସି ଆଡମ୍ବରପୂର୍ଣ୍ଣ ଉତ୍ସବରେ ମିଳି ନ ଥାଏ ।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ, ୯।୫(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପକ୍ସୋ ଆକ୍ଟ, ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ଭାରତ ସମ୍ବିଧାନରେ ଥିବା ନାଗରିକଙ୍କ ୧୧ଟି ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ଶିବିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଅତିରିକ୍ତ ଜିଲ୍ଲାଜଜ୍ ତଥା ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲ ଜଜ ଡି.କେ. ବାଲକ୍ରିଷ୍ଣନ ପକ୍ସୋ ଆକ୍ଟ, ଜୁଭିନାଇଲ ଆକ୍ଟର ଆଇନଗତ ଦିଗ ଓ ଭାରତୀୟ ସମ୍ବିଧାନରେ ନାଗରିକଙ୍କ ୧୧ଟି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସମଗ୍ର ଭାରତବର୍ଷରେ କୋମଳମତି ଶିଶୁ ନିଜ ସମ୍ପର୍କୀୟଙ୍କ ଦ୍ୱାରା ପୀଡ଼ିତ ହେଉଥିବାରୁ ଏହାର ପ୍ରତିକାର ପାଇଁ ଯଥାସମ୍ଭବ ସତର୍କତା ଓ ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ଓ ସରକାରୀ ଓକିଲ ଧୀରେନ୍ଦ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ପଟ୍ଟାମୁଣ୍ଡାଇ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଉପସଭାପତି ଗୋପୀନାଥ ତ୍ରିପାଠୀ, ଆଇନଜୀବୀ ସତ୍ୟନାରାୟଣ ନାୟକ, ରିଟେନର ଗୀତାଞ୍ଜଳି ପୃଷ୍ଟି ପୋସ୍କୋ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସମସ୍ତ ଛାତ୍ରଛାତ୍ରୀଙ୍କୁ ଜୁଭେନାଇଲ




ଜଷ୍ଟିସ ଆକ୍ଟ ବଳରେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ । ଏଥିରେ ଲିଗାଲ ଏଡ୍‌ର କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା, ଲିଗାଲ ଏଡ୍ ପିଏଲଭି ସଭ୍ୟସଭ୍ୟା, ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଗୁରୁଜୀ ଅମର କୁମାର ସେଠୀଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ତାଲୁକ ଆଇନ ସେବା ପକ୍ଷରୁ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ ।

## ସାବରମତୀ ଧର୍ମସଭାରେ ଶ୍ରୀମାଙ୍କ ଆହ୍ୱାନ

# 'ସଂସ୍କାର ଓ ସମନ୍ୱୟରେ ଗଢ଼ିଉଠୁ ସୁସ୍ଥ ଭାରତ'

କେନ୍ଦ୍ରାପଡ଼ା, ୯।୫(ସମିସ): ଆଧୁନିକତାର ଦୌଡ଼ରେ ମାନବୀୟ ମୂଲ୍ୟବୋଧ ଧୀରେ ଧୀରେ ବିଲୀନ ହେଉଥିବାବେଳେ ଆଧ୍ୟାତ୍ମିକ ଚିନ୍ତନ ମାଧ୍ୟମରେ ସମାଜକୁ ସଠିକ୍ ଦିଗଦର୍ଶନ ଦେବାକୁ ସାବରମତୀ ଧର୍ମସଭାରେ ଆହ୍ୱାନ ଦେଇଛନ୍ତି କେନ୍ଦ୍ରାପଡ଼ା ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ପରମାଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ । ଗୁଜୁରାଟର ଅହମଦାବାଦସ୍ଥ ସାବରମତୀ ଆଶ୍ରମରେ ଆୟୋଜିତ ଆଧ୍ୟାତ୍ମିକ ସମ୍ମିଳନୀରେ ଯୋଗଦେଇ ସେ ଭାରତୀୟ ସଂସ୍କୃତି, ଏକତା ଓ ମାନବତାର ବାର୍ତ୍ତା ପ୍ରଚାର କରିଥିଲେ । ଶ୍ରୀମା କହିଥିଲେ, ବସୁଧୈବ କୁଟୁମ୍ବକମର ଆଦର୍ଶ ହେଉଛି ଭାରତର ପରିଚୟ । ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଦେଖିବାର ଏହି ଚିନ୍ତାଧାରା ଭାରତୀୟ ସଂସ୍କୃତିକୁ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଯୁବପିଢ଼ିଙ୍କ ମଧ୍ୟରେ ନୈତିକତା, ସଂସ୍କାର ଓ ରାଷ୍ଟ୍ରପ୍ରେମର ଭାବନା ଜାଗୃତ ହେଲେ ଦେଶ ଆହୁରି ସୁଦୃଢ଼ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ସେ ଆହୁରି କହିଥିଲେ, ଧର୍ମର ମୂଳ ଉଦ୍ଦେଶ୍ୟ ହେଉଛି ମାନବତା, ସମନ୍ୱୟ ଓ ଶାନ୍ତିର ପ୍ରତିଷ୍ଠା । ଦେଶର ପ୍ରତ୍ୟେକ କୋଣରେ ଧର୍ମଜାଗରଣ, ସଦ୍‌ଭାବନା ଓ ଶୁଭଚିନ୍ତନର ପରିବେଶ ସୃଷ୍ଟି ହେଲେ ଭାରତ ନିଜର ଗୌରବମୟ ପରମ୍ପରାକୁ ଆହୁରି ମଜବୁତ କରିପାରିବ । ଏହି ଧର୍ମସଭାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଯୋଗଦେଇ ରାଷ୍ଟ୍ର ଗଠନରେ ଆଧ୍ୟାତ୍ମିକତାର ଭୂମିକା ଉପରେ ଆଲୋଚନା କରିଥିଲେ ।

## ଚାନ୍ଦିଆ ବଟ କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟ

# ତେଣ୍ଡାକୁଡ଼ାକୁ ହରାଇ ଭଗବାନପୁର ଚାମ୍ପିଅନ୍

ଡେରାବିଶ, ୯।୫(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନାସ୍ଥ ସାରଦା ଏକାଡେମୀ ଖେଳ ପଡ଼ିଆରେ ଗତକାଲି ରାତିରେ ଫ୍ଲଡ଼ଲାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ହୋଇଯାଇଛି । ଛକନାସ୍ଥ ଚାନ୍ଦିଆ ବଟ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ । ତେଣ୍ଡାକୁଡ଼ା ଓ ଭଗବାନପୁରର ବୁଢ଼ୀ ଜାଗୁଲାଇ ଟିମ୍ ମଧ୍ୟରେ ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା । ୮ ଓଭର ବିଶିଷ୍ଟ ଏହି ଫାଇନାଲ୍ ମ୍ୟାଚ୍‌ରେ ତେଣ୍ଡାକୁଡ଼ା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍ ହରାଇ ୪୯ ରନ୍ ସଂଗ୍ରହ କରିଥିଲା । ଜବାବରେ ବୁଢ଼ୀ ଜାଗୁଲାଇ କ୍ରିକେଟ୍ ଟିମ୍ ୬.୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିଅନ୍ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଭଗବାନପୁର ଟିମ୍‌ର ଦିବ୍ୟଜ୍ୟୋତି ପାଣି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିବାବେଳେ ତେଣ୍ଡାକୁଡ଼ାର ଚିଣ୍ଟୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡ଼ାବିତ ସୁବାସ ବେହେରା ଯୋଗଦେଇ ବୁଢ଼ୀ ଜାଗୁଲାଇ କ୍ରିକେଟ ଟିମ୍‌କୁ ଚାମ୍ପିଅନ୍ ଟ୍ରଫି ଓ ତେଣ୍ଡାକୁଡ଼ା ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଚାନ୍ଦିଆ ବଟ କ୍ରିକେଟ୍ ଟିମ୍‌ର ସଦସ୍ୟ ପରିଚାଳନା କରିଥିଲେ ।

## ● ମା' ଛୁଆଳିଆ ଶକ୍ତିପୀଠ ଛାତ କାମ ନିମ୍ନମାନର ଅଭିଯୋଗ

# ହାର୍ଡମେଟାଲ ଓ ବଜୁରି ଗୋଡିରେ ପଡୁଛି ଛାତ

ପଟ୍ଟାମୁଣ୍ଡାଇ, ୯।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରାମପୁର ପଞ୍ଚାୟତର ମା' ଛୁଆଳିଆ ଶକ୍ତିପୀଠ ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ପ୍ରସିଦ୍ଧ ଶକ୍ତିପୀଠ ଭାବେ ପରିଚିତ । ଏହି ଶକ୍ତିପୀଠର ଉନ୍ନତୀକରଣ ପାଇଁ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି । ସରକାରୀ ଅନୁଦାନରେ ମା' ଛୁଆଳିଆ



ଶକ୍ତିପୀଠର ଛାତ ପଡୁଛି । ମାତ୍ର ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ହାର୍ଡମେଟାଲ ଓ ବଜୁରି ଗୋଡିରେ ଛାତ ପଡୁଛି । ନିର୍ମାଣ ସ୍ଥଳରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହିବା କାରଣରୁ ଖୁଲମଖୁଲା ନିମ୍ନମାନର କାମ ହେଉଥିବା ରାଜନଗରର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଅଭିଯୋଗ କରିଛନ୍ତି । ଜନସାଧାରଣଙ୍କଠାରୁ ଅଭିଯୋଗ ପାଇ ପୂର୍ବତନ ବିଧାୟକ ଶ୍ରୀ ଜେନା ଘଟଣାସ୍ଥଳ ପରିଦର୍ଶନ କରି ନିମ୍ନମାନର କାମ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ । ଏହି ନିମ୍ନମାନର କାମ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବତନ ବିଧାୟକ ଶ୍ରୀ ଜେନା ଦାବି କରିଛନ୍ତି ।

# ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୯।୫(ସମିସ): ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ଆଜି ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ପରଲୋକ ଘଟିଛି । ତାଙ୍କୁ ବିଭିନ୍ନ ଶ୍ରମିକ ଓ ରାଜନୈତିକ ନେତା ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ବିଷ୍ଣୁ ମହାନ୍ତି ଛାତ୍ର ଆନ୍ଦୋଳନରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରି ପରେ ଓଡ଼ିଶାର ଶ୍ରମିକ ଆନ୍ଦୋଳନର ଜଣେ ଆଗୁଆ ନେତା





ଭାବେ ପରିଚିତ ଥିଲେ । ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ଓ ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ଆଳିରେ ଜନ୍ମଗ୍ରହଣ କରିଥିବା ବିଷ୍ଣୁ ମହାନ୍ତି ୧୯୭୫ ଜରୁରିକାଳୀନ ସମୟରେ ଆନ୍ଦୋଳନ କରି କାରାବରଣ କରିଥିଲେ । ରାଉରକେଲା, ବଣାଇଁ ଓ କୋଇଡା ଅଞ୍ଚଳର ଶ୍ରମିକ ଆନ୍ଦୋଳନରେ ତାଙ୍କ ଭୂମିକା ଅତ୍ୟନ୍ତ ସ୍ମରଣୀୟ ଥିଲା । ତାଙ୍କ ଦେହାନ୍ତରେ କେନ୍ଦ୍ରାପଡ଼ାର ସ୍ଥାନୀୟ ହୋଟେଲ 'ଦି ପ୍ୟାଲେସ'ଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଶ୍ରମିକ ଓ ରାଜନୈତିକ ନେତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପ୍ରଥମେ ତାଙ୍କ ସ୍ମୃତିରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

ମାର୍ଶାଘାଇ, ୯।୫(ସମିସ): ମାର୍ଶାଘାଇ ବ୍ଲକ କରିଲୋପାଟଣା ମା' ଦୁର୍ଗା ମନ୍ଦିରର ନବମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଦେବୀ ଦୁର୍ଗାଙ୍କ ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ଯଜ୍ଞ, ସର୍ବଦେବାଦେବୀଙ୍କୁ ଆହୁତି, ଚତୁର୍ଥପ୍ରହର ନାମଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅବସରପ୍ରାପ୍ତ ଅଧ୍ୟକ୍ଷ ଅରକ୍ଷୀତ ସାମନ୍ତରାୟଙ୍କ ପୌରୋହିତରେ ମା' ଦୁର୍ଗାଙ୍କ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଯୋଗ ଦେଇଥିଲେ । ଲକ୍ଷ୍ମୀନାରାୟଣ ରାଉତରାୟ, ସରୋଜକାନ୍ତ ମିଶ୍ର, ପ୍ରବୀର ରାଉତରାୟ, ଅଶ୍ୱିନୀ ସାମନ୍ତରାୟ, ଶୁକଦେବ ରାଉତ, କ୍ଷୀରୋଦ ସାମନ୍ତରାୟ, ଅମୀୟ ସାମନ୍ତରାୟ, ବାବାଜୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଗୋଟିଏ ନମ୍ବରରେ ଦୁଇଟି କାର୍

# ଚାନ୍ଦୋଳ ବଜାରରୁ ଗାଡ଼ି ଜବତ, ଜଣେ ଅଟକ






ଡେରାବିଶ, ୯।୫(ସମିସ)

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରରୁ ଆଜି ସନ୍ଧ୍ୟାରେ ଗୋଟିଏ ନମ୍ବର ଥାଇ ଦୁଇଟି କାର୍‌କୁ ଚାନ୍ଦୋଳ ଫାଣ୍ଡି ପୁଲିସ ଜବତ କରିଛି । କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ ନିକଟରେ କଟକ ଅଭିମୁଖେ ଦୁଇଟି ଆମେଜ୍ କାର ଯାଉଥିବାବେଳେ ଉଭୟ ଗାଡ଼ିରେ ସମାନ ନମ୍ବର (ଓଡ଼ି-୦୨-ଏୟୁ-୭୫୯୯) ରହିଥିଲା । ଏହି ସୂଚନା ପାଇବା ପରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଉଭୟ ଗାଡ଼ିକୁ ଅଟକ ରଖି ସେମାନଙ୍କ କାଗଜପତ୍ର ଯାଞ୍ଚ କରିଥିଲେ । ଯାଞ୍ଚ କରାଯିବା ପରେ ଅସଲି ଗାଡ଼ି ମାଲିକଙ୍କୁ ପୁଲିସ ଛାଡ଼ି ଦେଇଥିବାବେଳେ ବେଆଇନ ଭାବେ ନମ୍ବର ପ୍ଲେଟ ଲଗାଇଥିବା ଗାଡ଼ି ଓ ତା'ର ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଟାଉନ୍ ଅଞ୍ଚଳର ଆଶିଷ ବିଶ୍ୱାଳଙ୍କ ନାମରେ ଓଡ଼ି-୦୨-ଏୟୁ-୭୫୯୯ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ଆମେଜ୍ ଗାଡ଼ି ରହିଛି । ଯାହାକୁ ସେ ଓ ତାଙ୍କ ପରିବାର ବ୍ୟବହାର କରନ୍ତି । ଗାଡ଼ି ମାଲିକ ଶ୍ରୀ ବିଶ୍ୱାଳଙ୍କ କହିବା ଅନୁଯାୟୀ ତାଙ୍କ ଗାଡ଼ି ଘରେ ଥିବା ସମୟରେ ବ୍ରହ୍ମପୁର, ଆଠଗଡ଼ ଆଦି ଅଞ୍ଚଳରେ ତାଙ୍କ ଗାଡ଼ି ଉପରେ ଜରିମାନା କଟାଯାଉଥିବା ନେଇ ମୋବାଇଲ୍‌କୁ ମେସେଜ୍ ଆସିଥାଏ । ସେ ଏ ସମ୍ପର୍କରେ ତନଖି କରିବାରୁ ତାଙ୍କ ଗାଡ଼ି ସମାନ କମ୍ପାନୀ ଓ ସମାନ ରଙ୍ଗର ଗାଡ଼ିରେ ଜାଲ ଭାବେ ତାଙ୍କ ନମ୍ବର ପ୍ଲେଟ ଲଗାଯାଇଥିବା ଜାଣିବାକୁ ପାଇଥିଲେ । ଆଜି ସନ୍ଧ୍ୟାରେ ଶ୍ରୀ ବିଶ୍ୱାଳ ତାଙ୍କ ଗାଡ଼ିରେ କଟକ ଯାଉଥିବା ସମୟରେ କଟକ-ଚାନ୍ଦବାଲି ରାଜରାସ୍ତାର ଦୁହୁରିଆଠାରେ ତାଙ୍କ ନମ୍ବର ଲାଗିଥିବା ଗାଡ଼ିଟି ତାଙ୍କ ସମ୍ମୁଖରେ କଟକ ଅଭିମୁଖେ ଯାଉଥିବା ଦେଖିବାକୁ ପାଇଥିଲେ । ଏହି ସମୟରେ ଶ୍ରୀ ବିଶ୍ୱାଳ ଚାନ୍ଦୋଳ ଫାଣ୍ଡିକୁ ଜଣାଇଥିଲେ । ଥାନା ଅଧିକାରୀ ଶ୍ରୀ ରଥ ଉଭୟ ଗାଡ଼ିକୁ ଅଟକାଇ ଫାଣ୍ଡିକୁ ନେବା ପରେ ଶ୍ରୀ ବିଶ୍ୱାଳଙ୍କ ଗାଡ଼ିର ସମସ୍ତ କାଗଜପତ୍ର ତନଖି କରି ତାଙ୍କୁ ଛାଡ଼ି ଦେଇଥିବାବେଳେ ନକଲି ଗାଡ଼ି ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି । ନକଲି ନମ୍ବର ଲଗାଯାଇଥିବା ଗାଡ଼ି ଚାଳକଙ୍କ ଘର କେନ୍ଦ୍ରାପଡ଼ା ଅଞ୍ଚଳରେ ବୋଲି ଜଣାପଡ଼ିଛି ।

## ● ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ବାଳକରେ ପଟ୍ଟାମୁଣ୍ଡାଇ ଓ ବାଳିକାରେ ଆଳି ଚାମ୍ପିଅନ୍





କେନ୍ଦ୍ରାପଡ଼ା, ୯।୫(ସମିସ): ପଟ୍ଟାମୁଣ୍ଡାଇସ୍ଥ ହରିହରନନ୍ଦ ଆଶ୍ରମ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ବାଳକ ବିଭାଗରେ ପଟ୍ଟାମୁଣ୍ଡାଇ ଚାମ୍ପିଅନ୍ ହୋଇଥିବାବେଳେ ବାଳିକା ବର୍ଗରେ ଆଳି ଟ୍ରଫି ଜିତିଛି । ୧୪ ବର୍ଷରୁ କମ୍ ବାଳକ ବିଭାଗ ଫାଇନାଲ୍‌ରେ ପଟ୍ଟାମୁଣ୍ଡାଇ ଦଳ ପେନାଲ୍ଟି ସୁଟ୍‌ଆଉଟ୍‌ରେ ନେତାଜୀ କ୍ଲବ, ରାଜକନିକାକୁ ୪-୨ ଗୋଲରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିବାବେଳେ ବାଳିକା ବିଭାଗ ଫାଇନାଲ୍‌ରେ ଆଳି ହାଇସ୍କୁଲ ଦଳ ୨-୦ ଗୋଲରେ ଆଳି ଏକାଡେମୀକୁ ହରାଇ ଚାମ୍ପିଅନ୍ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଯୋଗଦେଇ କେନ୍ଦ୍ରାପଡ଼ାକୁ ରାଜ୍ୟର ଅଗ୍ରଣୀ ଫୁଟବଲ ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ, ଫୁଟବଲ ଯୁବପିଢ଼ିଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ସହ ମାନସିକ ଦୃଢ଼ତା ଓ ଟିମ୍ ସ୍ପିରିଟ୍ ବୃଦ୍ଧି କରେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଗ୍ରାମୀଣ ଖେଳାଳିଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ପରିଚୟ ସୃଷ୍ଟି ପାଇଁ ନିୟମିତ ଅଭ୍ୟାସ ଓ ଶୃଙ୍ଖଳାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଜିଲ୍ଲା ଆଥଲେଟିକ୍ ସଂଘ ସାଧାରଣ ସମ୍ପାଦକ ସୟଦ ଆକମଲ ଅଲ୍ଲୀ ମଧ୍ୟ ଖେଳାଳିଙ୍କୁ ଅଧିକ ପରିଶ୍ରମ କରି ଆଗକୁ ବଢ଼ିବାକୁ ପ୍ରେରିତ କରିଥିଲେ । ଆନ୍ତର୍ଜାତିକ ମହିଳା ଫୁଟବଲ ଖେଳାଳି ଗାୟତ୍ରୀ ମଲ୍ଲିକଙ୍କ ଉପସ୍ଥିତି ଯୁବ ଖେଳାଳିଙ୍କ ମନୋବଳକୁ ଅଧିକ ଉତ୍ସାହିତ କରିଥିଲା । ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା କେନ୍ଦ୍ରାପଡ଼ାରେ ଫୁଟବଲ ପ୍ରତି ଯୁବପିଢ଼ିଙ୍କ ଆଗ୍ରହକୁ ନୂତନ ଦିଗ ଦେଇଛି ।

**ସମୁଦ୍ରରେ ଡିଜେଲ ଚୋରା ଚାଲାଣ ଧରାପଡ଼ିଲା**

# ଡଙ୍ଗା ସହିତ ସାଢ଼େ ୩ ହଜାର ଲିଟର ଡିଜେଲ ଜବତ

ପାରାଦୀପ, ୯।୫ (ସମିସ)

ପାରାଦୀପରେ ଡିଜେଲ ଚୋରା ଚାଲାଣ ଧରାପଡିଛି। ପାରାଦୀପ ମେରାଇନ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗତକାଲି ରାତିରେ ଚଢ଼ଉ କରି ସମୁଦ୍ର ଭିତରୁ ଏକ ଡଙ୍ଗାରେ ଲୋଡ୍ ହୋଇ ଯାଉଥିବା ପାଖାପାଖି ସାଢ଼େ ୩ ହଜାର ଲିଟର ଡିଜେଲ ଜବତ କରିଛି। ବିଗତ ଦିନରୁ ଏହି ତେଲ ଚୋରା ଚାଲାଣ ଚାଲିଛି।

- ଜାହାଜରୁ ଆସୁଥିଲା ଡିଜେଲ
- ମାଛ ଧରିବା ଆଳରେ ଚାଲିଥିଲା ତେଲ ଚୋରି



ମାଛ ଧରିବା ଆଳରେ ଜାହାଜରୁ ତେଲ ଚୋରି କରି ଚାଲାଣ କରାଯାଉଥିବା ପୁଲିସ ଜାଣିବାକୁ ପାଇଛି। ଗତକାଲି ବିଳମ୍ବିତ ରାତ୍ରିରେ ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦର ମଧ୍ୟରୁ ଏକ ମାଛଧରା ବୋଟ ସନ୍ଦିଗ୍ଧ ଅବସ୍ଥାରେ ସମୁଦ୍ରରୁ ଆସୁଥିବା ଖବର ପାଇଥିଲା ମେରାଇନ ପୁଲିସ। ପାରାଦୀପ ଏଏସପି ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ମେରାଇନ ପୁଲିସର ଟିମ ପୁଲିସ ବୋଟ ଦ୍ୱାରା ସମୁଦ୍ର ମଧ୍ୟରେ ଏହି ବୋଟଟିକୁ କାବୁ କରି ନେଇଥିଲା। ଏହି ସମୟରେ ଜଣେ ଫେରାର ହୋଇଯାଇଥିବା ବେଳେ ବୋଟ ସହିତ ଜଣେ ଆନ୍ଧ୍ରପ୍ରଦେଶର ଯୁବକକୁ ଧରିବାରେ ସଫଳ ହୋଇଥିଲା ମେରାଇନ ପୁଲିସ। ଏହି ବୋଟରେ ପାଖାପାଖି ୩ ହଜାର ୫୦୦ ଲିଟର ଚୋରା ଡିଜେଲ ରହିଥିବା ଦେଖିବା ପରେ ଅଭିଯୁକ୍ତ ଯୁବକକୁ ଅଟକ ରଖିବା ସହିତ ତଦନ୍ତ ଜୋରଦାର କରିଛି ପୁଲିସ। ଏହା ପରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହିତ ଯଥାଶୀଘ୍ର ଏହି ତେଲଚୋରି ରାକେଟରେ ସାମିଲ ଥିବା ରିଙ୍ଗମାଷ୍ଟରକୁ ଧରିବାକୁ ଖାନତାଲାସ ଜାରି ରଖିଥିବା ନେଇ କହିଛନ୍ତି ପାରାଦୀପ ଏଏସପି ଆଜିଙ୍କ୍ୟ ବାବୁରାଓ ମାଣେ। ଏନେଇ ଏକ ରାକେଟ ସ୍ୱତନ୍ତ୍ର ଭାବେ କାମ କରୁଛି। ତେଲ ଚୋରା ଚାଲାଣ ପାଇଁ ସ୍ୱତନ୍ତ୍ର ଶୈଳୀରେ ଏହି ଡଙ୍ଗାକୁ ନିର୍ମାଣ କରାଯାଇଛି। ଗତକାଲି ମେରାଇନ ପୁଲିସ ଖବର ପାଇବା ପରେ ପାରାଦୀପ ଏଏସପିଙ୍କୁ ଅବଗତ କରିଥିଲେ। ଏଏସପି ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନିର୍ଦ୍ଦେଶରେ ଆଜି ଦୀର୍ଘ ଦିନରୁ ଜଳପଥରେ ଚୋରା ସାମ୍ରାଜ୍ୟ ବିସ୍ତାର କରିଥିବା ଏହି ଛଦ୍ମବେଶୀ ମତ୍ସ୍ୟଜୀବୀଙ୍କୁ କାବୁ କରିବାରେ ସଫଳ ହୋଇଛି ମେରାଇନ ପୁଲିସ। ଗିରଫ ଯୁବକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳରେ ହୋଇଥିବା ବେଳେ ଷଣ୍ଢକୁଦ ବସ୍ତିରେ ରହୁଥିବା ପୁଲିସ ସୂଚନା ଦେଇଛି। ଜବତ ହୋଇଥିବା ବୋଟରୁ ପାଖାପାଖି ୩ ହଜାର ଲିଟର ଲିଟର ଡିଜେଲ ସହିତ ଏକ ମୋବାଇଲ ଫୋନ, ଡିଜେଲ ମୋଟର, ପାଇପ ସହିତ ଅନେକ ତେଲ ଜାର ଜବତ ହୋଇଛି। ମାଫିଆ ମାନେ ଏହି ଡିଜେଲକୁ ଏକ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମାଣ କରାଯାଇଥିବା ଡଙ୍ଗାରେ ଲୋର୍ଡ କରି ସମୁଦ୍ର ମଧ୍ୟରେ ଥିବା ମାଛଧରା ଡଙ୍ଗାରେ ବିକ୍ରି କରିଥାନ୍ତି। କମ ମୂଲ୍ୟରେ ଡଙ୍ଗା ମାଲିକମାନେ ରୀତିମତ ଏହି ଜାହାଜରୁ ଲୁଟ ହେଉଥିବା ଡିଜେଲକୁ କିଣିଥାନ୍ତି। ସମୁଦ୍ର ମଝିରେ ଲଙ୍ଗର ପକାଇ ରହୁଥିବା ଜାହାଜ ଗୁଡ଼ିକରୁ ଏହି ତେଲ ମାଫିଆ ମାନେ ତେଲ ଚୋରି କରୁଥିବା ନେଇ ପୁଲିସ ସନ୍ଧାନ କରିଥିବା ବେଳେ ଏହାର ମାଷ୍ଟରମାଇଣ୍ଡଙ୍କୁ ବହୁତ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ କହିଛି।

## ପାରମ୍ପରିକ ରୀତିନୀତିରେ ହେଲା ଗ୍ରାମେଶ୍ୱର ମହାଦେବଙ୍କ ନିର୍ବନ୍ଧ

ଏରସମା, ୯।୫ (ସମିସ): ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଗ୍ରାମେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ପାଇଁ ଆଜି ପାରମ୍ପରିକ ରୀତିନୀତିରେ ନିର୍ବନ୍ଧ କାର୍ଯ୍ୟ ସମ୍ପାଦନା ହୋଇଛ। ଗ୍ରାମେଶ୍ୱର ମନ୍ଦିର ପରିଚାଳନା ବୋର୍ଡ ଓ ଶୀତଳ ଷଷ୍ଠୀ ପରିଚାଳନା କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ବିବାହ ଉତ୍ସବ ଆସନ୍ତା ଜୁନ ମାସ ୧୮ ତାରିଖରେ ହେବାକୁ ଯାଉଥିବା ବେଳେ ଆଜି ନିର୍ବନ୍ଧ ସରିଛି। ଚଳିତ ବର୍ଷ ବର ପକ୍ଷ ରୂପେ ବିରଞ୍ଚି ନାରାୟଣ ମହାନ୍ତି କାର୍ଯ୍ୟ ତୁଲାଇବା ସହିତ ଗୋବିନ୍ଦପୁର ଗ୍ରାମରେ କନ୍ୟା ପକ୍ଷ ଶ୍ରୀନିବାସ ଜେନାଙ୍କୁ ସ୍ଥିର କରାଯାଇଥିଲା। ବାରିକ ପୁରୋହିତ ଧରି ବର ପକ୍ଷ ଗୋବିନ୍ଦପୁର ଗ୍ରାମର ଶ୍ରୀନିବାସଙ୍କ ଘରେ ପହଞ୍ଚିବା ପରେ ମା'ନାରାୟଣୀଙ୍କ ମନ୍ଦିରରେ ନିର୍ବନ୍ଧ କାର୍ଯ୍ୟ ଉଭୟ ପକ୍ଷ ଓ ଶୀତଳ ଷଷ୍ଠୀ ପରିଚାଳନା କମିଟିର ସଭ୍ୟ, ଗ୍ରାମବାସୀଙ୍କ ଉପସ୍ଥିତିରେ ସମାପନ ହୋଇଥିଲା। କାର୍ଯ୍ୟକ୍ରମରେ କନ୍ୟା ପକ୍ଷଙ୍କ ପକ୍ଷରୁ ସମସ୍ତଙ୍କୁ ଚର୍ଚ୍ଚା କରାଯାଇ ଆସନ୍ତା ମାସରେ ବିବାହ ସମୟରେ ଗ୍ରାମେଶ୍ୱରଙ୍କୁ କ'ଣ କ'ଣ ଯୌତୁକ ଦେବେ ଆଲୋଚନା ହୋଇଥଲା। ନିର୍ବନ୍ଧ ସମୟରେ ପରିଚାଳନା କମିଟି ସଭାପତି ନାରାୟଣ ମହାନ୍ତି, ମନ୍ଦିରର ପରିଚାଳନା କମିଟି ସଭ୍ୟ ଗୌରାଙ୍ଗ ମିଶ୍ର, ରାଜେନ୍ଦ୍ର ପ୍ରସାଦ ମିଶ୍ର, ସିମାଇଁ ଚନ୍ଦ୍ର ଭୋଳ, ଶୁଭନାରାୟଣ ମିଶ୍ର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ରାମ, ପରିଚାଳନା କମିଟିର ବାବୁନି ବାରିକ, ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଶିବାନନ୍ଦ ମିଶ୍ର, ଅମିୟ କୁମାର ମହାନ୍ତି, ଆଶିଷ ଜେନା, ସଭ୍ୟ ଅରୁଣ ସ୍ୱାଇଁ, ଦୀନ୍ଥ ରାମ, ତ୍ରିଲୋଚନ ପଣ୍ଡା, ବିକାଶ ମୁଦୁଲି, ଜ୍ଞାନେନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ଶହେରୁ ବନ୍ଧୁ ମାନେ ଉପସ୍ଥିତ ଥିଲେ।



## କୃଷ୍ଣାନନ୍ଦପୁର ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ



ତିର୍ତ୍ତୋଲ, ୯।୫ (ସମିସ): ଡିଜିଟାଲ ଯୁଗରେ ଶିଶୁ, କିଶୋର କିଶୋରୀ ମାନଙ୍କ ସୁରକ୍ଷା, ସଚେତନତା ଓ ସକ୍ରିୟ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ଓଡ଼ିଶା ପୁଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ କ୍ରିଷ୍ଣାନନ୍ଦପୁର ଥାନାରେ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଇବର ଆପରାଧ ଓ ମୋବାଇଲ ଅପବ୍ୟବହାର ଉପସ୍ଥିତ କିଶୋର କିଶୋରୀଙ୍କୁ ଅଭିନୟ ମାଧ୍ୟମରେ ସଚେତନତା କରାଯାଇଥିଲା। ଏଥିରେ କୃଷ୍ଣାନନ୍ଦପୁର ଥାନା ଅଞ୍ଚଳର ଅଙ୍ଗନବାଡ଼ି କର୍ମୀଙ୍କ ସମେତ କିଶୋର କିଶୋରୀ ମାନେ ଯୋଗଦେଇଥିଲେ। ଥାନା ଏସ୍ଆଇ ମାନସ ହେମ୍ବ୍ରମ, ରେଣୁବାଳା ମହାପାତ୍ର, ଶ୍ରୀଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାରଦିଆରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର, ୯।୫ (ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ନାରଦିଆ ପଞ୍ଚାୟତ ତରଫରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସ୍ଥାନୀୟ ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସରପଞ୍ଚ ନିମାଇଁ ଚରଣ ଭୋଳ ମାନପତ୍ର, ଉତ୍ତରୀୟ ଏବଂ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ହି କୃତି ଛାତ୍ରଛାତ୍ରୀ ହେଲେ ପ୍ରିୟରଞ୍ଜନ ଦାସ, ଆଦ୍ୟାଶା ସାହୁ ଏବଂ ଶ୍ରୀଶାନ୍ତ ଶେଖର। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ଚୌଧୁରୀ, ଆସିସ ଜେନା, ଏମ୍‌ବିକେ ସସ୍ମିତା ସ୍ୱାଇଁ ଓ ସମସ୍ତ ସିଆର୍‌ପିମାନେ ଉପସ୍ଥିତ ଥିଲେ।

## ପ୍ରାକ୍ତନ ନାଏବ ସରପଞ୍ଚଙ୍କ ପରଲୋକ

କୁଜଙ୍ଗ, ୯।୫ (ସମିସ): କୁଜଙ୍ଗ ବ୍ଲକ ଜିଳାନସୀ ପଞ୍ଚାୟତର ପ୍ରାକ୍ତନ ନାଏବ ସରପଞ୍ଚ ତଥା ଜିଳାନସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରମୁଖ ପ୍ରତିଷ୍ଠାତା ସଦସ୍ୟ ଝରୀ ସେଠୀଙ୍କ ପରଲୋକ ହୋଇଯାଇଛି। ସେନ୍ତୁଲିଆ ଖମାର ନିବାସୀ ତଥା ଦଳିତ୍ ସମାଜର ପ୍ରମୁଖ ନେତା ଝରୀ ସେଠୀଙ୍କ ମରଶରୀର ସ୍କୁଲ ପରିସରକୁ ଅଣାଯାଇ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଝାତ୍ର ଶିକ୍ଷକ ସଂଘର ପ୍ରତିଷ୍ଠାତା ସଭାପତି ଶିକ୍ଷାବିତ୍ ଦିପ୍ତୀରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ଏହି ପାର୍ଥୀବ ଶରୀର ଶୋଭାଯାତ୍ରାରେ ହାଇସ୍କୁଲ, ୟୁପି ସ୍କୁଲର ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଚାରିଖଣ୍ଡ ଗ୍ରାମର ବହୁ ମୁରବୀଙ୍କ ସହ ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ଜଗତସିଂହପୁରର କାର୍ଯ୍ୟକାରୀ ସଭାପତି ମନୋଜ ପାତ୍ର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଶେଷକୃତ୍ୟ ପୁରୀରେ କରାଯାଇଥିବା ବେଳେ ଝରୀ ସେଠୀଙ୍କ ବଡ଼ପୁଅ, ବିଦେଶରେ ରହୁଥିବାରୁ ସାନ ପୁଅ ଫକୀର ସେଠୀ ମୁଖାଗ୍ନୀ ଦେଇଥିଲେ।



**ପରିବା ବଜାରରେ ନିଆଁ**

## ଚାଷୀଙ୍କୁ ମିଳୁନି ପ୍ରାପ୍ୟ

କୁଜଙ୍ଗ, ୯।୫ (ସମିସ): ଏବେ ବହୁ ପନିପରିବା ଅମଳ ସମୟ। ମାତ୍ର କୁଜଙ୍ଗର ପରିବା ବଜାରରେ ନିଆଁ ଲାଗିବାର ବରିସ୍ଥିତି ଦେଖାଦେଇଛି। ଚାଷୀ ହେଉ କି ବ୍ୟବସାୟୀ ହେଉ ପରିବା ବଜାରରେ ପହଞ୍ଚିବାକୁ ସମସ୍ୟା ଦେଖା ଦେଇଥିବା ବେଳେ ଗତ କିଛିଦିନ ହେବ ପରିବାର ଦରରେ ବୃଦ୍ଧି ହୋଇଥିବା ଲକ୍ଷ କରାଯାଇଛି। ମାତ୍ର ଯଦି ଏହି ପରି ଧାରା ଚାଲୁ ରହେ ଆଗାମୀ ଦିନରେ ବିକଟ ରୂପ ନେବ ବୋଲି ଆଶଙ୍କା କରାଯାଇଛି। କୁଜଙ୍ଗରେ ବୋଧି ୭୦ ଟଙ୍କା ହୋଇଥିବା ବେଳେ ପୋଟଳ ୧୦୦ ଟଙ୍କା ବିକ୍ରି କରାଯାଉଥିବା ଲକ୍ଷ କରାଯାଇଛି। ସେହିପରି ବାଇଗଣ, ଭେଣ୍ଡି ମଧ୍ୟ ୫୦ରୁ ଉର୍ଦ୍ଧ୍ୱ ଦରରେ ବିକ୍ରି କରାଯାଉଥିବା ବେଳେ କାକୁଡି ଦର ମଧ୍ୟ ୭୦ ଛୁଇଁଲାଣି। ପରିବା ଦର ବଢ଼ିବା ଯୋଗୁ ଚାଷୀ ଲାଭନ୍ୱିତ ହୋଇପାରୁନାହାଁନ୍ତି ବୋଲି ଯୁବ ଚାଷୀ ଶିବ ସାହୁ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଠାରୁ କିଣାଯାଉଥିବା ପରିବା ବଜାରରେ ଉଚ୍ଚ ଦରରେ ବିକ୍ରି କରାଯାଉଥିବା ବେଳେ ଚାଷୀ ଯଦି ଏହି ପ୍ରାପ୍ୟ ପାଆନ୍ତେ ତେବେ ଅଧିକ ଚାଷ କରିବାକୁ ଉଦ୍‌ବୃଦ୍ଧ ହୁଅନ୍ତି। ମାତ୍ର ଗତ ବର୍ଷ କେତକ ପରିବାର ଅଭାବି ବିକ୍ରି ଚାଷୀଙ୍କୁ ଚାଷରୁ ମୋହ ଫେରାଉ ନେଉଥିବା ବେଳେ ଏବେ ଖାଉଟି ହନ୍ତସନ୍ତ ହେବା ସାର ହେଉଛି। ଆଗକୁ ପବପର୍ବାଣି ସବୁ ରହିଥିବା ବେଳେ ଦରଦାମ ବଢିବାକୁ ଆଶଙ୍କା କରିବା ସହ ବହୁ ଖାଉଟି ପ୍ରଶାସନ ଏହି ସବୁ ବ୍ୟବସ୍ଥାରେ ଧ୍ୟାନ ଦେବାକୁ ଦାବି କରାଯାଇଛି।

## ଗଞ୍ଜେଇ ଜବତ; ମହିଳା ଗିରଫ

ପାରାଦୀପ, ୯।୫ (ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ବାଉରିଆ ପାଳନ୍ଦା ନିକଟରୁ ଗତକାଲି ଦିନ ୧୧ଟାରେ ଜଣେ ମହିଳା ଗଞ୍ଜେଇ ବେପାରୀକୁ ପୁଲିସ ଗିରଫ କରିଛି। ତା' ନିକଟରୁ ୧ କେଜି ୩୫୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତ ମହିଳାର ନାମ ମାମିନା ଦାସ (୩୬) ହୋଇଥିବା ବେଳେ ତାର ଘର କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା କଣ୍ଟିଲୋ ଗ୍ରାମରେ। କିନ୍ତୁ ସେ ପିପିଏଲ ଲୋକନାଥ କଲୋନୀରେ ଦୀର୍ଘ ଦିନ ହେବ ରହି ଏହି ଗଞ୍ଜେଇ ବେପାର କରୁଥିବା ମଡେଲ ଥାନା ଅଧିକାରୀ ବବିତା ଦେହୁରୀ ସୂଚନା ଦେଇଛନ୍ତି। ସେଠାରେ ମହିଳା ଜଣଙ୍କ ପ୍ରତ୍ୟେକ ଦିନ ଏହି ଗଞ୍ଜେଇ ବେପାର କରନ୍ତି। ତେବେ ପୁଲିସ ପାଟ୍ରୋଲିଂ ବେଳେ ଉକ୍ତ ମହିଳାକୁ କାବୁ କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମହିଳାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ମୁକୁଳା ପଡ଼ିଛି ପାନୀୟ ଜଳ ପାଇପ୍

କୁଜଙ୍ଗ, ୯।୫ (ସମିସ): ରାଜ୍ୟରେ ଏବେ ଖରାଦିନ ଯୋଗୁ ଅଧିକାଂଶ ସ୍ଥାନରେ ଜଳସଙ୍କଟ ଦେଖା ଦେଇଛି। ଏହି ଭିତରେ ପିଇବା ପାଣି ପାଇଁ ଲୋକେ ମାଇଲ ମାଇଲି ଯିବାକୁ ପଡୁଥିବା ବେଳେ କେତେକ ଅଞ୍ଚଳରେ ମଧ୍ୟ ଲୋକେ ପାଣି ଗାଡିରୁ କିଣି ପିଉଥିବା ଲକ୍ଷ କରାଯାଇଛି। ମାତ୍ର ବିଭାଗୀୟ ଉଦାସୀନତା ଯୋଗୁ ପଟପୁର ପଞ୍ଚାୟତ ବାଲିପାରି ଗ୍ରାମର ପ୍ରବେଶ ପଥରେ ପାଇପ୍ ଯୋଗେ ଜଳଯୋଗାଣ ପ୍ରକଳ୍ପର ଏକ ପଏଣ୍ଟ ଭାଙ୍ଗି ପଡି ମୁକୁଳା ପଡିଛି। ଫଳରେ ପ୍ରତିଦିନ ଶହ ଶହ ପାନୀୟ ଜଳ ନଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି ଶିକ୍ଷାବିତ୍ ନିଶାକର ମୁଦୁଲି। ଏହି ନେଇ ବିଭାଗୀୟ ଅଧିକାରୀ କେବଳ ବଳିପାରି ଗ୍ରାମର ପ୍ରବେଶ ପଥ ନୁହେଁ ଯେଉଁ ସବୁ ଅଞ୍ଚଳରେ ଏହି ଭଳ ଜଳ ନଷ୍ଟ ହେଉଛି ତାହାର ସୁବନ୍ଦୋବସ୍ତ କରିବାକୁ ଶ୍ରୀ ମୁଦୁଲି କୁଜଙ୍ଗ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ହେରୋଇନ ସହ ବାଇକ୍ ଜବତ; ଜଣେ ଗିରଫ

ଜଗତସିଂହପୁର, ୯।୫ (ସମିସ): ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ମାଣିତିରି ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୫୬ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ଏକ ମୋଟର ସାଇକେଲ ଜବତ କରାଯାଇଛି।

ସୂଚନାଯୋଗ୍ୟ ଯେ ମାଣିତିରି ଗ୍ରାମର ସରୋଜ ନାୟକ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା। ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବା ବେଳେ ଅନେକ କସରତ୍ ପରେ ଏଥର କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ସରୋଜଙ୍କ ସର୍ମ୍ପକରେ ତଥ୍ୟ ବାହାର କରିଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍ଆଇ ସନ୍ତୋଷ ନାୟକ, କନଷ୍ଟେବଳ ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ବିରିଡି ଛକ ଠାରେ ମାଡି ବସିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି। ଜଗତସିଂହପୁର ଅଞ୍ଚଳରେ ହେରୋଇନ୍ ବ୍ୟବସାୟକୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଛି ଏବଂ ଏହି ଘଟଣା ତାହାର ଏକ ଉଦାହରଣ ବୋଲି ପ୍ରକାଶ କରିଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ।



## ଅଳକା ଆଶ୍ରମରେ ଗୋପବନ୍ଧୁ ଚୌଧୁରୀଙ୍କ ଜୟନ୍ତୀ

ଜଗତସିଂହପୁର, ୯।୫ (ସମିସ): ଅଳକା ଆଶ୍ରମର ମୁଖ୍ୟ ପୁରୋଧା ଉତ୍କଳ ଗାନ୍ଧୀ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ୧୩୧ତମ ଜୟନ୍ତୀ ଆଶ୍ରମ ପରିସରରେ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ସହିତ ବିଶିଷ୍ଟ ବ୍ୟକ୍ତିତ୍ୱ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମର ଆବାହକ ଦେବେନ୍ଦ୍ର ନାଥ ରାଉତଙ୍କ ଅଧକ୍ଷତାରେ "ଗାନ୍ଧୀ ପ୍ରତିମ-ଗୋପବନ୍ଧୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଗାନ୍ଧୀ ଅନୁଗାମୀ ତଥା ଜାତୀୟ ଗାନ୍ଧୀସ୍ମାରକ ନିଧିର କୋଷାଧ୍ୟକ୍ଷ ଡ. ବିଶ୍ୱଜିତ ରାୟ, ମୁଖ୍ୟଅତିଥି ଭାବରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ଓତା, ଉଦ୍‌ଘାଟକ ଭାବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିନାୟକ ପଟ୍ଟନାୟକ, ସମ୍ମାନିତ ବକ୍ତା ଭାବରେ ଶିକ୍ଷାବିତ୍ ପ୍ରତାପ କୁମାର ଲେଙ୍କା ଓ ଶାନ୍ତନୁ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହିତ ଗୋପବନ୍ଧୁଙ୍କ ଅନନ୍ୟ ବ୍ୟକ୍ତିତ୍ୱ ଉପରେ ବିଶଦ ଆଲୋଚନା କରିଥଲେ। ତ୍ୟାଗ, ସମର୍ପଣ, ଦେଶଭକ୍ତି ଓ ସମାଜ ସଂସ୍କାରରେ ସ୍ୱର୍ଗତ ଚୌଧୁରୀଙ୍କ ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ସମସ୍ତ ବକ୍ତା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ କୁମାର ଦେ, ସ୍ନେହମୟୀ ଆଚାର୍ଯ୍ୟ, ଡ. ମୌସୁମୀ ପରିଡା, ବିଜୟ କୁମାର ବିଶ୍ୱାଳ, ରମା ରଞ୍ଜନ ସ୍ୱାଇଁ, ବିଜୟ କୁମାର ପତି, ଉତ୍କଳ ରଞ୍ଜନ ମହାନ୍ତି, ପ୍ରଦୀପ କୁମାର ଶତପଥି, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ବାବାଜୀ ଚରଣ ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗ ଏଥିରେ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଉତ୍କଳ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭିକ ସୂଚନା ଡ. ନିରଞ୍ଜନ ବିଶ୍ୱାଳ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ବିଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭଗବାନ ଦାଶ, ଜ୍ୟୋତି ରଞ୍ଜନ ପ୍ରଧାନ, ଅଜୟ କୁମାର ଗୋଛାୟାତ, ସ୍ମୃତିରଞ୍ଜନ ପରିଡା, ଧିରେନ୍ଦ୍ର କୁମାର ବେହେରା, ସତ୍ୟ ପ୍ରକାଶ ମହାନ୍ତି ତଥା ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।



**ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ**

# ୧୧୦୦ ମାମଲାର ସମାଧାନ; ୧.୧୪ କୋଟି ଟଙ୍କା ଆଦାୟ

ଜଗତସିଂହପୁର, ୯।୫ (ସମିସ)

ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧକ୍ଷତାରେ ଜିଲ୍ଲା ଅଦାଲତ ନିବନ୍ଧକ ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ବିଶ୍ୱକଳ୍ପିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ପରିବାର ଅଦାଲତ ଜଜ୍ ରଶ୍ମିତା ଦଲେଇ, ଅତିରିକ୍ତ ଜିଲ୍ଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ମହିଳା ଅଦାଲତ ବିଚାରପତି ପ୍ରଜ୍ଞାପରମିତା ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନରୋତ୍ତମ ସେଠୀ, ସବଜଜ୍ ରାକେଶ କୁମାର ମୁଦୁଲି, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନଶିଫ ସଂକେତ ସାମଲ, ଜେଏମ୍‌ଏଫ୍ ସି ଅଙ୍କିତ ଦେୱାଙ୍ଗନ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମା, ସବ ଜଜ୍ ଅବକାଶ ଚୌଧୁରୀ, ଜେଏମଏଫସି ସିଓନା ସିଦ୍ଧାର୍ଥ ମହାରଣା, ରାଜେଶ ମିଶ୍ର, ସସ୍ମିତା ସେଠୀ ଓ ରୋଶ୍ନିବାଲା ସେନାପତିଙ୍କ ଅଧକ୍ଷତାରେ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଓ ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର ପାଇଁ ଉଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରୋସେକ୍ୟୁଟର ତପନ କୁମାର ପାଲ, ଡ. ସିଦ୍ଧାର୍ଥ ଶଙ୍କର ମହାନ୍ତି ଏବଂ ଆଇନଜିବୀ ଅଶୋକ କୁମାର ଜେନା, ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିୱାନୀ ମକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମୋକଦ୍ଦମା ଆଦି ମଧ୍ୟ ଫଇସଲା ହୋଇଥିଲା। ଜିଲ୍ଲାରୁ ମୋଟ ୧୮୨୨ ମାମଲାରୁ ୧୧୦୦ଟି ସଫଳତାର ସହ ସମାଧାନ ହେବା ସହିତ ୧ କୋଟି ୧୪ ଲକ୍ଷ ୯୬ ହଜାର ୪୭୦ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମୋକଦ୍ଦମାରେ ୩୧୫୫ଟି ମାମଲାରୁ ୮୭ଟି ସଫଳତାର ସହ ଫଇସଲା ହେବା ସହିତ ୧୮ ଲକ୍ଷ ୫୧ ହଜାର ୭୮୦ ଟଙ୍କା ଋଣ ଆଦାୟ କରାଯାଇଛି। ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ଏରସମା ଅଦାଲତ ଏବଂ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ମକଦ୍ଦମା ଗୁଡିକର ଫଇସଲା କରାଯାଇ ଟଙ୍କା ଆଦାୟ କରାଯାଇଛି।



## ୭.୪ ଲିଟର ମଦ ଜବତ; ଜଣେ ଗିରଫ

ପାରାଦୀପ, ୯।୫ (ସମିସ): ପାରାଦୀପ ଲକ୍ ଥାନା ଅଧୀନ ଷ୍ଟାଇଲସ ବଜାର ନିକଟରୁ ଆଜି ପୁଲିସ ଜଣେ ଚୋରା ମଦ ବେପାରୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତର ନାମ ପ୍ରେମାନନ୍ଦ ବେହେରା (୩୬) ହୋଇଥିବା ବେଳେ ସେ ପାରାଦୀପ ମଡେଲ ଥାନା ଅଧୀନ ଶୁଖୁଆଖଳା ଅଞ୍ଚଳରେ ରହୁଥିବା ଜଣାପଡିଛି। ତା' ନିକଟରୁ ୭.୪ ଲିଟରର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

■ ମେଡିକାଲ କଲେଜ ପ୍ରତିଷ୍ଠା ସ୍ୱପ୍ନରେ ଜିଲ୍ଲାବାସୀ ମସ୍‌ଗୁଲ; ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିନ୍ତୁ ଡାକ୍ତର ମରୁଡ଼ି

# ମଞ୍ଜୁରପ୍ରାପ୍ତ ଡାକ୍ତର ସଂଖ୍ୟା ୧୭୧; ଅଛନ୍ତି ମାତ୍ର ୪୬

ଭଦ୍ରକ, ୯।୫ (ଉମାକଲ୍ୟାଣ ମହାପାତ୍ର):



ପୂର୍ବ ସରକାର ଅମଳରେ ୧୪୭କୋଟି ଟଙ୍କା ବ୍ୟୟରେ ୩ଶହ ଶଯ୍ୟା ବିଶିଷ୍ଟ ସହର ଉପକଣ୍ଠ ଗେଲପୁରଠାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବିଶାଳ, ଅତ୍ୟାଧୁନିକ ତଥା ପୂରା ଚକ୍‌ଚକ୍ ଭାବେ ନିର୍ମିତ ହୋଇଥିଲା। ଏହି ଚିକିତ୍ସାଳୟ ଉପରେ ଜିଲ୍ଲା ଓ ପଡ଼ୋଶୀ ଜିଲ୍ଲାର ପ୍ରାୟ ୧୭ରୁ ୧୮ ଲକ୍ଷରୁ ଅଧିକ ଲୋକ ନିର୍ଭର କରନ୍ତି। ଏଠାକୁ ପ୍ରତିଦିନ ୧୫ଶହରୁ ଅଧିକ ରୋଗୀ ଆସୁଥିବାବେଳେ ଡାକ୍ତରଖାନାର ଅନେକ ଗୁରୁତ୍ୱ ରହିଛି। ଗତ ୯ ମାସ ହେବ ଏହି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଏହା ପୂର୍ବରୁ ୧୦୦ ଶଯ୍ୟା ବିଶିଷ୍ଟ ମହିଳା ଓ ଶିଶୁ (ଏମ୍‌ସିଏଚ୍) ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିଲା। ଜିଲ୍ଲାବାସୀ ନୂତନ ଡାକ୍ତରଖାନା ପ୍ରତିଷ୍ଠା ପରେ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିବାର ଆଶା ରଖିଥିଲେ। ପରେ ନୂତନ ସରକାର ଆସିବା ପରେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ବର୍ଷକ ତଳୁ ଘୋଷଣା ବି କଲେ। ଜିଲ୍ଲାବାସୀ ଏହି ମେଡିକାଲ କଲେଜ ପ୍ରତିଷ୍ଠା ଆଶାରେ ମସ୍‌ଗୁଲ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିନ୍ତୁ ସରକାରୀ ଡାକ୍ତର ସଂଖ୍ୟା ମରୁଡ଼ି। ଆବଶ୍ୟକ ସଂଖ୍ୟାଠାରୁ ବହୁ କମ୍ ପରିମାଣର ଡାକ୍ତର କାର୍ଯ୍ୟରତ ଅଛନ୍ତି। ଆଶ୍ଚର୍ଯ୍ୟର କଥା ଏବେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୪୬ଜଣ ଡାକ୍ତର ପଦ ପୂରଣ ହୋଇଛି। ଏହି ଚିକିତ୍ସାଳୟ ଲାଗି ୧୭୧ଟି ମଞ୍ଜୁରପ୍ରାପ୍ତ ଡାକ୍ତର ପଦ ରହିଥିବାବେଳେ ମାତ୍ର ୪୬ଟି ପଦ ପୂରଣ ହୋଇଛି। ଯାହା ପାଖାପାଖି ୪୦ପ୍ରତିଶତ।

ଏଠାରେ ହୃଦ୍‌ରୋଗ ବିଶେଷଜ୍ଞ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସହ ଆଇସିୟୁ ଟ୍ରେଣ୍ଡ ଡାକ୍ତର ବି ନାହାନ୍ତି। କେବଳ ଡାକ୍ତର ପଦ ନୁହେଁ, ଫାର୍ମାସିଷ୍ଟ, ନର୍ସ, ଲାବ୍ ଟେକ୍ନିସିଆନ୍ ଓ ଅନ୍ୟ ସବୁ ବିଭାଗର କର୍ମଚାରୀ ପଦ ଖାଲି ପଡ଼ିଛି। ଅଦ୍ୟାବଧି ଡାକ୍ତରଖାନା ପରିସରରେ ରକ୍ତଭଣ୍ଡାର ନାହିଁ। ଇକୋ ମେସିନ୍, ଏମ୍‌ଆର୍‌ଆଇ ମେସିନ୍ ଓ ଥାଇରଏଡ୍ ଟେଷ୍ଟ ମେସିନ୍ ନାହିଁ। ଆଇସିୟୁ ଓ ଭେଣ୍ଟିଲେଟର ଭଳି ବ୍ୟବସ୍ଥା ନାହିଁ। ଫଳରେ ରୋଗୀ ସେବା ସାଂଘାତିକ ଭାବେ ବାଧାପ୍ରାପ୍ତ ହେବା ସହ ଘରୋଇ ଡାକ୍ତରଖାନା ଓ କ୍ଲିନିକ୍‌କୁ ଏହାର ଫାଇଦା ଯାଉଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ରୋଗୀଙ୍କୁ କଟକ ସ୍ଥାନାନ୍ତର କରିଦିଆଯାଉଛି। ଅନ୍ୟପଟେ ଡାକ୍ତରଖାନାକୁ ଯିବାଆସିବା ପାଇଁ ସୁବିଧା ନ ଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ୨୦୦ରୁ ୨୫୦ ଟଙ୍କା ଅଟୋ ଭଡ଼ା ଗଣୁଛନ୍ତି। ଫଳରେ ଅନେକ ରୋଗୀ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏବେ ବି ରକ୍ତଭଣ୍ଡାର, ଶବ ବ୍ୟବଚ୍ଛେଦ ଗୃହ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ କ୍ୱାର୍ଟର୍ସ ଓ ଏକ କ୍ୟାଣ୍ଟିନ୍ ନାହିଁ। ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ବର୍ଷକ ତଳେ ଘୋଷଣା କରିଥିଲେ। ଫଳରେ

- ଫାର୍ମାସିଷ୍ଟ, ନର୍ସ, ଲାବ୍ ଟେକ୍ନିସିଆନ୍ ନାହାନ୍ତି
- ରକ୍ତଭଣ୍ଡାର, ଶବ ବ୍ୟବଚ୍ଛେଦ ଗୃହ, କର୍ମଚାରୀଙ୍କ କ୍ୱାର୍ଟର୍ସ, କ୍ୟାଣ୍ଟିନ୍ ନାହିଁ
- ଇକୋ, ଏମ୍‌ଆର୍‌ଆଇ, ଥାଇରଏଡ୍ ଟେଷ୍ଟ ମେସିନ୍, ଆଇସିୟୁ ଓ ଭେଣ୍ଟିଲେଟର ବ୍ୟବସ୍ଥା ନାହିଁ

ଜିଲ୍ଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ସ୍ୱପ୍ନରେ ମସଗୁଲ୍ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬୦ପ୍ରତିଶତ ଡାକ୍ତର ପଦ ଖାଲି ରହି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବା ଘଟଣା ସରକାରଙ୍କ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଅଣଦେଖାକୁ ସ୍ୱତଃ ପ୍ରମାଣିତ କରୁଛି ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ଫାଟରେ ପଡ଼ି ବାପ-ଝିଅ ଆହତ



ବାରିକପୁର, ୯।୫ (ସମିସ): ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ମଣୀନାଥପୁର ଦେଇ ପଡ଼ୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଅଧୀନସ୍ଥ ରାସ୍ତାଟି ଗମନାଗମନ ପାଇଁ ଦିନକୁ ଦିନ ସଙ୍କଟାପନ୍ନ ହେଉଛି। ପ୍ରାୟ ୧୩ କିମି ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତାରେ ଦୈନିକ କିଛି ନା କିଛି ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷ କରି ରାସ୍ତା ମଝିରେ ଥିବା ଫାଟ ଯୋଗୁଁ ଦୁର୍ଘଟଣାମାନ ଘଟୁଛି। କଂକ୍ରିଟ ନିର୍ମିତ ରାସ୍ତାର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ବାଇକ୍ ଓ ସାଇକଲ୍ ଆରୋହୀମାନେ ଏଥିପାଇଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଶନିବାର ଏକ ମୋଟର ସାଇକଲରେ ବାପ-ଝିଅ ଯାଉଥିବାବେଳେ ବରଦା ବଜାର ନିକଟରେ ସୃଷ୍ଟି ହୋଇଥିବା ଫାଟରେ ପଡ଼ି ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ ମେଡିକାଲ ପଠାଇଛନ୍ତି। ଏମିତି ଅନେକ ସମୟରେ ଦୁର୍ଘଟଣା ଘଟୁଥିବାବେଳେ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ରାସ୍ତାର ତ୍ରୁଟିପୂର୍ଣ୍ଣ ନିର୍ମାଣ ଓ ନିୟମିତ ମରାମତି ଅଭାବରୁ ଦୁର୍ଘଟଣା ଘଟି ଅତୀତରେ ଜଣେ ଦୁଇ ଜଣଙ୍କ ପ୍ରାଣହାନୀ ମଧ୍ୟ ଘଟିଛି।

## ଲକ୍ଷ୍ମୀନାରାୟଣ ମନ୍ଦିରର ଦଶମ ବାର୍ଷିକ ଉତ୍ସବ

ବାସୁଦେବପୁର, ୯।୫ (ସମିସ): ବାସୁଦେବପୁର ବ୍ଲକ୍‌ର ଅରଣ୍ଡୁଆ ପଞ୍ଚାୟତର ଛତିରିଆସ୍ଥିତ ବାସଙ୍ଗ ପୁରୀସାହିର ଲକ୍ଷ୍ମୀନାରାୟଣ ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



୩ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ଘଟ ସ୍ଥାପନ ପରେ ମନ୍ତ୍ରଧ୍ୱନୀରେ ମୁଖରିତ ପରିବେଶ। ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠାତା ସନାତନ ପୁରୀ ଓ ମେନକା ପୁରୀ ଯଜ୍ଞ ମଣ୍ଡପରେ କର୍ତ୍ତା ଭାବେ ସଂକଳ୍ପ ହୋଇ ପୂଜାର୍ଚ୍ଚନା କରିଥିଲେ। ପ୍ରତିଷ୍ଠା ଉତ୍ସବ ଗୀତା ଯଜ୍ଞରୁ ଆରମ୍ଭ ହୋଇ ପଣ୍ଡିତମାନଙ୍କ ବେଦମନ୍ତ୍ର ଓ ଘୃତାହୁତି ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ ମନ୍ଦିର ପରିସରରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ପଣ୍ଡିତ ରମାକାନ୍ତ ପଣ୍ଡା, ତପନ ପଣ୍ଡା, ରବୀନ୍ଦ୍ର ମିଶ୍ର ଓ ଅଜୟ କୁମାର ଶତପଥୀଙ୍କ ଯଜ୍ଞ ମଣ୍ଡପରେ ମନ୍ତ୍ରଧ୍ୱନୀରେ ଆଧ୍ୟାତ୍ମିକ ପରିବେଶ ପ୍ରକମ୍ପିତ ହୋଇଥିଲା। ପଦ୍ମଲୋଚନ ଘଡ଼ିଆଳ ଓ ଗୋବର୍ଦ୍ଧନ ରଣା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା।

## କୃତୀ ଛାତ୍ରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା, ୯।୫ (ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ କାଦବରାଙ୍ଗ କ୍ଲଷ୍ଟର ଅନ୍ତର୍ଗତ କାଦବରାଙ୍ଗ ହାଇସ୍କୁଲରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ପ୍ରତିଭା ପଣ୍ଡାଙ୍କୁ କାଦବରାଙ୍ଗ ପଞ୍ଚାୟତ ନେତୃତ୍ୱଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି। ପଞ୍ଚାୟତର ନେତୃତ୍ୱ ନେଉଥିବା କିଶୋର ରାଉତ, ଶୁଭକାନ୍ତ ପଣ୍ଡା, ଆଦିତ୍ୟ ଯେନା, ରାମେଶ୍ୱର ଭାରତୀ, ଅଜୟ ନାୟକ, ମାଧବାନନ୍ଦ ପଲେଇ ପ୍ରମୁଖ ସର୍ବୋଚ୍ଚ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଭାଙ୍କ ବାସଗୃହକୁ ଯାଇ ତାଙ୍କୁ ଉପଢୌ÷କନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବା ଜଣାପଡ଼ିଛି।



## କମୁଛି ଭୂତଳ ଜଳସ୍ତର; ଅଚଳ ହେଉଛି ନଳକୂଅ

ବାରିକପୁର, ୯।୫ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ନଳକୂଅ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବା ଜଣାଯାଇଛି। ତେଣୁ ଖରା ଦିନେ ପାନୀୟ ଜଳ ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ପାଟୁଳି, ମୋବାରକପୁର, ଦକ୍ଷିଣବାଡ଼, ରେବୋ, ଯୋରାଗଡ଼ିଆ, ରାଜେନ୍ଦ୍ରପୁର, ରାମଚନ୍ଦ୍ରପୁର, ମଞ୍ଜୁରୀରୋଡ୍, ତେସିଙ୍ଗା ପ୍ରମୁଖ ଅଞ୍ଚଳରେ ପାନୀୟ ଜଳ ଜନିତ ସମସ୍ୟା ଅଧିକ ମାତ୍ରାରେ ସୃଷ୍ଟି ହୋଇଥିବା ଅଭିଯୋଗମାନ ହୋଇଛି। ଦୀର୍ଘଦିନ ଧରି ବର୍ଷା ନ ହେବା ଓ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା କାରଣରୁ ମାଟି ଧୀରେ ଧୀରେ ଶୁଷ୍କ ହେଉଛି। ଏହାଛଡ଼ା ଉକ୍ତ ଅଞ୍ଚଳରେ ରବି ଫସଲ ପାଇଁ ଅନେକ ଉଠା ଜଳସେଚନ ପ୍ରକଳ୍ପମାନ ନିର୍ମାଣ ହୋଇଛି। ଦୈନିକ ହଜାର ହଜାର ହେକ୍ଟର ଜମିକୁ ଅଗଭୀର ନଳକୂଅରୁ ପାଣି ଯୋଗାଯାଉଥିବା ବେଳେ ଏପଟେ ମାସ ମାସ ଧରି ବର୍ଷା ମଧ୍ୟ ହେଉନାହିଁ। ତେଣୁ ଭୂତଳ ଜଳ ଧୀରେ ଧୀରେ ହ୍ରାସ ପାଉଥିବା ହେତୁ ନଳକୂଅରୁ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ମିଳିବା କଷ୍ଟକର ହୋଇଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପାଖାପାଖି ହଜାରେ ନଳକୂଅରୁ ଏବେ ଜଳସ୍ତର କମିଥିବା ଅନୁମାନ କରାଯାଉଛି। ଜଳକଷ୍ଟ ଦୂରେଇବା ପାଇଁ ଏହିସବୁ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ପକ୍ଷରୁ ପାଇପ୍ ସଂଯୋଗ ହୋଇଥିଲେ ମଧ୍ୟ ଏଥିରୁ ଲୋକମାନେ କାଣିଚାଏ ଉପକୃତ ହେଉନାହାନ୍ତି। ପୁଣି ପାନୀୟ ଜଳ ଜନିତ ସମସ୍ୟାକୁ ଦୂରେଇବା ପାଇଁ କିଛି ନଳକୂଅରେ ଅତିରିକ୍ତ ପାଇପ୍ ସଂଯୋଗ ପାଇଁ ବ୍ୟବସ୍ଥା ହେଉଥିବା ବିଭାଗୀୟ ଯନ୍ତ୍ରୀ କହିଥିଲେ ମଧ୍ୟ ତାହାଦ୍ୱାରା ଲୋକ ଉପକୃତ ହୋଇପାରିବେ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଜଳସ୍ତର ହ୍ରାସର ସ୍ଥାୟୀ ସମାଧାନ ଓ ସଠିକ୍ ଭାବେ ପାନୀୟ ଜଳ ଯୋଗାଣ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।



## ଡିଡିଏ ପ୍ରେସ୍ କ୍ଲବ୍ ପକ୍ଷରୁ ବିଶ୍ୱକବିଙ୍କ ଜୟନ୍ତୀ

ସହିଦ ନଗର, ୯।୫ (ସମିସ): ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ ଅବସରରେ ଡିଡିଏ ପ୍ରେସ୍ କ୍ଲବ୍ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତା କ୍ଷେତ୍ରରେ ରବୀନ୍ଦ୍ରନାଥ ଠାକୁରଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବିନାରାୟଣ ଖିଲାର ଯୋଗଦେଇ ରବୀନ୍ଦ୍ରନାଥଙ୍କ ଜୀବନୀ ଓ ଦେଶ ପ୍ରତି ତାଙ୍କର ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ। ଡିଡିଏ ପ୍ରେସ୍ କ୍ଲବ୍‌ର ସଭାପତି ସନ୍ତୋଷ ସାହୁ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ସମ୍ପାଦକ ମାନସ ପରିଡ଼ା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କୋଷାଧ୍ୟକ୍ଷ କାଳନ୍ଦୀ ବେହେରା, ଉପସଭାପତି ରଜତ ଲେଙ୍କା, ଶ୍ରୀକାନ୍ତ ସାହୁ, ସିଦ୍ଧାର୍ଥ ମିଶ୍ର, ଅଜିତ୍ ରାୟ, ଫିରୋଜ ସାହା, ପଙ୍କଜ ଦାସ ଓ ଅନ୍ତର୍ଯ୍ୟାମୀ ଦାସ ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ବିଶ୍ୱକବିଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ତାଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ସଂକଳ୍ପ ନେଇଥିଲେ।

## ଅପମୃତ୍ୟୁ ମାମଲା ହତ୍ୟାକୁ ରୂପାନ୍ତରିତ; ଜଣେ ଗିରଫ



ତିହିଡ଼ି, ୯।୫ (ସମିସ): ଜଣେ ପଡ଼ୋଶୀ ମହିଳାଙ୍କୁ ହତ୍ୟା କରି ଗଛରେ ଟାଙ୍ଗିଦେବା ଘଟଣାରେ ତିହିଡ଼ି ପୁଲିସ ବୋଡକ ପଞ୍ଚାୟତ ନନ୍ଦୋର ଗ୍ରାମର ପ୍ରକାଶ ଜେନାକୁ ଗିରଫ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୁଲିସ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ନନ୍ଦୋର ଗ୍ରାମର ସୁରେନ୍ଦ୍ର ନାୟକ ଗତ ମାସ ୨୬ ତାରିଖରେ ଅଭିଯୋଗ କରିଥିଲେ ତାଙ୍କ ବୋହୂ ସୋନାଲିକା ଜେନାଙ୍କୁ ପଡ଼ୋଶୀ ପ୍ରକାଶ ଜେନା, ରୀତା ଜେନା, ଗୀତା ଜେନା ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଚକ୍ରାନ୍ତ କରି ମାରି ଗଛରେ ଟାଙ୍ଗି ଦେଇଥିଲେ। ପଡ଼ୋଶୀଙ୍କ ସହ ତାଙ୍କର ପୂର୍ବରୁ ଥିବା ମନୋମାଳିନ୍ୟ କିଛିଦିନ ତଳେ ଥାନାରେ ସମାଧାନ ହୋଇଥିଲା। ସେହି ଦିନଠାରୁ ଉଭୟ ପରିବାର ମଧ୍ୟରେ କଥାବାର୍ତ୍ତା ବନ୍ଦ ହୋଇ ଯାଇଥିଲା। ତେବେ ଗତ ମାସ ୨୫ ତାରିଖ ରାତିରେ ସୁରେନ୍ଦ୍ର ଜେନା ଓ ତାଙ୍କ ପରିବାର ଲୋକ ଶୋଇଥିଲେ। ସକାଳୁ ତାଙ୍କ ବୋହୂ ସୋନାଲିକାଙ୍କ ମୃତଦେହ ବାରିପଟେରେ ଥିବା ଏକ କରଞ୍ଜ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିଲା।

## ନଦୀରେ ଭାସିଗଲେ ବୃଦ୍ଧ



ତିହିଡ଼ି, ୯।୫ (ସମିସ): ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ତଳକାଁପଡ଼ା ଗାଁର ଜନୈକ ବୃଦ୍ଧ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ଭଜହରି ଦାସ (୭୩) ଶୁକ୍ରବାର ସନ୍ଧ୍ୟାରେ ନଦୀ ପାଖକୁ ଶୌଚ ହେବା ପାଇଁ ଯାଇଥିଲେ। ସେ ଫେରିବାରେ ବିଳମ୍ବ ହେବାରୁ ଘର ଲୋକ ଖୋଜାଖୋଜି କରିଥିଲେ। ପରେ ଦମକଳ ବାହିନୀ ପହଞ୍ଚି ରାତିରେ ଖୋଜାଖୋଜି କରିଥିଲେ ହେଁ କୌଣସି ଖୋଜ୍‌ଖବର ମିଳି ନ ଥିଲା। ଶନିବାର ସକାଳେ ସ୍ଥାନୀୟ ଗ୍ରାମବାସୀ ଓ ଦମକଳ ବାହିନୀ ମିଳିତ ଭାବେ ଖୋଜାଖୋଜି କରି କିଛି ଦୂରରେ ଭଜହରିଙ୍କ ଶବ ଭାସୁଥିବାର ଦେଖିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ତିହିଡ଼ି ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ଦିଆଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


## ବାଲୁଙ୍କେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ସ୍ଥାପନ ଉତ୍ସବ

ତିହିଡ଼ି, ୯।୫ (ସମିସ): ତିହିଡ଼ି ବ୍ଲକ୍ ଅଧୀନ ସୟା ପଞ୍ଚାୟତ ବାଲିଚତୁରୀ ଗ୍ରାମର ବାଲୁଙ୍କେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାରୋହରେ ଅନୁଷ୍ଠିତ ହେଉଛି।



ଗୋପାଳଜୀଉ କୀର୍ତ୍ତନ ମଣ୍ଡଳୀ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ କଳସ ଶୋଭାଯାତ୍ରା ବାବା ବାଲୁଙ୍କେଶ୍ୱର ମନ୍ଦିରରୁ ବାହାରି ଯଜ୍ଞ ମଣ୍ଡପ ପୋଖରୀରେ କଳସ ବୁଡ଼ାଇଥିଲେ। ଶନିବାର ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ହରିହାଟ ଅନୁଷ୍ଠିତ ହେବ। ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ ଓ ତ୍ରିଲୋଚନ ଆଚାର୍ଯ୍ୟ ମୁଖ୍ୟ ପୁରୋହିତ ଓ କର୍ତ୍ତାଭାବେ ସଦାଶିବ ନାୟକ ଓ ମଞ୍ଜୁଲତା ନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଶ୍ୱମ୍ବର ନାୟକ, ଅମୀୟ ଚାନ୍ଦ ନାୟକ, ସୌମ୍ୟଗୋପାଳ ନାୟକ, ବିଜୟ ରାଉଳ ପ୍ରମୁଖ ପରିଚାଳନା କରୁଛନ୍ତି।

## ବିଦ୍ୟାଳୟ ଓ ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି ରତୁପର୍ଣ୍ଣା



ବାରିକପୁର, ୯।୫ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ଚଳିତ ବର୍ଷ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍ ଖଡ଼ିସିଙ୍ଗା ନୋଡାଲ ହାଇସ୍କୁଲର ଛାତ୍ରୀ ରତୁପର୍ଣ୍ଣା ସେନାପତି ବିଦ୍ୟାଳୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ସ୍କୁଲ ଓ ଗାଁ ପାଇଁ ସୁନାମ ଆଣିଛନ୍ତି। ସେ ମୋଟ୍ ୫୦୭ ନମ୍ବର ରଖିଥିବାବେଳେ ଏଥିପାଇଁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ରତୁପର୍ଣ୍ଣା ସ୍କୁଲ ଓ ଟ୍ୟୁସନ ପାଠ ପଢ଼ାକୁ ଛାଡ଼ି ଘରେ ୭ରୁ ୮ ଘଣ୍ଟା ବିଦ୍ୟା ଅଧ୍ୟୟନରେ ନିମଗ୍ନ ରୁହନ୍ତି। ସେ ଏହି ସଫଳତାର ଶ୍ରେୟ ବାପା କୀର୍ତ୍ତିରଞ୍ଜନ ସେନାପତି, ମାଆ ଅନିତା ସେନାପତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ଯୁକ୍ତ୨ ବିଜ୍ଞାନ ଶିକ୍ଷା ପରେ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାରେ ଉଚ୍ଚଶିକ୍ଷା ପାଇଁ ଲକ୍ଷ୍ୟ ରଖିଥିବା କୃତୀ ଛାତ୍ରୀ ଜଣକ କହିଛନ୍ତି।

## ୩ ମାସରେ ରାସ୍ତା ଫାଟି ଦୁଇଫାଳ

ଭଣ୍ଡାରିପୋଖରୀ, ୯।୫ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର୍ ରାଜସ୍ୱ ମୌଜା ଅନ୍ତର୍ଗତ ପିତାଗଡ଼ିଆ ଗ୍ରାମରେ ନିମ୍ନମାନର ପେଭର୍ ବ୍ଲକ୍ ରାସ୍ତା କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବା ଗ୍ରାମବାସୀମାନେ କହିଛନ୍ତି। ଗ୍ରାମବାସୀମାନେ ଅଭିଯୋଗ କଲା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସମେତ ସହକାରୀ ଯନ୍ତ୍ରୀଙ୍କୁ ତାଗିଦ୍ କରିବା ସହିତ ଏହି ଅଭିଯୋଗଟିକୁ ନିଜେ ପି.ଡି ଶୁଭେନ୍ଦୁ ସାମଲ ବୁଝିବେ ବୋଲି ପିତାଗଡ଼ିଆ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେହି ପ୍ରତିଶ୍ରୁତି କାଗଜରେ ଲେଖା ହୋଇ ଚପିଗଲା ପରି ଅନୁଭବ ହେଉଥିବା ମତାମତ ରଖିଛନ୍ତି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀମାନେ। ୨୦୨୪-୨୫ ଆର୍ଥିକ ବର୍ଷର 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ପେଭର୍ ବ୍ଲକ୍ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ୨୭ ହଜାର ଟଙ୍କା ପ୍ରଦାନ ହୋଇଥିଲା। ପଞ୍ଚାୟତ ପକ୍ଷରୁ ଏହି ପ୍ରକଳ୍ପର କାର୍ଯ୍ୟାଦେଶ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଯେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ରାସ୍ତା କାର୍ଯ୍ୟ କରିବା ପାଇଁ ଏକ ଠିକାଦାରଙ୍କୁ ନିୟୋଜିତ କରିଥିଲେ କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାର ସାଇଟ୍ ୱାଲ୍ ଫାଟି ଦୁଇଫାଳ ହୋଇଯିବା ସହିତ କିଛି ଜାଗାରେ ସାଇଟ୍ ୱାଲ୍ ତିଆରି ନ କରି ପେଭର୍ ବ୍ଲକ୍‌ଗୁଡ଼ିକୁ ସେହି ଭଳି ଅବସ୍ଥାରେ ଛାଡ଼ି ଦିଆଯାଇଛି। ଆଗକୁ ବର୍ଷା ଦିନ ଆସୁଛି ରାସ୍ତାରେ ବିଛାଯାଇଥିବା ପେଭର୍ ବ୍ଲକ୍‌ଗୁଡ଼ିକ ତଳୁ ବାଲି ବର୍ଷା ଜଳରେ ଧୋଇ ହୋଇ ବାହାରିଯିବା ଆଶଙ୍କା କରାଯାଉଛି। ତେଣୁ ବର୍ଷା ଦିନ ପୂର୍ବରୁ ଏହି ସମସ୍ୟାଗୁଡ଼ିକ ସମାଧାନ କରିବା ନିମନ୍ତେ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ କେହି ମଧ୍ୟ ଅଭିଯୋଗକୁ ଶୁଣି ନ ଶୁଣିଲା ପରି କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଜନଶୁଣାଣି ଶିବିରରେ ଦରଖାସ୍ତ ସଂଖ୍ୟା ୪୭/୧୭୨୮ ଜରିଆରେ ଲିଖିତ ଅଭିଯୋଗ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଅନୁରୋଧ କରି ଗ୍ରାମବାସୀମାନେ ଜଣାଇଥିଲେ ମଧ୍ୟ ଫଳ ଶୂନ୍ ହୋଇଥିବା ଜଣାପଡ଼ିଛି।



## ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୯।୫ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନା ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ୍ ୨କୋଟି ୮୬ଲକ୍ଷ ୪୪ ହଜାର ୭୬ ଟଙ୍କାରେ ୮୩୮ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ପ୍ରାକ୍ ମୋକଦ୍ଦମା ସ୍ତରରେ ୭୩ ଲକ୍ଷ ୯୯ ହଜାର୨ ଟଙ୍କାରେ ୩୮୨ଟି ଏବଂ ୨ କୋଟି ୧୨ ଲକ୍ଷ ୪୫ ହଜାର ୩୬୪ ଟଙ୍କାରେ ୪୫୬ଟି ବିଚାରାଧୀନ ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୧୪ଟି ମାମଲାର ୧ କୋଟି ୧୦ ଲକ୍ଷ ୭୩ ହଜାର ଟଙ୍କାରେ, ୩୯ଟି ଚେକ୍ ବାଉନ୍ସ ପୁନରୁଦ୍ଧାର ମାମଲା ୭୧ ଲକ୍ଷ ୯୭ ହଜାର ୩୨୪ ଟଙ୍କାରେ, ୨୩ଟି ବୈବାହିକ ବିବାଦ, ୮୨ଟି ରାଜସ୍ୱ ମୋକଦ୍ଦମା, ୨୭ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୩୬ଟି ବ୍ୟାଙ୍କ ଋଣ ମାମଲା ୪୩ ଲକ୍ଷ ୮୦ ହଜାର ୮୩୩ ଟଙ୍କାରେ ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ଟେଲିଫୋନ୍ ବିଲ୍ ସମ୍ବନ୍ଧୀୟ ୬ଟି ମାମଲା ୧୦ ହଜାର ୨୦୦ ଟଙ୍କାରେ, ବିଦ୍ୟୁତ୍ ବିଭାଗର ୧୫୫ଟି ମାମଲା ୨୭ଲକ୍ଷ ଟଙ୍କାରେ, ୨୬ଟି ବକେୟା ଟ୍ରାଫିକ୍ ଚାଲାଣ ୧ ଲକ୍ଷ ୬୮ ହଜାର ୬୪୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି।



ଧାମନଗର ମେଡିକାଲରେ ଅବ୍ୟବସ୍ଥା

# ସମୟରେ ଆସୁନାହାନ୍ତି ଡାକ୍ତର; ଘଣ୍ଟା ଘଣ୍ଟା ଅପେକ୍ଷାରେ ରୋଗୀ

ଧାମନଗର, ୯।୫ (ସମିସ):




ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଦେଖାଦେଇଥିବା ବେଳେ ଡାକ୍ତରମାନେ ସଠିକ୍ ସମୟରେ ମେଡିକାଲକୁ ଆସୁନାହାନ୍ତି। ଯାହାଫଳରେ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଓପିଡିରେ ଅପେକ୍ଷା କରି ହନ୍ତସନ୍ତ ହେଉଛନ୍ତି। ମେଡିକାଲ ବୋର୍ଡରେ ସକାଳ ୮ଟାରୁ ଦିନ ୧୨ଟା ଓ ସନ୍ଧ୍ୟା ୪ଟାରୁ ୬ଟା ପର୍ଯ୍ୟନ୍ତ ଆଉଟ୍‌ଡୋର ସମୟ ଉଲ୍ଲେଖ ଥିଲେ ମଧ୍ୟ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ଦେଖିବାକୁ ମିଳିଛି। ଶନିବାର ସକାଳ ପ୍ରାୟ ୯ଟା ୩୦ ପର୍ଯ୍ୟନ୍ତ ରୋଗୀମାନେ ଅପେକ୍ଷା କରିଥିଲେ। ୪ଜଣ ଡାକ୍ତର ଉପସ୍ଥିତ ରହିବା ପାଇଁ ସୂଚନା ମିଳିଥିଲା। ମାତ୍ର ମେଡିକାଲରେ ଜଣେ ଡାକ୍ତରଙ୍କୁ ଛାଡ଼ି ଅନ୍ୟ କୌଣସି ଡାକ୍ତରଙ୍କ ଦେଖା ମିଳି ନ ଥିଲା। ଫଳରେ ପ୍ରାୟ ୧୦୦ରୁ ଅଧିକ ରୋଗୀ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇ ରହିଥିବାବେଳେ କିଛି ରୋଗୀ ତଳେ ବସି ଡାକ୍ତରଙ୍କୁ ଅପେକ୍ଷା କରିଥିଲେ। ବୃଦ୍ଧ, ମହିଳା ଓ ଶିଶୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ପୂର୍ବାହ୍ନ ୧୦ଟା ସୁଦ୍ଧା ଆଉଟ୍‌ଡୋର ରେଜିଷ୍ଟରରେ ୪୧୫ ନମ୍ବର ସିରିଏଲ୍ ଚାଲିଥିବାବେଳେ ପ୍ରତିଦିନ ପ୍ରାୟ ୫୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ସୂଚନା ମିଳିଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ସହରାଞ୍ଚଳ ଏବଂ ୩୧ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବାବେଳେ ପଡ଼ୋଶୀ ଭଣ୍ଡାରିପୋଖରୀ ବ୍ଲକ୍‌ର ୨ରୁ ୩ଟି ପଞ୍ଚାୟତର ଲୋକମାନେ ମଧ୍ୟ ଏହି ମେଡିକାଲ ଉପରେ ନିର୍ଭରଶୀଳ ଅଛନ୍ତି। ଏ ପରିସ୍ଥିତିରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଡ୍ୟୁଟି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁଯାୟୀ, ପ୍ରତ୍ୟେକ ଡାକ୍ତରଙ୍କୁ ଦିନକୁ ୮ ଘଣ୍ଟା ଡ୍ୟୁଟି କରିବା ସହ ମେଡିକାଲରେ ସବୁବେଳେ ଜଣେ ଏମର୍ଜେନ୍ସି ଡାକ୍ତର ଉପସ୍ଥିତ ରହିବା ଆବଶ୍ୟକ। କିନ୍ତୁ ଏଠାରେ ଜଣେ ଡାକ୍ତର ୨୪ ଘଣ୍ଟା ପାଇଁ ଡ୍ୟୁଟି କରୁଥିବା ଦେଖିବାକୁ ମିଳୁଛି। ଏଭଳି ବ୍ୟବସ୍ଥା ହେବାରୁ ସେମାନଙ୍କୁ ସପ୍ତାହକୁ କେବଳ ୨ ଦିନ ମେଡିକାଲ ଆସିବାକୁ ପଡୁଛି। ତେବେ ୮ ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା ରହିଲେ ପ୍ରତ୍ୟେକ ବିଭାଗର ଡାକ୍ତରଙ୍କୁ ଦେଖାଇବା ପାଇଁ ରୋଗୀମାନେ ସୁବିଧା ସୁଯୋଗ ପାଇ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ସରକାରୀ ମେଡିକାଲକୁ ଆସୁଥିବା ରୋଗୀମାନେ ସମୟରେ ଡାକ୍ତରଙ୍କୁ ପାଉ ନ ଥିବାବେଳେ ସାଧାରଣ ଥଣ୍ଡା, ଜ୍ୱର, କାଶ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ହଇରାଣ ହେଉଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ମେଡିକାଲ ଅଧିକାରୀଙ୍କ ସହ ଯୋଗଯୋଗ କଲେ ମଧ୍ୟ ହୋଇପାରି ନାହିଁ। ରୋଗୀଙ୍କ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ଡ୍ୟୁଟି ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିୟମିତ କରାଗଲେ ରୋଗୀମାନ ସହଜରେ ସେବା ପାଇପାରିବେ ବୋଲି ମତପ୍ରକାଶ ପାଇଛି।

### ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ସମ୍ପ୍ରସାରଣ ନେଇ ସମୀକ୍ଷା ବୈଠକ

# ଖୁବ୍‌ଶୀଘ୍ର ଜୀବନ ପାଇବ ଭୋଗରାଇର ଜୀବନରେଖା

ବାଲେଶ୍ୱର(ଉତ୍ତର)/ଜଳେଶ୍ୱର, ୯।୫ (ସମିସ)



ବାଲେଶ୍ୱର ଜିଲ୍ଲା ଉପାନ୍ତ ଅଞ୍ଚଳ ଭୋଗରାଇର ଜୀବନରେଖା କୁହାଯାଉଥିବା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥକୁ ଚାରି ଲେନ୍ ବିଶିଷ୍ଟ କରିବା ପାଇଁ ଭୋଗରାଇବାସୀଙ୍କ ଦୀର୍ଘ ଦିନର ଦାବି ବାରମ୍ବାର ସରକାରଙ୍କ ନିକଟରେ ରଖିବା ପରେ ପ୍ରଥମ ପର୍ଯ୍ୟାୟରେ ୨୪ କି.ମି ରାସ୍ତା ପାଇଁ ସି ଆର ଆଇ ଏଫ ପାଣ୍ଠିରୁ ପ୍ରାୟ ୧୮୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ଡିପିଆର୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏନେଇ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଆରଏଲବି କନସଲଟାନ୍‌ସି ସହ ପ୍ରକଳ୍ପ ବାବଦରେ ବାଲେଶ୍ୱର ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ ପାତ୍ର ଏବଂ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ରହି ଏହି ପ୍ରକଳ୍ପ ବାବଦରେ ବିସ୍ତୃତ ଆଲୋଚନା କରିବା ସହ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିବା ଜଣାପଡ଼ିଛି। ଇତିମଧ୍ୟରେ ଏହାର ସର୍ଭେ କାମ ଶେଷ ହୋଇଥିବା ବେଳେ ଡିପିଆର୍ ଦାଖଲ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ଏବଂ ସମ୍ଭବତଃ ଚଳିତ ବର୍ଷ ହିଁ ଜଳେଶ୍ୱରର ବଡ଼ବଜାର ଛକରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବ ଅନୁଯାୟୀ ସମ୍ପୂର୍ଣ୍ଣ ରାସ୍ତା ୩୦ମିଟର ଚଉଡ଼ା ବିଶିଷ୍ଟ ଚାରିଲେନ ହେବ ଏବଂ ମଝିରେ ଡିଭାଇଡର ରହିବ। ବିଭିନ୍ନ ଜନବହୁଳ ଛକମାନଙ୍କରେ ଖାଲି ସ୍ଥାନରେ ଯାତ୍ରୀ ପ୍ରତୀକ୍ଷାଳୟ ମଧ୍ୟ ତିଆରି ହେବ ବୋଲି ବିଭାଗୀୟ ଯନ୍ତ୍ରୀ ମାନେ ସୂଚନା ଦେଇଥିଲେ। କମର୍ଦ୍ଦା ଅଞ୍ଚଳରେ ଚାରିଲେନ୍ ନିର୍ମାଣ ପାଇଁ ଆବଶ୍ୟକ ଜାଗା ଅଭାବ ଥିବାରୁ ବିଧାୟକ ଶ୍ରୀ ଦାସ ପୂର୍ବରୁ ରଖିଥିବା ଫ୍ଲାଇଓଭର ପ୍ରସ୍ତାବ ବୈଷୟିକ କାରଣରୁ ସମ୍ଭବ ନ ହେବାରୁ କମର୍ଦ୍ଦା କଲେଜ ଛକ ପୂର୍ବରୁ ଏକ ବାଇପାସ୍ ରାସ୍ତା କମର୍ଦ୍ଦା ହସ୍ପିଟାଲ କଡ଼ ଦେଇ ପ୍ରାୟ ୬କିମି ଯିବା ପରେ ମହାଗବ ଛକ ପାଖାପାଖି ମୁଖ୍ୟ ରାସ୍ତା ସହ ମିଶିବ ବୋଲି ସୂଚନା ମିଳିଛି। ଏହାଛଡ଼ା ବିଭିନ୍ନ ସ୍ଥାନରେ ବାଇପାସ୍ ରାସ୍ତା ସହ ସ୍ଥାନୀୟ ରାସ୍ତାର ସଂଯୋଗ ପାଇଁ ସ୍ଲିପ ରୋଡ଼ ମଧ୍ୟ ରହିବ ବୋଲି ସମୀକ୍ଷା ବୈଠକରେ ନିଷ୍ପତ୍ତି ହେଲା। ଏହି ସମସ୍ତ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଭୋଗରାଇ ବିଧାୟକ ଶ୍ରୀ ଦାସ ଏବଂ ଜଳେଶ୍ୱର ବିଧାୟକ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ଗ୍ରୀଷ୍ମକାଳୀନ ଶିବିରର ସମାପନୀ ଉତ୍ସବ



ବାଲେଶ୍ୱର, ୯।୫ (ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ ଇଣ୍ଡିଆ ଇଣ୍ଟର ନ୍ୟାସନାଲ ସ୍କୁଲ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିରର ସମାପନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶୀ ସଙ୍ଗୀତ ଗୁରୁ ନାରାୟଣ ଦାସ ମୁଖ୍ୟ ଅତିଥି, ପ୍ରସିଦ୍ଧ ଭାଇଓଲିନ ଓ ଗିଟାର ଶିକ୍ଷକ ମନୋରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ ଶିବିରରେ ୨୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିବିରରେ ପ୍ରତିଦିନ ସଙ୍ଗୀତ, ତବଲା, ସ୍ପୋକେନ ଇଂଲିଶ, ଭାଇଓଲିନ, ମଡର୍ଣ୍ଣ ଡାନ୍ସ, ଆର୍ଟ ଓ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀଙ୍କ ମୋବାଇଲ ଫୋନର ଅପବ୍ୟବହାରକୁ ନେଇ ଏକ ସଚେତନତାମୂଳକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ-ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଚନ୍ଦ୍ରକାନ୍ତ ରାଉତ, ରତନ କୁମାର ଘୋଷ, ସୁବଳ କୁମାର ଦାସ, କରିଶ୍ମା ମୁର୍ମୁ, ସସ୍ମିତା ପାହାଡ଼ା ସିଂହ, ଶ୍ରୀମତୀ ଦଳାଇ, ରତିକା ସୋମ, ମନୀଷା ସୋ ଓ ସହଯୋଗୀ କର୍ମଚାରୀ କଳ୍ପନା ବେହେରାଙ୍କ ସହଯୋଗ ରହିଥିଲା। ବିଦ୍ୟାଳୟ ନିର୍ଦ୍ଦେଶିକା ତଥା ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ସହ ଅନ୍ୟାନ୍ୟ ସହପାଠ୍ୟ ବାବଦରେ ବୁଝାଇଥିଲେ।

## ଉପଜିଲ୍ଲାପାଳଙ୍କ ଦସ୍ତଖତ ନକଲ କରି ଗିରଫ ହେଲେ ବରିଷ୍ଠ ରାଜସ୍ୱ ସହାୟକ



ନୀଳଗିରି, ୯।୫ (ସମିସ): ନୀଳଗିରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ବରିଷ୍ଠ ରାଜସ୍ୱ ସହାୟକ ନରୋତ୍ତମ ପଳେଇ ତତ୍କାଳୀନ ଉପଜିଲ୍ଲାପାଳ ଡକ୍ଟର ମଧୁସ୍ମିତା ସାମନ୍ତରାୟଙ୍କ ଦସ୍ତଖତକୁ ନକଲ କରି ଆଦିବାସୀ ହରିଜନ ଜମି ବିକ୍ରୟ ପାଇଁ ଉପ ଜିଲ୍ଲାପାଳଙ୍କ ଅନୁମତି ପତ୍ର ଆବଶ୍ୟକ ଥିବା ବେଳେ ନରୋତ୍ତମ ପଳେଇ ଉପ ଜିଲ୍ଲାପାଳଙ୍କ ଅଗୋଚରରେ ପାଖ ପାଖି କୋଡ଼ିଏରୁ ଅଧିକ ଅନୁମତି ପତ୍ରରେ ନକଲି ଦସ୍ତଖତ କରି ହିତାଧିକାରୀଙ୍କୁ ଦଲିଲ୍ କରାଇ ଦେଇଥିଲେ। ଏନେଇ ପଳେଇ ବାବୁ କୁଆଡେ ମୋଟା ଅଙ୍କର ରୋଜଗାର କରିଥିବାର ଶୁଣିବାକୁ ମିଳୁଛି। ମାତ୍ର ଏକ ଦଲିଲ୍ କରିବା ସମୟରେ ଗୋଟାଏ ମାସରେ ଏତେ ଗୁଡ଼ାଏ ଅନୁମତି ପତ୍ର ପ୍ରଦାନ କରିବା ନେଇ ନୂତନ ଉପନିବନ୍ଧକ ସନ୍ଦେହ କଲେ। ଆରମ୍ଭ ହେଲା ଖୋଳ ତାଡ଼। ଏହା ଉପ ଜିଲ୍ଲାପାଳଙ୍କ ଦସ୍ତଖତ ନକଲି ବୋଲି ତତ୍‌କାଳୀନ ଉପ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ଜାଣିବାକୁ ପାଇଲେ। ଇତି ମଧ୍ୟରେ ମଧୁସ୍ମିତା ସାମନ୍ତରାୟ ନୀଳଗିରି ଆଇ ଟି.ଡି.ଏ କୁ ବଦଳି ହୋଇ ଗଲେ। ଛୁଟିରେ ଥିବା ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ ଯୋଗ ଦେଲେ। ଏସବୁ ଘଟଣା ଜାଣିବା ପରେ କର୍ମଚାରୀଙ୍କ ନାମରେ ଥାନାରେ ଅଭିଯୋଗ କରିବା ପାଇଁ ସାମନ୍ତରାୟ ମାଡାମ୍ ଙ୍କୁ ନିର୍ଦ୍ଦେଶ ଦେବା ପରେ ଥାନାରେ ଅଭିଯୋଗ ଗତ ୨୯/୧/୨୬ରେ ହୋଇଥିଲା। ସେହି ଦିନଠାରୁ ନରୋତ୍ତମ ପଳେଇ ଫେରାର ହୋଇ ଯାଇଥିଲେ। ବିଶେଷ ସୂତ୍ରରୁ ଖବର ନୀଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଶୁକ୍ରବାର ଭୋର୍ ସମୟରେ ମଲ୍ୟାଣି ଗ୍ରାମରେ ଘରେଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ନୀଳଗିରି ଥାନା ରେ ୯୧/୨୬ରେ ମାମଲା ରୁଜୁ କରାଯାଇଥିଲା।

## ଔପଦା ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ




ଔପଦା, ୯।୫(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ଥାନା ପରିସରରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପୁଲିସ ମହାନିର୍ଦ୍ଦେଶକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିବିରରେ ବିଶେଷ କରି ୧୦ରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା ପିଲାମାନଙ୍କୁ ସାମିଲ କରାଯାଇଥିଲା। ସାମ୍ପ୍ରତିକ ସମାଜରେ ପିଲାମାନଙ୍କ ସୁରକ୍ଷା, ସେମାନଙ୍କ ଅଧିକାର, ସାଇବର ଅପରାଧରୁ ଦୂରେଇ ରହିବା ଏବଂ ସାମାଜିକ ବିଭ୍ରାଟରୁ ରକ୍ଷା ପାଇବା ପାଇଁ ପୁଲିସ ବିଭାଗ ପକ୍ଷରୁ ବିସ୍ତୃତ ସଚେତନତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଔପଦା ଥାନା ଅଧିକାରୀ ପ୍ରମୋଦ କୁମାର ଦାସ ପୌରୋହିତ୍ୟ କରିଥିବା ବେଳେ ଏଏସଆଇ ସୁହାଗି ହାସଦା, ଏଏସଆଇ ଶରତ କୁମାର ବେହେରା, ଏଏସଆଇ ଖୋର୍ଦ୍ଦା ସରେନା, ଏଏସଆଇ ରମାକାନ୍ତ ମଲ୍ଲିକ ସହିତ କନେଷ୍ଟବଳ କୈଳାଶ ଚନ୍ଦ୍ର ମହାରଣା, ମୋହିନୀ ମୁଦୁଲି, ବିଦ୍ୟୁତ ପ୍ରଭା ରାଉତ, ସୁନୀଲ କୁମାର ମାରାଣ୍ଡି, ଉତ୍କଳ ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୁଲିସର ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ଏବଂ ଯେକୌଣସି ବିପଦ ସମୟରେ ପୋଲିସର ସହାୟତା କିଭଳି ନିଆଯାଇପାରିବ, ସେ ବିଷୟରେ ବୁଝାଇଥିଲେ। ପିଲାମାନେ ସମାଜର ଭବିଷ୍ୟତ ହୋଇଥିବାରୁ, ସେମାନଙ୍କୁ ପରାମର୍ଶ ଦେଇ ଆଇଆଇସି ଶ୍ରୀ ଦାସ କହିଛନ୍ତି ଯେ, କୈଶୋର ଅବସ୍ଥାରେ ପଥଭ୍ରଷ୍ଟ ନହୋଇ ନିଜର ଶିକ୍ଷା ଓ ସଂସ୍କାର ପ୍ରତି ଧ୍ୟାନ ଦେବା ଉଚିତ। ପୋଲିସ ଓ ପିଲାମାନଙ୍କ ମଧ୍ୟରେ ଥିବା ଦୂରତା କମାଇବା ପାଇଁ ଏହି 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ବୋଲି ମତ ପ୍ରକାଶ ପାଇଛି।

## ନାରୀ ଅଧିକାର ଅଭିଯାନ ପକ୍ଷପାଳନ ଉପଲକ୍ଷେ ନୀଳଗିରି ବିଜେଡିର ପ୍ରସ୍ତୁତି ବୈଠକ

ନୀଳଗିରି, ୯।୫ (ସମିସ): ନୀଳଗିରି ବିଜେଡ଼ି ପକ୍ଷରୁ ଆସନ୍ତା ୨୧ ତାରିଖରେ ନାରୀ ଅଧିକାର ଅଭିଯାନ ପକ୍ଷ ପାଳନ ଉଦ୍ଦେଶ୍ୟରେ ଆଜି ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତ ବୈଠକ ହୋଇଯାଇଛି। ସୂଚନା ଯୋଗ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶାସନ କାଳରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରେ ମହିଳା ସଂରକ୍ଷଣ ପାଇଁ ୫୦ ଭାଗ ସ୍ଥାନ ସଂରକ୍ଷଣ କରିଥିବା ବେଳେ ବିଧାନସଭା ଓ ଲୋକସଭା କ୍ଷେତ୍ରରେ ମହିଳା ୩୩ ଭାଗ ସଂରକ୍ଷିତ କରି ୨୦୨୪ ସାଧାରଣ ନିର୍ବାଚନ ରେ ସାଂସଦ ପ୍ରାର୍ଥି ମଧ୍ୟ ଦେଇ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେହିଭଳି ମହିଳା ମାନଙ୍କୁ ସଶକ୍ତ କରିବା ସହିତ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମହିଳା ମିଶନ ଶକ୍ତି ଗଠନ କରି ଭାରତ ବର୍ଷରେ ଏକ ନୂତନ ଉଦାହରଣ ସୃଷ୍ଟି କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ଏମ.ବି.କେ, ସି.ଆର.ପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ଗୋ ମିତ୍ର, ପ୍ରମୁଖ ପଦ ପଦବୀ ସୃଷ୍ଟି କରି ବିଭିନ୍ନ ଯୋଜନା ମାଧ୍ୟମ ରେ ମହିଳା ଙ୍କୁ ସ୍ୱାବଲମ୍ବୀ କରାଇ ଆର୍ଥିକ ସ୍ୱଚ୍ଛଳତା ଆଣି ପାରିଥିଲେ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ସୁଭଦ୍ରା ଯୋଜନାରେ ଏକ କାଳୀନ ୫୦ ହଜାର ପରିବର୍ତ୍ତେ କେବଳ ୫ ହଜାର ଟଙ୍କା ଦେଇ ଲକ୍ଷପତି ଦିଦି ସୃଷ୍ଟି କରିବାରେ ମିଥ୍ୟା ଡିଣ୍ଡିମ ପିଟୁଥିବା ପ୍ରତିବାଦରେ ଆସନ୍ତା ୨୧ ତାରିଖ ଗୁରୁବାର ସକାଳ ୯ ଘଟିକା ସମୟରେ ବିଜେଡ଼ି ପକ୍ଷରୁ ଏକ ବିଶାଳ ମହିଳା ରାଲି ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ବାହାରି ବାଇବାସ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି କେ.ସି. ହାଇ ସ୍କୁଲ ପଡ଼ିଆରେ ଏକ ବିଶାଳ ମହିଳା ସମାବେଶ ହେବାର ନିଷ୍ପତ୍ତି ନିଆଯାଇଥିଲା। ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, କେଶିପୁର ସରପଞ୍ଚ ବାସନ୍ତି ହେମ୍ବ୍ରମ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଭଉଁରିଆବାଡ଼ ସରପଞ୍ଚ ସଞ୍ଜୟ ସିଂ, ପୂର୍ବତନ ନଗରପାଳ ରାଧା ଗୋବିନ୍ଦ ଖଟୁଆ, ବରିଷ୍ଠ ବିଜେଡ଼ି ନେତା ରବୀନ୍ଦ୍ର ପରିଡ଼ା, ସମାଜସେବୀ ମଦନ ମୋହନ ମାଝୀ, ବିଜେଡ଼ି ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ସିଆଡିମାଳ ସମିତି ସଭ୍ୟ ରାଜୀବ ଦାସବାବୁ, ମଛୁଆ ସମିତି ସଭ୍ୟା ରମାକାନ୍ତ ମହାଳିକ, ଆରବନ୍ଧ ସମିତିସଭ୍ୟା ବିନିତା ମଢେଇ, ଜାମୁଡ଼ିଆ ସରପଞ୍ଚ ଚାନ୍ଦ ମଣି ମୁର୍ମୁ, ରାଧାକିଶୋରପୁର ସମିତିସଭ୍ୟା ସାବିତ୍ରୀ ସିଂ ପ୍ରମୁଖ ଉପସ୍ଥିତ ରହି ବିଜେପି ଡବଳ ଇଞ୍ଜିନ ସରକାରଙ୍କ ମିଥ୍ୟା ପ୍ରଚାରକୁ ନେଇ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଅଚ୍ୟୁତ ଚରଣ ପ୍ରଧାନ, ଚନ୍ଦନ ରାୟ, ରମାକାନ୍ତ ମଲ୍ଲିକ, ଗେଟମ ମୁଦୁଲି, ଅଶୋକାସିନୀ ନାୟକ, ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକରେ ଆଞ୍ଚଳିକ ସମସ୍ୟା ନେଇ ଉଦ୍‌ବେଗ

ସୋର, ୯।୫ (ସମିସ): ଆଜି ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ସୋର ପୌର ପାଳିକା ଅନ୍ତର୍ଗତ ଅବସର ପ୍ରାପ୍ତ କର୍ମଚାରୀ ଭବନରେ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ଗତ ବୈଠକର ନିଷ୍ପତ୍ତି ଗୁଡିକ କାର୍ଯ୍ୟକାରୀ ଉପରେ ସୂଚନା ପ୍ରଦାନ କରିଥିଲେ। ୧୬ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ବ୍ରିଜଗୋପାଲ ନିର୍ମାଣ କମ୍ପାନୀ ଛପୋଲିଆ ଠାରୁ କଲେଜ ଛକ ପର୍ଯ୍ୟନ୍ତ ସମାପ୍ତ କରିଥିଲେ ମଧ୍ୟ ଦୁଇ ପାଖ ସର୍ଭିସ ରୋଡ଼ର ଉନ୍ନତି ନକରିବା ଫଳରେ ସଂକୀର୍ଣ୍ଣ ରାସ୍ତାଯୋଗୁଁ ଯାନବାହାନ ସହ ସାଧାରଣ ଲୋକ ଯାତାୟାତରେ ବହୁ ଦୁର୍ଘଟଣା ଘଟି ଚାଲିଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ବାରମ୍ବାର ଦାବିସତ୍ତ୍ୱେ ଜାତୀୟ ରାଜପଥର ଦୁଇପାର୍ଶ୍ୱ ଡ୍ରେନର ଅଗ୍ରଗତି ହୋଇନାହିଁ। ଆଗାମୀ ବର୍ଷାଋତୁ ପୂର୍ବରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନ ବ୍ୟବସ୍ଥା ନକଲେ ଜନ ବସତି ତଥା ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେବେ। ଅନ୍ୟପକ୍ଷରେ ସୋର ପୌର ପାଳିକାରେ ଦୀର୍ଘବର୍ଷ ଧରି ବର୍ଷାଜଳ ନିଷ୍କାସନ ଦିଗରେ ସ୍ଥାୟୀ ବ୍ୟବସ୍ଥା ନହେବା ଯୋଗୁଁ ବୈଠକରେ ଉଦବେଗ ପ୍ରକାଶ ପାଇଛି। ତୁରନ୍ତ ବର୍ଷାଜଳ ନିଷ୍କାସନ ଦିଗରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ଏହି ବୈଠକରେ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ ଆସନ୍ତା ଜୁନ ମାସ ୧୭ ତାରିଖରେ ହେବାକୁ ସ୍ଥିର ହୋଇଛି। ମଞ୍ଚର ଉପ ସଭାପତି ମାୟାଧର ନାୟକ, ସହ ସମ୍ପାଦକ ପ୍ରଦୀପ କୁମାର ଦାଶ, ଜିତେନ୍ଦ୍ର କୁମାର ବେହେରା, ଶରତ ଚନ୍ଦ୍ର ମହାନ୍ତି, ମନୋଜ କୁମାର ରାୟ, ନିତ୍ୟାନନ୍ଦ କର ପ୍ରଭୃତି ବିଭିନ୍ନ ଦାବିଗୁଡିକ ଉପସ୍ଥାପନ କରିଥିବା ବେଳେ, ଗଙ୍ଗାଧର ପାଢ଼ୀ, ଇଂ ଦିବାକର ଦଳାଇ, ପଞ୍ଚାନନ ଶିଅଳ, ଭଗବାନ ମହାପାତ୍ର, ପ୍ରଶାନ୍ତ ଦାସ, ରାଜାରାଣୀ ଜେନା, ଶଶିକାନ୍ତ ପଣ୍ଡା, ଅନାମ ପ୍ରସାଦ ବାରିକ, ଅଦ୍ୱୈତ୍ୟ କୁମାର କର, ଶରତ କୁମାର ନାୟକ, ସନ୍ତୋଷ କୁମାର ଦିବେଦୀ, ଖଗେନ୍ଦ୍ର ପ୍ରଧାନ, ରତିରଞ୍ଜନ ପାଣିଗ୍ରାହୀ, ରବୀନ୍ଦ୍ର ଚନ୍ଦ୍ର ନନ୍ଦ, ପଙ୍କଜ କୁମାର ପଣ୍ଡା, ବିଜୟ କୁମାର ଦାସ, ପଦ୍ମଲୋଚନ ପାତ୍ର, ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ କର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।




## ନୀଳଗିରିରେ ଜନ ଆକ୍ରୋଶ ମହିଳା ପଦଯାତ୍ରା

ନୀଳଗିରି, ୯।୫ (ସମିସ): ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱ ତଥା ନୀଳଗିରି ନଗର ମଣ୍ଡଳ ତରଫରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ନୀଳଗିରି ସହରରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଆରମ୍ଭ ହୋଇଥିବା ବେଳେ ଡାକ ବଙ୍ଗଳା ପରିସରରେ ଏକ ମହିଳା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର, ନୀଳଗିରି ମହିଳା ମୋର୍ଚ୍ଚାର ସମସ୍ତ ସଦସ୍ୟା ସହ ଦଳର ଶତାଧିକ ସଂଖ୍ୟାରେ ମହିଳା ମାନଙ୍କର ସମାଗମ ଦେଖିବାକୁ ମିଳିଥିଲା।

## ମହିଳା ଆରୋଗ୍ୟ ସମିତି ପକ୍ଷରୁ ଜଳଛତ୍ର



ବାଲେଶ୍ୱର, ୯।୫ (ସମିସ): ସ୍ଥାନୀୟ ଫିରିଙ୍ଗପାଟଣା ଗ୍ରାମଠାରେ ଏକ ଜଳଛତ୍ର ଅନ୍ନପୂର୍ଣ୍ଣା ମହିଳା ଆରୋଗ୍ୟ ସମିତି ପକ୍ଷରୁ ଶୁଭାରମ୍ଭ ହୋଇଛି। ସ୍ଥାନୀୟ କାଉନସିଲର ଶଶିରେଖା ମହାନ୍ତି ଏହି ଜଳଛତ୍ରକୁ ଉଦଘାଟନ କରି ଏଭଳି ମହତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣଲତା ଘୋଷ, ସ୍ନେହଲତା ପତି ଓ ଅନ୍ୟ ସଦସ୍ୟାମାନେ ପରିଚାଳନା କରିଥିଲେ।

## ଭଟ୍ଟପୁରରେ ମନସା, ସରସ୍ୱତୀଙ୍କ ପୂଜାର୍ଚ୍ଚନା ଓ ଅନ୍ନ ମହୋତ୍ସବ



ଚନ୍ଦନେଶ୍ୱର, ୯।୫ (ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଭଟ୍ଟପୁର ଗାଁରେ ମନସା ଓ ସରସ୍ୱତୀ ମାତାଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ହରିନାମ ସଂକୀର୍ତ୍ତନ ଓ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ସୁପ୍ରସିଦ୍ଧ ପାହ୍ୟା ଚୈତନ୍ୟ ବାଡିର ଗୌର, ନିତାଇ ଏବଂ ରାଧାନଗରୀ ଓ ଗାଜିପୁର ମଠରୁ ଶ୍ରୀ ଚୈତନ୍ୟ ଠାକୁର ଆଣି ନାମଯଜ୍ଞ ହୋଇଥିଲା। ଭଟ୍ଟପୁର ଗ୍ରାମବାସୀ ଓ ଚଣ୍ଡୀମାତା ସ୍ୱାଭୀମାନ କ୍ଲବ ପକ୍ଷରୁ ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଛି। ମଙ୍ଗଳବାର ମନସା ଓ ସରସ୍ୱତୀ ମାତାଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହି ଅବସରରେ ୨ ଦିନ ସନ୍ଧ୍ୟାରେ କୁନିକୁନି ପ୍ରତିଭାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଅଷ୍ଟମପ୍ରହର ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇ ଶନିବାର ଅନ୍ନ ମହୋତ୍ସବରେ ପ୍ରାୟ ୨ହଜାରରୁ ଅଧିକ ଲୋକ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ବିଶିଷ୍ଟ ସମାଜସେବୀ ଯାଦବେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ କ୍ଲବର ସମ୍ପାଦକ ଧନଞ୍ଜୟ ସେନାପତି, ଶିବ ଶଙ୍କର ପରିଡ଼ା, ତ୍ରିଲୋଚନ ପରିଡ଼ା, ରାଧାକୃଷ୍ଣ ପରିଡ଼ା, ଗୌରାଙ୍ଗ ଚନ୍ଦ, ଜୟନ୍ତ ପରିଡ଼ା, ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ଶିକ୍ଷାବିତ ଲକ୍ଷ୍ମୀକାନ୍ତ ଧଡା, ସାମ୍ବାଦିକ ରାଧାକାନ୍ତ ପ୍ରଧାନ, ହରିଶ୍ଚନ୍ଦ୍ର ପରିଡ଼ା, ପ୍ରଶାନ୍ତ ପାତ୍ର ପ୍ରମୁଖଙ୍କ ସହ ଗାଁଲୋକେ ସହଯୋଗ କରିଥିଲେ।

## ଶିଶୁ ଶ୍ରମିକ ଉଦ୍ଧାର

ବାଲେଶ୍ୱର, ୯।୫ (ସମିସ): ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲ (ବିଏଡିସି)/ ଜେଆରସି ସାମାଜିକ ସଂସ୍ଥା ପକ୍ଷରୁ ଶିଶୁ ଶ୍ରମିକ ଉଦ୍ଧାର ହୋଇଛି। ଜଳେଶ୍ୱର ବ୍ଲକର ଚରମରା ଗ୍ରାମରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏକ ମାସ ହେବ ତାଙ୍କର ଜଣେ ସମ୍ପର୍କୀୟ ପିଲାଟିକୁ ତାଙ୍କ ଘରେ ରଖି ସବୁ କାମ କରାଉଥିଲେ। ଖବର ପାଇ ପିଲାଟିକୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯିବା ସହ କାଉନସିଲରଙ୍କ ଦ୍ୱାରା କାଉନସେଲିଂ କରାଯାଇଥିଲା। ଏହି ଶିଶୁ ଶ୍ରମିକ ଉଦ୍ଧାରରେ ବିଏଡିସି/ ଜେଆରସିର ସମ୍ପାଦକ ଗୋପାଳକୃଷ୍ଣ କର, ଚାଇଲଡ ହେଲ୍ପ ଲାଇନ ଓ ସିଂଲା ପୁଲିସଙ୍କ ମିଳିତ ଉଦ୍ୟମରେ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିଲା।

# ଭୋଗରାଇ ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଟବଣା




### ପଞ୍ଚାୟତ ସମିତି ବୈଠକ କେବଳ ପ୍ରହସନ: କଂଗ୍ରେସ

ବାଲେଶ୍ୱର(ଉତ୍ତର), ୯।୫ (ସମିସ) : ଭୋଗରାଇ ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଟବଣା ହୋଇଛି। ଆହୁତ ହେଉଥିବା ପଞ୍ଚାୟତ ସମିତି ବୈଠକ କେବଳ ଭୁରି ଭୋଜନରେ ସୀମିତ ରହୁଛି। ଏହା ଚିରାଚରିତ ଗତାନୁଗତିକ ଧାରାରେ ପରିଣତ ହୋଇଛି। ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱରକୁ ଅଣଦେଖା କରିବା ସହିତ ପଞ୍ଚାୟତ ଉନ୍ନୟନର ବିଭିନ୍ନ ସମସ୍ୟାକୁ ଅଣଦେଖା କରାଯାଉଥିବାରୁ ତାହା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଥିବା ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଜଳେଶ୍ୱରପୁରସ୍ଥିତ କଂଗ୍ରେସ ଭବନ ଠାରେ ଗୁରୁବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀ ରେ ଉଭୟ ଭାଜପା ଓ ବିଜେଡିକୁ ସମାଲୋଚନା କରିଛନ୍ତି। ପଞ୍ଚାୟତ ବୈଠକ ୩ ମାସରେ ଥରେ କରାଯିବାର ବିଧି ବ୍ୟବସ୍ଥା ଥିବାବେଳେ ୫ ବର୍ଷରେ ମାତ୍ର ୮ ଥର ପଞ୍ଚାୟତ ବୈଠକ କରାଯାଇ ଚତୁରତାର ସହ ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱରକୁ ଅଣଦେଖା କରି ଗତାନୁଗତିକ ଧାରାରେ କୃଷି, ସ୍ୱାସ୍ଥ୍ୟ ବିଭାଗରେ ସହମତି ଭିତ୍ତିରେ ସୀମିତ ଆଲୋଚନା କରାଯାଉଛି। ଏପରିକି ପୂର୍ବ ନିର୍ଦ୍ଧାରିତ ପଞ୍ଚାୟତ ବୈଠକରେ ନିଷ୍ପତ୍ତି ନିଆଯାଇଥିବା କାର୍ଯ୍ୟଗୁଡିକରେ କୌଣସି ସଫଳତା ମିଳୁନଥିବାରୁ ପଞ୍ଚାୟତ ଉନ୍ନୟନ କାର୍ଯ୍ୟକୁ ନିର୍ବାଚିତ ପ୍ରତିନିଧି ମାନେ ବାଟ ଓଗାଳୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଥିବାବେଳେ ପଞ୍ଚାୟତକୁ ଆସିଥିବା ଉନ୍ନୟନ ପାଣ୍ଠିର ସଦୁପଯୋଗ ନହୋଇ କାର୍ଯ୍ୟ ପଡ଼ିରହିବା ଓ ଅର୍ଥ ଫେରିଯାଉଥିବା ହୋଇଛି। ଏତଦଭିନ୍ନ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ଓ ସମିତି ସଦସ୍ୟଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉନଥିବାରୁ ଭୋଗରାଇ କଂଗ୍ରେସ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଦୀପକ ଜେନା, ଜିଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ପ୍ରଦୀପ ନାୟକ, ଜିଲା ସମ୍ପାଦିକା ମମତା ସାହୁ, ସମ୍ପାଦକ ଶିଶିର ଦାସ ମହାପାତ୍ର, ସମିତି ସଦସ୍ୟ ପ୍ରଦୀପ କୁମାର ମାହାନ୍ତି, ମହୀଧର ଜେନା, ସରପଞ୍ଚ ଦୀପକ କୁମାର ଜେନା, ରାଜେନ୍ଦ୍ର ଦଳାଇ, ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ପାତ୍ର, ରାଧାଗୋବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





## ● ମୃତ ରାକେଶଙ୍କ ପରିବାରକୁ ନ୍ୟାୟ ଦାବି

# ପୋଡ଼ାଜଳା; ୫ ଘଣ୍ଟା ରାସ୍ତା ଅବରୋଧ



■ ନିଶା କାରବାର ସନ୍ଦେହରେ ଦୋକାନ ଭଙ୍ଗାରୁଜା
■ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ବାଲିପାଟଣା, ୯।୫(ସମିସ): ବାଲିପାଟଣା ଥାନା ଅଞ୍ଚଳରେ ଟଙ୍କା ଓ ନିଶା କାରବାରକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଲୁହା ଛଡ଼ରେ ପିଟି ହତ୍ୟା କରାଯାଇଥିବା ବେଳେ, ଏହାକୁ ନେଇ ଆଜି ଅଠାନ୍ତର ଗ୍ରାମରେ ଭୟଙ୍କର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ରାସ୍ତାରେ ଟାୟାର ଜାଳିବା ସହ ଦୋକାନ ବଜାର ଭଙ୍ଗାରୁଜା କରିଛନ୍ତି। ରାକେଶଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଜି ସକାଳୁ ଅଠାନ୍ତର ଛକ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଅଭିଯୁକ୍ତଙ୍କ ଗୋଷ୍ଠୀକୁ କେନ୍ଦ୍ର କରି ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ୨୪ ଘଣ୍ଟା ବ୍ୟବଧାନରେ ଦୁଇ ଦୁଇଟି ଜଘନ୍ୟ ହତ୍ୟାକାଣ୍ଡ ସ୍ଥାନୀୟ ବାସିନ୍ଦାଙ୍କ ନିଦ ହଜାଇ ଦେଇଛି। ବାଲିଅନ୍ତା ପରେ ଏବେ ବାଲିପାଟଣା ଥାନା ଅଠାନ୍ତରରେ ରକ୍ତ ଚରିତ୍ର ଦେଖିବାକୁ ମିଳିଛି। ନ୍ୟାୟ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତା ଉପରେ ଟାୟାର ଜାଳି ପ୍ରତିବାଦ କରିବା ସହ ଅଠାନ୍ତର ଛକରେ ଥିବା ମାଂସ ଦୋକାନ, ଫଳ ଦୋକାନ ଓ ନିଶା କାରବାର ହେଉଥିବା ସନ୍ଦେହରେ ଅନେକ କ୍ୟାବିନକୁ ବାଡେଇ ଭାଙ୍ଗି ଦେଇଥିଲେ। ଏପରିକି ଏକ ଛୋଟ ମନ୍ଦିର ଓ କିଛି ଦୋକାନରେ ନିଆଁ ଲଗାଇ ଦିଆଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବାଲିପାଟଣା ଅଞ୍ଚଳରେ ବେଆଇନ ନିଶା କାରବାର କାୟା ବିସ୍ତାର କରିଛି। ଗଳିକନ୍ଦିରୁ ଆରମ୍ଭ କରି ଛୋଟ



ଛୋଟ କ୍ୟାବିନ ପର୍ଯ୍ୟନ୍ତ ସବୁଠି ମାରାତ୍ମକ ନିଶାଦ୍ରବ୍ୟ ସହଜରେ ଉପଲବ୍ଧ ହେଉଛି। ରାକେଶ ମହାନ୍ତିଙ୍କ ହତ୍ୟାକାଣ୍ଡ ଏହାର ଏକ ଜ୍ୱଳନ୍ତ ଉଦାହରଣ। ପରିସ୍ଥିତି ଜଟିଳ ହେବାରୁ ଘଟଣାସ୍ଥଳରେ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀ ଓ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତର ନମୁନା ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି। ଆଜି ପ୍ରାୟ ୫ରୁ ୬ ଘଣ୍ଟା ଧରି ମୁଖ୍ୟ ରାସ୍ତା ଅବରୋଧ ହେବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ଆଡିସିନାଲ୍ ଡିସିପି ବିଷ୍ଣୁ ପ୍ରସାଦ ପତି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ 'ଆମ ସଙ୍ଗଠନ' ସଭାପତି କମଲ କୁମାର ପାତ୍ର ୫ ଲକ୍ଷ, ପୋଲିସ ବିଭାଗ ୫୦ ହଜାର ଓ ତହସିଲ ଓ ରେଡକ୍ରସ୍ ବିଭାଗ ୨୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି। ତତ୍ ସହିତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଅଞ୍ଚଳରେ ନିଶା କାରବାର ବନ୍ଦ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ହେଁ ସାମ୍ପ୍ରଦାୟିକ ଉତ୍ତେଜନା ବଜାୟ ରହିଛି। ବାଲିପାଟଣା ବ୍ଲକ କଂଗ୍ରେସ ସଭାପତି ଶୈଳେନ୍ଦୁ ଦାସ ଓ ବାଲିଅନ୍ତା କଂଗ୍ରେସ ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାଲିପାଟଣା ଛକ ନିକଟରୁ ବାହାରି ଥାନା ସମ୍ମୁଖରେ ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା

## ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

## ବାଲିପାଟଣାରେ କଂଗ୍ରେସର ବିକ୍ଷୋଭ



ମୁଖ୍ୟମନ୍ତ୍ରୀ, ଆଇନ୍ ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୯।୫(ସମିସ): ବିପର୍ଯ୍ୟସ୍ତ ଆଇଶୃଙ୍ଖଳା ବ୍ୟବସ୍ଥା ଏବଂ ସାଧାରଣରେ ଅପରାଧ ପ୍ରବଣତା ରାଜ୍ୟରେ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାର ଦଳୀୟ ଉତ୍ସବରେ ବ୍ୟସ୍ତ ରହିବା ଦୁର୍ଭାଗ୍ୟଜନକ। ଦୁଇ ଦିନ ଭିତରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ଦୁଇ ଦୁଇଟି ନୃଶଂସ ହତ୍ୟାକାଣ୍ଡ ପୁରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ବେଳେ ଏଥିପାଇଁ ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହେଉଛି। ଏହାର ପ୍ରତିବାଦରେ ବାଲିପାଟଣା ବ୍ଲକ କଂଗେସ ସଭାପତି ଶୈଳେନ୍ଦୁ ଦାସ ଓ ବାଲିଅନ୍ତା ବ୍ଲକ କଂଗେସ ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି।

ଶହ ଶହ କଂଗ୍ରେସ କର୍ମୀ ବାଲିପାଟଣା ଛକରୁ ବାହାରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ, ଆଇନ୍ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ସେହିପରି ଆଇନ ଶୃଙ୍ଖଳା ରକ୍ଷାରେ ବିଫଳ ପୁଲିସ କମିଶନରଙ୍କ ବହିଷ୍କାର ଦାବି କରାଯାଇଥିଲା। ୱି କେୟାର, ୱି ଡେୟାର ସ୍ଲୋଗାନ ଦେଉଥିବା କମିଶନରେଟ ପୁଲିସର ନାକ ତଳେ ଏପରି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ବେଳେ ପୁଲିସର ବିଫଳତାକୁ ଯୁବ ନେତା ତାପସ ସେଠୀ ଦୃଢ଼ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ଜିଲ୍ଲା ମହିଳା କଂଗେସ ସଭାନେତ୍ରି ଅପସନା ବେଗମ୍ ଯୋଗ ଦେଇ ସରକାରଙ୍କ ବିଫଳତାକୁ ନିନ୍ଦା କରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ, ରସାନନ୍ଦ ପରିଡ଼ା, ଜୟନ୍ତ ଭୋଇ, ବଟକୃଷ୍ଣ ରାଉତରାଏ, ଯୁବ କଂଗ୍ରେସ ସଭାପତି ନିହାର ରଞ୍ଜନ ନାଏକ, ସନ୍ତୋଷ ଭୋଲ, ଦିଲ୍ଲୀପ ସ୍ୱାଇଁ, ପୁଳିନ ମହାପାତ୍ର, ରମାକାନ୍ତ ସାହାଣୀ, ଶ୍ରୀଧର ସାହୁ, ବସନ୍ତ ପଣ୍ଡା ଉପସ୍ଥିତି ଥିଲେ।

## ସହରୀକରଣ ବଦଳାଇଛି ଗାଁର ସଂଜ୍ଞା



ଭୁବନେଶ୍ୱର, ୯।୫(ସମିସ): ଗାଁରେ ନଈ, ନାଳ ଆଉ ଗଛଲତାର ମେଳରେ ବେଶ ସୁନ୍ଦର ଦେଖାଯାଏ। ତାସହ ଢିଙ୍କି କୁଟା ଚାଉଳର ବାସ୍ନାରେ ଦାଣ୍ଡ ଯେପରି ମହକେ। ସେଇ ମାଟିରେ ଗଢି ହେଇଛି ଜୀବନର କେତେ କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି। ଭାଇ ବନ୍ଧୁ କୁଟୁମ୍ବଙ୍କ ମେଳିରେ ଆମେ ବଡ ହୋଇଛୁ, ମିଳିମିଶି ଚଳିବା ଶିଖିଛୁ। ପର୍ବପର୍ବାଣିରେ ଗାଁ ଦାଣ୍ଡ ଯେତେବେଳେ ଉଚ୍ଛୁଳେ, ଘରେ ଘରେ ସେତେବେଳେ ବନ୍ଧୁବାନ୍ଧବଙ୍କ ସୁଅ ଛୁଟେ।

ଆମେ ଗାଁରୁ ଆସିଛୁ

ନିଜ ଶବ୍ଦର ଗହଣାରେ ଗାଁକୁ ଏପରି ସଜେଇଥିବା ମଣିଷ ହେଉଛନ୍ତି ରଞ୍ଜିତ କୁମାର ଆଗ୍ରାସିଂ। ଖୋର୍ଦ୍ଧା ଜିଲ୍ଲାର ଜାଗୁଲେଇ ପାଟଣା ହେଉଛି ତାଙ୍କ ଗାଁ। ଦୀର୍ଘ ୨୬ ବର୍ଷ ହେବ ସେ ରାଜଧାନୀ ଭୁବନେଶ୍ୱରରେ ଆସିଲେଣି। ବର୍ତ୍ତମାନ ସେ ବାପୁଜୀନଗରର କେଦାରପଲ୍ଲୀ ଅଞ୍ଚଳରେ ରହୁଛନ୍ତି। କର୍ମମୟ ଜୀବନ ପାଇଁ ସେ ଗାଁ ଛାଡି ରାଜଧାନୀ ମୁହାଁ ହୋଇଥିଲେ। ହେଲେ ସମୟ ସହ ଗାଁ ଓ ସହର ଭିତରେ ଗଢି ଉଠିଥିବା ସେ ତଫାତ୍‌କୁ ନେଇ କୁହନ୍ତି, ସେ ସମୟରେ ଗାଁ ବହୁତ ସୁନ୍ଦର ଥିଲା ହେଲେ ବର୍ତ୍ତମାନ ଯେପରି ସହରୀକରଣ ଗାଁର ସଜ୍ଞା ବଦଳାଇ ଦେଉଛି। ତଥାବି ଗାଁ ମୋର ସବୁବେଳେ ନିଆରା। ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ, ବାଡି ତୋଟା ବୁଲିବା ସାଙ୍ଗକୁ ବିରି ମୁଗ ତୋଳିବା ଏସବୁ ଏବେ ଯେମିତି ସ୍ୱପ୍ନ। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଗାଁର ରଥଯାତ୍ରା, ଦୋଳ ଏବଂ ପଣା ସଂକ୍ରାନ୍ତି ଭଳି ପର୍ବରେ ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ, ରଜରେ ଉତ୍ସବ ମୁଖର ଗାଁ ମନରେ ଖୁସି ଆଣିଦିଏ। ସବୁଜ କିଆରି, ଗାଁ ନଈ ନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ଆଜି ବି ସେଠାକୁ ଗଲେ ସବୁକିଛି ଫେରି ପାଇଲା ଭଳି ଲାଗେ। ଆମ ଗାଁରରେ ଏକ ମହାଦେବଙ୍କ ମନ୍ଦିର ଅଛି। ଯେଉଁଠି ସନ୍ଧ୍ୟା ହେଲେ ଗାଁର ବୟଜ୍ୟେଷ୍ଠଙ୍କ ମେଳରେ ଆଧ୍ୟାତ୍ମିକ ଚର୍ଚ୍ଚା ଶୁଣିବାକୁ ଭଲ ଲାଗେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଁରେ ସମସ୍ତେ ଏକଜୁଟ ହୋଇଥାନ୍ତି। କାହାର କିଛି ଅସୁବିଧା ହେଲେ ସାଙ୍ଗରେ ଠିଆ ହୁଅନ୍ତି। ହେଲେ ଏଠି ପଡ଼ିଶା ଘର ଲୋକଙ୍କ ସହ ସେଭଳି ସମ୍ପର୍କ ନାହିଁ। ଭଲରେ ମନ୍ଦରେ ଗାଁ ଭଳି କେହି ପାଖରେ ଆସି ଠିଆ ହୁଅନ୍ତି ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଏ ଆଖି ହଳକ ଆଜି ସହରୀକରଣ ଭିତରେ ଯେମିତି ଧସି ପଶିଛି। ଗାଁ ପରିବେଶ, ମାଟି ଆଟୁ ଘର, ଗାଁ ଦାଣ୍ଡ ସୁବୁବେଳେ ମନେ ପଡୁଥିବ।

## ବସୁଧାମାତା ସମ୍ମାନ ପାଇବେ ସୁଷମା ନନ୍ଦ

ଭୁବନେଶ୍ୱର, ୯।୫ (ସମିସ): ବିଶ୍ୱ ମାତୃ ଦିବସ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ୱିମେନ ଅର୍ଗାନାଇଜେସନ ଫର୍ ସୋସିଆଲ ୱେଲଫାର (ୱସ୍ୱ) ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବସୁଧାମାତା ସମ୍ମାନ ସମାରୋହରେ ସୁଷମା ନନ୍ଦଙ୍କୁ 'ବସୁଧା ମାତା' ସମ୍ମାନ ପ୍ରଦାନ କରାଯିବ। ଜଣେ ଆଦର୍ଶ ମାତା ଭାବେ ତାଙ୍କର ଜୀବନ ବ୍ୟାପି ସାଧନାକୁ ଦୃଷ୍ଟିରେ ରଖି ବସୁଧାମାତା ସମାରୋହ କମିଟି ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଉଥିବା ୱସ୍ୱର ସମ୍ପାଦିକା ଜ୍ୟୋତ୍ସ୍ନା ଦାସ ସୂଚନା ଦେଇଛନ୍ତି। ଏହି ରାଜ୍ୟସ୍ତରୀୟ ଉତ୍ସବରେ ଶ୍ରୀମତୀ ନନ୍ଦଙ୍କ ସହିତ ଆଉ ଦଶ ଜଣ ମା'ଙ୍କୁ ଆଦର୍ଶମାତା ସମ୍ମାନରେ ସମ୍ମାନିତ କରାଯିବ। ସୁଷମା ନନ୍ଦ ଜଣେ ସାମାଜିକ କର୍ମୀ, ପୂର୍ବତନ ଜନପ୍ରତିନିଧି ଓ ଅନୁଭବୀ କ୍ରୀଡ଼ାବିତ୍, ଯାହାଙ୍କ ଜୀବନ ନାରୀ ସଶକ୍ତିକରଣ, ଦୀର୍ଘ ସମୟର ସେବା ଓ ବିବିଧ କ୍ଷେତ୍ରରେ କୁଶଳତାର ଏକ ଉଦାହରଣ। ସେ ଏମିତି ଏକ ସମୟରେ ନାରୀ ନେତୃତ୍ୱର ପଥ ପ୍ରଦର୍ଶନ କରିଥିଲେ, ଯେତେବେଳେ ସମାଜରେ ନାରୀଙ୍କ ପାଇଁ ସୁଯୋଗ ସୀମିତ ଥିଲା।

## ବିଲ୍ଡର୍ସଙ୍କ ହାତଗୋଡ଼ ବାନ୍ଧି ଟେକିନେଲେ

ଭୁବନେଶ୍ୱର, ୯।୫ (ସମିସ): ଟଙ୍କା ନ ଫେରାଇବାରୁ ଜଣେ ବିଲ୍ଡର୍ସଙ୍କୁ ହାତ ଗୋଡ଼ ବାନ୍ଧି ଅପହରଣ କରି ନେଇଛନ୍ତି। ସୁନ୍ଦରପଦାରୁ ନେଇ ପାହାଳରେ ବନ୍ଦୀ କରି ରଖି ମାଡ଼ ମାରିଛନ୍ତି। ଅପହରଣର ୧୬ ଘଣ୍ଟା ପରେ ବିଲ୍ଡର୍ସଙ୍କୁ ଉଦ୍ଧାର କରିବା ସହ ଦୁଇ ଦମ୍ପତିଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜୟଦେବ ବିହାରରେ ରହୁଥିବା ବିଜୟ କୁମାର ସାହୁ (୩୯), ତା'ର ପତ୍ନୀ ରାଜଶ୍ରୀ ଧଳ (୩୧), ତମାଣ୍ଡୋ ଥାନା ବାଲିଆପଡ଼ା ଦୟା ଏନକ୍ଲେଭରେ ରହୁଥିବା ସତ୍ୟନାରାୟଣ ଦାଶ (୪୧) ଓ ତା'ର ପତ୍ନୀ ମାମାଲି ପଣ୍ଡା (୨୯)।

ପୁଲିସ ସୂଚନାନୁସାରେ, ବୈଦନାଥପୁର ଥାନା ଲାଞ୍ଜିପଲ୍ଲୀ ଗାଁର କେ ଧନଞ୍ଜୟ ସୁନ୍ଦରପଦା ଗାୟତ୍ରୀ ବିହାରରେ ରହି ଜମି ପ୍ଲଟିଂ ଓ ବିଜ୍ଞାପନ ମାଧ୍ୟମରେ ଜମି ବିକ୍ରି କରୁଥିଲେ। ପରବର୍ତ୍ତୀ ସମୟରେ ଧନଞ୍ଜୟ ଅନଲାଇନ୍ ଟ୍ରେଡିଂ ଆରମ୍ଭ କରିବା ସହ ବିଜୟ, ରାଜଶ୍ରୀ, ସତ୍ୟନାରାୟଣ ଓ ମାମାଲିଙ୍କୁ ନିବେଶ କରିବାକୁ କହିଥିଲେ। ଏଥିସହିତ ଭଲ ରିଟର୍ଣ୍ଣ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଧନଞ୍ଜୟ କଥାରେ ପଡ଼ି ୪ ଜଣ ଯାକ ପ୍ରାୟ ୭୦ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଧନଞ୍ଜୟ ସେମାନଙ୍କୁ ଟଙ୍କାଟିଏ ମଧ୍ୟ ଫେରାଇ ନଥିଲେ। କେବଳ ଏଇ ୪ ନୁହଁନ୍ତି, ଅନେକ ଲୋକଙ୍କ ଠାରୁ ନେଇଥିବା ଟଙ୍କା ମଧ୍ୟ ଦେଇନଥିଲେ। ଫୋନ୍ କରିବାରୁ ଧନଞ୍ଜୟ ଉତ୍ତର ଦେଉ ନ ଥିବା ବେଳେ ବାରମ୍ବାର ସିମ୍ କାର୍ଡ ବଦଳାଉଥିଲେ। ଏଥି ସହିତ ସରକାରୀ ଓ ବେସରକାରୀ ଚାକିରି ଦେବେ ବୋଲି କହି ଅନେକ ଲୋକଙ୍କଠାରୁ ମଧ ଟଙ୍କା ନେଇଥିଲେ।

■ ଘରେ ବନ୍ଦୀକରି ନିର୍ଦ୍ଧୁମ ପିଟିଲେ
■ ୧୬ ଘଣ୍ଟା ପରେ ପାହାଳରୁ ଉଦ୍ଧାର
■ ଦୁଇ ଦମ୍ପତି ଗିରଫ; ମୋବାଇଲ ଓ କାର୍ ଜବତ

ତେଣୁ ଦୁଇ ଦମ୍ପତି ମିଶି ଧନଞ୍ଜୟଙ୍କୁ ଅପହରଣ କରିବାକୁ ଯୋଜନା କରିଥିଲେ। ପୂର୍ବ ଯୋଜନା ମୁତାବକ, ଗତକାଲି ସନ୍ଧ୍ୟା ପ୍ରାୟ ୮ ଟାରେ ବିଜୟ, ରାଜଶ୍ରୀ, ସତ୍ୟନାରାୟଣ ଓ ମାମାଲିଙ୍କୁ ଏକ କାରରେ ଆସି ଗାୟତ୍ରୀ ବିହାରରେ ପହଞ୍ଚିଥିଲେ। ଆପାର୍ଟମେଣ୍ଟ ବାହାରେ ବୁଲାବୁଲି କରୁଥିବା ଧନଞ୍ଜୟଙ୍କ ହାତ ଗୋଡ଼ ବାନ୍ଧି କାରରେ ଅପହରଣ କରି ନେଇଥିଲେ।



ଧନଞ୍ଜୟଙ୍କ ପତ୍ନୀ କେ ଲିଲି ଖବରପାଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ଅଭିଯୁକ୍ତମାନେ ପାହାଳ ଥାନା ଅଞ୍ଚଳରେ ଥିବା ଜାଣି ପୁଲିସ ଚଡ଼଼ଉ କରିଥିଲା। ସେଠାରେ ଏକ ଘରେ ଧନଞ୍ଜୟଙ୍କୁ ବନ୍ଦୀ ଅବସ୍ଥାରେ ଉଦ୍ଧାର କରିଥିଲା। ସେଠାରୁ ବିଜୟ, ରାଜଶ୍ରୀ, ସତ୍ୟନାରାୟଣ ଓ ମାମାଲିଙ୍କୁ ଗିରଫ କରିଥିଲା। ସେମାନେ ହେପାଜତରୁ ୪ ଗୋଟି ମୋବାଇଲ ଫୋନ ଓ ଘଟଣାରେ ବ୍ୟବହୃତ କାରକୁ ଜବତ କରିଥିଲା।

# ରାଜପଥରେ ମୃତ୍ୟୁର ତାଣ୍ଡବ; ଥରକୁ ଥର ଗଡୁଛି ମୁଣ୍ଡ

ଭୁବନେଶ୍ୱର, ୯।୫(ସମିସ)

ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଫାୟାର ଷ୍ଟେସନ ଅଞ୍ଚଳରେ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ନେଇ ପୁଲିସ ଅନୁସନ୍ଧାନ କରୁଥିବା ବେଳେ ଆହତଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କେଉଁ ଟ୍ରକ୍ ଏବଂ କିଭଳି ଭାବେ ଏଭଳି ଏକ କାଣ୍ଡ ଭିଆଇ ଚାଲିଗଲା ସେ ନେଇ ପୁଲିସ ପାଖରେ ସୂଚନା ନାହିଁ। କେବଳ ଏହି ଘଟଣା ନୁହେଁ ପରିବହନ ବିଭାଗର କଟକଣା ଅଭାବ ଯୋଗୁଁ ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥରେ ଏହିଭଳି ଭାବେ ଦୁର୍ଘଟଣାମାନେ ଘଟି ଚାଲିଛି। ଅପରପକ୍ଷେ କିଲର ଭେଇକିଲ୍‌ଗୁଡ଼ିକୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇପଡୁଛି। ଯେଉଁଥିପାଇଁ ବାରମ୍ବାର ରାଜଧାନୀ ରାଜପଥରେ ଏଭଳି ଘଟଣାମାନ ନିୟମିତ ଘଟି ଚାଲିଛି।

ସରକାର ଏବଂ ଟ୍ରାଫିକ୍ ପୁଲିସ ଜରିମାନା ପାଇଁ ଛକଛକରେ ଜଗି ବସିଛି। ହେଲେ ରାଜପଥରେ ଦୁର୍ଘଟଣା ରୋକିବା ଏବଂ ଦୁର୍ଘଟଣା ଘଟାଉଥିବା ଯାନବାହାନ ଚିହ୍ନଟ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯଦିବା ଗୋଟିଏ ଦୁଇଟି ଜାଗାରେ ପରିବହନ ବିଭାଗ ପକ୍ଷରୁ ଅଟୋମେଟିକ୍ ସ୍ପିଡ୍‌ରେ ଯାଉଥିବା ଯାନବାହାନ ଚିହ୍ନଟ କରାଯାଇ ଜରିମାନା କାଟିବାର ବ୍ୟବସ୍ଥା ରହିଛି, ସହର ଭିତରେ ତଥା ରାଜପଥର ଅନ୍ୟ କୌଣସି ସ୍ଥାନରେ ସେଭଳି ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ କିଲର ଭେହିକିଲ୍ ସଂଖ୍ୟା କ୍ରମେ ବଢ଼ିବାରେ ଲାଗିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିନବେଳା, ବିଶେଷକରି ସନ୍ଧ୍ୟା ସମୟରେ ସହର ଭିତର ଦେଇ ଭାରିଯାନ ଚଳାଚଳ କରୁଥିବା ଏଭଳି ଦୁର୍ଘଟଣାମାନେ ଘଟି ଚାଲିଛି ଏବଂ ଲୋକଙ୍କ ମୁଣ୍ଡ ଗଡୁଛି। ମଦ୍ୟପ ଗାଡ଼ି ଚାଳକଙ୍କୁ ଚିହ୍ନଟ କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଭାରିଯାନ ଚାଳକମାନେ ନିଶା ସେବନ କରି ନିୟମିତ ଗାଡ଼ି ଚଳାଉଛନ୍ତି। ଯାହା ବିପଦ ସାବ୍ୟସ୍ତ ହୋଇଛି। କେବଳ ରାଜପଥରେ ଟ୍ରକ୍ ନୁହେଁ ବହୁ ଅଜଣା କାର୍ ଆତଙ୍କ ଖେଳାଉଛି। ଗତବର୍ଷ ପାତ୍ରପଡ଼ା ଅଞ୍ଚଳରେ ଏକ ଥର୍ ଗାଡ଼ି ଆକ୍ରମଣରେ ମାଆ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ଷକ ଭିତରେ ଆମ ବସ୍ ଧକ୍କାରେ ଅଧ ଡଜନରୁ ଅଧିକ ଲୋକଙ୍କ ମୁଣ୍ଡ ଗଡ଼ିଲାଣି। ଯାହା ସହରର ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାର ପ୍ରମାଣ ଦେଉଛି। ଅପରପକ୍ଷେ ରାସ୍ତା ଖରାପ ଯୋଗୁଁ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ବିଶେଷକରି ରାସ୍ତା ଉପରେ ବାଲି ଜମି ରହିବା ଯୋଗୁଁ ଦୁଇଚକିଆ ଯାନଗୁଡ଼ିକ ସ୍ଲିପ୍ କରି ଦୁର୍ଘଟଣାର ଶିକାର ହେଉଛନ୍ତି ଏବଂ ଲୋକଙ୍କ ଜୀବନ ଯାଉଛି। ସେହିଭଳି ଗାଡ଼ିଗୁଡ଼ିକ ଉପରେ କୌଣସି କଟକଣା ନ ଥିବାରୁ ସହର ଦେଇ ଯାଇଥିବା ରାଜପଥରେ ଦିନରାତି ବାଲି ଗୋଡ଼ି ଆଦି ଖୋଲାରେ ପରିବହନ ହେଉଛି। ପବନରେ ବାଡ଼ି ଉଡ଼ି ଦୁଇଚକିଆ ଗାଡ଼ି ଦୁର୍ଘଟଣା ଘଟାଉଛି। ସେହିଭଳି ରାଜପଥ ଦେଇ ଯାଉଥିବା ଟ୍ରକ୍‌ରୁ ଗୋଡ଼ି ପଡ଼ି ରାସ୍ତାରେ ପଡୁଛି। ଯାହା ଦୁର୍ଘଟଣାର କାରଣ ପାଲଟିଥିବା ବେଳେ ଗାଡ଼ି ପଙ୍କ୍‌ଚର୍।



■ ଭାରୀଯାନ ଉପରେ ରହୁନି କଟକଣା
■ ଆତଙ୍କ ଖେଳାଉଛି କିଲର ଭେହିକିଲ୍
■ ଜୋରିମାନା ଆଦାୟରେ ବ୍ୟସ୍ତ ପୁଲିସ; ଜୀବନ କଥା ଚିନ୍ତା ନାହିଁ



## ଭୁବନେଶ୍ୱର ସିଟି

# ଭୂତଳ ଜଳ ଉତ୍ତୋଳନରେ ପ୍ରଭାବିତ ୨୩ ଜିଲ୍ଲା

ଭୁବନେଶ୍ୱର, ୯ ।୫(ସମିସ)

ଆମ ରାଜ୍ୟରେ ଭୂତଳଜଳର କ୍ରମ ଅବନତି ଏବଂ ଏହାର ଉତ୍ତୋଳନକୁ କଡ଼ାକଡ଼ି ଭାବରେ ନିୟନ୍ତ୍ରଣ କରିବା ନିମନ୍ତେ ଓଡ଼ିଶା ପରିବେଶ ସମିତି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ ଜଣାଇଛି । ରାଜ୍ୟରେ ଅନିୟନ୍ତ୍ରିତ ଭାବରେ ଭୂତଳଜଳ ଉତ୍ତୋଳନଜନିତ ସମସ୍ୟା ବୃଦ୍ଧି ପାଉଛି । ଯାହା ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ

**■ ଧୀରେ ଧୀରେ ଖସିବାରେ ଲାଗିଛି ଭୂତଳ ଜଳସ୍ତର**
**■ ନିୟନ୍ତ୍ରଣ ନିୟମକୁ କଡ଼ାକଡ଼ି ନିୟନ୍ତ୍ରଣ କରନ୍ତୁ ସରକାର**

ପରିପ୍ରେକ୍ଷୀରେ ସମ୍ପ୍ରତି ଗୁରୁତର ଆକାର ଧାରଣ କରୁଛି । ଓଡ଼ିଶାରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ ପାନୀୟ ଜଳ, କୃଷି ଏବଂ ଶିଳ୍ପ ଆବଶ୍ୟକତାକୁ ମେଣ୍ଟାଉ ଥିଲା ବେଳେ ଜଳ ଉତ୍ତୋଳନ ପୁନଃଭରଣା ହାରକୁ ଅତିକ୍ରମ କରୁଥିବାରୁ ଭୂତଳ ଜଳସ୍ତରରେ ହ୍ରାସ ଘଟୁଛି ଓ ଅତ୍ୟଧିକ ନିଷ୍କାସନ ଏବଂ ଅନିୟନ୍ତ୍ରିତ ବ୍ୟବହାରର ପରିଣାମରେ ଅନେକ ଅଞ୍ଚଳରେ ଜଳସ୍ତର ହ୍ରାସ ପାଉଛି । ରିପୋର୍ଟ ଅନୁଯାୟୀ ୩୦ଟି ଜିଲ୍ଲା ମଧ୍ୟରୁ ୨୩ଟିକୁ ପ୍ରଭାବିତ କରୁଛି । ସରକାର ଓଡ଼ିଶା ଭୂତଳ ଜଳ (ନିୟନ୍ତ୍ରଣ, ବିକାଶ ଏବଂ ପରିଚାଳନା) ଆଇନ, ୨୦୧୧କୁ କାର୍ଯ୍ୟକାରୀ କରିଥିଲେ ସୁଦ୍ଧା କ୍ଷେତ୍ର ସ୍ତରରେ ପରିସ୍ଥିତି ଚିନ୍ତାଜନକ ରହିଛି । ଏବଂ ସହନୀୟ ଜଳ ବ୍ୟବହାରର ଲକ୍ଷ୍ୟ ଏପର୍ଯ୍ୟନ୍ତ ସଫଳତା ହାସଲରୁ ଦୂରରେ ରହିଛି । ଯଦିଓ ଅତ୍ୟଧିକ ଉତ୍ତୋଳନକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ରହିଛି । ଯେଉଁଥିରେ ଅତ୍ୟଧିକ ଶୋଷିତ କିମ୍ବା ଜଳସ୍ତର ହ୍ରାସ



ପାଉଥିବା ଅଞ୍ଚଳରେ ବାଧ୍ୟତାମୂଳକ ଅନୁମତି ଏବଂ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ ହେଲେବି କାର୍ଯ୍ୟକାରିତା ପର୍ଯ୍ୟାପ୍ତ ନୁହେଁ । ସେହିପରି ବର୍ଷାଜଳ ଅମଳ ଏବଂ ଭୂତଳ ଜଳ ପୁନଃଭରଣା ଭଳି ପଦକ୍ଷେପଗୁଡ଼ିକୁ ଉତ୍ସାହିତ କରାଯାଉ ଥିଲେ ମଧ୍ୟ ସହରାଞ୍ଚଳ କୋଠାବାଡ଼ି, ପ୍ରତିଷ୍ଠାନ ଏବଂ ଶିଳ୍ପାନୁଷ୍ଠାନମାନଙ୍କରେ ଅନୁପାଳନ ସୀମିତ ରହିଛି । ଭୂତଳ ଜଳ ପୁନଃଭରଣାକୁ ବୃଦ୍ଧି କରିବା ନିମନ୍ତେ ଜଳଛାୟା ବିକାଶ କାର୍ଯ୍ୟକ୍ରମ ଏବଂ ଚେକ୍‌ଡ୍ୟାମ୍ ନିର୍ମାଣକୁ ସୁଦୃଢ଼ କରିବା, ବିଶେଷକରି ଗ୍ରାମାଞ୍ଚଳରେ, ଏକାନ୍ତ ଆବଶ୍ୟକ ଅଟେ । ଚାଷୀମାନଙ୍କୁ ଜଳ-ଦକ୍ଷ ଜଳସେଚନ କୌଶଳ, ଯେପରିକି ଡ୍ରିପ୍ ଏବଂ ସିଞ୍ଚନକାରୀ ପ୍ରଣାଳୀ, ଗ୍ରହଣ କରିବାକୁ ଉତ୍ସାହିତ କରାଯିବା ଉଚିତ । ଏହା ବ୍ୟତୀତ, ପର୍ଯ୍ୟବେକ୍ଷଣ କୂପ ଏବଂ ଡିଜିଟାଲ୍ ମ୍ୟାପିଂ ମାଧ୍ୟମରେ ପଦ୍ଧତିଗତ ତଥ୍ୟ ଯାଞ୍ଚ ଭୂତଳଜଳ ସ୍ତରର ଉତ୍ତମ ଟ୍ରାକିଂ ଏବଂ ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବ । ଅବୈଧ ଉତ୍ତୋଳନ ଏବଂ ନିୟମ ଅନୁପାଳନ ନ କରିବା ପାଇଁ କଠୋର ଦଣ୍ଡ ବିଧାନ ମଧ୍ୟ ବିଚାର କରାଯିବାର ଆବଶ୍ୟକତା ରହିଛି ।

ଏହି ପରିପ୍ରେକ୍ଷୀରେ, ଜଳ ଉତ୍ତୋଳନକୁ ନିୟନ୍ତ୍ରଣ କରିବା ନିମନ୍ତେ ସରକାରଙ୍କୁ କେତେକ ପରାମର୍ଶ ପ୍ରଦାନ କରାଯାଇଛି ଓ ୧) ସମସ୍ତ ଭୂତଳ ଜଳ ଉଠାଣ ନିମନ୍ତେ ଜଳ ସମ୍ପଦ ବିଭାଗ ଠାରୁ ବାଧ୍ୟତାମୂଳକ ଅନୁମତି, ବର୍ଷାଜଳ ଅମଳ ପ୍ରକ୍ରିୟା କାର୍ଯ୍ୟକାରୀ ପାଇଁ ବାଧ୍ୟତାମୂଳକ ବ୍ୟବସ୍ଥା ଗ୍ରହଣ । ୨) ଜଳ ବ୍ୟବହାରକୁ ନିୟନ୍ତ୍ରଣ ଏବଂ ଜଳ ସମ୍ପଦ ପରିଚାଳନା ନିମନ୍ତେ ରାଜସ୍ୱ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମସ୍ତ ଭୂତଳ ଜଳ ନିଷ୍କାସନ ପଏଣ୍ଟରେ ଜଳ ମିଟରର ସ୍ଥାପନ । ୩) ସହରାଞ୍ଚଳରେ ଡ୍ରେନେଜ୍ ଚ୍ୟାନେଲଗୁଡ଼ିକରେ ଛିଦ୍ର କରିବା ଯାହା ଜଳକୁ ମୃତ୍ତିକାରେ ପ୍ରବେଶ କରିବାକୁ ଦେବ; ଏହା ଦ୍ୱାରା ଜଳ ସ୍ୱେରେଜ୍ ସିଷ୍ଟମ କିମ୍ବା ନଦୀକୁ ପ୍ରବାହିତ ହୋଇଯିବା ପରିବର୍ତ୍ତେ ଭୂତଳ ଜଳଭଣ୍ଡାରଗୁଡ଼ିକୁ ପୁନଃପୂରଣ କରିବ । ୪) ଭୂପୃଷ୍ଠ ଏବଂ ଭୂତଳ ଜଳ ସ୍ଥିତି ମୂଲ୍ୟାଙ୍କନ ନିମନ୍ତେ ସମସ୍ତ ଜିଲ୍ଲାର ବ୍ୟାପକ ମ୍ୟାପିଂ କରାଯିବ, ଯାହା ଲକ୍ଷ୍ୟସାଧନ ଏବଂ ପ୍ରଭାବଶାଳୀ ପରିଚାଳନା ରଣନୀତିକୁ ସକ୍ଷମ କରିବ । ୫) ସ୍ଥାୟୀ ଜଳ ସନ୍ତୁଳନ ପୁନଃସ୍ଥାପିତ ନହେବା ପର୍ଯ୍ୟନ୍ତ ଜଳ ସ୍ତର ହ୍ରାସ ପାଇଥିବା ଅଞ୍ଚଳରେ ନୂତନ ଭୂତଳ ଜଳ ନିଷ୍କାସନ ଅନୁମତି ଉପରେ କଟକଣା ଜାରି । ୬) ଅତିରିକ୍ତ ବନ୍ୟାଜଳ ସଂରକ୍ଷଣ କରିବା ନିମନ୍ତେ ନଦୀ ପଠା ତଳିଆ ଅଞ୍ଚଳରେ ଜଳାଶୟସବୁର ନିର୍ମାଣ ଯାହା ପରବର୍ତ୍ତୀ ଜଳକଷ୍ଟ ସମୟରେ ବ୍ୟବହାର ହେବ । ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏପରି ପଦକ୍ଷେପକୁ ତ୍ୱରିତ କାର୍ଯ୍ୟକାରୀ କରିବା ନିମନ୍ତେ ଓଇଏସ୍‌ର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଛନ୍ତି ।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୯।୫(ସମିସ): ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ । ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ । ସମୟ ସହ ରାଜଧାନୀ ଭୁବନେଶ୍ୱରରେ ଅନେକ ପରିବର୍ତ୍ତନ ଆସିଛି । ସହରର ଉନ୍ନତିକରଣ ସଙ୍ଗେ ସଙ୍ଗେ ଗାଡି ମଟରର ସଂଖ୍ୟା ମଧ୍ୟ ବଢ଼ିଛି । ସେହିଭଳି କିଛି ବ୍ୟବସାୟ ଏବଂ ପେଟ ପୋଷିବାର ମାଧ୍ୟମକୁ ଲୋକ ପୁରୁଣା ସମୟ ସହ ପାଛୋଟି ନୂଆ ରୋଜଗାରର ପନ୍ଥା ଆପଣେଇଲେଣି । ସେହିଭଳି ଏକ ରୋଜଗାର ହେଲା ଶୁଆ ପାଞ୍ଜି ଗଣନା । ଏହିପରି ଲୋକ ଛକ ଛକରେ ପୂର୍ବରୁ ଦେଖିବାକୁ ମିଳୁଥିଲେ । ଯେଉଁମାନଙ୍କ ନିକଟରେ ଏକ ଶୁଆ ସହ ଏକ ପିଞ୍ଜରା, କିଛି କାଗଜ ପତ୍ର ଶହ ଲୋକଙ୍କ ଭବିଷ୍ୟତ କହୁଥିଲା ଏହି ଶୁଆ । ହେଲେ ସମୟ ସହ ହୁଏତ କାଁ ଭାଁ କେଉଁଠି ପରିଲକ୍ଷିତ ହେଉଛନ୍ତି । କାରଣ ଲୋକଙ୍କ ବିଶ୍ୱାସ ଏବଂ ଡିଜିଟାଲ ଯୁଗରେ ଆଉ କାହାକୁ ଭବିଷ୍ୟତ ଜାଣିବା ପାଇଁ ଶୁଆ ଉପରେ ନିର୍ଭର କରିବାକୁ ପଡୁନି ।

ଠିକ୍ ସେହିଭଳି ଏକ ୨୫ ବର୍ଷ ତଳର ଫଟୋ ସାମାଜିକ ଗଣମାଧ୍ୟମରେ ଅନେକ ଲୋକଙ୍କୁ ଶୁଆ ପାଞ୍ଜି କଥା ମନେ ପକାଇ ଦେଇଛି । ଯେଉଁଥିରେ ୨ ଟଙ୍କାରେ ନିଜ ଭବିଷ୍ୟତ ଲୋକ ଶୁଆ ପାଖରୁ ଜାଣୁଥିଲେ । ବର୍ତ୍ତମାନ ରାଜଧାନୀର କେବଳ କିଛିଟା ପାର୍କ ନିକଟରେ ହିଁ ଏମାନଙ୍କୁ ଦେଖିବାକୁ ମିଳଉଛି । ଯେଉଁମାନେ କି ୨ଟଙ୍କା ବଦଳରେ ଏବେ ୫ ଶହ ଟଙ୍କା ନେଉଛନ୍ତି ।

## ଜେଡିସିଏ ପକ୍ଷରୁ 'ମିଟ୍ ଦ ଆର୍ଟିଷ୍ଟ'



ଭୁବନେଶ୍ୱର, ୯।୫(ସମିସ): ଜେଡିସିଏ ପକ୍ଷରୁ 'ମିଟ୍ ଦ ଆର୍ଟିଷ୍ଟ' ୨୯୦ତମ କାର୍ଯ୍ୟକ୍ରମ ନୂଆପଲ୍ଲୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି । ଏହାର ବିଷୟବସ୍ତୁ 'ସାର୍ବଜନୀନ ସ୍ଥାନମାନଙ୍କର ସୌନ୍ଦର୍ଯ୍ୟୀକରଣ' ରହିଥିଲା । ଏଥିରେ ଓଡ଼ିଶାର ସ୍ଥାପତ୍ୟ ଶିଳ୍ପୀ ଗାୟତ୍ରୀ ହୋତା, ସାର୍ବଜନୀନ ବ୍ୟବହାର ଯୋଗ୍ୟ ଢାଞ୍ଚାର କିପରି ବ୍ୟବହାର ଯୋଗ୍ୟ ସୌନ୍ଦର୍ଯ୍ୟକରଣ କରାଯାଇପାରିବ ସେହି ବିଷୟରେ ଆଲୋକପାତ କରିଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମରେ ଜେଡିସିଏ ତରଫରୁ ଟ୍ରଷ୍ଟି ଜଗଦାନନ୍ଦ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ଏବଂ ସ୍ଥାପତ୍ୟ ଶିଳ୍ପୀ ଅକ୍ଷୟ କୁମାର ବେଉରିଆ ଅତିଥିଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ବହୁ ବ୍ୟକ୍ତି ବିଶେଷ ଓ କଳାକାର ଉପସ୍ଥିତ ରହିଥିଲେ । ଜେଡିସିଏ ତରଫରୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ ରକ୍ତଦାନ ଶିବିର




ଭୁବନେଶ୍ୱର, ୯।୫(ସମିସ): ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ ବିଶ୍ୱ ଥାଲାସେମିଆ ଦିବସ ଓ ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ ଅବସରରେ ସତସଙ୍ଗ ଗ୍ରୁପ ଆନୁକୂଲ୍ୟରେ ସମ୍ ହସ୍ପିଟାଲରେ ଏକ ଇନ୍ ହାଉସ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ରକ୍ତଦାନ ଶିବିରକୁ ସମ୍ ଟ୍ରାନସ୍ଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ଡ. ଗିରିଜା ନନ୍ଦିନୀ କାନୁନଗୋ, ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରି ସଭାପତି ଡ. ନରେଶ ଚନ୍ଦ୍ର ସାହୁ ଉଦଘାଟନ କରିଥିଲେ । ଡା. ରଚିତାଙ୍କ ତତ୍ତ୍ୱାବଧାନରେ ମୋଟ ୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଓଡ଼ିଶା ରକ୍ତଦାତା ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ରାଉତ, ମୀନକେତନ ସାହୁ ଓ ରାଜେଶ କୁମାର ପଣ୍ଡା ପ୍ରମୁଖ ଶିବିର ଆୟୋଜନରେ ସହଯୋଗ ଓ ପରିଚାଳନା କରିଥିଲେ ।

## ତାଳଚେର ସାଂସ୍କୃତିକ ପରିଷଦ ପକ୍ଷରୁ ବୈଶାଖ ଆସର



ଭୁବନେଶ୍ୱର, ୯ ।୫(ସମିସ): ତାଳଚେର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବୁଦ୍ଧମନ୍ଦିର ଠାରେ ବୈଶାଖୀ ଆସର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ସଭାରେ ଡ. ଦେବାଶିଷ ମହାପାତ୍ର ମୁଖ୍ୟ ଅତିଥି ଓ ଡ. ଶାନ୍ତନୁ କୁମାର ରଥ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ଭବାନୀ ଶଙ୍କର ମିଶ୍ର ଅଧ୍ୟକ୍ଷତା କରିବା ସହ ଅନୁଷ୍ଠାନ ବିଷୟରେ ସୂଚନା ଦେଇ ପ୍ରତି ମାସରେ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ମତ ଦେଇଥିଲେ । ଏହି ଆସରରେ ଏକ ବୌଦ୍ଧିକ ଆଲୋଚନା ଧର୍ମ ଓ ସାମ୍ପ୍ରତିକ ସାମାଜିକ ସ୍ଥିତି ଉପରେ ଏହାର ପ୍ରଭାବ ଉପରେ ଶ୍ରୀ ମହାପାତ୍ର ଓ ଶ୍ରୀଯୁକ୍ତ ରଥ ବକ୍ତବ୍ୟ ରଖିଥିଲେ । ସେ ଉପନିଷଦରୁ ଆରମ୍ଭ କରି ବର୍ତ୍ତମାନ ସମୟରେ ତାର ପ୍ରାସଙ୍ଗିକତା ଉପରେ ଖୁବ ସାରଗର୍ଭକ ମତ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ସବିତା ଷଡ଼ଙ୍ଗୀ ଓ ମନୋଜ ହୋତା ଭଜନ ଗାନ କରିଥିବା ବେଳେ ମୁକୁନ୍ଦ ଶତପଥୀ ସଂଳାପ ପାଠ କରିଥିଲେ । ସଦସ୍ୟ ମୁକୁନ୍ଦ ଶତପଥୀ ସଭା ପରିଚାଳନା କରିଥିଲେ । ଏଥିରେ ଅନୁଷ୍ଠାନର ସଦସ୍ୟ ପରିତୋଷ ପାତ୍ର, ଡାକ୍ତର ବସନ୍ତ କୁମାର ମିଶ୍ର, ଡକ୍ଟର ସୌରେନ୍ଦ୍ର କୁମାର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅନୁଷ୍ଠାନର ସଦସ୍ୟ ସତ୍ୟବ୍ରତ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ସତ୍ୟନଗର ଲେଡିଜ ଫୋରମ ପକ୍ଷରୁ ମାତୃଦିବସ




ଭୁବନେଶ୍ୱର, ୯ ।୫(ସମିସ): ସତ୍ୟନଗର ଲେଡ଼ିଜ ଫୋରମ ପକ୍ଷରୁ ବୁଦ୍ଧମନ୍ଦିର ପ୍ରାଙ୍ଗଣରେ ମାତୃଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କ ଭିତରେ ରଙ୍ଗୋଲି, ନୃତ୍ୟ, ଗୀତ, ଫେଶନ ସୋ, ପିଠା, ରୋଷେଇ ଆଦିର ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶକୁନ୍ତଳା ବଳିୟାରସିଂହ, ପ୍ରତିଭା ପଣ୍ଡା, ପୁଷ୍ପା ପଣ୍ଡା, ପ୍ରତିଭା ମହାରଥୀ, ସବିତା ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ମାତୃଦିବସର ମହାନତା ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ସତ୍ୟନଗର ଲେଡ଼ିଜ ଫୋରମର ସଦସ୍ୟାମାନେ ମିଳିତ ଭାବରେ ସବୁ କାର୍ଯ୍ୟ ସମ୍ପାଦନ କରିଥିଲେ । ଅନୁଷ୍ଠାନର ସମ୍ପାଦିକା ଅନୁରାଧା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହେ କାର୍ଯ୍ୟକ୍ରମରେ ଶହେରୁ ଅଧିକ ମାଆ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ତିନିଦିନିଆ ଇଟିକିଲି ମିଟିକିଲି ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୯ ।୫(ସମିସ): ଇଟିକିଲି ମିଟିକିଲିର ୩୧ତମ ଉତ୍ସବ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ଅଡ଼ିଟୋରିଅମ୍‌ଠାରେ ତିନିଦିନିଆ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠାନର ଉପ ସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରୟାଲ କଲେଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି ଯୋଗ ଦେଇଥିଲେ । ମୁଁ ବି ଜଣେ ପାଠକ, ଓଡ଼ିଆ ସମ୍ବାଦପାଠ ଓ ଓଡ଼ିଆ କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବାଦିକ ତଥା



ଶିଶୁ-ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପିକା ପ୍ରଜ୍ଞା ପ୍ରଧାନ, କବି ଓ ଲେଖିକା ସ୍ୱର୍ଣ୍ଣପ୍ରଭା ରଥ, ଶିଶୁ ସାହିତ୍ୟିକା ତଥା କବି ଓ ଲେଖିକା କମଳିନୀ ମଲ୍ଲିକ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶୀ ଓ ଲୋକନୃତ୍ୟ କାର୍ଯ୍ୟକ୍ରମ ଓ ଏକକ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଦସ୍ୟ ରଜନୀକାନ୍ତ ରାଉତ ପରିଚାଳନା କରିଥିଲେ ।

## ଦିନନାଥ ପାଠୀଙ୍କ ଜୟନ୍ତୀ



ଭୁବନେଶ୍ୱର, ୯ ।୫(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ବିଭୂତି କାନୁନଗୋ ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଦିନନାଥ ପାଠୀଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସମାରୋହକୁ ସଞ୍ଚାଳନ କରିଥିଲେ । ପ୍ରାରମ୍ଭରେ ଶିକ୍ଷାବିତ୍ କାମଦେବ ମହାପାତ୍ର ଶ୍ରୀ ପାଠୀଙ୍କ ଉପରେ ଲିଖିତ କବିତାକୁ ଆବୃତି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ଡାକୁଆ, ଭୁବନେଶ୍ୱର ଗୌରବ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଶ୍ୱରଞ୍ଜନ କର, ଅମିତ୍ ପାତାଳ ସିଂ, ଚୈତନ୍ୟ ତ୍ରିପାଠୀ ଓ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଗୋଦାବରୀ ସାହିତ୍ୟ ସଂସଦ ପକ୍ଷରୁ ଗଳ୍ପ ପାଠୋତ୍ସବ



ଭୁବନେଶ୍ୱର, ୯।୫(ସମିସ): ରାଜଧାନୀ ଭୁବନେଶ୍ୱରର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀ ସାହିତ୍ୟ ସଂସଦ ପକ୍ଷରୁ ଏକ ଗଳ୍ପ ପାଠୋତ୍ସବ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ କଥା ସାହିତ୍ୟ ପରିପ୍ରେକ୍ଷୀରେ କଥାଶିଳ୍ପୀ ମନୋଜ ଦାସଙ୍କ କଥା ସାହିତ୍ୟ ସୃଷ୍ଟିର ଦିଗଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ । ସଂସଦର ସମ୍ପାଦକ ଡ. ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶରତ କୁମାର ପରିଡ଼ାଙ୍କ ସଂଯୋଜନାରେ ତିରିଶିରୁ ଊର୍ଦ୍ଧ୍ୱ ଗାଳ୍ପିକ ଗଳ୍ପ ପାଠ କରିଥିଲେ । ସଂସଦର ଉପସଭାପତି ଖଗେଶ୍ୱର ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ନୃତ୍ୟନିପୁଣା ଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ

ଭୁବନେଶ୍ୱର, ୯।୫(ସମିସ): ଭୁବନେଶ୍ୱର ସ୍ଥିତ ଇସ୍କନ ମନ୍ଦିର ଦ୍ୱାରା ଚନ୍ଦନ ମହୋତ୍ସବ ଆୟୋଜିତ ହେଉଛି । ଏହି ଅବସରରେ ନୃତ୍ୟନିପୁଣା ଓଡିଶୀ ନୃତ୍ୟ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ମାହାରୀ ନୃତ୍ୟ, କଥକ ନୃତ୍ୟ, ଭଜନ ନୃତ୍ୟ ଏବଂ ଭଜନ ଭିତ୍ତିକ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା । ଗୁରୁ ଡ. ପ୍ରିୟଙ୍କା ମିଶ୍ରଙ୍କ ପ୍ରଶିକ୍ଷଣରେ ଏବଂ ପ୍ରତିମା ମିଶ୍ରଙ୍କ ସୁପରିଚାଳନା ଦ୍ୱାରା ଅନୁଷ୍ଠାନର ନୃତ୍ୟାଙ୍ଗନାମାନେ ନୃତ୍ୟ ପରିବେଷଣ କରିଥିଲେ । ଶିଳ୍ପୀମାନେ ହେଲେ ଅର୍ଚ୍ଚିତା, ଆଶ୍ରିୟା, ଅଂଶିତା, ବିଦୁସ୍ମିତା ପ୍ରମୁଖ ପରିବେଷଣ କରିଥିଲେ ।



## ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଭାବ ବିନିମୟ ସଭା

ଭୁବନେଶ୍ୱର, ୯ ।୫(ସମିସ)

ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଏକ ଭାବ ବିନିମୟ ସଭା ନୂଆପଲ୍ଲୀ ସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ 'ଆମ ପରିବାର, ଗତକାଲି, ଆଜି, ଆସନ୍ତାକାଲି' ଶୀର୍ଷକ ଏହି ଭାବ ବିନିମୟ ସଭାରେ ଅନୁଷ୍ଠାନର ସଭାପତି ସଜ୍ଜନ ଶର୍ମା ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ପ୍ରମୁଖ ବୈକୁଣ୍ଠ ନାଥ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆମ ପାରିବାରିକ ବ୍ୟବସ୍ଥା ଉପରେ ବିଷଦ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ପାରିବାରିକ ବ୍ୟବସ୍ଥା ଯେତେ ସୁଦୃଢ଼ ହେବ ସମାଜ ସେତେ ଋଦ୍ଧିମନ୍ତ ହେବ । ଯଦିଓ ପାରିବାରିକ ବ୍ୟବସ୍ଥାରେ କ୍ରମଶଃ ଅବକ୍ଷୟ ବଢ଼ିବାରେ ଲାଗିଛି ତଥାପି ଏହାର ସଂସ୍କାର ପାଇଁ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ ଚଳାଇଛନ୍ତି । ଭାଷା, ଭୂଷା, ଭଜନ, ଭୋଜନ ଭବନ ଓ ଭ୍ରମଣ ଦ୍ୱାରା ଆମ ସମାଜ ତଥା ପରିବାର ଉନ୍ନତି ଦିଗରେ ଅଗ୍ରସର ହୋଇପାରିବ । ସେଥିପାଇଁ ପରିବାରରେ ସ୍ନାନ ଧ୍ୟାନ ଓ ବ୍ୟାୟାମକୁ ଅଧିକ ଗୁରୁତ୍ୱ ଦେବା ଏକାନ୍ତ ପ୍ରୟୋଜନ ଅଟେ । ଏହି ସଭାରେ ସାମ୍ବାଦିକ ଓ ଲେଖକ ଦିଲ୍ଲୀପରାଜ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସମାଜସେବୀ ଡ. ସିକ୍ତା ପତି, ଡାକ୍ତର ପ୍ରତାପ ପାଣି, କବି ମନୋରଞ୍ଜନ ଷଡଙ୍ଗୀ, ସାହିତ୍ୟିକ ସାଧୁଚରଣ ବେହେରା, ପରିବେଶବିତ୍ ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ଡ. ପଦ୍ମଲୋଚନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




## କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ପରଲୋକରେ ଶୋକ



ଭୁବନେଶ୍ୱର, ୯ ।୫ (ସମିସ): ଶ୍ରମିକ ଆନ୍ଦୋଳନର ପ୍ରତିବଦ୍ଧ ସଂଗ୍ରାମୀ ନେତା କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନ୍ସିଲ ଅଫ୍ ଟ୍ରେଡ୍ ୟୁନିଅନ୍ସ (ଏଆଇସିସିଟିୟୁ) ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଏଆଇସିସିଟିୟୁର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ସଭାପତି ରାଧାକାନ୍ତ ସେଠୀ ଓ ଉପସଭାପତି କମ୍ରେଡ ବଂଶୀଧର ପରିଡ଼ା ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଆନ୍ତରିକ ସମବେଦନା ଜଣାଇଛନ୍ତି ।

# କଟକ ସିଟି





**କଟକ ୟୁପିଡିରେ 'ଜୁଭେଣ୍ଟିକା' ପ୍ରହସନ**

# ବାଟବଣା ହୋଇଛି ଚାଇଲ୍ଡ-ଫ୍ରେଣ୍ଡଲି ବ୍ୟବସ୍ଥା

**● ଅଲୋଡ଼ା ହେଲାଣି 'ମହିଳା ଓ ଶିଶୁ ଡେସ୍କ'**
**● ଏସି ରୁମ୍‌ର ଭାଷଣରେ ଚାଲିଛି ଯୋଜନା**

କଟକ, ୯ ।୫(ସମିସ):

ପୁଲିସ ମୁଖ୍ୟାଳୟ ପକ୍ଷରୁ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ତଥା କିଶୋର କିଶୋରୀ, ଶିଶୁ ଓ ମହିଳାମାନଙ୍କ ସହ ପୁଲିସର ସଚେତନତା ଓ ସମ୍ପର୍କ କାର୍ଯ୍ୟକ୍ରମ କରାଯାଉଛି। ଏଯାବତ୍ ୫୫୫ଟି ଥାନାରେ ୧୫ହଜାରରୁ ଅଧିକ କିଶୋର-କିଶୋରୀ, ଶିଶୁ ଏବଂ ମହିଳାଙ୍କୁ ପୁଲିସ ସଚେତନ କରାଇ ସାରିଲାଣି। କଟକ ୟୁପିଡିର ମଙ୍ଗଳାବାଗ ଥାନା ଏହି ଜୁଭେଣ୍ଟିକା କାର୍ଯ୍ୟକ୍ରମ କରାଯାଇ ସାରିଲାଣି। ଯେଉଁ ଲକ୍ଷ୍ୟ, ଆଭିମୁଖ୍ୟ ଓ ପ୍ରଚେଷ୍ଟାରେ ଏଭଳି କାର୍ଯ୍ୟକ୍ରମ କରାଯାଉଛି, ତାହା କଟକ ୟୁପିଡିରେ ପ୍ରହସନରେ ପରିଣତ ହୋଇଛି। ଥାନାରେ କିଶୋର, କିଶୋରୀ, ଶିଶୁ ଏବଂ ମହିଳାଙ୍କୁ ଉଚିତ୍ ବ୍ୟବହାର, ନ୍ୟାୟ ଏବଂ ସେବା ମିଳୁନଥିବା ଅଭିଯୋଗ ଉଠିଛି। ଜୁଭେଣ୍ଟିକା କାର୍ଯ୍ୟକ୍ରମରେ ପୁଲିସ ମହିଳା ଓ ଶିଶୁଙ୍କ ଅଭିଯୋଗକୁ କମିଶନରେଟ୍ ପୁଲିସ ସମ୍ବେଦନଶୀଳ ଭାବେ ଗ୍ରହଣ କରୁଥିବା କହୁଛି। ଥାନାରେ ମହିଳା ଓ ଶିଶୁମାନେ ଯେମିତି ଅବହେଳାର ଶିକାର ନହେବେ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଭାବେ ନିଜର ଅଭିଯୋଗ ଜଣାଇ ପାରିବେ, ସେଥି ପ୍ରତି ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ଆସୁଛନ୍ତି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ସହରର ଥାନା ଗୁଡ଼ିକରେ ମହିଳା ଓ ଶିଶୁ ଡେସ୍କ ଆଦୌ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। କେବଳ ସ୍ୱତନ୍ତ୍ର ପ୍ରକୋଷ୍ଠ ବାହାରେ 'ଅଭ୍ୟର୍ଥନା ପ୍ରକୋଷ୍ଠ ଏବଂ ମହିଳା ଓ ଶିଶୁ ଡେସ୍କ'ର ଫଳକ ଶୋଭା ପାଉଛି। ବାହାରେ ତାଲା ଝୁଲୁଛି। ଯଦିଓ କାଁ ଭାଁ ଏହି ପ୍ରକୋଷ୍ଠକୁ ଖୋଲାଯାଉଛି, ସେଠାରେ କୌଣସି ମହିଳା ଓ ଶିଶୁଙ୍କ ଅଭିଯୋଗ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି। ସେହିଭଳି ଏହି ଡେସ୍କରେ ସ୍ୱତନ୍ତ୍ର ଭାବେ ଜଣେ ଅଭିଜ୍ଞ ମହିଳା ପୁଲିସ ଅଫିସରଙ୍କୁ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର କଟକ ସହରର ଅଧିକାଂଶ ଥାନାରେ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ।

ପୁଲିସ କର୍ମଶାଳା ମାଧ୍ୟମରେ ଯାହା କହୁଛି, ତାହା ଥାନାୱାରୀ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଗୋଟିଏ କିମ୍ବା ଦୁଇ ଦିନର କର୍ମଶାଳାରେ ପୁଲିସ କହୁଥିବା ଆଇନ/କାନୁନ୍ ଥାନାରେ କାର୍ଯ୍ୟକାରୀ ହେବା ଜରୁରୀ। କିନ୍ତୁ ତାହା କେବଳ ଭାଷଣ'ରେ ସୀମିତ ରହିଛି। ଅନ୍ୟପଟେ କମିଶନରଟ୍ ପୁଲିସ ପକ୍ଷରୁ ଥାନା ଗୁଡ଼ିକୁ ଚାଇଲ୍ଡ ଫ୍ରେଣ୍ଡଲି କରାଯାଇ ନାହିଁ। କୌଣସି ସମସ୍ୟାରେ ଫସି ଥାନାକୁ ଆସୁଥିବା ଶିଶୁଙ୍କୁ କାଉନସିଲିଂ କରାଯିବା ପାଇଁ ଉପଯୁକ୍ତ ସ୍ଥାନ ଓ ପରିବେଶର ଅଭାବ ଦେଖା ଦେଇଛି। ମହିଳାଙ୍କ ସାଥିରେ ଆସୁଥିବା ଶିଶୁଟିଏ ଥାନାରେ ଅବହେଳାର ଶିକାର ହେଉଛି। ଥାନା ଗୁଡ଼ିକର ଆଇଆଇସି ଆସି ନିଜ ନିଜ ଥାନାରେ କେମିତି ଶିଶୁ ଓ ମହିଳା ଡେସ୍କକୁ ଅଧିକ କ୍ରିୟାଶୀଳ କରିବେ, ସେ ଜ୍ଞାନ ଆୟୋଜିତ କର୍ମଶାଳାରେ ଆହାରଣ କଲେ ମଧ୍ୟ ତାହା କାର୍ଯ୍ୟକ୍ଷମ କରାଯାଇ ପାରୁନାହିଁ। ଏସବୁ କେବଳ ଯୋଜନାରେ ହିଁ ରହିଯାଇଛି। ଥାନାଗୁଡ଼ିକର ଚାଇଲ୍ଡ ଫ୍ରେଣ୍ଡଲି ସ୍ୱପ୍ନ ଅଧାରେ ଅଟକିଛି। ସେହିପରି ସହରର ମଧୁପାଟଣା, ଲାଲବାଗ, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ, ବିଡ଼ାନାସୀ, ମହିଳା ଥାନା, ମର୍କତନଗର, ଫେଜ୍-୨, ଚୌଦ୍ୱାର, ଜଗତପୁର ଥାନା ଗୁଡ଼ିକରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକ୍ଷମ ହେଉ ନଥିବା ଅଭିଯୋଗ ହୋଇଛି। କର୍ମଚାରୀ ଅଭାବ କହି ପୁଲିସ ଏସବୁ ପ୍ରଶ୍ନର ଉତ୍ତର ଦେଇ ପାରିନାହିଁ। ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ରୋକିବା ଲାଗି ଓଡ଼ିଶା ପୁଲିସ ୨୦୦୫ରେ ଏହି ପଦକ୍ଷେପ ଗ୍ରହଣ କରିଥିଲା। ଏବେ ଏହା ବିଫଳ ହେବାରେ ଲାଗିଛି। କଟକ ୟୁପିଡ଼ିର ପ୍ରତ୍ୟେକ ଥାନାକୁ ଏକ ସ୍ୱତନ୍ତ୍ର ଡ୍ରାଇଭ୍‌ରେ ସାମିଲ୍ କରାଯାଇ ଏହି ସ୍ୱତନ୍ତ୍ର ଡେସ୍କ କାର୍ଯ୍ୟକ୍ଷମ ହୋଇଥିଲା। ଏହି ଡେସ୍କର କେବଳ ମହିଳା ଉପନିରୀକ୍ଷକ ଓ ସହକାରୀ ଉପନିରୀକ୍ଷକ ପଦର ଅଧିକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଡେସ୍କରେ ୨ଜଣ ମହିଳା କନେଷ୍ଟବଳଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ହେଲେ ଏସବୁ ଯୋଜନା ଅଧାରେ ଅଟକିଲା ପରି ମନେ ହେଉଛି।

## ତିନିକୋଣିଆ ବଗିଚା ଶ୍ରୀତ୍ରିନାଥ ମନ୍ଦିର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର



କଟକ, ୯ ।୫(ସମିସ): କଟକ ସହରର ଅନ୍ୟତମ ପବିତ୍ର ଧର୍ମାନୁଷ୍ଠାନ ତିନିକୋଣିଆ ବଗିଚାସ୍ଥିତ ଶ୍ରୀ ତ୍ରିନାଥ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆମ ଅଞ୍ଚଳର ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଐତିହ୍ୟର ସୁରକ୍ଷା ପାଇଁ ବିଧାୟିକା ସୋଫିଆ ଫିର୍‌ଦୋସଙ୍କ ଉନ୍ନୟନ ପାଣ୍ଠି ସହାୟତାରେ ଏହି ମନ୍ଦିରର ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ। ଏହି ନୂତନ ପ୍ରକଳ୍ପ ଦ୍ୱାରା ମନ୍ଦିର ବେଢ଼ାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁରୁଖୁରୁରେ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇପାରିବ। ଏହି ଅବସରରେ ବିଧାୟିକା କହିଛନ୍ତି ଯେ ଜନସାଧାରଣଙ୍କ ସେବା ଓ ଭକ୍ତଙ୍କ ସୁବିଧା ପାଇଁ ସେ ସର୍ବଦା ଚେଷ୍ଟା ଜାରି ରଖିଛନ୍ତି। ଖୁବ୍ ଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଏକ ନୂତନ ରୂପରେ ମନ୍ଦିରଟି ଉଦଘାଟିତ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିବା ସହ ମନ୍ଦିରର ପୁରାତନ ଗୌରବକୁ ବଜାୟ ରଖିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ମନ୍ଦିର କମିଟିର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଏହି କାର୍ଯ୍ୟକୁ ସ୍ୱାଗତ କରିଥିଲେ।

**● ରାଜସ୍ୱ ପର୍ଷଦ କୋଠାରୁ ପଡ଼ି ଶ୍ରମିକ ମୃତ୍ୟୁ ଘଟଣା**

## କ୍ଷତିପୂରଣ ଓ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କଟକ, ୯ ।୫(ସମିସ): ଗତ ୮ ତାରିଖ ରାଜସ୍ୱ ପର୍ଷଦ (ବୋର୍ଡ ଅଫ ରେଭନ୍ୟୁ) କୋଠା ତିଆରି ସମୟରେ ପଶ୍ଚିମବଙ୍ଗର ଶ୍ରମିକ ଆମିନୁଲ ଇସଲାମଙ୍କର କୋଠା ଉପରୁ ଖସି ପଡ଼ି ମୃତ୍ୟୁ ହୋଇଛି। ଠିକାସଂସ୍ଥାଗୁଡ଼ିକ ନିରାପତ୍ତା ଉପକରଣ ବ୍ୟବହାର କରି ଶ୍ରମିକଙ୍କୁ କାମ କରାଇବାର ନିୟମକୁ ସମ୍ପୂର୍ଣ୍ଣ ଭାବେ ବେଖାତିର କରିବା ଫଳରେ ଏକ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ଏଆଇୟୁଟିସି ପକ୍ଷରୁ କୁହାଯାଇଛି। ଏହି ଦୁଃଖଦ ଘଟଣାରେ ମୃତ ଶ୍ରମିକ ପରିବାରକୁ ସମବେଦନା ଜଣାଇବା ସହିତ ସଂସ୍ଥା ଓ ସରକାରଙ୍କୁ ଏଆଇୟୁଟିୟୁସି ପକ୍ଷରୁ ଜିଲ୍ଲା ସଭାପତି କମ୍ରେଡ୍ ଖଗେଶ୍ୱର ସେଠୀ, ସମ୍ପାଦକ ରାଜକିଶୋର ମଲ୍ଲିକ ତୀବ୍ର ନିନ୍ଦା କରିଛନ୍ତି। ଏହି ଦୁର୍ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଠିକା ସଂସ୍ଥାଗୁଡ଼ିକୁ କାମ ଦେବା ବନ୍ଦ କରିବା, ମୃତ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରିବା ଓ ସମସ୍ତ ନିର୍ମାଣ କାମ ସମୟରେ ପ୍ରତିରକ୍ଷା ଉପକରଣ ନିୟମକୁ କଡ଼ାକଡ଼ି ପାଳନ କରିବା, ଦିନ ୧୧ଟା ପରେ କାମ ନ କରାଇବା ପାଇଁ ଏଆଇୟୁଟିୟୁସି ପକ୍ଷରୁ ଦାବି କରାଯାଇଛି।

## ଡ୍ରିମ୍‌ସରେ ସୌର ଆଲୋକ ପ୍ରକଳ୍ପ ଉଦ୍‌ଘାଟିତ



କଟକ, ୯ ।୫(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ 'ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍‌ନୋଲୋଜି' ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଶେଷବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସୋ÷ର ଆଲୋକ ପ୍ରକଳ୍ପ (ସୋଲାର-ଟ୍ରି) ଉଦ୍‌ଘାଟିତହୋଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଏହାକୁ ଲୋକାର୍ପିତ କରି ବିଭାଗୀୟ ଅଧ୍ୟାପକଅଧ୍ୟାପିକାଙ୍କ ମାର୍ଗଦର୍ଶନ ଓ ଛାତ୍ରଛାତ୍ରୀଙ୍କ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରକଳ୍ପ ଶିକ୍ଷାନୁଷ୍ଠାନ ପରିସରକୁ ଆଲୋକିତ କରିବାରେ ଉପଯୋଗୀ ହେବବୋଲି ଉଲ୍ଲେଖ କରି ସମ୍ମିଳିତ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ବିଶ୍ୱବିଦ୍ୟାଳୟ ପରିଚାଳନାମଣ୍ଡଳୀର ବିଶେଷଜ୍ଞ ସଦସ୍ୟ ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ଶିକ୍ଷାବିତ୍ ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଯୁକ୍ତିବିଦ୍ ଇଂ ଅଶୋକ ବାସା, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ଡ୍ରିମ୍‌ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ରଂଜନ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଡିନ୍ ଡ. ନୟନ ରଂଜନ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ପ୍ରାଧ୍ୟାପକ ଡ. ପ୍ରତାପଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧ୍ୟାପକଅଧ୍ୟାପିକା ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ରେଡ୍‌କ୍ରସ୍ ଦିବସ



କଟକ, ୯।୫ (ସମିସ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଦ୍ୱାରା ବିଶ୍ୱ ରେଡକ୍ରସ୍ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଦୀପା ନାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଦୁଇଦିନିଆ ଜଳଛତ୍ର ଆୟୋଜନ କରିବା ସହ ନିଃସହାୟଙ୍କୁ ସ୍ୱେଚ୍ଛାସେବୀମାନେ ସହାୟତା ପ୍ରଦାନ କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ଦ୍ୱାରା ଖାଦ୍ୟ ଓ ଦୈନିକ ଆବଶ୍ୟକ ସାମଗ୍ରୀ ନିଃସହାୟ ଲୋକଙ୍କୁ ସହାୟତା ପାଇଁ ଯୋଗାଇ ଦିଆଯାଇଥିଲା। ଏହି ସାମଗ୍ରୀକୁ ଯାଜପୁର ଛତିଆଠାରେ ଏକ ଜରାଶ୍ରମରେ ଏବଂ ଚଣ୍ଡିଖୋଲର ନେଉଳପୁର ଗ୍ରାମପଞ୍ଚାୟତର ମୁଣ୍ଡାସାହିଠାରେ ମଧ୍ୟ ସହାୟତା ପ୍ରଦାନ କରାଯାଇଥିଲା। ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ରେଡକ୍ରସ ତରଫରୁ ସହାୟତା ଦେବାରେ ରେଡକ୍ରସ ଓଡିଶା ଶାଖାର ଅବୈତନିକ ସଚିବ ଗଣେଚନ୍ଦ୍ର ପାତ୍ର ଏବଂ ଡ଼. ରମେଶଚନ୍ଦ୍ର ବେହେରା, ଯୁବ ରେଡକ୍ରସ୍ ଅଧିକାରୀ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲେ। ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ପରାମର୍ଶଦାତା ଡ଼. ସସ୍ମିତା ପଟ୍ଟନାୟକଙ୍କ ଦ୍ୱାରା ସହାୟତା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ଼. ସ୍ମିତା ମହାନ୍ତି (ଷ୍ଟୁଆର୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରାମର୍ଶଦାତା), ସୁମିତା ଆଚାର୍ଯ୍ୟ (ଇମର୍ତି ଦେବୀ ମହିଳା ମହାବିଦ୍ୟାଳୟର ପରାମର୍ଶଦାତା), ରଜତି ରାଉତ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ରସାୟନ ବିଭାଗୀୟ ମୁଖ୍ୟ ଡ଼. ଅବନୀସାହୁ ଯୋଗ ଦେଇଥିଲେ। ଜରାଶ୍ରମରେ ପ୍ରତିଷ୍ଠାତା ଅଶୋକ କୁମାର୍ ସ୍ୱାଇଁ ଓ ତାଙ୍କର ସହକର୍ମୀ ମାନେ ଏବଂ ନେଉଳପୁର ଗ୍ରାମପଞ୍ଚାୟତର ସରପଞ୍ଚ ଦିବାକର ବେହେରାଙ୍କର ସହାୟତାରେ ବଣ୍ଟନ କାର୍ଯ୍ୟ ସଫଳ ହୋଇଥିଲା।

## କାଳବୈଶାଖୀ ତାଣ୍ଡବ: ଗଛ ପଡ଼ି କଟକ-ବାଙ୍କୀ ରାସ୍ତା ଅବରୋଧ



କଟକ, ୯ ।୫(ସମିସ): ଶନିବାର ସନ୍ଧ୍ୟା ସମୟରେ ବାଙ୍କୀ ଡମପଡ଼ା ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସହିତ ଝଡ଼ତୋଫାନ ଓ ଭୀଷଣ ପବନ ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି। କାଳବୈଶାଖୀ ପ୍ରଭାବରେ ଗଛ ଉପୁଡିବାରୁ କଟକ-ବାଙ୍କୀ ମୁଖ୍ୟ ରାସ୍ତାରେ ଅଟକିଥିଲା ଶହ ଶହ ଗାଡ଼ି। ଗୟଳବାଙ୍କ ଗ୍ରାମ ନିକଟରେ କଟକ-ବାଙ୍କୀ ମୁଖ୍ୟ ରାସ୍ତା ଉପରେ ବିରାଟକାୟ ଗଛଗୁଡ଼ିକ ଭାଙ୍ଗି ପଡ଼ିଥିଲା। ରାସ୍ତା ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଅଟକି ରହିଥିଲା। ଖବର ପାଇ ଡମପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ଗଛଗୁଡ଼ିକୁ କାଟି ରାସ୍ତା ସଫା କରିବା କାର୍ଯ୍ୟ ଜାରି ରଖିଛନ୍ତି, ଯାହାଫଳରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇପାରିବ। ସେହିବଳି କାଳବୈଶାଖୀର ପ୍ରଭାବରେ ଭଗିପୁର, ଗୟଳବାଙ୍କ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ତାର ଉପରେ ଗଛ ପଡ଼ିଯାଇଛି। ଏହି କାରଣରୁ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଗଛ ସଫା କରି ଅଞ୍ଚଳରେ ପୁଣିଥରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ପେଟାନାଳ ସଫେଇ କାର୍ଯ୍ୟର ତଦାରଖ



କଟକ, ୯ ।୫(ସମିସ): ବିଧାୟିକା ସୋଫିଆ ଫିରଦୋସ ଆଜି ପେଟାନାଳ ଗ୍ରାଉଣ୍ଡ ଜିରୋ ପରିଦର୍ଶନ କରି ସେଠାରେ ଚାଲିଥିବା ସଫେଇ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ୱାଟକୋ ଡ୍ରେନେଜ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପେଟାନାଳ ପୁନରୁଦ୍ଧାର ପାଇଁ ଆବଶ୍ୟକ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଯଥାଶୀଘ୍ର ବାକି ଥିବା ସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି। ସିଡିଏ ଏବଂ ବିଡାନାସୀ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଏକ ନୂତନ ଜୀବନଧାରା ସଦୃଶ ହେବ। ଏହାଦ୍ୱାରା ଅଞ୍ଚଳର ପରିବେଶରେ ଉନ୍ନତି ଆସିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ନିତ୍ୟାନନ୍ଦ ରାଉତରାୟ, ଜିତେନ୍ଦ୍ର ନାୟକ, ସତ୍ୟଶ୍ରୀ ବେହେରା, ଦିଲ୍ଲୀପ ମହାନ୍ତି, ସୁରଜିତ ସାହୁ, ଶୋନୁ ସ୍ୱାଇଁ, ସେକ ବାବାଯାନୀ, ଅନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଢଳେଇ ରାସ୍ତା ନିର୍ମାଣରେ ଅନିୟମିତତା !



ନିଶ୍ଚିନ୍ତକୋଇଲି, ୯ ।୫(ସମିସ): କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତର ଏକ ଢଳେଇ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ନେମାଳ ଗ୍ରାମ ମାଧବାନନ୍ଦ ଦାସ ଘରଠାରୁ ବିଦ୍ୟୁତ୍ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିଲା। ଏହାକୁ ଢଳେଇ କରି ମରାମତି କରିବା ନିମନ୍ତେ ପଞ୍ଚମ ଏସ୍‌ଏଫ୍‌ସି ଜିଆଇଏ ଆର୍ଥିକ ଅନୁଦାନରେ ୨୦୨୫-୨୬ ଆର୍ଥିକ ବର୍ଷରେ ୨ଲକ୍ଷ ୧ହଜାର ୫୪୭ ଟଙ୍କା ମଞ୍ଜୁର କରାଯାଇଥିଲା। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲେ ମଧ୍ୟ ସ୍ଥାନୀୟ ବିଧାୟକଙ୍କ ଅନୁଗତ କିଛି ବ୍ୟକ୍ତି ଏହି ନିର୍ମାଣ କାର୍ଯ୍ୟ କରିଥିଲେ। ହେଲେ ରାସ୍ତା ନିର୍ମାଣ ସମୟରେ ସଂପୂର୍ଣ୍ଣ ସରକାରୀ ନୀତି ନିୟମକୁ ଉଲଘଂନ କରାଯାଇଥିବା ବେଳେ ଏଥିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ସଠିକ୍ ଭାବେ ତଦାରଖ କରିନଥିବାରୁ ଏହି ଢଳେଇ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତା କାର୍ଯ୍ୟକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଧ୍ୟାପିକାଙ୍କ ରାଜନୀତି ବିଜ୍ଞାନରେ ପିଏଚ୍‌ଡି ଲାଭ



କଟକ, ୯ ।୫(ସମିସ): ନେତାଜୀ ସୁଭାଷ ସ୍ମାରକୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଅନନ୍ୟା ଅସ୍ମିତା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଏଚ୍‌ଡି ହାସଲ କରିଛନ୍ତି। ତାଙ୍କର ଗବେଷଣା ସନ୍ଦର୍ଭ 'ଏନ୍‌ଭାର୍ଣ୍ଣମେଣ୍ଟ ଆଣ୍ଡ ସିଭିଲ୍ ସୋସାଇଟି ମୁଭ୍‌ମେଣ୍ଟ୍‌ସ୍ ଉଇଥ୍ ସ୍ପେସାଲ୍ ରେଫରେନ୍ସ ଟୁ ଓଡ଼ିଶା' ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ଼ଃ ସଞ୍ଜୀବ କୁମାରଙ୍କ ତତ୍ତ୍ୱାବଧାନରେ ସଂଗଠିତ ହୋଇଥିଲା। ଯାହା ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତ ସିଂହ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୋନାଲି ସିଂହ ଏବଂ ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜୀବ କୁମାର ସିଂହଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି।

ଡଃ ଅସ୍ମିତା ପୂର୍ବରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏମ୍.ଫିଲ୍ ଉପାଧି ଅର୍ଜନ କରିଥିଲେ। ଏହା ପୂର୍ବରୁ ରେଭେନସା ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ ଏବଂ ପରେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ସିଙ୍ଗାପୁରସ୍ଥିତ ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ. ଡିଗ୍ରୀ ମଧ୍ୟ ଅର୍ଜନ କରିଛନ୍ତି। ସେ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଏନ୍‌ସିସି ଅଫିସର ଭାବେ କାର୍ଯ୍ୟ କରିଥିବା ବେଳେ ଏବେ କଟକସ୍ଥ ଏନଏସଏମ, ସିଟି କଲେଜରେ ଏନ୍‌ଏସଏସ ଅଫିସର୍ ରହିଛନ୍ତି। ଡଃ ଅସ୍ମିତା କଟକ ସିଡିଏସ୍ଥିତ ପ୍ରଫେସର ଡ଼ଃ ନିରଞ୍ଜନ ବାରିକ ଏବଂ ଶିକ୍ଷୟିତ୍ରୀ କିରଣମୟୀ ମହାପାତ୍ରଙ୍କ କନିଷ୍ଠା କନ୍ୟା। ସେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିପ୍ଳବ କିଶୋର ଦାସଙ୍କ ଧର୍ମପତ୍ନୀ ଏବଂ ଭଦ୍ରକସ୍ଥିତ ଚାରୁଚନ୍ଦ୍ର ଦାସ ଓ ଉର୍ମିଳା ଦାସଙ୍କ ପୁତ୍ରବଧୂ ଅଟନ୍ତି।

**୪ କୋଟି ଟଙ୍କାରେ ନିର୍ମିତ ଫୁଟପାଥ କାମରେ ଲାଗୁନି**

# ଡ୍ରେନ୍ ସଂଲଗ୍ନ ଫୁଟ୍‌ପାଥରେ ଜବରଦଖଲ ଓ ବେଆଇନ ପାର୍କିଂ



କଟକ, ୯ ।୫(ସମିସ):

କଟକ ସହରର ପ୍ରବେଶ ଦ୍ୱାର କୁହାଯାଉଥିବା ବାଦାମବାଡ଼ି-ମଧୁପାଟଣା ରାସ୍ତାକୁ ନେଇ ସବୁ ସମୟରେ ଗାଡ଼ି ଚାଳକ ତଥା ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି କୌଣସି ପର୍ବପର୍ବାଣି ବେଳେ ଏହି ରାସ୍ତାର ଭିଡ଼ ଅସରନ୍ତି ରହିଥାଏ। ଜବରଦଖଲଠାରୁ ଆରମ୍ଭ କରି ବେଆଇନ ପାର୍କିଂ କବଳରେ ରହିଯାଇଛି ଏହି ରାସ୍ତା। ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ସ୍ମାର୍ଟ ଫୁଟପାଥ ବା ପାଦଚଲା ରାସ୍ତା କାମରେ ଆସୁନାହିଁ। ଫଳରେ ସ୍ମାର୍ଟ ରାସ୍ତାରେ ପରିଣତ କରିବା କ୍ଷେତ୍ରରେ ସାଜିଛି ପ୍ରତିବନ୍ଧକ। ପ୍ରଶାସନ ପକ୍ଷରୁ ଯେ ଏଥିପାଇଁ ପଦକ୍ଷେପ ନିଆଯାଉନାହିଁ ତାହା ନୁହେଁ ବରଂ ଏହା ଯଥା ପୂର୍ବଂ ତଥା ପରଂ ଭଳି ଦେଖିବାକୁ ମିଳୁଛି। ଗତ ବର୍ଷ ବାଦାମବାଡ଼ି-ମଧୁପାଟଣା ରାସ୍ତାର ଉଭୟ ପଟରେ ସ୍ମାର୍ଟ ଫଟପାଥ ନିର୍ମାଣ ହୋଇଥିଲା। ସିଲଭର ସିଟି କଟକର ପ୍ରବେଶ ଦ୍ୱାର କୁହାଯାଉଥିବା ବାଦାମବାଡି-ମଧୁପାଟଣା ରାସ୍ତା ଏବେ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ସହରକୁ ସ୍ମାର୍ଟ କରିବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି। ମଧୁପାଟଣା ଛକରୁ ବାଦାମବାଡି ପର୍ଯ୍ୟନ୍ତ ପ୍ରାୟ ୫.୨ କିଲୋମିଟର ଉଭୟ ପଟ ରାସ୍ତାରେ ୬ ମାସ ତଳେ ୪ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ଫୁଟପାଥ୍ ନିର୍ମାଣ କରାଯାଇଥିଲା। କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ପଥଚାରୀଙ୍କ ସୁବିଧା ପାଇଁ ୧.୨ ମିଟର ଓସାର ଓ ୬ ଇଞ୍ଚ ଉଚ୍ଚର ଆଧୁନିକ ଚଲାପଥ ତିଆରି ହୋଇଥିଲା। ଏହି ରାସ୍ତାରେ ବେଆଇନ ପାର୍କିଂ, ଜବରଦଖଲ, ଜାଇକା କାମ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ମଧୁପାଟଣା ଛକଠାରୁ ବାଦାମବାଡି ପର୍ଯ୍ୟନ୍ତ ରାସ୍ତା ଫୁଟପାଥରେ ଏଭଳି ଦେଖିବାକୁ ମିଳିଛି। ଏପରିକି ଏହି ରାସ୍ତାର ଉଭୟ ପଟରେ ଯାଇଥିବା ଡ୍ରେନ ଉପରେ କଂକ୍ରିଟ ସ୍ଲାବ ପକାଇ ଦୋକାନ ମାନ ଖୋଲାଯାଇଛି। କମିସନରେଟ ପୁଲିସ ଓ କଟକ ମହାନଗର ନିଗମର ସହଯୋଗରେ ବାରମ୍ବାର ଜବରଦଖଲ ଉଚ୍ଛେଦ କରାଯାଉଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରିନାହିଁ। ଏହି ରାସ୍ତା ଦେଇ ସହରକୁ ୧୨୦୦ରୁ ଅଧିକ ବସ ଚଳାଚଳ କରୁଛି। ବସଗୁଡିକ ସାମୟିକ ଭାବେ ରାସ୍ତା କଡରେ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଗୋଟିଏପଟରେ ଡ୍ରେନ ଉପରେ ଜବରଦଖଲ ଓ ବେଆଇନ ପାର୍କିଂ ପାଇଁ ଥାନାଧିକାରୀଙ୍କୁ ଉତ୍ତରଦାୟୀ କରାଯିବ ବୋଲି ଅତୀତରେ ହାଇକୋର୍ଟ କଡା ଟିପ୍ପଣୀ ଦେଇଥିଲେ। ହେଲେ ଏବେ ସ୍ଥିତି ସୁଧୁରିବା ବଦଳରେ ବିଗିଡିବାରେ ଲାଗିଛି। ରାସ୍ତାଠାରୁ ମାତ୍ର ଏକ ଫୁଟ ଉଚ୍ଚରେ ଫୁଟପାଥ ନିର୍ମାଣ କରାଯାଇଥିଲେ ଆଉ ବେଆଇନ ପାର୍କିଂ ହୋଇନଥାନ୍ତା କି ଉଠାଦୋକାନୀ ଜବରଦଖଲ କରିନଥାନ୍ତେ ବୋଲି କୁହାଯାଉଛି। ଏବେ ବୟସ୍କ ପଥଚାରୀମାନେ ଫୁଟପାଥରେ ଯା'ଆସ କରିଲା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ପ୍ରେମିକ ଘର ଦୁଆରେ ମହିଳାଙ୍କୁ ବୀଭତ୍ସ ହତ୍ୟା ଘଟଣା

# ବିଜେପି ସାଂସଦ-ବିଜେଡି ସାଂସଦ ପ୍ରାର୍ଥିନୀ ମୁହାଁମୁହିଁ

ବ୍ରହ୍ମପୁର, ୯ ।୫ (ସମିସ)





ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ କେ.ଖରିଡାରେ ନ୍ୟାୟ ପାଇଁ ଧାରଣାରେ ବସିଥିବା ତଥା ୩ବର୍ଷର ଝିଅ ସମ୍ମୁଖରେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଘଟଣାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ଛକାପଞ୍ଝା। ମୁହାଁମୁହିଁ ହୋଇଛନ୍ତି ବିଜେପିର ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ଓ ବିଜେଡ଼ିର ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ। ଗତ ୫ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଉକ୍ତ ଦିନ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ରମ୍ଭା ପ୍ୟାଲେସରେ ମଉଜ କରୁଥିଲେ। ନିଜ ଅଞ୍ଚଳରେ ଏତେ ବଡ଼ ଘଟଣା ଘଟି ଜଣେ ନାରୀକୁ ଅତି ନୃଶଂସ ଭାବେ ହତ୍ୟା କରାଯାଇଥିବା ବେଳେ ଜଣେ ମହିଳା ଜନ ପ୍ରତିନିଧି ହୋଇ ଏହାକୁ ଅଣଦେଖା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି କହିଛନ୍ତି ବିଜେଡି ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ।

ସେପଟେ ରଞ୍ଜିତାଙ୍କୁ କାଉଣ୍ଟର କରି ସାଂସଦ ଅନୀତା କହିଛନ୍ତି, ରମ୍ଭା ପ୍ୟାଲେସରେ ମଉଜ ନୁହେଁ ବରଂ ନିଜ ପରିବାର ଓ ସମ୍ପର୍କୀୟଙ୍କ ସହ ରମ୍ଭା ପ୍ୟାଲେସରେ ମଧ୍ୟାହ୍ନ ଭୋଜନ କରିବା ପରେ ତାରାତାରିଣୀ ଦର୍ଶନ କରି ଫେରିଥିଲେ। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି, ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ଆସନ୍ତା ସୋମବାର ଗସ୍ତରେ ଆସି ଶିଶୁର ସମସ୍ତ ବିଷୟ ବୁଝିବେ। ଏହାକୁ ନେଇ ରାଜନୀତି କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ପାଲଟା ଉତ୍ତର ରଖିଛନ୍ତି ସାଂସଦ ଅନୀତା।

ମହିଳାଙ୍କ ହତ୍ୟାକାଣ୍ଡକୁ ନେଇ ଦୁଇ ରାଜନୈତିକ ଦଳର ମହିଳା ନେତ୍ରୀ ହୋଇଛନ୍ତି ମୁହାଁମୁହିଁ। ଗତ ୫ତାରିଖରେ ଗଞ୍ଜାମ ହିଞ୍ଜିଳି ଥାନା ଅନ୍ତର୍ଗତ କେ.ଖରିଡା ଗାଁରେ ନ୍ୟାୟ ପାଇଁ ଧାରଣାରେ ବସିଥିବା ତଥା ୩ବର୍ଷର ଝିଅ ସମ୍ମୁଖରେ ଜଣେ ଗର୍ଭବତୀ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡକୁ ନେଇ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି ହେବା ସହ ଜାରି ରହିଛି ରାଜନୈତିକ ବୟାନବାଜି। ବିଜେଡ଼ିର ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ ସାମ୍ବାଦିକ ସମ୍ମିଳନୀ କରି ଆସିକା ସାଂସଦ ଅନୀତା ଶୁଭଦର୍ଶିନୀଙ୍କ ଉପରେ ବର୍ଷିଛନ୍ତି। ନ୍ୟାୟ ଦାବିରେ ଲଢେଇ କରି ମହିଳାଙ୍କୁ ଜୀବନ ହାରିବାକୁ ପଡିଥିବା ବେଳେ ଜଣେ ମହିଳା ଜନ ପ୍ରତିନିଧି ହୋଇ ସାଂସଦ ଅନୀତା ନିଜ ଦାୟିତ୍ୱ ଭୁଲି ଯାଇଛନ୍ତି। ଉକ୍ତ ମହିଳାଙ୍କ ଅନ୍ତେ ସେ ଛାଡି ଯାଇଥିବା ନିଷ୍ପାପ ଶିଶୁ ନିକଟରେ ପହଞ୍ଚି ତାର ଭବିଷ୍ୟତ କଥା ଚିନ୍ତା କରିବା ପରିବର୍ତ୍ତେ ନିଜ ସ୍ୱାର୍ଥକୁ ସାଧନ କରିବା ଜଣେ ସାଂସଦଙ୍କ ପକ୍ଷେ କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି ରଞ୍ଜିତା। ଡବଲ ଇଂଜିନ ସରକାର ମହିଳା ସଶକ୍ତିକରଣ ଓ ସଂରକ୍ଷଣ ନେଇ ଦ୍ୱାହି ଦେଉଥିବା ବେଳେ ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଦିଲ୍ଲୀ ଦରବାରରେ ଅଞ୍ଚଳର ସମସ୍ୟା ନେଇ ସ୍ୱର ଉତ୍ତୋଳନ କରିବା ଦୂରେଥାଉ ନିଜ ଅଞ୍ଚଳର ଲୋକଙ୍କ ସମସ୍ୟାରେ ଠିଆ ହୋଇ ସମବେଦନା ମଧ୍ୟ ଦେବାକୁ ଭୁଲିଯାଉଛନ୍ତି। ସାଂସଦଙ୍କ ଏଭଳି କାର୍ଯ୍ୟକଳାପକୁ ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି ଆସିକା ବିଜେଡ଼ି ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ। ସେପଟେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ମଧ୍ୟ ରଞ୍ଜିତାଙ୍କୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦେଇଛନ୍ତି ପ୍ରତ୍ୟୁତର। ମୃତ ମହିଳାଙ୍କୁ ନ୍ୟାୟ ପ୍ରଦାନ ସହ ମା ଛେଉଣ୍ଡ ନିଷ୍ପାପ ଶିଶୁର କଥା ବୁଝିବା ପାଇଁ ସରକାର ତତ୍ପର ଅଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ସେ ତାଚ୍ଛଲ୍ୟ କରିଛନ୍ତି।

## ଦୁର୍ଗାମାଧବ ନଗର ନାମିତ କରିବାକୁ ଦାବିପତ୍ର

**ବ୍ରହ୍ମପୁର, ୯ ।୫ (ସମିସ):** ବ୍ରହ୍ମପୁର ମହାନଗର ନିଗମ ୨ନମ୍ବର ୱାଡର୍‌ର ୫ଟି ସାହିକୁ ନେଇ "ଦୁର୍ଗାମାଧବ ନଗର' ନାମରେ ନାମକରଣ କରାଯାଇଛି। ଏନେଇ ସମ୍ପୃକ୍ତ ଅଞ୍ଚଳବାସୀ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ, ଉପଜିଲ୍ଲାପାଳ, ବ୍ରହ୍ମପୁର ତହସିଲଦାର, ବଡ଼ବଜାର ଥାନା ଅଧିକାରୀ ଓ ପାଣିଗ୍ରାହୀପେଣ୍ଠ ପୋଷ୍ଟ ମାଷ୍ଟରଙ୍କୁ ଅବଗତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଆଗାମୀ ଦିନରେ ବିଭିନ୍ନ ସରକାରୀ ଦସ୍ତାବିଜରେ ଉକ୍ତ ସାହିର ନାମକୁ ଦୁର୍ଗାମାଧବ ନଗର ଭାବେ ଉଲ୍ଲେଖ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ଗଞ୍ଜେଇ ଜବତ; ଜଣେ ଗିରଫ

**ଜଗନ୍ନାଥପ୍ରସାଦ, ୯ ।୫ (ସମିସ):** ଜଗନ୍ନାଥପ୍ରସାଦ ପୁଲିସ ଦିବା ପାଟ୍ରୋଲିଂ ସମୟରେ ଜଣକୁ କାବୁ କରିବା ସହ ତାଙ୍କ ଠାରୁ ୮କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୦ହଜାରରୁ ଉର୍ଦ୍ଧ ହେବ। ଗିରଫ ଅଭିଯୁକ୍ତ ଜଣକ ହିଞ୍ଜିଳି ଥାନା ନିମିଗାଁର କାଳୁ ସାହୁଙ୍କ ପୁଅ ହିନ ସାହୁ (୩୫) ବୋଲି ଜଣାପଡିଛି। ସୂଚନା ପ୍ରକାରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଅପରାହ୍ନ ୨ଟା ବେଳେ ଚଡିଆପଲିରୁ ପଞ୍ଚଭୂତି ଯିବା ରାସ୍ତାରେ ସ୍ଥାନୀୟ ଥାନା ପକ୍ଷରୁ ଏସଆଇ ଶ୍ରୀନିବାସ ପାଲକାଙ୍କ ସହ ଏଏସଆଇ ବ୍ରହ୍ମାନନ୍ଦ ପ୍ରଧାନ, ହାବିଲଦାର ଦିଲ୍ଲୀପ କୁମାର ରଣା, ଲକ୍ଷ୍ମୀନାରାୟଣ ରାଉତ ପାଟ୍ରୋଲିଂ କରୁଥିଲେ। ଏତିକିବେଳେ ହିନ ସାହୁ ରାସ୍ତାରେ ଯାଉଥିବା ବେଳେ ପୁଲିସ ଦେଖି ଦୌଡିବାକୁ ଲାଗିଥିଲେ। ଫଳରେ ପୁଲିସ ଗୋଡ଼ାଇ ହିନକୁ କାବୁ କରିବା ସହ ତା ଠାରୁ ଏକ ବ୍ୟାଗରେ ଧରିଥିବା ଗଞ୍ଜେଇକୁ ଜବତ କରି ଥାନାକୁ ଆଣିଥିଲେ। ଏଥିସହ କେସ ନମ୍ବର ୧୮୨/୨୬ ପ୍ରକାରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରି ଅତିରିକ୍ତ ଅଧିକାରୀ ଅନିଲ କୁମାର ଦେବତା ସୂଚନା ଦେଇଛନ୍ତି।

### ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୨୭୪୩୨ଟି ମାମଲାର ସମାଧାନ

ବ୍ରହ୍ମପୁର, ୯ ।୫ (ସମିସ)

ସ୍ଥାନୀୟ ଜିଲ୍ଲା କୋର୍ଟ ସମେତ ଜିଲ୍ଲାର ସମସ୍ତ ଅଦାଲତରେ ୨୦୨୬ମସିହାର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟ ୨୭,୪୩୨ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ସମୁଦାୟ ୩କୋଟି ୩୫ଲକ୍ଷ ୭ହଜାର ୫୬୮ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆଦେଶ ହୋଇଥିଲା। ଜାତୀୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ସମନ୍ୱୟରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏହି ଲୋକ ଅଦାଲତର ଆୟୋଜନ କରାଯାଇ ପକ୍ଷମାନଙ୍କ ବ୍ୟକ୍ତିଗତ ଉପସ୍ଥିତିରେ ମାମଲାଗୁଡ଼ିକର ସମାଧାନ ହୋଇଥିଲା। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତ ପାଇଁ ବିଭିନ୍ନ ନ୍ୟାୟାଳୟରେ ୧୨ଟି ସ୍ୱତନ୍ତ୍ର ବେଞ୍ଚ ଗଠନ କରାଯାଇଥିଲା। ପ୍ରତ୍ୟେକ ବେଞ୍ଚରେ ଜଣେ ନ୍ୟାୟିକ ଅଧିକାରୀଙ୍କ ସହ ଜଣେ ଆଇନଜୀବୀ ଓ ସମାଜସେବୀଙ୍କୁ ସାମିଲ କରାଯାଇ ସମସ୍ତଙ୍କ ମିଳିତ ସହଯୋଗରେ ମାମଲା ଗୁଡ଼ିକର ଆପୋଷ ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ଫୌଜଦାରୀ ଆପୋଷ ଯୋଗ୍ୟ ୧୩ଟି ମାମଲାର ସମାଧାନ ହୋଇଥିବା ବେଳେ ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆଇନର ଧାରା ୧୩୮ ଅନୁସାରେ ୧୫ଟି ମାମଲାର ସମାଧାନ ହୋଇ ୫୬ଲକ୍ଷ ୬୪ହଜାର ୦୪୪ଟଙ୍କା ଆଦାୟ ହୋଇଥିଲା। ସେହିଭଳି ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୯୫ଟି ମାମଲାରେ ମୋଟ ୧କୋଟି ୪୨ଲକ୍ଷ ୯୨ହଜାର ୪୧୩ଟଙ୍କାର ସମାଧାନ କରାଯାଇଥିଲା। ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ (ଏମଏସିଟି) ସମ୍ବନ୍ଧୀୟ ୧୧ଟି ମାମଲାର ସମାଧାନ କରାଯାଇ ସେଥିରୁ ୮୦ଲକ୍ଷ ୭୫ହଜାର କ୍ଷତିପୂରଣ ନିର୍ଦ୍ଧାରଣ ହୋଇଥିଲା। ଏହା ସହ ମୋଟରଯାନ ଆଇନ ଅନୁସାରେ ଟ୍ରାଫିକ ଚାଲାଣ ସମ୍ବନ୍ଧୀୟ ୨୩୯ଟି ମାମଲାରେ ମୋଟ ୫ଲକ୍ଷ ୮୦ହଜାର ୬୪୭ଟଙ୍କା ଜରିମାନା ଆଦାୟ ହୋଇଥିଲା। ଶ୍ରମ ବିବାଦ ମ୍ବନ୍ଧୀୟ ୧୮ଟି ଏବଂ ରାଜସ୍ୱ ସମ୍ବନ୍ଧୀୟ ୨୬,୦୭୩ଟି ମାମଲାର ସମାଧାନ ଜରିଆରେ ୨୯ଲକ୍ଷ ୫୦ହଜାର ୪୭୪ ଟଙ୍କା ଆଦାୟ କରାଯାଇଥିଲା। ସେହିଭଳି ସ୍ଥାୟୀ ଲୋକ ଅଦାଲତ (ଜନସେବା ସମ୍ବନ୍ଧୀୟ) ୪୧ଟି ମାମଲା, ବୈବାହିକ ବିବାଦ ସମ୍ବନ୍ଧୀୟ ୨୭ଟି ମାମଲା ସହିତ ୪୩ଟି ସିଭିଲ ମାମଲାର ସମାଧାନ ହୋଇ ସେଥିରୁ ୧୯ଲକ୍ଷ ୪୫ହଜାର ଟଙ୍କାର ନିଷ୍ପତ୍ତି ହୋଇଥିଲା। ଏହା ବ୍ୟତୀତ ମଧ୍ୟସ୍ଥତା ଓ ଆପୋଷ ଯୋଗ୍ୟ ଅନ୍ୟାନ୍ୟ ୮୫୭ଟି ମାମଲାର ମଧ୍ୟ ସମାଧାନ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ ଅଶାନ୍ତ କୁମାର ଦାସ, ସଦସ୍ୟ ବିଚାରପତି ୨ୟ ଏମଏସିଟି ବିଶ୍ୱଜିତ ଦାଶ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ନରେଶ ମହାନ୍ତି, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଲଳିତା ମଞ୍ଜରୀ ପଟ୍ଟନାୟକ ଓ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିବସ୍ୱତ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ବିଭିନ୍ନ ମାମଲାର ସମାଧାନରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟମୋକେଶ ନାୟକ ଲୋକ ଅଦାଲତର ସଂଯୋଜନା କରିଥିଲେ। ଲୋକ ଅଦାଲତରେ ଜିଲ୍ଲାର ସମସ୍ତ ବିଚାରପତି, ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, କୋର୍ଟ କର୍ମଚାରୀ ଓ ଜନସାଧାରଣ ସକ୍ରିୟ ଅଂଶଗ୍ରହଣ କରିଥିଲେ।



### ବିଶ୍ୱ ମାତୃ ଦିବସ ଆଜି

## ସମୟ ସୁଅରେ ଅସହାୟ ୮୦ ବର୍ଷୀୟା 'ଧନୀ'

ବ୍ରହ୍ମପୁର, ୯ ।୫ (ସମିସ)



ସମୟର ନିଷ୍ଠୁର ଖେଳ ଆଗରେ ଆଜି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି ୮୦ବର୍ଷୀୟା ଧନୀ ସାମନ୍ତରା। ଯେଉଁ ହାତ କେବେ ପରିବାରକୁ ଆଦର ସ୍ନେହରେ ଓଗଳି ରଖିଥିଲା। ସେହି ହାତ ଆଜି ନିଜ ଜୀବନର ଶେଷ ସମୟରେ ଆଶ୍ରୟ ଓ ସାହାରା ଖୋଜୁଛି। ବିଶ୍ୱ ମାତୃ ଦିବସ ଅବସରରେ ଜଣେ ମାଆଙ୍କ ଏହି କରୁଣ କାହାଣୀ ଯେକୌଣସି ମଣିଷର ଆଖିକୁ ଲୁହରେ ଭରିଦେବ ନିଶ୍ଚୟ। ଧନୀ ସାମନ୍ତରାଙ୍କ ଜୀବନରେ ଗତ କିଛିବର୍ଷ ମଧ୍ୟରେ ଏମିତି ଦୁର୍ଦ୍ଦଶା ଆସିଥିଲା। ଯାହାକୁ ସେ ଏବେ ସୁଦ୍ଧା ଗ୍ରହଣ କରିପାରୁ ନାହାନ୍ତି। ପ୍ରଥମେ ପୁଅ ତାପରେ ବୋହୂ ଓ ଝିଅ ଏବଂ ଶେଷରେ ସ୍ୱାମୀଙ୍କୁ ହରାଇ ବର୍ତ୍ତମାନ ୮୦ବର୍ଷୀୟା ଧନୀ ସମ୍ପୂର୍ଣ୍ଣ ଏକା ହୋଇପଡ଼ିଛନ୍ତି। ଧନୀ ଗୋଷାଣିନୂଆଗାଁ ଅଞ୍ଚଳରେ ରହୁଥିବା ବେଳେ ସ୍ୱାମୀ ଭାସ୍କର ସାମନ୍ତରା ଜଣେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଉଭୟଙ୍କ ୨ପୁଅ ଓ ୩ଟି ଝିଅ ଥିଲେ। କିଛିବର୍ଷ ପୂର୍ବେ ଉଭୟେ ଗୋଟିଏ ପୁଅ ଓ ୩ଝିଅଙ୍କ ବିବାହ କରିଥିଲେ। ବିବାହ ପରେ କୌଣସି କାରଣରୁ ବଡ଼ପୁଅ ଆତ୍ମହତ୍ୟା କରିଥିଲେ। ସେହିପରି ଗୋଷାଣିନୂଆଗାଁ ଅଞ୍ଚଳରେ ବିବାହ ହୋଇଥିବା ୩ଝିଅଙ୍କ ମଧ୍ୟରୁ ଗୋଟିଏ ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଏକ ଝିଅଙ୍କର ମଧ ମୃତ୍ୟୁ ହୋଇଯାଇଛି। ୪ବର୍ଷ ପୂର୍ବେ ଧନୀ ସାମନ୍ତରାଙ୍କ ସ୍ୱାମୀଙ୍କ ଦେହାନ୍ତ ଘଟିଛି। ଇତି ମଧ୍ୟରେ ତାଙ୍କ ଘର ଭାଙ୍ଗିଯାଇଥିବା ବେଳେ ଭଙ୍ଗା ଘରକୁ ମରାମତି କରିବାକୁ ସେ ସକ୍ଷମ ନଥିବାରୁ ନିରାଶ୍ରୟ ହୋଇପଡିଛନ୍ତି ଧନୀ। ବିଭିନ୍ନ ସ୍ଥାନରେ ଆଶ୍ରୟ ନେବାକୁ ବାଧ ହୋଇଥିବା ଧନୀଙ୍କ ଦୁଃଖ ଏତିକିରେ ସରିନଥିଲା। କିଛିମାସ ପୂର୍ବେ ଏକ ଦୁର୍ଘଟଣାରେ ତାଙ୍କ ଗୋଟିଏ ଗୋଡ଼ରେ ଆଘାତ ଲାଗିବାରୁ ସେ ଚାଲିବାକୁ ଅକ୍ଷମ ହୋଇଥିଲେ। ଖରାବର୍ଷାରେ ରାସ୍ତାରେ ବିଭିନ୍ନ ସ୍ଥାନରେ ୮୦ବର୍ଷୀୟା ଧନୀ ସାମନ୍ତରା ପଡ଼ିରହି ଅସୁସ୍ଥ ହୋଇପଡ଼ିଥିଲେ। କିଛି ସମାଜସେବୀ ଧନୀଙ୍କୁ ଚଳିତ ବର୍ଷ ଜାନୁୟାରୀରେ ଏମକେସିଜି ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଧନୀଙ୍କର ଆତ୍ମୀୟ କେହି ନଥିବାରୁ ବର୍ତ୍ତମାନ ସେ ଏମକେସିଜି ମେଡିକାଲର ଡେଷ୍ଟିଚ୍ୟୁଟ୍ ୱାର୍ଡ଼ରେ ପଡି ରହିଛନ୍ତି। ଧନୀ ସାମନ୍ତରାଙ୍କ ବର୍ତ୍ତମାନ ନିଜର କହିଲେ ଡ଼ୀପ ସାହିରେ ରହୁଥିବା ମଝିଆ ଝିଅ ଗୀତା ଓ ତାଙ୍କ ସ୍ୱାମୀ। ସେହିପରି ସାନ ପୁଅ ଅବିବାହିତ ଥିବା ବେଳେ ତାଙ୍କ ସମ୍ପର୍କରେ ଧନୀଙ୍କ ନିକଟରେ କୌଣସି ସୂଚନା ମଧ ନାହିଁ। ପୁଅ ଓ ଝିଅ ଥିବା ସତ୍ତ୍ୱେ ତାଙ୍କ ଯତ୍ନ ନେବାକୁ ପାଖରେ କେହି ନାହାଁନ୍ତି। ଜଣକ ପରେ ଜଣେ ଆତ୍ମୀୟଙ୍କୁ ହରାଇବାର ଯନ୍ତ୍ରଣା ତାଙ୍କୁ ଭିତରୁ ଭାଙ୍ଗିଦେଇଛି। ଅସହାୟ ହୋଇ ଧନୀଙ୍କ ଶେଷ ଠିକଣା ପାଲଟିଛି ଏମକେସିଜି ହସ୍ପିଟାଲର ଡେଷ୍ଟିଚ୍ୟୁଟ୍ ୱାଡର୍। ଧନୀଙ୍କ କାହାଣୀ କେବଳ ଜଣେ ବୃଦ୍ଧାଙ୍କ ଦୁଃଖ ନୁହେଁ, ଏହା ସମାଜ ପାଇଁ ଏକ ବଡ଼ ପ୍ରଶ୍ନ ମଧ୍ୟ। ପରିବାର ଭାଙ୍ଗୁଥିବା ସମାଜରେ ଅନେକ ବୃଦ୍ଧ ବୃଦ୍ଧା ଏଭଳି ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି। ମାତୃ ଦିବସରେ ଯେଉଁଠାରେ ମାଆଙ୍କ ପ୍ରତି ସମ୍ମାନ ଓ ଭଲପାଇବାର କଥା କୁହାଯାଉଛି। ସେଠାରେ ଧନୀ ସାମନ୍ତରାଙ୍କ ଭଳି ଜଣେ ମାଆଙ୍କ ଏହି ଅବସ୍ଥା ସମାଜକୁ ନୀରବ ପ୍ରଶ୍ନ କରୁଛି। ସମୟର ଆଘାତରେ ସବୁକିଛି ଦୂରେଇ ଯାଇଥିଲେ ହେଁ ଧନୀଙ୍କ ଆଖିରେ ଆଜିବି ରହିଛି ନିଜ ପରିବାରକୁ ନେଇ ଅନେକ ସ୍ମୃତି। ହେଲେ ସେ ସ୍ମୃତି ଏବେ କେବଳ ତାଙ୍କ ନିରବ ସାଥୀ। ତେବେ ଏବେ ମଧ୍ୟ ସେ ନିଜ ପୁଅର ବାଟକୁ ଅପେକ୍ଷେ କରିଛନ୍ତି। ପୁଅ ପାଖରେ ଗାଡ଼ି ନାହିଁ, ଗାଡ଼ି ଆସିଲେ ପୁଅ। ମେତେ ନେବାକୁ ଆସିବ ବୋଲି ବେଳେ ବେଳେ ଦୋହରାଉଛନ୍ତି ଧନୀ।

- ନିୟମିତ ବ୍ୟବଧାନରେ ଆରପାରିକୁ ଚାଲିଗଲେ ସ୍ୱାମୀ, ପୁଅ, ଝିଅ ଓ ବୋହୂ
- ଶେଷ ଆଶ୍ରୟ ପାଲଟିଛି ମେଡିକାଲ ଡେଷ୍ଟିଚ୍ୟୁଟ୍ ୱାଡ୍

## ବିଜେପି ପକ୍ଷରୁ ଜିଲ୍ଲା କୃଷି ମୋର୍ଚ୍ଚା କମିଟି ଗଠନ

**ବ୍ରହ୍ମପୁର, ୯ ।୫ (ସମିସ):** ସ୍ଥାନୀୟ ଷ୍ଟେସନ ରୋଡ୍ ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସରୋଜ ସାବତ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକଙ୍କ ଅନୁମୋଦନ କ୍ରମେ ଜିଲ୍ଲା କୃଷକ ମୋର୍ଚ୍ଚା କମିଟି ଗଠିତ ହୋଇଛି। କମିଟିର ସଭାପତି ଭାବେ ସୂର୍ଯ୍ୟ ନାରାୟଣ ଦାସଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ପ୍ରଦୀପ କୁମାର ପଟ୍ଟନାୟକ, ରଘୁନାଥ ସାହୁ, ଅହିଂସା ସାହୁ, ଅଜିତ ପ୍ରଧାନ, ରଜତ କୁମାର ପଣ୍ଡିତ ଓ ଇନ୍ଦିରାମଣି ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ମୁଦୁଲି ଓ ବଦ୍ରିନାଥ ସାବତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସମ୍ପାଦକ ଭାବେ ରଘୁନାଥ ସମନ୍ତରା, ଅରବିନ୍ଦ ମଣ୍ଡଳ, ତ୍ରିନାଥ ମହାପାତ୍ର, ପ୍ରଫୁଲ କୁମାର ସାହୁ, ଲକ୍ଷ୍ମୀ ବେହେରା ଓ ଚନ୍ଦନ ମହାରଣାଙ୍କ ସମେତ କୋଷାଧକ୍ଷ ଭାବେ ଅଶ୍ୱିନୀ ରଥ, ଜିଲ୍ଲା ଗଣମାଧ୍ୟମ ପ୍ରଭାରୀ ନିମାଇଁ ଚରଣ ପଣ୍ଡା, ଜିଲ୍ଲା ସାମାଜିକ ଗଣମାଧ୍ୟମ ପ୍ରଭାରୀ ଭାବେ ସୁରେଶ ତ୍ରିପାଠୀଙ୍କୁ ଚୟନ କରାଯାଇଛି। କମିଟିରେ କାର୍ଯ୍ୟକାରୀ ସଦସ୍ୟ ଭାବେ ୧୬ଜଣଙ୍କ ନାମ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରବକ୍ତା ଟି. ଗୋପି, ଦିଗପହଣ୍ଡି ଶ୍ରୀମା ଆଶ୍ରମର ଦେବଦତ୍ତ ମହାରାଜ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ନାୟକ, ଶିବ ପ୍ରସାଦ ଦାସ, ପ୍ରଭାତ ଷଡ଼ଙ୍ଗୀ ଓ ପ୍ରବୀର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ ଟ୍ରକ ମୁହାଁମୁହିଁ ଧକ୍କା; ଜଣେ ମୃତ

**କୋଦଳା, ୯ ।୫ (ସମିସ):** ଶନିବାର ଭୋର ସମୟରେ ପୋଲସରା ଠାରୁ ପୁରୀ ଯାଉଥିବା ଏକ ବସ୍ କୋଦଳା ଲୁହାଶଙ୍ଖ ନିକଟ ବାଲିଢ଼ାବା ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହିତ ମୁହାଁମୁହିଁ ଧକ୍କା ଦେବାରୁ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ଜଣକ କଟକ ବଡମ୍ବାର ବିଶ୍ୱନାଥ ରାଉତ (୫୫) ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ବିଶ୍ୱନାଥ କ୍ୟାବିନ୍ ଭିତରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୋଦଳା ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବସ୍‌ରେ ଥିବା ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଓ ଦମକଳ ଦ୍ୱାରା କୋଦଳା ମେଡିକାଲକୁ ନିଆଯାଇଥିବା ବେଳେ ଗୁରୁତର ଦୁଇଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବ୍ରାଉନ୍‌ସୁଗର ସହ ସ୍କୁଟି ଜବତ; ଯୁବକ ଗିରଫ



ବ୍ରହ୍ମପୁର, ୯ ।୫ (ସମିସ)

ଏମକେସିଜି ମେଡିକାଲ କଲେଜ ଖେଳପଡ଼ିଆ ନିକଟରୁ ଜଣେ ଯୁବକଙ୍କ ଠାରୁ ଅବକାରୀ ଗୁଇନ୍ଦା ବିଭାଗ ବ୍ରାଉନ୍‌ସୁଗର ଜବତ କରିଛି। ଯୁବକ ଜଣକ ହେଲେ ଛତ୍ରପୁର ଅଞ୍ଚଳର ତନ୍ମୟ କୁମାର ବେହେରା (୩୧)। ତାଙ୍କ ନିକଟରୁ ଏକ ଜରି ପ୍ୟାକେଟରେ ଥିବା ୪୭ଗ୍ରାମ ଓଜନର ବ୍ରାଉନ୍‌ସୁଗର ସହ ଗୋଟିଏ ସ୍କୁଟି ଓ ମୋବାଇଲ ଜବତ ହୋଇଛି। ତନ୍ମୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏମକେସିଜି ଖେଳପଡିଆ ନିକଟରେ ଜଣେ ଯୁବକ ନିୟମିତ ବ୍ରାଉନସୁଗର କାରବାର କରୁଥିବା ସୂଚନା ମିଳିବା ପରେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସେଠାରେ ଚଢ଼ଉ କରାଯାଇଥିଲା। ଅଭିଯୁକ୍ତ ତନ୍ମୟ ସ୍କୁଟି ଯୋଗେ ଯାଉଥିବା ବେଳେ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଅଭିଯୁକ୍ତଙ୍କ ପ୍ୟାଣ୍ଟ ପକେଟରୁ ଏକ ଜରି ପ୍ୟାକେଟରେ ଥିବା ୪୭ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ ହୋଇଥିଲା। ଏହି ନିଶା କାରବାର ପଛରେ ଆଉ କାହାର ହାତ ଅଛି ସେନେଇ ଅବକାରୀ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

# 'ଧଳା ଜହର' କବଳରେ ରେଶମ ସହର

ବ୍ରହ୍ମପୁର, ୯ ।୫ (ସମିସ)

- ପଥଭ୍ରଷ୍ଟ ଯୁବପିଢ଼ିଙ୍କ ପାଇଁ ବଢୁଛି ଅପରାଧ
- ଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ପାର୍କ, ଖେଳପଡ଼ିଆ ଓ ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍ ପାଲଟିଛି ପେଣ୍ଠସ୍ଥଳୀ
- ଟ୍ରାଫିକ ଜରିମାନା ଆଦାୟରେ ପୁଲିସ, କୋଚିଆଙ୍କ ପଛରେ ଅବକାରୀ ବିଭାଗ ବ୍ୟସ୍ତ
- ନିଶା ସେବନ ପାଇଁ ଅପରାଧ ଦୁନିଆରେ ପାଦ ଥାପିବାକୁ ପଛାଉ ନାହାନ୍ତି ନାବାଳକ



'ଧଳା ଜହର' ବା ବ୍ରାଉନ ସୁଗାର କବଳରେ ରେଶମ ସହର ବ୍ରହ୍ମପୁର। ମଦ ଓ ଗଞ୍ଜେଇ କାରବାରରେ ଯଦିଓ ଗଞ୍ଜାମ ଜିଲ୍ଲାର ନାମ ରହିଥିଲା ତେବେ ଏଠାରେ ବ୍ରାଉନ ସୁଗାର ଭଳି ନିଶାଦ୍ରବ୍ୟ ସ୍ୱପ୍ନ ଥିଲା। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ପୂର୍ବରୁ ଲୁଚା ଚୋରାରେ ଚାଲିଥିବା ଏହି ବ୍ରାଉନ ସୁଗାର କାରବାର ଏବେ ଖୁଲମଖୁଲ୍ଲା ହୋଇସାରିଛି। ନିଶା ମାଫିଆଙ୍କ ଟାର୍ଗେଟରେ ଯୁବାବର୍ଗ ଓ ରାଜ୍ୟ ବାହାରର ପଥିକ। ଯାହାକୁ ନେଇ ସହରର ରେଲଷ୍ଟେସନ, ବସଷ୍ଟାଣ୍ଡ ସହିତ ଖେଳପଡିଆ, ପାର୍କ ଓ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ଏବେ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଯଦ୍ୱାରା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ଆଇନଶୃଙ୍ଖଳା ବ୍ୟବସ୍ଥା। ଆଇନକୁ ଅଥବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ଯେମିତି କାହାରି ଖାତିର ମଧ ନାହିଁ। ଅପରାଧ ବଢିବା ପଛର ପ୍ରମୁଖ କାରଣ ହେଉଛି 'ନିଶା' କାରବାର। ପୂର୍ବରୁ ଚାଲି ଆସିଥିବା ମଦ ଓ ଗଞ୍ଜେଇର ସ୍ଥାନ ନେଇ ସାରିଛି ବ୍ରାଉନ ସୁଗାର ବା 'ଧଳା ଜହର'। ବିଭିନ୍ନ ସ୍ଥାନରେ ଇଂଜିନିୟରିଂ ବା ବୈଶୟିକ ଶିକ୍ଷାନୁଷ୍ଠାନ ଖୋଲିବା ପରେ ବ୍ରାଉନ ସୁଗାର କାରବାରର ମାତ୍ରା ବଢିଥିବା ଜଣାପଡିଛି।

ରାଜ୍ୟ ବାହାରୁ ଆସୁଥିବା ଯୁବାବର୍ଗଙ୍କ ମଧ୍ୟରେ ଏନେଇ ଆଶକ୍ତି ରହୁଥିବାରୁ ଏହାର ସୁଯୋଗ ନେଇ ସ୍ୱଳ୍ପ ସମୟରେ ଓ ସୁବିଧାରେ ଅଧିକ ଅର୍ଥ ରୋଜଗାରର ଲାଳସାରେ ବଢି ଚାଲିଛି ବ୍ରାଉନ ସୁଗାର କାରବାର। ତେବେ ସବୁଠାରୁ ଚିନ୍ତା ଓ ପରିତାପର ବିଷୟ ହେଉଛି ଏହି ନିଶା ସେବନ ଓ କାରବାରରେ ଯୁବପିଢୀଙ୍କ ସହିତ ନାବାଳକଙ୍କ ସମ୍ପୃକ୍ତି। ନିୟମିତ ବ୍ୟବଧାନରେ ଉଭୟ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଅନେକଙ୍କୁ ଗିରଫ କରାଯାଉଥିଲେ ହେଁ ଏହାକୁ ରୋକିବା ସମ୍ଭବପର ହୋଇନାହିଁ। ଫଳସ୍ୱରୁପ ସହରର ଫାଷ୍ଟଗେଟ ଠାରୁ ଆରମ୍ଭ କରି ହଳଦିଆପଦର, ଆମ୍ବପୁଆ, ଗୋପାଳପୁର ଓ ସହରର ଉପକଣ୍ଠ ଭଳି ସବୁଆଡେ 'ଧଳା ଜହର'ର ପ୍ରଭାବ ଦେଖିବାକୁ ମିଳୁଛି। ଖାସ କରି ପଶ୍ଚିମବଙ୍ଗରୁ ଆସୁଥିବା ଏହି ଧଳା ଜହର ପ୍ରତି ଯୁବବର୍ଗ ଆକୃଷ୍ଟ ହେଉଥିବା ବେଳେ ଏଥିରୁ ବାଦ ପଡିନାହାନ୍ତି ନାବାଳକ। ନିଶାସକ୍ତ ଯୁବଗୋଷ୍ଠୀ ଓ ନାବାଳକଙ୍କ ମାନସିକ ସ୍ଥିତିର ସୁଯୋଗ ନେଇ ପୁରୁଣା ବା ଭେଟ୍ରୋନ କ୍ରିମିନାଲମାନେ ସେମାନଙ୍କୁ ଅପରାଧ ଦୁନିଆରେ ପ୍ରବେଶ କରାଉଛନ୍ତି। ଫଳସ୍ୱରୁପ ଧଳା ଜହର ଲୋଭରେ ସେମାନେ ଯେକୌଣସି ଅପରାଧ ଘଟାଇବାକୁ ମଧ ପଛାଉନଥିବା ଦେଖିବାକୁ ମିଳୁଛି। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, ପାର୍କ, ଖେଳପଡିଆ ସହିତ ରେଲଷ୍ଟେସନ ଓ ବସଷ୍ଟାଣ୍ଡରେ ବ୍ରାଉନ ସୁଗାର କାରବାର ହେଉଥିବା ଅଭିଯୋଗ ହୋଇଛି।

ପୂର୍ବରୁ ଏହି ସ୍ଥାନଗୁଡିକରେ ଚଢଉ କରି ଉଭୟ ପୁଲିସ ଓ ଅବକାରୀ ବିଭାଗକୁ ମିଳିଥିବା ସଫଳତାରୁ ଏହା ସ୍ପଷ୍ଟ ମଧ୍ୟ ହୋଇଛି। ତେବେ ଏହି ନିଶା କାରବାରକୁ ରୋକିବାରେ ଉଭୟ ଅବକାରୀ ଓ ପୁଲିସ ବିଭାଗ ବିଫଳ। କାରଣ କୋଚିଆଙ୍କୁ ଧରି ଅବକାରୀ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ଆଳରେ ଜରିମାନା ଆଦାୟରେ ବ୍ୟସ୍ତ ପୁଲିସ। ଯାହାର ସୁଯୋଗ ନେଇ ନିଶା କାରବାର ବୃଦ୍ଧି ପାଇଥିବା ବେଳେ ପଥଭ୍ରଷ୍ଟ ହେଉଛନ୍ତି ଯୁବାବର୍ଗ ତଥା ଦେଶର ଭବିଷ୍ୟତ ପିଢୀ। ସହରର ବିଭିନ୍ନ ଖୋଲାପଡିଆରେ ଖୁଲମଖୁଲା ଏହି ବ୍ରାଉନ ସୁଗାର କାରବାର ହେଉଥିବା ବେଳେ ଅବକାରୀ ଗୁଇନ୍ଦା ବିଭାଗ ଆଜି ଜଣେ ଯୁବକକୁ ଗିରଫ କରିଛି।

# ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଜନଶୁଣାଣି



ଧର୍ମଶାଳା, ୯।୫(ସମିସ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଆଜି ଜାରକା କୁମାରୀସ୍ଥିତ ନିଜ କାର୍ଯ୍ୟାଳୟରେ ଏକ ଜନଶୁଣାଣି କରିଛନ୍ତି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କ ସମସ୍ୟା ଶୁଣି ବିଭିନ୍ନ ଦାୟିତ୍ୱରେ ରହିଥିବା କର୍ମୀମାନଙ୍କ ଦ୍ୱାରା ସମସ୍ୟାର ସମାଧାନ କରିଛନ୍ତି। ବିଧାୟକଙ୍କ ଏହି ଜନଶୁନାଣି ଦିବା ୧୧ ଘଟିକାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଚାଲିଥିଲା ବେଳେ ନିର୍ବାଚନ ମଣ୍ଡଳୀର ସମସ୍ତ ୫୪ଟି ପଞ୍ଚାୟତରୁ ଶହ ଶହ ଲୋକମାନେ ଉପସ୍ଥିତ ହୋଇ ବିଧାୟକଙ୍କୁ ନିଜ ନିଜର ସମସ୍ୟା ସମ୍ପର୍କରେ କହିଥିଲେ। ଆଜିର ଏହି ଜନଶୁଣାଣୀକୁ ଯୁବ ସଂଗଠକ ରାଜେଶ କୁମାର ପାଲ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ଆଲୋକ ଲେଙ୍କା, ପ୍ରଦୀପ ପୃଷ୍ଟି, ତପନ କୁମାର ମାହୁନ୍ତ, ଉପେନ୍ଦ୍ର କୁମାର କର, ଅଭିଶେକ ରାଉତ, ସିବୁଲି ଧିର, ତୀର୍ଥରାଜ ପଣ୍ଡା, ତୁସାର ରାୟ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ପଣ୍ଡୁଆ ସେତୁ ସଂଯୋଗୀକରଣ ରାସ୍ତା ସରୁନି

# ବର୍ଷା ଆସିଲେ ବଢ଼ିବ ଦୁର୍ଦ୍ଦଶା

ପ୍ରୀତିପୁର, ୯।୫(ସମିସ)

ଯାଜପୁର ଜିଲ୍ଲା ବରୀ ଏବଂ ବିଞ୍ଝାରପୁର ବ୍ଲକକୁ ଯୋଡୁଥିବା ତଥା ଦୁଇ ଜିଲ୍ଲା ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରିବାର ପ୍ରମୁଖ ମାଧ୍ୟମ ସାଜିଥିବା ପଣ୍ଡୁଆ ସେତୁ ଏବେ ପ୍ରଶାସନିକ ଅବହେଳାର ମୁକସାକ୍ଷୀ ପାଲଟିଛି। ସେତୁର ନିର୍ମାଣ କାର୍ଯ୍ୟ ସରିଛି କିନ୍ତୁ ସଂଯୋଗୀକରଣ ରାସ୍ତା ଏବେ ମାଟି ଗଦା ପାଖରେ ଅଟକି ଯାଇଛି। ଏଭଳି କିଛି ଅଭିଯୋଗ ଆଣି ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ବରୀ ଓ ବିଞ୍ଝାରପୁର ବାସୀ।

ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାର ଦୁଇ ବ୍ଲକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟରେ ଯୋଗାଯୋଗର ସରଳୀକରଣ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ତତ୍କାଳୀନ ସରକାର ୨୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅଟକଳ କରି ଏହି ସେତୁର ଶିଳାନ୍ୟାସ କରାଇଥିଲେ। ତତ୍କାଳୀନ ବିଧାୟକ ଦେବାଶିଷ ନାୟକ ଶିଳାନ୍ୟାସ କରିଥିଲେ। କିନ୍ତୁ ଏହା ମଧ୍ୟରେ ବରୀ ଅଞ୍ଚଳର ଦୁଇ ଦୁଇ ଜଣ ବିଧାୟକ ଦେଖିଲାଣି, କିନ୍ତୁ ଏହି ସେତୁ କାର୍ଯ୍ୟ ଶେଷ ହୋଇପାରୁନି। ଏହା ଭିତରେ ସେତୁର ଅଟକଳ ମୂଲ୍ୟ ୨୬ କୋଟିରୁ ବୃଦ୍ଧି ହୋଇ ୫୪ କୋଟିରେ ପହଞ୍ଚିଲା। କିନ୍ତୁ ସେତୁ ଏପର୍ଯ୍ୟନ୍ତ ଲୋକଙ୍କ ଯାତାୟତ ଉପଯୋଗୀ ହୋଇ ପାରୁନଥିବା ଅଭିଯୋଗ ଆସିଛି। ଏହି ସେତୁ ସମ୍ପୂର୍ଣ୍ଣ ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ସଂଯୋଗ ପାଇଁ କେବଳ ମାଟି ପକାଇ ବିଭାଗ ଚୁପ ବସିଥିବା ଅଭିଯୋଗ ଆସିଛି। ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ନଥିବାରୁ ଏହା କେବଳ ଏକ ମାଟି ପାହାଡ଼ ଭଳି ଦେଖାଯିବା ବ୍ୟତୀତ କାର୍ଯ୍ୟରେ ଆସୁନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। କିନ୍ତୁ ଏସବୁକୁ ପୂର୍ତ୍ତବିଭାଗ ଆଖି ବୁଝିଦେଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। କାର୍ଯ୍ୟ କେବେ ସରିବ, କେତେ ଟଙ୍କା ବ୍ୟୟ ହେଇଚି ଏନେଇ କୌଣସି ସୂଚନା ଫଳକ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇନାହିଁ। ଯାହା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି।



ସେତୁ ନିର୍ମାଣ ହେଲେ ଲୋକେ ନଦୀ ପାର ହେବା ପାଇଁ ସେତୁକୁ ବ୍ୟବହାର କରିବାର ସ୍ୱପ୍ନ ଦେଖିଥିଲେ ମଧ୍ୟ ଧୀମା କାର୍ଯ୍ୟ ସେ ସ୍ୱପ୍ନକୁ ଅଧାରେ ରଖି ଦେଇଛି। ଆଉ ଆଜି ବି ଉଭୟ ଜିଲ୍ଲା ଏବଂ ବ୍ଲକର ଲୋକମାନେ ନଦୀ ପାର ହେବା ପାଇଁ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। ନଦୀ ଏପଟେ ଥିବା ବରି ବ୍ଲକର ପଞ୍ଚାୟତର ଲୋକମାନେ ବ୍ଲକରେ ଥିବା କାର୍ଯ୍ୟ ପାଇଁ ଯାଜପୁର ଦେଇ ନିଜ ବ୍ଲକକୁ ଯାଉଛନ୍ତି। ବିଶେଷ କରି ରୋଗୀ, ଛାତ୍ରଛାତ୍ରୀ ଏବଂ ଦୈନିକ ମଜୁରିଆମାନେ ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ସେତୁର ରାସ୍ତା କାର୍ଯ୍ୟ ଶୀଘ୍ର ସାରିବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

# ସଦର ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ



ବରୁଆଁ, ୯।୫(ସମିସ): ଯାଜପୁର ସଦର ପୁଲିସ ପକ୍ଷରୁ ଥାନା ପରିସରରେ ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କ ଅଧ୍ୟକ୍ଷତାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଏସଆଇ ରଞ୍ଜିତା ମହାରଣା ଓ ଅଙ୍ଗନବାଡ଼ି ପର୍ଯ୍ୟବେକ୍ଷିକା ପୁଷ୍ପାଞ୍ଜଳି ସାମଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଶୋର କିଶୋରୀଙ୍କ ପାଇଁ ସାଇବର ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଓ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ନିକଟସ୍ଥ ୫ ଗୋଟି ଅଙ୍ଗନବାଡ଼ିର କର୍ମୀଙ୍କ ସମେତ ୩୫ରୁ ଉର୍ଦ୍ଧ୍ୱ କିଶୋର କିଶୋରୀ ଏଥିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଦର ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଉପେନ୍ଦ୍ର ହେଲେ ଧର୍ମଶାଳା ଆତ୍ମା ଅଧ୍ୟକ୍ଷ

ଧର୍ମଶାଳା, ୯।୫(ସମିସ): ଧର୍ମଶାଳା ବ୍ଲକ ପାଇଁ ଆତ୍ମାର ଅଧ୍ୟକ୍ଷ ଭାବେ ଉପେନ୍ଦ୍ର କୁମାର କରଙ୍କୁ କୃଷି ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ସେ ବିଗତ ବର୍ଷମାନଙ୍କରେ ବିଜେପି ପାଇଁ କାର୍ଯ୍ୟକରି ଅନେକ ସଫଳତା ଆଣି ଦେଇଛନ୍ତି। ଆତ୍ମାର ଅଧ୍ୟକ୍ଷ ଭାବେ ସେ ନିଯୁକ୍ତି ପାଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। କୃଷି ବିଭାଗ ଅଧୀନରେ ଆସୁଥିବା ସମସ୍ତ କାର୍ଯ୍ୟକୁ ଶ୍ରୀ କର ସୂଚାରୁ ରୁପେ ନିର୍ବାହ କରିବେ ବୋଲି ଧର୍ମଶାଳା ଅଞ୍ଚଳର ଚାଷୀମାନେ ଆଶା କରିଛନ୍ତି।



# ଦେଶୀ ମଦ ଜବତ

କୁଆଖିଆ, ୯।୫(ସମିସ): ରସୁଲପୁର ଅବକାରୀ ପୁଲିସ ଦ୍ୱାରା ୨ ଲିଟର ୮୮୦ ମିଲିଗ୍ରାମ ଦେଶୀ ମଦ ଜବତ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଆଜି ସନ୍ଧ୍ୟା ୬ଟା ସମୟରେ ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ବାଦଲ ମଲିକ (୩୬) ନିଜ ବାଇକ ଯୋଗେ ଦେଶୀ ମଦ ନେଇ ଯାଉଥିବା ଖବର ପାଇ ଦୁର୍ଗାପୁର ଗ୍ରାମ୍ୟ ରାସ୍ତାରେ ଅଟକାଇବା ସହ ତା' ନିକଟରୁ ଏକ ଦେଶୀ ମଦ ଭରା ବ୍ୟାଗକୁ ଜବତ କରିଥିଲେ। ଏହି ଚଢ଼ଉରେ ଥାନା ଅଧିକାରିଣୀ ଶୁଭଶ୍ରୀ ଚକ୍ର, ଏସଆଇ ଚନ୍ଦ୍ରଭାନୁ ଦାସ, କନଷ୍ଟେବଳ ଧବଳେଶ୍ୱର ମହାନ୍ତି, ପ୍ରତିମା ଘୋଷ ସାମିଲ ଥିବା ଜଣାଯାଏ।

# ଦୁଇ ନାବାଳିକାଙ୍କୁ ଗର୍ଭବତୀ କରିବା ଘଟଣା; ଦୁଇ କୋର୍ଟଚାଲାଣ

ଦାନଗଦି, ୯।୫(ସମିସ): କଳିଙ୍ଗନଗର ଥାନା ଅଞ୍ଚଳ ଗୋବରଘାଟି ଗ୍ରାମର ଦୁଇଜଣ ନାବାଳିକାଙ୍କୁ ଅନ୍ୟ ଦୁଇଜଣ ପୁରୁଷ ବନ୍ଧୁ ବିବାହ ପ୍ରଲୋଭନ ଦେଖାଇ ଦୈହିକସମ୍ପର୍କ ରଖିବା ଓ ପରବର୍ତ୍ତୀ ଅବସ୍ଥାରେ ଦୁଇଜଣ ନାବାଳିକା ଗର୍ଭବତୀ ହେବା ଘଟଣାରେ କଳିଙ୍ଗନଗର ପୁଲିସ ଦୁଇ ପୁରୁଷ ବନ୍ଧୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ବନ୍ଧୁ ହେଲେ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା କଣ୍ଟାପାଳ ଗ୍ରାମର ନାଥ ଲୋହାରଙ୍କ ପୁଅ ପପୁ ଲୋହାର (୨୩) ଓ ସେହି ଥାନା ସୁହାଗିନାଳି ଗ୍ରାମର ଦାମୁ ପୂର୍ତ୍ତିଙ୍କ ପୁଅ ସଞ୍ଜୟ ପୂର୍ତ୍ତି (୨୩)। ପୁଲିସ କେସ ନମ୍ବର ୧୭/୨୦୨୬ରେ ଏକ ମାମଲା ରୁଜୁକରି ଆଜି ଉଭୟ ୪ ଜଣଙ୍କୁ ଡାକ୍ତରୀମାଇନା କରିବାପରେ ଦୁଇ ପୁରୁଷ ବନ୍ଧୁଙ୍କୁ କୋର୍ଟଚାଲାଣ କରିଥିବାବେଳେ ନାବାଳିକା ଦୁଇ ଜଣଙ୍କୁ ଆଜି ଯାଜପୁର ପୋସ୍କୋ କୋର୍ଟରେ ହାଜର କରାଯାଇଛି।

ଅଭିଯୋଗ ମୁତାବକ ଗୋବରଘାଟି ଗାଁର ଦୁଇ ୧୬ ବର୍ଷୀୟା ନାବାଳିକା ସମ୍ପର୍କରେ ମାଉସୀ ଝିଅ ଓ ମାମୁ ଝିଏ ହେବେ। ଉଭୟ କଙ୍କଡ଼ାହାଡ଼ ଗାଁର ଦୁଇଜଣ ପୁରୁଷ ବନ୍ଧୁଙ୍କୁ ଭଲ ପାଉଥିଲେ। ଗତ ଜାନୁଆରୀ ୨୨ ତାରିଖ ଦିନ ଦୁଇ ନାବାଳିକା ଘରୁ ପଳାଇଆସି ଘରକୁ ଆଉ ଫେରି ନ ଥିଲେ। ପରଦିନ ନାବାଳିକାର ମା' ଦୁଇ ଭଉଣୀ ନିଖୋଜ ଥିବା ନେଇ କଳିଙ୍ଗନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଦୁଇ ନାବାଳିକା ଡୁବୁରୀ ଛକରୁ ଉଭୟ ଦୁଇ ପୁରୁଷ ବନ୍ଧୁଙ୍କ ଶହ କେନ୍ଦୁଝର ଅଞ୍ଚଳକୁ ପଳେଇଥିଲେ। ସେଠାରେ ୬ ମାସ ଧରି ଭଡ଼ା ଘରେ ରହିଥିଲେ। ଉଭୟ ମଧ୍ୟରେ ଶାରୀରିକ ସମ୍ପର୍କ ରଖିବା ଫଳରେ ଦୁଇ ନାବାଳିକା ଗର୍ଭବତୀ ହୋଇଥିଲେ। ଅପରପକ୍ଷେ ପୁଲିସ ଅଭିଯୋଗ ପାଇବା ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଥିବା ବେଳେ ଉଭୟ କେନ୍ଦୁଝର ଅଞ୍ଚଳରେ ରହୁଥିବାର ଜାଣିବାକୁ ପାଇ ସେଠାରେ ପହଞ୍ଚି ୪ ଜଣଙ୍କୁ ଧରିଆଣିଥିଲେ। ଆଜି କୋର୍ଟ ଜାମିନ ନାମଞ୍ଜୁର କରିବାରୁ ଦୁଇ ପୁରୁଷ ବନ୍ଧୁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



# ୩ ମାସରେ ରାସ୍ତା ଫାଟି ଦୁଇଫାଳ

ଭଣ୍ଡାରିପୋଖରୀ, ୯।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର୍ ରାଜସ୍ୱ ମୌଜା ଅନ୍ତର୍ଗତ ପିତାଗଡ଼ିଆ ଗ୍ରାମରେ ନିମ୍ନମାନର ପେଭର୍ ବ୍ଲକ୍ ରାସ୍ତା କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବା ଗ୍ରାମବାସୀମାନେ କହିଛନ୍ତି।

ଗ୍ରାମବାସୀମାନେ ଅଭିଯୋଗ କଲା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସମେତ ସହକାରୀ ଯନ୍ତ୍ରୀଙ୍କୁ ତାଗିଦ୍ କରିବା ସହିତ ଏହି ଅଭିଯୋଗଟିକୁ ନିଜେ ପି.ଡି ଶୁଭେନ୍ଦୁ ସାମଲ ବୁଝିବେ ବୋଲି ପିତାଗଡ଼ିଆ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେହି ପ୍ରତିଶ୍ରୁତି କାଗଜରେ ଲେଖା ହୋଇ ଚପିଗଲା ପରି ଅନୁଭବ ହେଉଥିବା ମତାମତ ରଖିଛନ୍ତି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀମାନେ। ୨୦୨୪-୨୫ ଆର୍ଥିକ ବର୍ଷରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ପେଭର୍ ବ୍ଲକ୍ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ୨୭ ହଜାର ଟଙ୍କା ପ୍ରଦାନ ହୋଇଥିଲା। ପଞ୍ଚାୟତ ପକ୍ଷରୁ ଏହି ପ୍ରକଳ୍ପର କାର୍ଯ୍ୟାଦେଶ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଯେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ରାସ୍ତା କାର୍ଯ୍ୟ କରିବା ପାଇଁ ଏକ ଠିକାଦାରଙ୍କୁ ନିୟୋଜିତ କରିଥିଲେ କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାର ସାଇଟ୍ ୱାଲ୍ ଫାଟି ଦୁଇଫାଳ ହୋଇଯିବା ସହିତ କିଛି ଜାଗାରେ ସାଇଟ୍ ୱାଲ୍ ତିଆରି ନ କରି ପେଭର୍ ବ୍ଲକ୍‌ଗୁଡ଼ିକୁ ସେହି ଭଳି ଅବସ୍ଥାରେ ଛାଡ଼ି ଦିଆଯାଇଛି।

ଆଗକୁ ବର୍ଷା ଦିନ ଆସୁଛି ରାସ୍ତାରେ ବିଛାଯାଇଥିବା ପେଭର୍ ବ୍ଲକ୍‌ଗୁଡ଼ିକ ତଳୁ ବାଲି ବର୍ଷା ଜଳରେ ଧୋଇ ହୋଇ ବାହାରିଯିବା ଆଶଙ୍କା କରାଯାଉଛି। ତେଣୁ ବର୍ଷା ଦିନ ପୂର୍ବରୁ ଏହି ସମସ୍ୟାଗୁଡ଼ିକ ସମାଧାନ କରିବା ନିମନ୍ତେ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ କେହି ମଧ୍ୟ ଅଭିଯୋଗକୁ ଶୁଣି ନ ଶୁଣିଲା ପରି କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଜନଶୁଣାଣି ଶିବିରରେ ଦରଖାସ୍ତ ସଂଖ୍ୟା ୪୭/୧୭୨୮ ଜରିଆରେ ଲିଖିତ ଅଭିଯୋଗ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଅନୁରୋଧ କରି ଗ୍ରାମବାସୀମାନେ ଜଣାଇଥିଲେ ମଧ୍ୟ ଫଳ ଶୂନ୍ ହୋଇଥିବା ଜଣାପଡ଼ିଛି।

# ଯାଜପୁର ଥାନା ପରିସରରେ ଜୁଭେଣ୍ଟିକା

ଯାଜପୁର, ୯।୫(ସମିସ): ଯାଜପୁର ଥାନା ପରିସରରେ ଅପରାହ୍ନ ସମୟରେ ଶିଶୁମାନଙ୍କ ସୁରକ୍ଷା, ସଚେତନତା ଓ ନୈତିକ ମୂଲ୍ୟବୋଧ ବିକାଶକୁ ନେଇ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀମାନେ ଶିଶୁମାନଙ୍କୁ ସାଇବର ଅପରାଧ, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ନିଶାଦ୍ରବ୍ୟର କୁପ୍ରଭାବ ଏବଂ ଆଇନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ବିଷୟରେ ସଚେତନ କରାଇଥିଲେ। ଶିଶୁମାନଙ୍କ ସହ ସିଧାସଳଖ ଆଲୋଚନା ମାଧ୍ୟମରେ ସେମାନଙ୍କର ମନୋବଳ ବୃଦ୍ଧି କରିବା ସହ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବାରେ ଜୋର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଶିଶୁ, ଅଭିଭାବକ ଓ ସମାଜସେବୀ ଯୋଗଦେଇଥିବା ବେଳେ ଯାଜପୁର ଥାନା ପକ୍ଷରୁ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୁଆଖିଆ, ୯।୫(ସମିସ): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବର୍ଲାଙ୍ଗୀସ୍ଥିତ ମା' ହିଙ୍ଗୁଳା ଉଚ୍ଚବିଦ୍ୟାଳୟ ପରିସରରେ ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷକ ନରହରି ପାତ୍ରଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଏସ୍‌ଏମ୍‌ସି ସଭାପତି ଦେବାଶିଷ ନାୟକ, ହିଙ୍ଗୁଳା କମିଟି ସମ୍ପାଦକ ଫକୀର ଚରଣ ନାୟକ, ମାଧବାନନ୍ଦ ସାମଲ, ଗଦାଧର ନାୟକ, ଅଜୟ ସ୍ୱାଇଁ, କମଳଲୋଚନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସଦ୍ୟ ପ୍ରକାଶିତ ମାଟ୍ରିକ୍ ପରୀକ୍ଷାରେ ଏ-୧ ପାଇଥିବା ପଲକ ସ୍ୱାଇଁ ଓ ପ୍ରିୟାଂଶୁ ସାହୁଙ୍କ ସହ ୨୪ଜଣ ଏ-୨ ଓ ବି-୧ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ କାର୍ତ୍ତିକ ଚରଣ ପତି ଅତିଥି ପରିଚୟ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଜଗନ୍ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୁବାସ ପାତ୍ର, କାର୍ତ୍ତିକ ଚରଣ ପତି, ଦିଲ୍ଲୀପ କୁମାର ରଥ, ବିଜୟ କୁମାର ସାହୁ, ରାହାସ ବିହାରୀ ସାହୁ, ହୃଦାନନ୍ଦ ପ୍ରଧାନ, ସତ୍ୟାନନ୍ଦ ବିଶ୍ୱାଳ, ପୀତବାସ ସାହୁ, ଜେ. ଉଦୟଭାନୁ, ଗୀତାଞ୍ଜଳି ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଏଲିମେଣ୍ଟାରୀ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ



ଯାଜପୁର, ୯।୫(ସମିସ)

ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯାଜପୁର ଶିକ୍ଷା ମଣ୍ଡଳର ଏଲିମେଣ୍ଟାରୀ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପଦେଷ୍ଟା ବିଜୟ କୁମାର ନାୟକ ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ମଣ୍ଡଳର ସଭାପତି ରବିନାରାୟଣ ମହାନ୍ତି, ସଂପାଦକ ସୁବାସ ଚନ୍ଦ୍ର ନାୟକ, ଧର୍ମଶାଳା ମଣ୍ଡଳର ସଭାପତି ଆର୍ତ୍ତତ୍ରାଣ ସେଠୀ, ଦାନଗଦି ମଣ୍ଡଳର ସଭାପତି ସନ୍ତୋଷ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସଂଜୟ କୁମାର ମିଶ୍ର ବେଦପାଠ କରିଥିଲେ। ପ୍ରଭାକର ସାହୁ, ରଶ୍ମିତା ତ୍ରିପାଠୀ, ଅଞ୍ଜନ କୁମାର ସାହୁ, ନାରାୟଣ ମହାଲିକ, ସେକ୍ ମୁସ୍ତାକ୍ ଅଲ୍ଲୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ସ୍ୱାଇଁ, ପ୍ରକାଶ କୁମାର ପଣ୍ଡା, ଉପେନ୍ଦ୍ର କୁମାର ଜେନା ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ଯାଜପୁର ମଣ୍ଡଳରୁ ଧର୍ମଶାଳା ମଣ୍ଡଳକୁ ସ୍ଥାନାନ୍ତରିତ ହୋଇଯାଇଥିବା ବରିଷ୍ଠ ଶିକ୍ଷକ ତଥା ଯାଜପୁର ମଣ୍ଡଳର ପୂର୍ବତନ ସଂପାଦକ ବେଣୁଧର ଦାସଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହିତ ଯାଜପୁର ମଣ୍ଡଳର ସଭାପତି ଭାବେ ଲକ୍ଷ୍ମୀଧର ବିଶ୍ୱାଳ, ଉପସଭାପତି ଭାବେ ପ୍ରଭାକର ସାହୁ ଏବଂ ରଶ୍ମିତା ତ୍ରିପାଠୀ, ସାଧାରଣ ସଂପାଦକ ଭାବେ ନାରାୟଣ ମହାଲିକ, ଯୁଗ୍ମ-ସଂପାଦକ ଭାବେ ସୁଧିର କୁମାର ଓଝା, ସଂଗଠନ ସଂପାଦକ ଭାବେ ଉମେଶ ଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ନିର୍ମଳ ଚନ୍ଦ୍ର ସେଠୀ, ସହ-ସଂପାଦକ ଭାବେ ତିମିର ରଞ୍ଜନ ବେହେରା ନିର୍ବାଚିତ ହୋଇଥିଲେ। ରାଜ୍ୟ ଉପଦେଷ୍ଟାଙ୍କ ଉପସ୍ଥିତିରେ ରବିନାରାୟଣ ମହାନ୍ତି ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୌଦାମିନି ପତି, ଲକ୍ଷ୍ମୀପ୍ରିୟା ରାଉତ, ସେକ୍ ମୁସ୍ତାକ୍ ଅଲ୍ଲି, ସ୍ୱାଧୀନ କୁମାର ଜେନା, ନିର୍ମଳ ଚନ୍ଦ୍ର ସେଠୀ, ସଂଜୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ସଂଗଠନ ସଂପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ସିଂହପୁର, ୯।୫(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ଯଜ୍ଞ ପଡିଆ ନିକଟ କଲ୍ୟାଣ ମଣ୍ଡପଠାରେ ମାଧବାନନ୍ଦ ଗୁରୁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଓ ବରୁଣେଇ ସାହିତ୍ୟ ସଂସଦ ସହଯୋଗରେ ମଣ୍ଡଳସ୍ତରୀୟ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୟୋଜେଷ୍ଠ ବ୍ୟକ୍ତି ଶଂକର୍ଷଣ ଦାଶଙ୍କ ସଭାପତିତ୍ୱରେ ଏ-୧ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ, ଟ୍ରଫି, ବହି ପ୍ୟାକେଟ ଦେଇ ପରିଚାଳକ ସମ୍ବର୍ଦ୍ଧିତ କରିଥିଲେ। ଏହି କର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ସେବା ନିବୃତ୍ତ ପ୍ରଧାନଶିକ୍ଷକ ରାଧାକାନ୍ତ ସାହୁ, ବଟକୃଷ୍ଣ ମଲ୍ଲିକ, ଶ୍ରୀଧର ସାହୁ, ଦେବେନ୍ଦ୍ର ସାମଲ, ଅଭୟ ଖୁଣ୍ଟିଆ, ରବି ନାରାୟଣ ସାମଲ, ସରୋଜ କୁମାର ମଲ୍ଲିକ, ଟିକିଲତା ବେହେରା, ଗଙ୍ଗାରାଶି ମିଶ୍ର, ଖରସ୍ରୋତା ପୁସ୍ତକ ମେଳାର ସଭାପତି ପଦ୍ମାକର ଗୁରୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ କରିଥିଲେ। ପଞ୍ଚାନନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସେଠୀ ସଭା ସଞ୍ଚାଳନ କରିଥିଲେ। ସଭାପତି ଶିଶିର କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ସହ ସଂପାଦକ ଆଲୋକ କୁମାର ଦାସ, ଦଶରଥ ସାମଲ, ସୁବାସ ଚନ୍ଦ୍ର ଜେନା, ନିରଞ୍ଜନ ପାତ୍ର, ମନୋଜ କୁମାର ସାହୁ, ସୁମନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଟିଚର୍ସ କ୍ଲବ, ବରୁଣେଇ ବରିଷ୍ଠ ନାଗରିକ ମଞ୍ଚ, ଆଞ୍ଚଳିକ ନାଗରିକ ମଞ୍ଚ, ଉଦୟଭାନୁ ସାହିତ୍ୟ ସଂସଦ, ଖରସ୍ରୋତା ପୁସ୍ତକ ମେଳା, ଜଗନ୍ନାଥ ସାହିତ୍ୟ ସଂସଦ, ବ୍ରହ୍ମଗୋଛ ଯଜ୍ଞ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।



# ଗୁଜରାଟର ଅପହୃତ ମାର୍ବଲ ବ୍ୟବସାୟୀ ଉଦ୍ଧାର

## କାର୍ ଜବତ; ଦୁଇ ଗିରଫ

ଆନନ୍ଦପୁର, ୯।୫ (ସମିସ): ଆନନ୍ଦପୁର ପୁଲିସ ଟିମ ଆକ୍ସନ ମୋଡରେ। ଅପହୃତ ହୋଇଥିବା ଗୁଜରାଟର ଜଣେ ମାର୍ବଲ ବ୍ୟବସାୟୀ ଜମନଭାଇଙ୍କୁ ଉଦ୍ଧାର କରିଛି। ଏଥିସହ ଏହି ମାମଲାରେ ସମ୍ପୃକ୍ତ ଏକ ବ୍ୟବହୃତ କାର ଏବଂ ଅପହରଣକାରୀ କେନ୍ଦୁଝର ଟାଉନର ବ୍ୟବସାୟୀ ବଜରଙ୍ଗ ଲାଲ ଓ ତାଙ୍କ ଡ୍ରାଇଭର ମୁନିରାମଙ୍କୁ କାବୁ କରଛି। ସୂଚନା



ଅନୁସାରେ, ଦୀର୍ଘ ଦିନ ଧରି ପଡ଼ି ରହିଥିବା ପ୍ରାୟ ୯ ଲକ୍ଷ ବାକି ଟଙ୍କା ମାଗିବାରୁ ଅଭିଯୁକ୍ତ ବଜରଙ୍ଗଲାଲ ଘରକୁ ଡାକି ନିସ୍ଥୁକ ମାଡ଼ ମାରି ପାଖରେ ଥିବା ପ୍ରାୟ ୧୪ ଲକ୍ଷ ଟଙ୍କା ଲୁଟି ନେଇଥିଲା। ୩୩ ଲକ୍ଷ ଟଙ୍କା ବାକି ଅଛି; ଯାହା ନଦେଲେ ମାରିଦେବାକୁ ଧମକ ଦେଇଥିଲା। କିଛି ସମୟ ପରେ ଓଡି ୨୨ୱାଇ ୪୯୯୯ ନମ୍ବର କାରରେ କଟକ ନେଇଯାଉଥିବା ବେଳେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା ପୁଲିସ ପାଟ୍ରୋଲିଙ୍ଗ ପାର୍ଟି ଗାଡ଼ିକୁ ଜବଦ କରି ବ୍ୟବସାୟୀଙ୍କୁ ଉଦ୍ଧାର କରିଥିଲେ।

# ମହେଶ୍ୱର ସାହୁଙ୍କୁ ଭେଟିଲେ ବିଜେଡି ରାଜ୍ୟ ସମ୍ପାଦକ

ହାଟଡିହୀ, ୯।୫(ସମିସ): କିଛିଦିନ ତଳେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ କୃଷକ ନେତା ମହେଶ୍ୱର ସାହୁ ଦୁର୍ଘଟଣାର ଶିକାର ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି। ଆଜି ରାଜ୍ୟ ବିଜେଡ଼ି ସମ୍ପାଦକ ତଥା ହାଟଡ଼ିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଆନନ୍ଦପୁରସ୍ଥିତ ମହେଶ୍ୱରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶ୍ରୀ ରାଉତ କହିଛନ୍ତି ଯେ ମହେଶ୍ୱର ସାହୁ ଜଣେ ସମର୍ପିତ କୃଷକ ନେତା। ଚାଷୀ ଓ ସାଧାରଣ ଲୋକଙ୍କ ଅଧିକାର ପାଇଁ ସଂଘର୍ଷ କରିଆସିଛନ୍ତି।



ତାଙ୍କ ପରି ଜଣେ ଅନୁଭବୀ ଓ ଲୋକପ୍ରିୟ ନେତା ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ସାମାଜିକ ଓ ସଂଗଠନୀୟ କାର୍ଯ୍ୟରେ ସକ୍ରିୟ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏଥିସହ ଅଞ୍ଚଳ ତଥା ଅଞ୍ଚଳ ବାହାରୁ ବହୁ ବରିଷ୍ଠ ନେତା, ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ ଓ ଶୁଭେଚ୍ଛୁମାନେ ମଧ୍ୟ ଶ୍ରୀ ସାହୁଙ୍କୁ ଭେଟି ତାଙ୍କ ଆରୋଗ୍ୟ କାମନା କରିଛନ୍ତି।

# ହାତୀଙ୍କୁ ଚିଡ଼ାଇ ଦୁଇ ଗିରଫ

ତୁରୁମୁଙ୍ଗା, ୯।୫(ସମିସ): ବଣୁଆ ହାତୀଙ୍କୁ ଠେଙ୍ଗାରେ ପିଟିବା, ଲାଞ୍ଜ ଟାଣିବା ସହ ଡ୍ରୋନ ସାହାଯ୍ୟରେ ବଣୁଆ ହାତୀ ପଲଙ୍କ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବା ଭଳି ଅପରାଧ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୯/୫୨କୁ ଉଲଂଘନ କରିବା ଅଭିଯୋଗରେ ପାଟଣା ବନ ବିଭାଗ ୨ ନାବାଳକଙ୍କୁ ଗିରଫ କରି ବାଳ ସୁଧାର ଗୃହକୁ ପଠାଇଛି। ତାଙ୍କ ପାଖରୁ ବନ ବିଭାଗ ଜଙ୍ଗଲୀ ହାତୀଙ୍କ ଭିଡିଓ ଉତ୍ତୋଳନ କରିଥିବା ମୋବାଇଲ ଫୋନ ଜବତ କରିଛି।

# ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର

ତୁରୁମୁଙ୍ଗା, ୯।୫(ସମିସ): ପାଟଣା ଥାନା ସୋରାସକେଲା ଗ୍ରାମର ମକାବନ୍ଧ ସାହି ରୁପା ବେଣ୍ଟକାର (୨୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳୁ ଘର ପଛ ପଟରେ ଥିବା ଏକ କାଜୁ ଗଛରୁ ଉଦ୍ଧାର ହୋଇଛି। ସେ ଏକ ଶାଢ଼ି ସାହାଯ୍ୟରେ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଏସଆଇ ଧନେଶ୍ୱର ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

### ବେଆଇନ ବାଲି ଚାଲାଣରେ ସ୍ପେସାଲ ସ୍କ୍ୱାଡ୍‌ର ଚଢ଼ଉ

# ୧୧ ହାଇୱା ସହ ୪ଟି ମେସିନ୍ ଜବତ; ୧୬ ଗିରଫ







ହାଟଡ଼ିହୀ/ଆନନ୍ଦପୁର, ୯।୫ (ସମିସ):

ଆନନ୍ଦପୁର ଉପଖଣ୍ଡରେ ଗୃହ ନିର୍ମାଣ ପାଇଁ ମୁଠାଏ ବାଲି ମିଳୁ ନଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈତରଣୀ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ଉପରେ ଜିଲ୍ଲା ସ୍ପେସାଲ ସ୍କ୍ୱାଡ୍ ପକ୍ଷରୁ ଏକ ବଡ଼ଧରଣର ଚଢ଼ଉ ଶନିବାର କରାଯାଇଛି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଆମାରଙ୍ଗ ବାଲି ଘାଟ ଉପରେ ବିଳମ୍ବିତ ରାତିରେ କେନ୍ଦୁଝର ସ୍ପେସାଲ ସ୍କ୍ୱାଡର ଏକ ସ୍ୱତନ୍ତ୍ର ଟିମ ଅଚାନକ ଚଢ଼ଉ କରି ବେଆଇନ ବାଲି ଉତ୍ତୋଳନରେ ବ୍ୟବହୃତ ୨ଟି ଜେସିବି ମେସିନ ଓ ୪ଟି ହାଇୱା ଗାଡ଼ିକୁ ଜବତ କରିଛି। ସେହିପରି ଦୀର୍ଘ ଦିନ ଧରି ଘାଟ ନିକଟରେ ଖରାପ ଅବସ୍ଥାରେ ପଡ଼ିଥିବା ଅନ୍ୟ ୨ଟି ମେସିନକୁ ମଧ୍ୟ ଜବତ କରାଯାଇ ଘସିପୁରା ପୁଲିସଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ, ଆମାରଙ୍ଗ ବ୍ୟତୀତ ଏହି ଚଢ଼ଉ ଦଳ କୋଇମାଟି, ବନ୍ଧ, କଅଁସ, କେନ୍ଦୁଆ ଆଦି ଅଞ୍ଚଳରେ ମଧ୍ୟ ଛାନଭିନ କରି ମୋଟ ୧୧ଟି ହାଇୱା ଟ୍ରକ୍ ସହ ୪ଟି ଜେସିବି ମେସିନଗୁଡ଼ିକୁ ଜବତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ନନ୍ଦିପଦା ଥାନା ଇନ୍ସପେକ୍ଟର ବଳିଆ ବାରିକଙ୍କ ନେତୃତ୍ୱରେ ନନ୍ଦିପଦା ଥାନା ପୁଲିସ୍ ଓ ସ୍ପେସାଲ୍ ସ୍କ୍ୱାଡ ବୈତରଣୀ ନଦୀର ବିଭିନ୍ନ ଘାଟ ଉପରେ ମିଳିତ ଚଢ଼ଉ କରିଥିଲେ। ବିଳମ୍ବିତ ରାତିରେ ଚଢ଼ଉ ବେଳେ ବେନିୟମ ବାଲି ପରିବହନ କରୁଥିବା ୫ଟି ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିବାରେ ସଫଳ ହୋଇଥିଲା। ଏହି ସମୟରେ କିଛି ଯୁବକ ଯେଉଁମାନେ କି ବାଲି ଗାଡିକୁ ସୁରକ୍ଷା ଯୋଗାଉଥିଲେ ସେହି ଯୁବକମାନେ ପୁଲିସର କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ପୁଲିସ ଗାଡ଼ିକୁ ପିଛା କରି ଟେକା ପଥର ଫିଙ୍ଗିଥିଲେ। ପୁଲିସ୍ ଏହି ଘଟଣାରେ କିଛି ଅଭିଯୁକ୍ତଙ୍କୁ ପଚରାଉଚରା କରୁଥିବା ବେଳେ ଡ଼ିମିରିଆ ଗ୍ରାମର ରାଧାମୋହନ ବାରିକ, ପ୍ରହ୍ଲାଦ ବାରିକ, ଲିଟୁ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ରବିନ୍ଦ୍ର ବାରିକ, ସୁଲଣ ପଞ୍ଚାୟତ ଜଳସରପୁର ଗ୍ରାମର ଅଜୟ ଜେନା, ଅଣା ଗ୍ରାମର ସୋମନାଥ ରାଜ, ଭଦ୍ରକ ଜିଲ୍ଲା ଅସୁରାଳୀ ଗ୍ରାମର ସୁଧିର ଘଡେଇ, ଆଗରପଡା ଥାନା ବୋଡକ ମହାଯିବ ଗ୍ରାମର ଶଙ୍କର୍ଷଣ ଜେନା ପ୍ରମୁଖଙ୍କୁ ଗିରଫ କରିଛି। ଏନେଇ ୬ଟି ମାମଲା ରୁଜୁ କରିବା ସହ ଭାରତୀୟ ନ୍ୟାୟ ସଂହିତା ଧାରା ୧୯୧(୨), ୧୯୧(୩), ୧୨୬(୨), ୧୦୯, ୧୩୨, ୧୨୧(୧), ୨୨୧, ୨୯୬, ୩୫୧(୩), ୧୯୦ ଏବଂ ଓଡ଼ିଶା ମାଇନିଂ ରୁଲ୍ ଧାରା ୫୧(୧) ରେ ୬ଟି ମାମଲା ରୁଜୁ କରିଛି।

ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଘାଟ ସୃଷ୍ଟି କରି ଦିନ ରାତି ବ୍ୟାପକ ଭାବେ ବାଲି ଲୁଟ କରାଯାଉଛି। ବାଲି ମାଫିଆମାନେ ନଦୀ ଗର୍ଭକୁ ନିର୍ଦ୍ଦୟଭାବେ ଖୋଳି ପ୍ରତିଦିନ ଶତାଧିକ ଟ୍ରିପ ବାଲି ହାଇୱା ଯୋଗେ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏହାଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ବାଲି ମାଫିଆମାନେ ମାଲେମାଲ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବେଆଇନ ବାଲି ଉତ୍ତୋଳନ କାରଣରୁ ନଦୀର ପରିବେଶ ଗୁରୁତର ଭାବେ ପ୍ରଭାବିତ ହେଉଛି। ନଦୀ ବନ୍ଧ ଦୁର୍ବଳ ହେବା ସହ ଚାଷ ଜମି ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ରାତି ଅଧିକ ହେଲେ ନଦୀ ପଠାରେ ହାଇୱା ଓ ଭାରୀ ମେସିନର ଶବ୍ଦରେ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ତେବେ ସ୍ପେସାଲ ସ୍କ୍ୱାଡର ଏହି ଚଢ଼ଉ ପରେ ବାଲି ମାଫିଆମାନଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏଭଳି ଚଢ଼ଉ ଆହୁରି ଜୋରଦାର କରାଯିବ ବୋଲି ପୁଲିସ ଏସଡିପିଓ କମଳ କୁମାର ପଣ୍ଡା କହିଛନ୍ତି।

### ତ୍ରୁଟିପୂର୍ଣ୍ଣ ଡିଭାଇଡର୍‌ରେ ଦୁର୍ଘଟଣା

# ପଲଟିଲା କାର୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଆନନ୍ଦପୁର, ୯।୫(ସମିସ): ଘସିପୁରା ବସ୍‌ଷ୍ଟାଣ୍ଡ ରୋଡ୍‌ରେ ନିର୍ମିତ ହୋଇଥିବା



ଏକ ତ୍ରୁଟିପୂର୍ଣ୍ଣ ଡିଭାଇଡର୍‌ରେ ସିରିଜ ଦୁର୍ଘଟଣା ଘଟିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୩ ମାସ ମଧ୍ୟରେ ପ୍ରାୟ ୭ ଥର ଦୁର୍ଘଟଣା ଘଟିବା ନଜିର ଥିବାବେଳେ ଗତ ଶୁକ୍ରବାର ରାତିରେ ପୁଣି ଦୁର୍ଘଟଣା ଘଟିଛି। ଗୋଟିଏ କାର୍ ଏହି ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାତି ପ୍ରାୟ ୯ଟା ୫୦ରେ କାର୍‌ଟି ଯାଉଥିବା ବେଳେ ଡିଭାଇଡର୍‌ରେ ପିଟିହୋଇ ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ବାରମ୍ବାର ଦାବି ପରେ ଏଠାରେ ଡିଭାଇଡର୍ ଥିବା ସମ୍ପର୍କରେ କୌଣସି ସୂଚନା ଦିଆଯାଉ ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ସ୍ଥାନରେ ବହୁ ସଂଖ୍ୟାରେ ଦୁଇ ଚକିଆ ଓ ଚାରିଚକିଆ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ଅଳ୍ପଦିନ ତଳେ ଗୋଟିଏ କାର୍ ଡିଭାଇଡର୍‌ରେ ପିଟିହୋଇ ଓଲଟି ପଡ଼ିବାରୁ ଗାଡିରେ ଥିବା ୪ଜଣ ଯାତ୍ରୀ ଆହତ ହୋଇପଡ଼ିଥିଲେ। ଏଣୁ ପୂର୍ତ୍ତ ବିଭାଗ ପକ୍ଷରୁ ଯଥା ଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବ୍ୟବସାୟୀ ସଂଘ ସମ୍ପାଦକ ସୁରେଶ କୁମାର ସେଠୀ ଦାବି ଜଣାଇଛନ୍ତି।

# ଠାକୁରାଣୀ ଶାଳରେ ପୂଜା ପରେ ରାସ୍ତାରୁ ହଟିଲା ବିରାଟ ଗଛ



ତୁରୁମୁଙ୍ଗା, ୯।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ-ତୁରୁମୁଙ୍ଗା ମୁଖ୍ୟରାସ୍ତାର ନେଉଳିପଶି ନିକଟରେ ଶୁକ୍ରବାର ସକାଳ ୮ଟାରୁ ରାସ୍ତା ଉପରେ ଏକ ବିରାଟ ପୁରାତନ ଶାଳ ଗଛ ଉପୁଡ଼ି ପଡ଼ି ରହିଥିଲା। ଗଛଟି ଗ୍ରାମର ଠାକୁରାଣୀଙ୍କ ଗଛ ହୋଇଥିବା ଯୋଗୁଁ କଳା ବୁଦା ପୂଜା ନକଲେ ଗଛକୁ କଟା ଯାଇ ପାରିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ତେବେ ବୁଦା ଯୋଗଡ଼ କରିବାରେ ବିଭାଗୀୟ ଅଧିକାରୀ ନାକେଦମ ହୋଇଥିଲେ। ବୁଦା ଯୋଗାଡ଼ କରି ନ ପାରିବା ସହ ଦେହୁରୀ ଖାଇ ଦେଇ ଥିବା ଯୋଗୁଁ ଗଛକୁ କଟା ଯାଇ ପାରିନଥିଲା। ରାସ୍ତା ଉପରେ ବିରାଟ ଶାଳ ଗଛ ପଡି ରହିଥିବା ନେଇ ପ୍ରାୟ ୨୬ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଓ ପାରମ୍ପରିକ ରୀତିନୀତିକୁ ସମ୍ମାନ ଜଣାଇ ଶନିବାର ସକାଳେ ଗ୍ରାମର ଦେହୁରୀ ତରଣୀ ସେନଙ୍କ ଦ୍ୱାରା ଶାଳରେ ପୂଜାର୍ଚ୍ଚନା କରାଯିବା ସହ ପାଣି ଧରି ପରେ ବୁଦା ଦିଆଯିବ ବୋଲି ଠାକୁରାଣୀଙ୍କ ନିକଟରେ ଶରଣ ପଶିବା ପରେ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ଉପସ୍ଥିତିରେ ବନ ବିଭାଗ କର୍ମଚାରୀମାନେ ଗଛଟିକୁ କାଟି ରାସ୍ତାରୁ ହଟାଇବା ପରେ ଦିନ ୧୧ଟା ପରେ ଚମ୍ପୁଆ ତୁରୁମୁଙ୍ଗା ରାସ୍ତାରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଘସିପୁରା ଥାନାରେ ଶିଶୁ ବିକାଶ ଓ ନାରୀ ସୁରକ୍ଷା 'ଜୁଭେନ୍ତିକା' କାର୍ଯ୍ୟକ୍ରମ

ଆନନ୍ଦପୁର, ୯।୫(ସମିସ): ନାରୀ ସୁରକ୍ଷା ଓ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଓଡ଼ିଶା ପୁଲିସ ଓ ୟୁନିସେଫର ମିଳିତ ଉଦ୍ୟମରେ ଘସିପୁରା ଥାନା ପରିସରରେ 'ଜୁଭେନ୍ତିକା' କାର୍ଯ୍ୟକ୍ରମ ଘସିପୁରା ଶିଶୁବିକାଶ ଅଧିକାରୀ ଶକୁନ୍ତଳା ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଥାନାଧିକାରୀ କିଶୋରଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ଅଞ୍ଚଳର ବହୁ ମହିଳା, କିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଛାତ୍ରୀ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ନାରୀଙ୍କ ସୁରକ୍ଷା, ସ୍ୱାଭିମାନ, ଆତ୍ମରକ୍ଷା ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିବା। ଉପସ୍ଥିତ ଅଧିକାରୀମାନେ ନାରୀଙ୍କ ବିରୋଧରେ ହେଉଥିବା ଅପରାଧ, ସାଇବର ଠକେଇ, ଘରୋଇ ହିଂସା, ବାଲ୍ୟ ବିବାହ ଓ ମହିଳା ନିର୍ଯାତନା ଭଳି ବିଷୟରେ ଆଲୋଚନା କରିଥିଲେ। ସେମାନେ ମହିଳାମାନଙ୍କୁ ଭୟମୁକ୍ତ ଭାବେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ପୋଲିସ ପ୍ରଶାସନର ସହଯୋଗ ନେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ ମଧ୍ୟ ନିଜ ଅନୁଭବ ଓ ସମସ୍ୟା ସମ୍ପର୍କରେ ମତାମତ ରଖିଥିଲେ। ସମସ୍ତଙ୍କୁ ନାରୀ ସମ୍ମାନ ଓ ସୁରକ୍ଷା ପାଇଁ ସାମୂହିକ ଭାବେ କାମ କରିବାକୁ ଆହ୍ୱାନ କରାଯାଇଥିଲା।

# ଅଧିକା ପାଇଥିବା ଭତ୍ତା ଟଙ୍କା ଫେରାଇଲେ ରବୀନ୍ଦ୍ର

ହାଟଡ଼ିହୀ, ୯।୫(ସମିସ): ହାଟଡ଼ିହୀ ବ୍ଲକ ମରେଇଗାଁ ପଞ୍ଚାୟତ ଚଣ୍ଡିଆ ବିରଞ୍ଚିପୁର ଗାଁର ୬୬ ବର୍ଷୀୟ ରବିନ୍ଦ୍ର ଜେନା ସରକାରୀ ଟଙ୍କା ଫେରାଇ ପ୍ରଶଂସାର ପାତ୍ର ସାଜିଛନ୍ତି। ସୂଚନା ଅନୁସାରେ, ରବିନ୍ଦ୍ର ଗତ ୨ ମାସ ଧରି ଭତ୍ତା ପାଇ ନଥିଲେ। ପିଇଓଙ୍କ ଭୁଲ୍‌ବଶତଃ ରବିନ୍ଦ୍ରଙ୍କ ଆକାଉଣ୍ଟକୁ ୨ ହଜାର ପରିବର୍ତ୍ତେ ୧୩ ହଜାର ଆସିଥିଲା। ପରେ ରବିନ୍ଦ୍ର ଏହା ଜାଣି ପାରି ତାଙ୍କର ୨ ମାସର ଭତ୍ତା ଟଙ୍କା ରଖି ପଞ୍ଚାୟତ ପିଇଓ ସୁଶ୍ରୀ ସଙ୍ଗୀତା ଚକ୍ରଙ୍କୁ ଡ଼ାକି ଅବଶିଷ୍ଟ ୧୧ ହଜାର ଟଙ୍କା ଫେରାଇ ଦେଇ ନିଜର ମହାନତାର ପରିଚୟ ଦେଇଛନ୍ତି। ରବିନ୍ଦ୍ରଙ୍କ ଏଭଳି ମହତ୍ କାର୍ଯ୍ୟ ପାଇଁ ହାଟଡିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ତାଙ୍କୁ ସାଧୁବାଦ ଜଣାଇଛନ୍ତି।



# ଚମ୍ପୁଆ କୋର୍ଟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ



ଚମ୍ପୁଆ, ୯।୫(ସମିସ): ଚମ୍ପୁଆ କୋର୍ଟ ପରିସରରେ ଆଜି ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ସାଧନଜିତ ପଣ୍ଡା, ଜେଏମ୍‌ଏଫ୍‌ସି ସୁସ୍ମିତା ମିଶ୍ର ଏବଂ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। କୋର୍ଟରେ ବିଚାରାଧୀନ ଥିବା ସର୍ବମୋଟ ୧୨୮ଟି ମାମଲାରୁ ୧୨ଟିର ଫଏସଲା କରାଯାଇ ୧୬ ଲକ୍ଷ ୬୦ ହଜାର ୩ ଶହ ୯୯ ଟଙ୍କା ୮୯ ପଇସା ଆଦାୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ ସୂରଜ ଖାନ ପରିଚାଳନା କରିଥିଲେ।

### ପୁଣି ଚର୍ଚ୍ଚାରେ ଜିତୁ ମୁଣ୍ଡା

# ଘରକୁ ପାଣି ଯୋଗାଣ ନହେଲେ ପୁଣି କଙ୍କାଳ ବୋହିବେ !

ତୁରୁମୁଙ୍ଗା, ୯।୫(ସମିସ):

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ଏବେ ପୁଣି ଥରେ ଚର୍ଚ୍ଚାରେ। ତାଙ୍କର ଏକ ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ନିଆଁ ଭଳି ବ୍ୟାପୁଛି। ଜିତୁ ମୁଣ୍ଡା ଉକ୍ତ ପ୍ରତିକ୍ରିୟାରେ କହିଛନ୍ତି ଯେ ଘରକୁ ପାଇପ ଯୋଗେ ପାନୀୟଜଳ ସଂଯୋଗ ନହେଲେ ପୁଣି ଥରେ କଙ୍କାଳ ବୋହିନେବେ।

ସୂଚନାଯୋଗ୍ୟ ଯେ ଜିତୁ ମୁଣ୍ଡା ତାଙ୍କ ଭଉଣୀ କାଲାରା ମୁଣ୍ଡାଙ୍କ ଜମା ଟଙ୍କାକୁ ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଉଠାଇବାକୁ ଯାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଭଉଣୀ ନ ଆସିଲେ ଟଙ୍କା ଦେବୁନାହିଁ କହିବାରୁ ଜିତୁ ନିଜ ଭଉଣୀର ଶବକୁ ମଶାଣୀରୁ ଖୋଳି କଙ୍କାଳ ବୋହି ପ୍ରଚଣ୍ଡ ଖରାରେ ଚାଲି ଚାଲି ଯାଇ ବ୍ୟାଙ୍କ ସମ୍ମୁଖରେ ରଖି ଭଉଣୀର ଜମା ଟଙ୍କା ଦେବାକୁ କହିଥିଲେ। ଭଉଣୀ କଙ୍କାଳ ବୋହିବା ଘଟଣା ପରେ ଜିତୁ ମୁଣ୍ଡା ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ। ଘଟଣାକୁ ନେଇ ପ୍ରଶାସନ ତତ୍ପରତା ଦେଖାଇବା ସହ ଜିତୁ ମୁଣ୍ଡାଙ୍କ ନିକଟରେ ପହଞ୍ଚିଥିଲା। ଗୋଟିଏ ଦିନରେ ଲିଗାଲ ହେୟାର ବାହାରିବା ସହ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ବାହାର କରାଯାଇ ଜିତୁ ମୁଣ୍ଡାଙ୍କ ସମସ୍ତ ପ୍ରାପ୍ୟ ଟଙ୍କା ବ୍ୟାଙ୍କ ପକ୍ଷରୁ ଦିଆଯାଇଥିଲା। ଏଥିସହ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ସହ ସ୍ଥାନୀୟ ବିଧାୟକ, ରାଜନେତା, ମନ୍ତ୍ରୀ, ଦେଶବିଦେଶରୁ ବିଭିନ୍ନ ସ୍ୱେଚ୍ଛାସେବୀ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ତାଙ୍କ ଘରକୁ ବିଦ୍ୟୁତ ସେବା ଯୋଗାଇଦେବା ସହ ବାର୍ଦ୍ଧକ୍ୟ ଭତ୍ତା ଏବଂ ଭଉଣୀଙ୍କ ନାମରେ ଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡକୁ ତାଙ୍କ ନାମରେ ପରିବର୍ତ୍ତନ କରାଯାଇଥିଲା। ଜିତୁ ମାସକୁ ୩୫ କେଜି ଚାଉଳ ପାଇବାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଜିତୁ ମୁଣ୍ଡାଙ୍କ ଜମାଖାତାରେ ଏବେ ୧୫ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ରହିଛି। ତେବେ ଜିତୁ ମୁଣ୍ଡାଙ୍କ କ୍ଷେତ୍ରରେ ଘଟିଥିବା ଘଟଣାକୁ ନେଇ ସାରା ବିଶ୍ୱରେ ପ୍ରଶାସନିକ ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇଥିଲା। କଙ୍କାଳ ବୋହିଥିଲେ ବୋଲି ଜିତୁ ପୁନର୍ବାର ଶୁଦ୍ଧି ହେବା ସହ ଜାତିଭାଇଙ୍କୁ ଭୋଜିଭାତ ଦେଇ ଆପାୟିତ କରି ପୁନର୍ବାର ନିଜ ଜାତିରେ ମିଶିଛନ୍ତି। ମାତ୍ର ଜିତୁ ମୁଣ୍ଡା କଙ୍କାଳ ବୋହିଲେ ବୋଲି ତାଙ୍କ ନିକଟରେ ମାତ୍ର ଗୋଟିଏ ଦିନ ସମସ୍ତ ସରକାରୀ ଯୋଜନା ପହଞ୍ଚିପାରିଥିଲା। ହେଲେ ଜିତୁ ମୁଣ୍ଡାଙ୍କ ଗାଁ ଡିଆନାଳି ଗ୍ରାମରେ ପାନୀୟଜଳ ସହ ରାସ୍ତାଘାଟ ସମସ୍ୟା ରହିଛି। ଘରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ନକଲେ ଜିତୁ ପୁଣି କଙ୍କାଳକୁ ନେଇକି ଯିବେ ବୋଲି ଏକ ପ୍ରତିକ୍ରିୟାରେ କହିଥିବା କଥା ସାମାଜିକ ଗଣମାଧ୍ୟମରେ ଏବେ ନିଆଁ ଭଳି ବ୍ୟାପୁଛି। ପାନୀୟ ଜଳ ଯୋଗାଣ କେବେ ପହଞ୍ଚିବ ସେନେଇ ଅପେକ୍ଷା କରି ରହିଛନ୍ତି ଜିତୁ ମୁଣ୍ଡା।

### ଜିତୁ ମୁଣ୍ଡାଙ୍କ କଙ୍କାଳ କାହାଣୀ

## ଚିତ୍ର ଆଙ୍କି ଉପହାର ଦେଲେ ବିଶାଖାପାଟଣାର ବିଶ୍ୱଜିତ୍ ବାଗେ

ତୁରୁମୁଙ୍ଗା, ୯।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା



ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଭଉଣୀର ଶବକୁ ଖୋଳି କଙ୍କାଳକୁ ବାହାର କରି କାନ୍ଧରେ ବୋହି ବ୍ୟାଙ୍କ ଯିବା ଘଟଣା ସାରା ବିଶ୍ୱରେ ଚର୍ଚ୍ଚିତ ହେବା ପରେ ଏବେ ଜିତୁଙ୍କୁ ସମସ୍ତ ସରକାରୀ ସହାୟତା ମିଳିବା ସହ ଆର୍ଥିକ ସହାୟତା ମଧ୍ୟ ମିଳୁଛି। ଏପରି ସ୍ଥଳେ ଜଣେ ଜିତୁ ତାଙ୍କ ଭଉଣୀର ସ୍ମୃତିକୁ ଉଦଜୀବିତ କରିବା ପାଇଁ ବିଶାଖାପାଟଣାର ଚିତ୍ରକର ବିଶ୍ୱଜିତ ବାଗେ ଉକ୍ତ ଘଟଣାକୁ ନିଜ ହାତରେ ରଙ୍ଗ ତୂଳୀରେ ଚିତ୍ର ତିଆରି କରି ଜିତୁଙ୍କୁ ଉପହାର ଦେଇଛନ୍ତି। ଶନିବାର ବିଶ୍ୱଜିତ ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜିତୁଙ୍କଠାରୁ ପଚାରି ବୁଝିବା ସହ ନିଜେ ତିଆରି କରିଥିବା ଚିତ୍ରକୁ ଜିତୁଙ୍କୁ ଉପହାର ଦେଇଥିଲେ। ଜିତୁ ଖୁସିର ସହ ଉପହାରକୁ ଗ୍ରହଣ କରିବା ସହ ଚିତ୍ରକରଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଜବତ ଟ୍ରାକ୍ଟର ଛଡ଼ାଇବା ମାମଲାରେ ଜଣେ ଗିରଫ

ଆନନ୍ଦପୁର, ୯।୫ (ସମିସ): ରେମାଳ ନଦୀର ବିଭିନ୍ନ ସ୍ଥାନରୁ ଚୋରା ବାଲି ଚାଲାଣ ହେଉଥିବା ଖବରପାଇ ସ୍ଥାନୀୟ ଆରଆଇ ପ୍ରଶାନ୍ତ କୁମାର ସାମଲ ଗୋଟିଏ ଟ୍ରାକ୍ଟର ଜବତ କରିଥିବା ବେଳେ ମାଲିକ ଗାଳିଗୁଲଜ କରି ଟ୍ରାକ୍ଟର ଛଡ଼ାଇ ନେଇଥିଲେ। ଏନେଇ ପୁଲିସରେ ରିପୋର୍ଟ ହୋଇଥିଲା। ଘସିପୁରା ଥାନାଧିକାରୀ କିଶୋର କୁମାର ସାମଲ ତଦନ୍ତ କରି କଁଅସ-କେନ୍ଦୁଆ ଗ୍ରାମର ସୁଶାନ୍ତ କୁମାର ଜେନା ଓରଫ ବୁବୁକୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି।



## ଶିଳ୍ପରେ ପଛୁଆ ମୟୂରଭଞ୍ଜ ଜିଲ୍ଲା

# ପର୍ଯ୍ୟାପ୍ତ ସ୍ଥାନ ଥାଇ ବି ପ୍ରତିଷ୍ଠା ହେଉନି କଳକାରଖାନା

**ବାରିପଦା, ୯।୫(ସମିସ)**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ କ୍ଷେତ୍ରରେ ବହୁ ପଛୁଆ ରହିଛି। ଶିଳ୍ପାୟନକୁ ପ୍ରତି ଜିଲ୍ଲାରେ ଅଗ୍ରାଧିକାର ନେଇ ବିଜେପି ସରକାର ଘୋଷଣା ବାଜି କରୁଥିବାବେଳେ ପ୍ରକୃତ ଚିତ୍ର ଅଲଗା ରହୁଛି। ସଂସଦରେ ଖୋଦ ଏମ୍‌ଏସ୍‌ଏମ୍‌ଇ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ବିଗତ ଦିନରେ ତଥ୍ୟ ପ୍ରଦାନ ପରେ ସତ୍ୟତା ଜାଣି ମଧ୍ୟ ଡବଲ ଇଞ୍ଜିନ ସରକାର ମୌନ ରହିଛି। ଶିଳ୍ପାୟନ ଦ୍ୱାରା ଅଞ୍ଚଳର ବିକାଶ ସହ ସ୍ଥାନୀୟ ଯୁବକ ରୋଜଗାରକ୍ଷମ ହୋଇପାରିବେ। ତେଣୁ କଳକାରଖାନା ଓ ରୋଜଗାର ବୃଦ୍ଧି ପାଇଁ ରାଜ୍ୟର ପ୍ରତିଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। କିନ୍ତୁ ଏବେବି ରାଜ୍ୟର ୧୧ଟି ଜିଲ୍ଲା ଶିଳ୍ପାୟନରେ ପଛୁଆ ରହିଛି। ଏଥିରେ ମୟୂରଭଞ୍ଜ ଜିଲ୍ଲା ମଧ୍ୟ ରହିଛି। ବିଜେଡି ସାଂସଦ ଡ. ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସ୍ଥାନ ଥିବାବେଳେ ଶିଳ୍ପାୟନର ବିକାଶ ପାଇଁ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରତିଷ୍ଠାକୁ ଅଗ୍ରଗତି କରାଯାଉନାହିଁ। ପୂର୍ବରୁ କିଛି କଳକାରଖାନା ଥିବାବେଳେ ଏବେ ତାହା ତାଲା ପଡ଼ିରହିଛି। ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ବାରିପଦାର ପାଲବଣି ସ୍ଥିତ ପୁରାତନ ନିକୋ ଫ୍ୟାକ୍ଟ୍ରିକୁ ପୁନଃକାର୍ଯ୍ୟକ୍ଷମ କରିବା ନେଇ ସୂଚନା ଥିବାବେଳେ ତାହା ଏଯାବତ କାର୍ଯ୍ୟକ୍ଷମ କରାଯାଇନାହିଁ। ଫଳରେ ଜିଲ୍ଲାରେ ବେରୋଜଗାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସ୍ଥାନୀୟ ଯୁବକମାନେ ନିଯୁକ୍ତି ସୁଯୋଗ ନ ପାଇ ବେରୋଜଗାର ହେଉଛନ୍ତି। ବିଭିନ୍ନ ସମୟରେ ଟଙ୍କା ପାଇଁ ଅପରାଧ କାର୍ଯ୍ୟକଳାପ ଘଟାଉଛନ୍ତି। ଏଥିସହିତ କିଛି ଯୁବକ ଦାଦନ ଖଟିବାକୁ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଯାଉଛନ୍ତି। ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଜମି ଉପଲବ୍ଧ ଥିବାବେଳେ ଆଦିବାସୀ ଜିଲ୍ଲାର ବିକାଶ ପାଇଁ ରାଜ୍ୟର ବିଜେପି ସରକାର ଡିଲେ ରେଲେ ମନନିବେଶ କରୁନାହାଁନ୍ତି। ସାଂସଦଙ୍କଠାରୁ ଆରମ୍ଭ କରି ସମସ୍ତ ବିଧାୟକ ବିଜେପି ଦଳର ହୋଇଥିଲେ ହେଁ ମୟୂରଭଞ୍ଜ ଶିଳ୍ପାୟନରେ ପଛୁଆ ଜିଲ୍ଲା ଭାବେ ଗଣତି ହେଉଥିବା ନେଇ ଖୋଦ କେନ୍ଦ୍ରମନ୍ତ୍ରୀ ତଥ୍ୟ ଉପସ୍ଥାପନ କରିବା ପରେ ମଧ୍ୟ ଏ ନେଇ ସ୍ଥାନୀୟ ସାଂସଦ, ବିଧାୟକ ଓ ଅନ୍ୟାନ୍ୟ ଜନପ୍ରତିନିଧି ଚୁପ୍ ହୋଇ ରହିଛନ୍ତି। ଯଦି ମୟୂରଭଞ୍ଜ ଜିଲ୍ଲାରେ ଆଗକୁ ବୃହତ ଶିଳ୍ପାୟନ ନେଇ କୌଣସି ବ୍ୟବସ୍ଥା ନ ହେବ, ତେବେ ବେରୋଜଗାର ସମସ୍ୟା ଆହୁରି ଉତ୍କଟ ହେବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

- **ଜିଲ୍ଲାରେ ଉତ୍କଟ ହେଉଛି ବେରୋଜଗାରୀ ସମସ୍ୟା**
- **ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ଯୁବକ**

# ଗ୍ରୀଷ୍ମକାଳୀନ ଧନୁର୍ବିଦ୍ୟା ଶିବିର ଉଦ୍‌ଘାଟିତ

**ବାରିପଦା, ୯।୫(ସମିସ):** ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ କ୍ରୀଡ଼ା ପରମ୍ପରାକୁ ଆଗକୁ ନେବା ପାଇଁ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ ଓ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଧନୁର୍ବିଦ୍ୟା ଶିବିରର ଶୁଭାରମ୍ଭ ହୋଇଛି। ବାରିପଦାର ବେଲଗଡ଼ିଆ ପ୍ୟାଲେସ ପରିସରରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ ସୁଭାଶିଷ ନାୟକ, ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଶିବିରର ପ୍ରଥମ ଦିବସରେ ଅଭିଭାବକଙ୍କ ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା। ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଧନୁର୍ବିଦ୍ୟା କଳାକୁ ପେଶାଦାର ସ୍ତରରେ ବିକଶିତ କରିବାରେ ଏହି ଶିବିର ସହାୟକ ହେବ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି। ମୟୂରଭଞ୍ଜର ମାଟିରେ ଅନେକ ପ୍ରତିଭା ଏଭଳି ଶିବିର ମାଧ୍ୟମରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିପାରିବେ ବୋଲି ଅତିଥିମାନେ ମତ ରଖିଥିଲେ। ଜାତୀୟ ସ୍ତରୀୟ କୋଚ ତରଣୀସେନ ନାୟକ, ଫୁଲମଣୀ ପାଲେୟା, ହୃଷିକେଶ ମହାନ୍ତ, ଫାଗୁ ଟୁଡୁ ଓ ବିଶ୍ୱଜିତ ମହାନ୍ତ ପ୍ରଶିକ୍ଷଣରେ ଏହି ଶିବିର ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିର ଆଗାମୀ ଦିନରେ ଅଭ୍ୟାସ ଜାରି ରଖିବା ସହ ପିଲାମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।



# ବାଉଁଶ ଟ୍ରକ୍ ପଛରେ ପିଟି ହୋଇ ଦୁଇ ଗୁରୁତର

**କୁଆଁମରା, ୯।୫(ସମିସ):** ଉଦଳା-ବାରିପଦା ୧୯ ନଂ ରାଜ୍ୟ ରାଜପଥର ପଥରା ଛକଠାରେ ଏକ ବାଉଁଶ ବୋଝେଇ ପିକଅପ୍ ପଛରେ ପିଟି ହୋଇ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। ବାଉଁଶ ବୋଝେଇ ପିକ୍‌ଅପ୍ ଉଦଳା ଅଭିମୁଖେ ଯାଉଥିବାବେଳେ ଦୁଇଜଣ ଯୁବକ ବାଇକ୍‌ରେ ଓଭରଟେକ୍ କରି ଦ୍ରୁତ ଗତିରେ ଯାଉଥିବାବେଳେ ବାଉଁଶରେ ପିଟି ହୋଇ ଛିଟକି ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଖୁଣ୍ଟା ପୁଲିସ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରିଛି। ଖବର ଲେଖିବା ବେଳକୁ ସେମାନଙ୍କ ପରିଚୟ ଜଣାପଡ଼ିନାହିଁ। ଦୁର୍ଘଟଣା ପରେ ପିକଅପ୍‌ଟି ଫେରାର୍ ହୋଇଯାଇଛି।

## ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ ଦାବି

# ମହିଳା କଂଗ୍ରେସର ମଶାଲ ଯାତ୍ରା




**ବାରିପଦା, ୯।୫(ସମିସ):** ୩୩ ପ୍ରତିଶତ ମହିଳା ସଂରକ୍ଷଣ ଦାବିରେ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନରେ ମୟୂରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାରିପଦା ଅମ୍ବିକା ମନ୍ଦିର ପାଖରୁ ବିଶାଳ ପଟୁଆରରେ ବାହାରି ଦଳର ମହିଳା ନେତ୍ରୀ ଓ କର୍ମକର୍ତ୍ତା ହାତରେ ମଶାଲ ଜଳାଇ ପ୍ରତିବାଦ ପଦଯାତ୍ରା କରିଛନ୍ତି। ବହୁ ପୂର୍ବରୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ସଂସଦରେ ଗୃହୀତ ହୋଇଥିଲେ ମଧ୍ୟ ବିଜେପି ସରକାର ତାହାକୁ କାର୍ଯ୍ୟକାରୀ କରିନାହିଁ। ଅପରପକ୍ଷରେ ବିଜେପି ଶାସିତ ରାଜ୍ୟରେ ଡିଲିମେସନ ନାମରେ ନିଜ ସରକାରକୁ ସବୁଦିନ ପାଇଁ ସୁରକ୍ଷିତ ରଖିବା ପାଇଁ ମହିଳା ସଂରକ୍ଷଣ ନାମରେ ଭାରତ ବର୍ଷକୁ ବିଭ୍ରାନ୍ତ କରୁଛି। ଯାହାକୁ ମହିଳା କଂଗ୍ରେସ ଦୃଢ ନିନ୍ଦା କରିବା ସହ ପାରିତ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି। ଯଦି ବିଜେପି ସରକାର ଲାଗୁ ନ କରନ୍ତି, ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ମହିଳା ନେତ୍ରୀ। ଏହି ମହିଳା ମଶାଲ ଯାତ୍ରାର ନେତୃତ୍ୱ ନେଇଥିଲେ ମହିଳା ନେତ୍ରୀ ଜିଲ୍ଲା କଂଗ୍ରେସ ଉପସଭାପତି ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା, ସବିତା ସୋରେନ, ଗୌରୀ ନାୟକ ଓ ସସ୍ମିତା ବେହେରା। ପୂର୍ବତନ ଆଇପିଏସ ଅଫିସର ଶ୍ୟାମସୁନ୍ଦର ହାଁସଦା, ଓକିଲ ସଙ୍ଘ ସଭାପତି ଜ୍ୟୋତି ପ୍ରକାଶ ରଥଙ୍କ ସହିତ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ଏସି କଂଗ୍ରେସ, ଏସଟି କଂଗ୍ରେସ, କୃଷକ କଂଗ୍ରେସ ଓ ଶତାଧିକ ମହିଳା କର୍ମୀ ଯୋଗ ଦେଇଥିଲେ। ଶେଷରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

# ପୁରାତନ କଲେଜ ଛାତ୍ର ସଂଘର କର୍ମକର୍ତ୍ତା ନିର୍ବାଚନ

**ଗୋରୁମହିଷାଣି, ୯।୫(ସମିସ):** ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀ କଲ୍ୟାଣୀ ମଣ୍ଡପରେ ଆଇରନ କଲେଜର ଜୁନିଅର ଓ ଡିଗ୍ରୀ କଲେଜର ପୂର୍ବତନ ଛାତ୍ର ସଂଘ ବୈଠକ ଅନୁଷ୍ଠିତ ହୋଇ ଛାତ୍ର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ବିଶିଷ୍ଟ ସମାଜସେବୀ, ଆଇନଜୀବୀ ତଥା ଆଇରନ କଲେଜର ପ୍ରତିଷ୍ଠାତା ବୃଷ୍ଟିବିରଜା ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇରନ କଲେଜ ଅଧ୍ୟକ୍ଷ ବଂଶୀଧର ବାରିକ, ସମ୍ମାନିତ ଅତିଥି ଭାବେ ସମ୍ବାଦିକ ତୁଷାରକାନ୍ତ ମହନ୍ତ, ଦୟାନିଧି ମହାକୁଡ, କଲେଜ କର୍ମଚାରୀ ନିରଞ୍ଜନ ଗିରି, ମନୋଜ ବେହେରା ଯୋଗ ଦେଇଥିଲେ। ଦେବାଶିଷ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ପ୍ରତିଷ୍ଠାତା ଶ୍ରୀ ମଣ୍ଡଳ କଲେଜର ସଂଘର୍ଷର କାହାଣୀ କହିଥିଲେ। କଲେଜ ହୋଇପାରିଥିବାରୁ ଆଜି ଉପାନ୍ତ ଅଞ୍ଚଳର ବହୁ ଗରିବ ଖଟିଖିଆ ଓ ଆଦିବାସୀ ଛାତ୍ରଛାତ୍ରୀ ସହଜରେ ଶିକ୍ଷାଦାନ ପାଇପାରିଛନ୍ତି। ତତ୍‌ସହିତ +୩ ବିଜ୍ଞାନ କେମିତି ଖୋଲିପାରିବ, ସେ ବିଷୟରେ ବିସ୍ତୃତ ଆଲୋଚନା ରଖି ଛାତ୍ର ସଂଘ ଆବଶ୍ୟକତାର ବିଷୟ କହିଥିଲେ। ଶେଷରେ ସର୍ବସମ୍ମତି କ୍ରମେ ସଂଘ ସଭାପତି ଭାବେ ରମେଶ ଚନ୍ଦ୍ର ସାହୁ, ଉପସଭାପତି ତୁଷାରକାନ୍ତ ମହାନ୍ତ, ସମ୍ପାଦକ ଚନ୍ଦନ ମହାନ୍ତ, ସହସମ୍ପାଦକ ବିଦ୍ୟାପତି ଗିରି, କୋଷାଧ୍ୟକ୍ଷ ରାମକୃଷ୍ଣ ଦେ, ଯୁଗ୍ମ କୋଷାଧ୍ୟକ୍ଷ ଦେବାଶିଷ ମୁଦୁଲି, ସଦସ୍ୟ ଭାବେ ସଞ୍ଜୟ ଦାସ, ଦୟାନିଧି ମହାକୁଡ, ସୁଧର୍ମା ଗିରି, ବିକ୍ରମ ହେମ୍ବ୍ରମ, ବାପି ପାତ୍ର, ସାଲଖୁ ସୋରେନ, ଧନଞ୍ଜୟ ସିଂ, ଟୁଲୁ ବାକ୍ତି, ତପସ୍ୱିନୀ ମହାକୁଡ, କାଳୀପଦ ମୁଣ୍ଡା, ରାଧିକା ମୁଣ୍ଡା, ସୋନମଣି ସୋରେନ ମନୋନୀତ ହୋଇଛନ୍ତି।



## ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢ଼ଉ

# ୫୩ ଲିଟର ଦେଶୀମଦ ଜବତ, ୪ ଗିରଫ

**ବେତନଟୀ, ୯।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ପ୍ରାୟ ୫୩ ଲିଟର ଦେଶୀମଦ ସହିତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ବେତନଟୀ ସଠିଲୋ ଗ୍ରାମରୁ ଉମାକାନ୍ତ ରଣାଙ୍କ ନିକଟରୁ ୧୩ ଲିଟର, ଏସଏସ ମହୁଲିଆ ଗ୍ରାମରୁ ଦୀନକୃଷ୍ଣ ସିଂ ନିକଟରୁ ୧୪ ଲିଟର, ସୁବ୍ରତ ଦାଶ ନିକଟରୁ ୧୩ ଲିଟର, ଉମାକାନ୍ତ ବେହେରାଙ୍କଠାରୁ ୧୩ ଲିଟର ଚୋରା ଦେଶୀମଦ ଜବତ କରିବା ସହିତ ଏହି ଚାରିଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ଆଗକୁ ଆଖପାଖ ଅଞ୍ଚଳରେ ଚୋରା ଦେଶୀ ମଦ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯିବ ବୋଲି ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରା କହିଛନ୍ତି।

## ବିକାଶମୂଳକ କାର୍ଯ୍ୟର ମନ୍ତ୍ରୀଙ୍କ ସମୀକ୍ଷା

# ଅବହେଳା ପାଇଁ ଦୁଇ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



**ବାରିପଦା/ରାଇରଙ୍ଗପୁର, ୯।୫(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ସହରୀକରଣ ଓ ବିକାଶମୂଳକ କାର୍ଯ୍ୟ ଚାଲିଛି। ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର। କାର୍ଯ୍ୟରେ ଅବହେଳା ଓ ବିଲ୍ ପ୍ରଦାନରେ ବିଳମ୍ବ ଅଭିଯୋଗରେ ଦୁଇଜଣ ଯନ୍ତ୍ରୀଙ୍କ ଉପରେ ମନ୍ତ୍ରୀ ବର୍ଷିଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ସହରାଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରାଯାଇଛି। ବିଶେଷକରି ଭିତ୍ତିଭୂମି ବିକାଶ, ପାନୀୟଜଳ ଯୋଗାଣ, ସହରାଞ୍ଚଳ ଗରିବ କଲ୍ୟାଣ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି ବୈଠକରେ ରାଜ୍ୟ ଟାଉନ ପ୍ଲାନିଂ ନିର୍ଦ୍ଦେଶକ ତଥା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଶତ୍ରୁଘନ କରଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଠିକାଦାରଙ୍କୁ ବିଲ୍ ପ୍ରଦାନରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ମନ୍ତ୍ରୀ। ଏହି ଅଭିଯୋଗ ଆଧାରରେ ରାଇରଙ୍ଗପୁର ମ୍ୟୁନିସିପାଲିଟିର ସହକାରୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପହିଙ୍କ ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସେହିପରି କରଞ୍ଜିଆ ଏନଏସିର ଜୁନିୟର ଇଞ୍ଜିନିୟର ମିଥୁନ ହେମ୍ବ୍ରମଙ୍କୁ ମଧ୍ୟ ସମାନ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ଯେଉଁ ଅଧିକାରୀ ଜନସାଧାରଣଙ୍କ କାର୍ଯ୍ୟରେ କିମ୍ବା ବିକାଶମୂଳକ ପ୍ରକଳ୍ପରେ ବାଧା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଡା ମହାପାତ୍ର ଚେତାବନୀ ଦେଇଛନ୍ତି।

# ନବନିର୍ମାଣ କୃଷକ ସଂଗଠନର ସ୍ମାର୍ଟ ମିଟର ଓ ଏଚ୍‌ପିଭି ଟିକାକୁ ବିରୋଧ



**ବାରିପଦା, ୯।୫(ସମିସ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାରିପଦା ବ୍ଲକର ବିସିପୁର ଓ ହାତିକୋଟ ପଞ୍ଚାୟତର ବୁଧୁଶୋଳ ଛକରେ ବଂଶ ରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଭାରୀ ଚିନୁ ଦାଶ ଦୁଇ ପଞ୍ଚାୟତର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥଲେ। ଇଲେକ୍ଟ୍ରି ସ୍ମାର୍ଟ ମିଟର ଗାଁରେ ବସିବ ନାହିଁ ଓ ଏଚପିଭି ଭ୍ୟାକ୍ସିନ କିଶୋରୀଙ୍କୁ ଦିଆଯିବନାହିଁ। ଭ୍ୟାକ୍ସିନ ହିଁ ରୋଗର ମୂଳ କାରଣ। କରୋନା ଟିକା ନେବା ପରେ ଯୁବକଙ୍କଠାରେ ହଠାତ ମୃତ୍ୟୁ ଦେଖିବାକୁ ମିଳୁଛି। ବ୍ରେନ୍‌ଷ୍ଟ୍ରୋକ, ହାର୍ଟଷ୍ଟ୍ରୋକ, ପାରାଲିସିସ୍ ଓ ଚର୍ମରୋଗ ଭଳି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଶରୀରରେ ଦେଖାଯାଉଥିବାବେଳେ ସରକାର ଆଉଏକ ଭ୍ୟାକ୍ସିନ୍ କିଶୋରୀଙ୍କୁ ଦେଉଛନ୍ତି। ଯେଉଁ ରୋଗ ଶରୀରରେ ନାହିଁ, ସେ ରୋଗ ପାଇଁ କାହିଁକି ଭ୍ୟାକ୍ସିନ୍ ଦିଆଯିବ। ଯଦି ଭ୍ୟାକ୍ସିନ୍ ନେବା ଫଳରେ କିଶୋରୀଙ୍କଠାରେ ପ୍ରଜନନ କ୍ଷମତା ହ୍ରାସ, କୌଣସି ଶାରୀରିକ ସମସ୍ୟା ଦେଖାଯାଏ, ତେବେ ସ୍ୱାସ୍ଥ୍ୟ ବିଭାଗ ନା ସରକାର କିଏ ଦାୟୀ ହେବେ ସଂଗଠନ ପ୍ରଶ୍ନ ଉଠାଇଛି ସଂଗଠନ। ସେହିପରି ଆଗୁଆ ଟଙ୍କା ନେବା ଉଦ୍ଦେଶ୍ୟରେ କମ୍ପାନୀ ଇଲେକ୍ଟ୍ରି ସ୍ମାର୍ଟ ମିଟର ଲଗାଇ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାରକୁ ହନନ କରୁଛି। ସରକାର ଅନେକ ରାଜ୍ୟରେ ଚାଷୀଙ୍କୁ ବିଜୁଳି ମାଗଣାରେ ଦେଉଥିବା ସମୟରେ ଓଡ଼ିଶାରେ କାହିଁକି ବିଜୁଳି ରିହାତିରେ ଦିଆଯିବନାହିଁ ବୋଲି ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ଆଲୋଚନା କରିଥଲେ। ଉକ୍ତ ସଭାରେ ଆକୁଳ ନାଏକ, ଅଶୋକ ଘୋଷ, ପଦ୍ମଲୋଚନ ମହାନ୍ତ, ଝାଡ଼େଶ୍ୱର ନାଏକ, ସୁରେନ୍ଦ୍ର ନାଏକ ଭଳି ବହୁ ନେତା ଉପସ୍ଥିତ ଥିଲେ।

# ନର୍ସିଂ ଦିବସରେ ରକ୍ତଦାନ ଶିବିର; ୩୪ ୟୁନିଟ୍ ସଂଗୃହୀତ

**ବାରିପଦା, ୯।୫(ସମିସ):** ସ୍ଥାନୀୟ ଡିପାସାହିସ୍ଥ ମହାରଣା ପ୍ରେମ କୁମାରୀ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ଆନୁକୂଲ୍ୟରେ ଆନ୍ତର୍ଜାତିକ ନର୍ସିଂ ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅବୋଧ କୁମାର ଧରମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଶଶୀକାନ୍ତ ସେଠୀ ଓ ଓଡ଼ିଶା ରକ୍ତ କେନ୍ଦ୍ର ବାରିପଦାର ମେଡିକାଲ ଅଫିସର ଡା. ନୀଲେଶ ଦାସ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷା ଅନନ୍ୟା ହାତୀଙ୍କ ସମେତ ସସ୍ମିତା ବେରା, ମଧୁସ୍ମିତା ପଣ୍ଡା, ବିଷ୍ଣୁପ୍ରିୟା କର, ପଦ୍ମାଳୟା ସାହୁ, ଶର୍ମିଷ୍ଠା ପାତ୍ର, ଲିପ୍‌ସା ପ୍ରିୟଦର୍ଶିନୀ ଟୁଡୁ, ମନାଲି ଦତ୍ତ, ଭାଗ୍ୟଶ୍ରୀ ନାୟକ, ପରମା ରୟ, ପୁଷ୍ମିତା ପୁଷ୍ପାଞ୍ଜଳି ମହାନ୍ତ, ସ୍ୱର୍ଣ୍ଣପ୍ରଭା ମହାକୁଡ଼, ତିଳୋତ୍ତମା ମୁର୍ମୁ, ପାର୍ବତୀ ମୁର୍ମୁ, ଅମ୍ରିତା ମିଶ୍ର, ଶୁଭ୍ରା ସାମନ୍ତ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୩୪ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ଅମର କୁମାର ସେଠୀ ଓ ସୋମନାଥ ସିଂହ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଗାୟତ୍ରୀ ସାହୁ, ଶୁଚିସ୍ମିତା ଆଚାର୍ଯ୍ୟ, ସତ୍ୟରଞ୍ଜନ ପାସା, ସଂଗ୍ରାମ ବେହେରା, ସତ୍ୟଜିତ ନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



# ଚକ୍ର ସିଂ ଜାରିକାଙ୍କ ଚିକିତ୍ସା ଆରମ୍ଭ

**ଶରତ, ୯।୫(ସମିସ)**

ସକାଳ ପ୍ରଭାବ

କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଧନାସାହି ବାସିନ୍ଦା ଚକ୍ର ସିଂ ଜାରିକା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ନିରକ୍ଷରତା କାରଣରୁ ତାଙ୍କ ପରିବାର ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା ନ କରାଇ ତାଙ୍କର ସୁସ୍ଥତା କାମନା କରି କୁକୁଡ଼ା, ଛେଳିକ ମେଣ୍ଢା ପୂଜା ବଳି ଦେଉଥିବା ଖବର ୪ ତାରିଖ ଦିନ 'ସକାଳ' ଖବର କାଗଜରେ ପ୍ରକାଶ ପାଇଥିଲା। ତାଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଟିବି ହସ୍ପିଟାଲରେ ଚିକିତ୍ସା କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇ ଖବରକାଗଜ ମାଧ୍ୟମରେ ନିବେଦନ କରିଥିଲେ। ଆଜି ଜିଲ୍ଲା ହସ୍ପିଟାଲ ଟିମ ଧନାସାହି ଗ୍ରାମକୁ ଆସି ଚକ୍ରଙ୍କୁ ଚିକିତ୍ସା କରାଯିବା ନିମନ୍ତେ ହସ୍ପିଟାଲ ନେଇଛନ୍ତି। ଚକ୍ର ସିଂ ବର୍ତ୍ତମାନ ଉଦଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ହେବା ପରେ ଆସନ୍ତାକାଲି ବାରିପଦାକୁ ସ୍ଥାନାନ୍ତର କରାଯିବ ବୋଲି ଜଣାଯାଇଛି।



# ଦୁର୍ଘଟଣାଗ୍ରସ୍ତ ପରିବାରକୁ ୧୧ ଲକ୍ଷ ଟଙ୍କା କ୍ଷତିପୂରଣ

**ବାରିପଦା, ୯।୫(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ଜୟବିଲ୍ଲା ଗ୍ରାମର ସାଧୁ ସିଂଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ୨୦୨୫ ଅଗଷ୍ଟ ୫ ତାରିଖରେ ଏକ ମାରୁତି ଭ୍ୟାନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବାରିପଦା ଜିଲ୍ଲା ଜଜ ସୁଦୀପ୍ତ ଆଚାର୍ଯ୍ୟ ବିଚାର କରି ରାଷ୍ଟ୍ରୀୟ ଲୋକ ଅଦାଲତରେ ଓରିଏଣ୍ଟାଲ ଇନ୍‌ସୁରାନ୍ସ କମ୍ପାନୀକୁ ୧୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ମୃତକଙ୍କ ପକ୍ଷରୁ ଆଇନଜୀବୀ ପ୍ରସନଜିତ କମିଲା ଓ ଇନ୍‌ସୁରାନ୍ସ କମ୍ପାନୀର ଓଡ଼ିଶା ପରିଚାଳନା ମୁଖ୍ୟ ତାପସ କୁମାର ବେହେରା ଓ ସ୍ଥାନୀୟ ଆଇନଜୀବୀ ବିଦ୍ୟୁତ କୁମାର ମହାନ୍ତି ପରିଚାଳନା କରୁଥିଲେ।

# ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୧୩ ଆହତ

**ବେତନଟୀ, ୯।୫(ସମିସ):** ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ୧୮ ନଂ ଜାତୀୟ ରାଜପଥର ବେତନଟୀ ଥାନା ଅନ୍ତର୍ଗତ ହଣ୍ଡାଶୋଳ ନିକଟରେ ବିଳମ୍ବିତ ରାତିରେ ଏକ ବରଯାତ୍ରୀ ନେଇ ଯାଉଥିବା ବୋଲେରୋ ଗାଡ଼ି ଏକ କଣ୍ଟେନର ସହ ଧକ୍କା ହୋଇଥିଲା। ବୋଲେରୋଟି ଡାଇଭର୍ସନ ଜାଣି ନ ପାରି କଣ୍ଟେନର ସହ ଧକ୍କା ହେବାରୁ ବୋଲେରୋଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ବୋଲେରୋରେ ଦୁଇ ମହିଳାଙ୍କ ସମେତ ୧୩ ଜଣ ଯାତ୍ରୀ ଥିଲେ। ସମସ୍ତେ ତାରାକୋଟି, ଖଡିଶୋଳ ଆଦି ଅଞ୍ଚଳର ଲୋକ। ବୋଲେରୋ ଚିତ୍ରଡାକୁ ବରଯାତ୍ରୀ ଯାଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ବୋଲେରୋ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଥିବାବେଳେ ସ୍ଥାନୀୟ ଲୋକେ ବୋଲେରୋ ତଳୁ ଲୋକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବେତନଟୀ ଓ ବାରିପଦା ମେଡିକାଲ କଲେଜକୁ ପଠାଇଥିଲେ। ବେତନଟୀ ପୁଲିସ ପହଞ୍ଚି ବୋଲେରୋ ଓ କଣ୍ଟେନରକୁ ଜବତ କରି ତଦନ୍ତ ଚଳାଇଛି।



# ଆର୍‌ଡିଏସ୍ ମହାବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ବିଦାୟ ଉତ୍ସବ



**ଉଦଳା, ୯।୫(ସମିସ):** କୁଣ୍ଡାବାଇସ୍ଥ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସ୍ନାତୋକୋତ୍ତର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶେଷ ବର୍ଷ ସ୍ନାତୋକୋତ୍ତର ବିଭାଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଦାୟକାଳୀନ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଯୋଗଦେଇ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଦିଗଦର୍ଶନ ଦେବା ସହ ସେମାନେ କିପରି ନିଜ ନିଜର ଦକ୍ଷତା ଅନୁସାରେ କର୍ମସଂସ୍ଥାନ ପାଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଅକ୍ଷୟ କୁମାର ଗିରି, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଗୋପିନାଥ ଦାସ, ଇତିହାସ ବିଭାଗ ଅଧ୍ୟାପିକା ଡ. ଅନୁରାଧା ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାକୁ ପ୍ରଥମ ବର୍ଷ ସ୍ନାତକୋତ୍ତର ବିଭାଗ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



ଜନଗଣନାକୁ ନେଇ ଓଡ଼ିଶା-ଆନ୍ଧ୍ର ବିବାଦ

# ମାଣିକପାଟଣାରେ ଜନଗଣନା ନୋଡାଲ ଅଧିକାରୀଙ୍କ ସମୀକ୍ଷା

ପାରଳାଖେମୁଣ୍ଡି/ରାୟଗଡ, ୯ ।୫(ସମିସ)

ଗଜପତି ଜିଲ୍ଲା ଗଙ୍ଗାବଡ ପଞ୍ଚାୟତ ଆନ୍ଧ୍ର ସୀମାକୁ ଲାଗି ରହିଥିବାରୁ ସବୁବେଳ ଆନ୍ଧ୍ର ତରଫରୁ କିଛି ନା କିଛି ବିଶୃଙ୍ଖଳା କରାଯାଉଛି। ବର୍ତ୍ତମାନ ଜିଲ୍ଲାରେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମରେ ଅନୁପ୍ରବେଶ କରିବା ଭଳି ଘଟଣା ଗତ କିଛି ଦିନ ହେଲା ସାମ୍ନାକୁ ଆସିଛି। ଗତ ୬ ତାରିଖ ଦିନ ଓଡ଼ିଶା ତରଫରୁ ମାଣିକପାଟଣା ଗ୍ରାମରେ ଜନଗଣନା କରୁଥିବା କର୍ମଚାରୀ ସର୍ଭେ କରି ପ୍ରତି ଘରେ ସର୍ଭେ ନମ୍ବର କାନ୍ଥରେ ଲେଖି ଆସିଥିଲେ। ଏହାପରେ ସୀମାନ୍ତ ଆନ୍ଧ୍ର ଅଧିକାରୀ ଆସି ଏହି ଗ୍ରାମର କିଛି ଘରେ ଓଡ଼ିଶା ତରଫରୁ ଲେଖାଯାଇଥିବା ସର୍ଭେ ନମ୍ବର ଉପରେ ଚୂନ ଲିପି ଆନ୍ଧ୍ରର ସର୍ଭେ ନମ୍ବର ପକାଇ ସେଠାକାର ଲୋକଙ୍କୁ ଆନ୍ଧ୍ର ସରକାରଙ୍କ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ କଡ଼ା ତାଗିଦ କରିଥିଲେ। ଯାହାକୁ ନେଇ ୭ ତାରିଖ ଦିନ ଜିଲ୍ଲା ପ୍ରଶାସନ ତରଫରୁ ଉପଜିଲ୍ଲାପାଳ, ରାୟଗଡ ତହସିଲଦାର, ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ପୁଣି ଥରେ ସର୍ଭେ ନମ୍ବର ପକାଇଥିଲେ। କିନ୍ତୁ ଆନ୍ଧ୍ର ଅଧିକାରୀ ଗତକାଲି ସନ୍ଧ୍ୟାରେ ଆସି ଜୋର ଜବରଦସ୍ତ ମାଣିକପାଟଣା ଗ୍ରାମର ୨୨ ଘରେ ପୁଣି ଥରେ ଆନ୍ଧ୍ର ସର୍ଭେ ନମ୍ବର ଲେଖି ଗାଁ ଲୋକଙ୍କୁ ତାଗିଦ କରିଥିଲେ। ଏହାପରେ ଗ୍ରାମର କିଛି ଲୋକେ ଆନ୍ଧ୍ର ସପକ୍ଷରେ ରହି ଜନଗଣନା କାର୍ଯ୍ୟକ୍ରମ କରିଥିବା କର୍ମଚାରୀଙ୍କୁ ସେହି ତାଲିକାରେ ସେମାନଙ୍କୁ ସାମିଲ ନକରିବା ପାଇଁ କହିବାରୁ କିଛି ସମୟ ପାଇଁ କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଆଜି ରାୟଗଡ଼ ଅତିରିକ୍ତ ତହସିଲଦାର ଓ ରାଜ୍ୟ ଜନଗଣନା କାର୍ଯ୍ୟର ଗଜପତି ଜିଲ୍ଲାର ନୋଡାଲ ଅଧିକାରୀ ସୁଜିତ ପ୍ରଧାନ ମାଣିକ ମାଣିକପାଟଣା ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ବୁଝାସୁଝା କରିଛନ୍ତି। କିନ୍ତୁ ଆନ୍ଧ୍ର ସପକ୍ଷରେ ଥିବା ଲୋକେ ଦୁଇଟି ରାଜ୍ୟର ସରକାରୀ ସୁବିଧା ଲାଭ ଉଠାଉଛନ୍ତି। ଓଡ଼ିଶାର ସର୍ଭେରେ ସାମିଲ ହେବାପାଇଁ ରାଜି ହେଉନାହାନ୍ତି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି କହିଛନ୍ତି ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଯ୍ୟୀ। ଘଟଣାକୁ ନେଇ ସେଠାରେ ଉପୁଜିଥିବା ବିଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପ୍ରଶାସନ ତରଫରୁ ଅସହଯୋଗ କରୁଥିବା ପରିବାର ଲୋକଙ୍କ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଜନଗଣନା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




ଓଡ଼ିଶାରେ ରହି ଓଡିଶାର ସମସ୍ତ ସରକାରୀ ଯୋଜନାର ଲାଭ ଉଠାଇବା ସହ ଆନ୍ଧ୍ର ସରକାରଙ୍କ ସମସ୍ତ ଲାଭ ନେଇ ଯେଉଁମାନେ ଏହି କାର୍ଯ୍ୟକ୍ରମକୁ ବିରୋଧ କରୁଛନ୍ତି କିମ୍ବା ସରକାରୀ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଆଗାମୀ ଦିନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଅନୁପ ପଣ୍ଡା କହିଛନ୍ତି।

● ଗୁମ୍ମା ଘାଟିରେ ଓଲଟିଲା ଟ୍ରେଲର

## ୧୨ଘଣ୍ଟା ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ



ରାୟଗଡା, ୯।୫(ସମିସ): ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ-କୋରାପୁଟ ମୁଖ୍ୟରାସ୍ତାର ରାୟଗଡ ଜିଲ୍ଲା ସଦର ବ୍ଲକ ଗୁମ୍ମା ଅଞ୍ଚଳର ଘାଟି ନିକଟରେ ଭାରସାମ୍ୟ ହରାଇ ଆଜି ଭୋର ୫ଟା ସମୟରେ ଗୋଟିଏ କଣ୍ଟେନର ଟ୍ରଲର ଓଲଟିବା ଫଳରେ ୧୨ ଘଣ୍ଟା ଧରି ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଆଜି ସକାଳୁ ଗୁମ୍ମା ଘଟିରେ ଟ୍ରଲରଟି ଏକ ବଡ଼ ଟ୍ୟାଙ୍କ ଧରି ଟିକିରି ଅଭିମୁଖେ ଯାଉଥିବା ସମୟରେ ଘାଟିର ବୁଲାଣିରେ ଟ୍ୟାଙ୍କର ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ସଂଖ୍ୟକ ଯାନବାହାନର ଲମ୍ବା ଲାଇନ ଲାଗିଥିବା ଦେଖିବାକୁ ମିଳିଥିଲା। ସେହି ରାସ୍ତାରେ କେବଳ ବାଇକ ଯାତାୟାତ ହେଉଥିବା ସମୟରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହିତ ଦୁର୍ଘଟଣା ଘଟିଥିବା ଟ୍ରେଲର ଟିକୁ ଉଠାଇବାକୁ ଉଦ୍ୟମ ଜାରି ରଖିଥିଲା। ଏକ ବଡ଼ କ୍ରେନ ସାହାଯ୍ୟରେ ଓଲଟି ପଡ଼ିଥିବା ଟ୍ୟାଙ୍କଟିକୁ ରାସ୍ତା କଡ଼ରୁ ହଟାଯିବା ପରେ ଦୀର୍ଘ ୧୨ଘଣ୍ଟା ପରେ ଅପରାହ୍ନ ୫ଟା ବେଳେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଦିନ ବେଳେ ଅଟକି ରହିଥିବା ଅନେକ ବସ୍ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ।

## ଗଞ୍ଜାମ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ

ଗଞ୍ଜାମ, ୯ ।୫(ସମିସ): ଗଞ୍ଜାମ ଥାନାରେ ଅନୁଷ୍ଠିତ ଜୁଭେଣ୍ଟିକା କାର୍ଯ୍ୟକ୍ରମରେ ଅଧିକାରୀ ସୁମିତ୍ରା ପାତ୍ର, ଅତିରିକ୍ତ ଥାନା ଅଧିକାରୀ ଶୁଭ ଲକ୍ଷ୍ମୀ କଅଁର, ସିଡିପିଓ ସଲୀଳା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହିଳା ଓ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ପୁଲିସକୁ ସବୁବେଳେ ସବୁ ସମୟରେ ସାଧାରଣ ଲୋକମାନଙ୍କ ସେବା କରିବା ପାଇଁ ଅଛି ବୋଲି କହିଥିଲେ। ଏସଆଇ ଅନିରୁଦ୍ଧ ସ୍ୱାଇଁ, ଏଏସ ଆଇ ସୁପ୍ରଭା ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମହୁ, ବାଘ ନଖ ବିକ୍ରି ଆଳରେ ଲୁଟ୍

# ୩ ନାବାଳକଙ୍କୁ ସୁଧାର ଗୃହ ପଠାଇଲା ପୁଲିସ

କୋଷାଗୁମୁଡା, ୯।୫(ସମିସ): ଗାଁ ଗାଁ ବନ୍ୟଜାତ ଦ୍ରବ୍ୟ, ପଶୁଙ୍କ ନଖ ଓ ଛାଲ ବିକ୍ରି କରିବା ଆଳରେ ୩ ନାବାଳକ ବୁଲାବିକାଳି ବେଶରେ ଆସି ଘରେ ପଶି କଳାକନା ବୁଲାଇଥିବା ବେଳେ ଗ୍ରାମବାସୀ ଜଣଙ୍କୁ ଧରି ପୁଲିସ ଜିମା ଦେଇଥିଲେ। ପରେ ଥାନାରେ ଅଭିଯୋଗ ପରେ ପୁଲିସ ଆଉ ଦୁଇ ଜଣ ନାବାଳକଙ୍କୁ ଗିରଫ କରିଛି। ଏଭଳି ଘଟଣା ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବାଲେଗାଁ ପଞ୍ଚାୟତର ଲାଣ୍ଡୁଗୁଡା ଗ୍ରାମରେ ଘଟିଛି। ସୂଚନାନୁଯାୟୀ, ଶୁକ୍ରବାର ଦିନ ୧୦ଟାରେ ତିନିଜଣ ଯୁବକ ଲାଣ୍ଡୁଗୁଡ଼ା ଗାଁରେ ପହଞ୍ଚି ମହୁ, ବାଘ ନଖ, ଭାଲୁ ନଖ ଓ ବାଘ ଛାଲ ବିକ୍ରି କରୁଥିଲେ। ଏହି ସମୟରେ ଗାଁର ନୀଳା ମାଝୀ ପାଣି ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଏହି ତିନି ଜଣ ତାଙ୍କ ଘରେ କଳାକନା ବୁଲାଇଥିଲେ। ଚୋର ତିନି ଜଣଙ୍କ ମଧ୍ୟରୁ ଜଣେ ମୋବାଇଲ ଛାଡି ଚାଲିଯାଇଥିଲା। ପାଣି ଆଣିବାକୁ ଯାଇଥିବା ନୀଳ ଘରକୁ ଫେରି ବାକ୍ସ ଖୋଲା ଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ମୋବାଇଲ ନେବା ପାଇଁ ଆସିଥିବା ଚୋରକୁ ଗାଁ ଲୋକ କାବୁ କରିନେଇଥିଲେ। ଉକ୍ତ ଅଭିଯୁକ୍ତ ନାବାଳକକୁ ମୋଟର ସାଇକଲ ସହ ଧରିଥିଲେ। ପରେ ଗ୍ରାମବାସୀମାନେ ଉକ୍ତ ଜଣଙ୍କୁ କୋଡ଼ିଙ୍ଗା ପୁଲିସର ଜିମା ଦେଇଥିଲେ। ଏହି ବୁଲା ବିକାଳିମାନେ ନୀଳଙ୍କ ଘରୁ ଏକ ଚାବି ପଡ଼ିଥିବା ବକ୍ସକୁ ଉଠାଇ ନେଇ ପାଖରେ ରଖୁଥିବା ଲୁହାର ନିହଣରେ ଭାଙ୍ଗି ସେଥିରୁ ସୁନାର ମାଳି, ୫ ଶହ ଟଙ୍କା, ପିତଳ ଢାଳ ଆଦି ଚୋରି କରି ନେଇଯାଇଥିଲେ। ପୁଲିସ ୫୮/୨୬ରେ ଚୋରି ମାମଲା ରୁଜୁ କରିବା ସହ ଅନ୍ୟ ଫେରାର ଦୁଇ ନାବାଳକଙ୍କୁ ଗିରଫ କରି ଆଜି ଭବାନୀପାଟଣା ସ୍ଥିତ ବାଳ ସୁଧାର ଗୃହକୁ ପଠାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ୩ ନାବାଳକ ବଲାଙ୍ଗିର ଜିଲ୍ଲାର ବୋଲି ଜଣାପଡ଼ିଛି।

## ଅବସରପ୍ରାପ୍ତ ନୌସେନା ଅଧିକାରୀ ଗୋଲ୍ଡି ସ୍ମିଥ୍‌ଙ୍କ ପରଲୋକ

■ ଉମରକୋଟ ସହରରେ ଶୋକର ଛାୟା



ଉମରକୋଟ, ୯।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଡିଏନ୍‌କେର ଅବସରପ୍ରାପ୍ତ ନୌସେନା ଅଧିକାରୀ ଗୋଲ୍ଡି ସ୍ମିଥଙ୍କ ୩୬ ବର୍ଷ ବୟସରେ ହୃଦ୍‌ଘାତରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ଆଜି ତାଙ୍କ ଜନ୍ମ ମାଟି ଉମରକୋଟଠାରେ ତାଙ୍କୁ ଶେଷ ବିଦାୟ ଦିଆଗଲା। ଭାରତୀୟ ନୌସେନାରୁ ଅବସର ନେବା ପରେ ସେ ସ୍ଥାନୀୟ ଅଞ୍ଚଳର ଯୁବ ଗୋଷ୍ଠୀଙ୍କୁ ସେନା ବାହିନୀରେ ନିଯୁକ୍ତି ପାଇଁ ତାଲିମ ଦେଇ ଚର୍ଚ୍ଚାରେ ଥିଲେ। ସେ ନିଜ ଖର୍ଚ୍ଚରେ ଏକ ଅତ୍ୟାଧୁନିକ ସ୍ୱିମିଙ୍ଗ ପୁଲ ନିର୍ମାଣ ସହ ସେନା ବାହିନୀରେ ଭର୍ତ୍ତି ହେବା ପାଇଁ ଶାରୀରିକ ଓ ମାନସିକ ଭାବେ କିପରି ପ୍ରସ୍ତୁତ ହେବ ତାହାର ପ୍ରଶିକ୍ଷଣ ଦେଉଥିଲେ। କିଛି ଯୁବକ ଯୁବତୀ ପ୍ରଶିକ୍ଷଣ ନେବାପରେ ଚାକିରି ମଧ୍ୟ କରିଥିଲେ। ଶନିବାର ସ୍ମିଥଙ୍କ ପାର୍ଥିବ ଶରୀରକୁ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ କବର ଦିଆଯାଇଥିଲା। ତାଙ୍କ ମରଶରୀରକୁ ଡିଏନକେ ବାସଭବନ ଠାରୁ ଯୁବକଙ୍କୁ ସେନା ହେବା ପାଇଁ ତାଲିମ ଦେଉଥିବା ଏଜିଆର ଏକାଡେମୀ ନିଆଯିବା ପରେ ରାଇଘର ରୋଡ ସ୍ଥିତ କବରସ୍ଥାନକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ଉତ୍କଳ କଳା ସଂସଦର ସମସ୍ତ ସଦସ୍ୟ ସହରର ବରିଷ୍ଠ ନେତା, ପୌରପରିଷଦ ଅଧ୍ୟକ୍ଷ, ଖ୍ରୀଷ୍ଟମାସ ସମ୍ପ୍ରଦାୟର ସମସ୍ତ ସଦସ୍ୟ ପରିବାର ପରିଜନ ଉପସ୍ଥିତ ଥିଲେ।

## କୋଦଳା ପୁଲିସ ପକ୍ଷରୁ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ

କୋଦଳା, ୯ ।୫(ସମିସ): କୋଦଳା ଥାନାରେ ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇ ସତ୍ୟଜିତ ବେଣିଆ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କୋଦଳା ଥାନା ଅଞ୍ଚଳର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କିଶୋରୀ ବାଳିକା ସମେତ ଅଙ୍ଗନବାଡ଼ିକର୍ମୀ ଯୋଗ ଦେଇଥିଲେ। ପୁଲିସ ବିଭିନ୍ନ ପ୍ରକାର ଭିଡିଓ, ଆଞ୍ଚଳିକ କାହାଣୀ ମାଧ୍ୟମରେ ମହିଳାଙ୍କ ସୁରକ୍ଷା, ସାଇବର ଅପରାଧ ସମ୍ବନ୍ଧୀୟ ସୁରକ୍ଷା ବାବଦରେ ସଚେତନତା ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଢଉଗାଁରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି

ଧରାକୋଟ, ୯ ।୫(ସମିସ): ଧରାକୋଟ ବ୍ଲକର ଢଉଗାଁରେ ସାତଦିନ ଧରି ଚାଲିଥିବା ତ୍ରୟମ୍ବକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଭୁବନେଶ୍ୱର ମହାଦେବ ମନ୍ଦିରର ପୁନଃ ନିର୍ମାଣ ସହ ସଂସ୍କାର କାର୍ଯ୍ୟର ପୂର୍ଣ୍ଣାହୂତି ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ, ଜ୍ଞାନଯଜ୍ଞ, ଗୋଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ଚାଲିଥିବା ବେଳେ ଶେଷ ଦିବସରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଯୋଗ ଦେଇ ପୂର୍ଣ୍ଣାହୂତି ପ୍ରଦାନ କରିଥିଲେ। ଅନ୍ୟ ଦିନରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ପୂର୍ବତନ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କର୍ତ୍ତା ଭାବରେ ସଞ୍ଜୟ ପାତ୍ର, ଭାରତୀ ପାତ୍ର, ପ୍ରଦୀପ ସାହୁ, ଶୁଭଶ୍ରୀ ସାହୁ, ମଙ୍ଗୁଲୁ ନାହାକ, ଟୁନି ନାହାକ, କରୁଣାକର ପରିଡ଼ା ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇ ଥିଲେ।

## ଡାକିବଜାରେ ତୁଳସୀ ମଣ୍ଡପ ପ୍ରତିଷ୍ଠା

ଧରାକୋଟ, ୯ ।୫(ସମିସ): ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତ ଅନ୍ତର୍ଗତ ଡାକିବଜା ଗ୍ରାମର ରୋଡ ସାହିରେ ନୂତନ ଭାବରେ ନିର୍ମିତ ତୁଳସୀ ମଣ୍ଡପର ପ୍ରତିଷ୍ଠା ହୋଇଯାଇଛି। ଶୁକ୍ରବାର ପ୍ରଭାତରୁ କଳସ ଯାତ୍ରା ପରେ ନାମ ଯଜ୍ଞ, ହୋମଯଜ୍ଞର ଶୁଭାରମ୍ଭ ହୋଇଥିବା ବେଳେ ସନ୍ଧ୍ୟାରେ ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ପ୍ରଭାତରୁ ନାମ ସଂକୀର୍ତ୍ତନ ଉଦ୍‌ଯାପନ ପରେ ଦଧି ହାଣ୍ଡି ଭାଙ୍ଗିବା ସହ ନଗର ପରିକ୍ରମା କରାଯାଇଥିଲା। କର୍ତ୍ତା ଭାବରେ ପଦ୍ମଚରଣ ବରାଡ, ତନୁଲତା ବରାଡ, ପଞ୍ଚାନନ ଡାକୁଆ, ତମାଳ ଡାକୁଆ ରହିଥିଲେ। ଡାକିବଜା ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଜମି ମାପଚୁପରେ ସୀମିତ ନନ୍ଦପୁର ବସ୍‌ଷ୍ଟାଣ୍ଡ

ନନ୍ଦପୁର, ୯।୫(ସମିସ): ପଡ଼ୋଶୀ ବ୍ଲକମାନଙ୍କରେ ନୂତନ ସରକାରୀ ବସ୍ ଷ୍ଟାଣ୍ଡ ଝଟକୁ ଥିବା ବେଳେ ନନ୍ଦପୁର ବ୍ଲକରେ ଲାଗୁଛି ଝଟ୍‌କା ଉପରେ ଝଟ୍‌କା। ପଡୋଶୀ ବ୍ଲକମାନଙ୍କରେ ନୂତନ ସରକାରୀ ବସ୍ ଷ୍ଟାଣ୍ଡ ଗୋଟେ ପରେ ଗୋଟେ ଜନତାଙ୍କ ସେବାରେ ଲୋକାର୍ପିତ ହେଉଥିବା ବେଳେ ନନ୍ଦପୁର ବ୍ଲକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପରିକଳ୍ପନା ଆଜି ଯାଏ ଜମି ମପାରେ ହିଁ ସୀମିତ ରହିଛି। ଦୀର୍ଘଦିନ ଧରି ଏହି ପ୍ରକଳ୍ପକୁ ନେଇ ଆଶା ଜନ୍ମ ନେଇଥିଲେ ମଧ୍ୟ ବ୍ୟବହାରିକ କାର୍ଯ୍ୟ ଆଗକୁ ବଢୁନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସୂଚନାନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ଦୁଇଥର ବସ୍ ଷ୍ଟାଣ୍ଡ ପାଇଁ ଜମି ମପା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେଥିପାଇଁ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ମଧ୍ୟ ଲଗାଯାଇଥିଲା। ଏହା ପରେ ସ୍ଥାନୀୟ ଲୋକଙ୍କ ମନରେ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ଜନ୍ମ ନେଇଥିଲା। କିନ୍ତୁ ସମୟ ବିତିବା ସହିତ ଏହି ପ୍ରକଳ୍ପ ଆଗକୁ ବଢ଼ିବାର କୌଣସି ସ୍ପଷ୍ଟ ଚିତ୍ର ଦେଖାଯାଇନଥିଲା। ଅନ୍ୟପଟେ, ଗତ ଦୁଇ ମାସ ପୂର୍ବରୁ ପଡୋଶୀ ଲମତାପୁଟ ବ୍ଲକରେ ନୂତନ ସରକାରୀ ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ ହୋଇ ଯାତ୍ରୀ ସେବା ଆରମ୍ଭ ହୋଇଥିବା ବେଳେ ନନ୍ଦପୁରରେ ଏହି ପ୍ରକଳ୍ପ ଜମି ମପାରେ ହିଁ ଅଟକି ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଛି। ସେପଟେ ଜମି ମପା ସମୟରେ କିଛି ରାଜନୈତିକ ଦଳର ନେତାମାନେ ରାଜ୍ୟ ପରିବହନ ବିଭାଗୀୟ ଅଧିକାରୀଙ୍କ ସହିତ ଫଟୋ ଉତ୍ତୋଳନ କରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବାହାବା ନେଉଥିବା ଦେଖାଯାଇଥିଲା। ହେଲେ ଜମି ମାପ ଚୁପ ପରେ ସବୁ ଚୁପ୍ ହୋଇଯାଇଛି। ସେପଟେ କିନ୍ତୁ ଜମି ମପାର ଦୁଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ନା ନେଉନି। ଏହି ପରିସ୍ଥିତିରେ ନନ୍ଦପୁର ଅଞ୍ଚଳର ସାଧାରଣ ଲୋକ ଏବଂ ସାଧାରଣ ଯାତ୍ରୀ ଏହା ମଧ୍ୟ କେବଳ ଘୋଷଣାରେ ସୀମିତ ରହିଯିବ କି ବୋଲି ପ୍ରଶ୍ନ କରିବା ସହ ଶୀଘ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ପରିକଳ୍ପନାର ବାସ୍ତବ ରୂପ ଦିଆଯାଉ ବୋଲି ଦାବି କରିଛନ୍ତି।

# ଗାଡି ସହ ଶାଳ କାଠ ଜବତ; ୩ ଗିରଫ

କଲ୍ୟାଣସିଂହପୁର, ୯।୫(ସମିସ): ରାତ୍ର ପାଟ୍ରୋଲିଂ ବେଳେ ରାୟଗଡା ବନ ଖଣ୍ଡିୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶାଳ ସାଇଜ ପଟା ଓ ପିକ୍‌ଅପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି କଲ୍ୟାଣସିଂହପୁର ବନ ବିଭାଗ। ରେଞ୍ଜର ସଚ୍ଚିଦାନନ୍ଦ ପରିଡାଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବନ ବିଭାଗ। ଆଜିରାତ୍ର କଲ୍ୟାଣସିଂହପୁର ରେଞ୍ଜର ଶ୍ରୀ ପରିଡା ବନପାଳ ଶିବଶଙ୍କର ମହାପାତ୍ର ସବୁ ରାତି ଭଳି ଗତ ରାତ୍ର ମଧ୍ୟ ପାଟ୍ରଲିଂ କରୁଥିଲେ। ହଠାତ୍ ଜିଲ୍ଲା ଖଣ୍ଡିୟ ଅଧିକାରୀଙ୍କୁ ଚୋରା କାଠ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ରେଞ୍ଜର ଚାରିପାଖ ରାସ୍ତା ନାକାବନ୍ଦି କରି ଗାଡିଗୁଡାକ ଚେକିଂ କରିଥିଲେ। କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ବ୍ଲକର ବିଜେପୁର ନିକଟସ୍ଥ ପ୍ରଧାନିପଡା ଗ୍ରାମରୁ ଏକ ମେକ୍ସ ପିକଅପ୍ ଧ୍ରୁତ ଗତିରେ ରାୟଗଡା ରାସ୍ତାରେ ଯାଉଥିବା ଦେଖି ଅଟକାଇଥିଲେ। କିନ୍ତୁ ଗାଡି ଅଟକି ନ ଥିଲା। ପରେ ପିଛା କରି ସିରିପୁର ହାଇସ୍କୁଲ ନିକଟରେ ଅଟକାଇଥିଲେ। ପ୍ରଥମେ ଡ୍ରାଇଭର ନିରଞ୍ଜନ କରକାରିଆକୁ କାବୁ କରିଥଲେ। ପରେ ରେଞ୍ଜର କାର୍ଯ୍ୟାଳୟକୁ ନେଇ ଆଣିବା ପରେ ତଦନ୍ତ ଆରମ୍ଭ ହୋଇ ଥିଲା। ତଦନ୍ତରେ ବିଜେପୁର ନିକଟସ୍ଥ ପ୍ରଧାନୀ ପଡା ଗ୍ରାମର ନବୀନ ନାଏକ ଓ ବିଷମ୍ବର ନାଏକ ଚୋରା ସାଇଜ କାଠ ଜେକେପୁର ନେବାପାଇଁ ଡ୍ରାଇଭର ଓ ମାଲିକଙ୍କୁ କହିଥିଲା। ଗାଡି ଯାଞ୍ଚ ପରେ ମେକ୍ସ ପିକ୍‌ଅପ୍( ଓଡି ୦୮ଜି ୩୩୮୨) ଗାଡିରୁ ୮୧ ଖଣ୍ଡ ସାଇଜ ଶାଳ ପଟା ବାହାରିଥିଲା। ଯାହାର ମୂଲ୍ୟ ପଚାଶ ହଜାର ଟଙ୍କା ହେବ ବୋଲି ବନପାଳ ମହାପାତ୍ର ପ୍ରକାଶ କରିଛନ୍ତି। ଚୋରା ବେପାରୀ ନବୀନ ନାଏକ ଓ ବିଷମ୍ବର ନାଏକ ଓ ଡ୍ରାଇଭର ନିରଞ୍ଜନ କରକାରିଆକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ପରିଡା ପ୍ରକାଶ କରିଛନ୍ତି। ଏହି ଚଢ଼ଉ ବେଳେ ଫରେଷ୍ଟର ଭଗବାନ ସରକା, ବନରଖି ଓ ପରା ଗାର୍ଡ ସହଯୋଗ କରିଥିଲେ।



## ବିଶ୍ୱ ନର୍ସିଂ ଦିବସରେ ରକ୍ତଦାନ କଲେ ନର୍ସିଂ ଅଫିସର




କୋରାପୁଟ, ୯।୫(ସମିସ): ବିଶ୍ୱ ନର୍ସିଂ ଦିବସ ପାଳନ ଉପଲକ୍ଷେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସ୍ଥିତ ରକ୍ତଭଣ୍ଡାରଠାରେ ନର୍ସିଂ ଅଫିସର ସଙ୍ଘ ତରଫରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଧିକ୍ଷକ ପ୍ରଫେସର ଡ଼ା.ସୁଶାନ୍ତ କୁମାର ସାହୁ ଉଦଘାଟନ କରିଥିଲେ। ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଯାଉଛି। ତେଣୁ ସମସ୍ତେ ରକ୍ତଦାନ କରି ଗୁରୁତ୍ୱର ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୁଅନ୍ତୁ ବୋଲି ମତ ରଖିଥିଲେ। ଶେଷରେ ନର୍ସିଂ କର୍ମଚାରୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଶିବିରରେ ସମୁଦାୟ ୮୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ସେଥିରେ ୨୦ ଜଣ ମହିଳା ଏବଂ ୬୬ ଜଣ ପୁରୁଷ ନର୍ସିଂ ଅଫିସର ଓ ମେଡିକାଲ କର୍ମଚାରୀମାନେ ରକ୍ତଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ନର୍ସିଂ ଅଫିସର ସଂଘର ସଭାପତି ରାଜଲକ୍ଷ୍ମୀ ପ୍ରଧାନ, ସମ୍ପାଦକ କୁଳମଣି ସାହୁଙ୍କ ସମେତ ସଞ୍ଜୟ ମହନ୍ତ, ସୁମିତ କୁମାର ସାହୁ, ଯୁବରାଜ ଏକ୍କା, ଅଜୟ ପଟ୍ଟନାୟକ, ପ୍ରଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବିଷମ କଟକରେ ଭାଲୁ ଆତଙ୍କ

ବିଷମକଟକ, ୯।୫(ସମିସ): ଗତକାଲି ରାତିରେ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମାର୍କମା ସାହି ରାସ୍ତାରେ ଏକ ବିଶାଳ କାୟ ଜଙ୍ଗଲି ଭାଲୁ ସାହି ଭିତରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପ୍ରତ୍ୟକ୍ଷଦର୍ଶୀ ମାନେ ଏହି ଭାଲୁର ଫଟୋ ନିଜ ମୋବାଇଲରେ ଉଠାଇଛନ୍ତି। ଘଟଣା କ୍ରମରେ, ବିଷମ କଟକ ମାର୍କମା ସାହି ଉପରେ ସମବାୟ ସମିତିର ନୂତନ କୋଠା ନିର୍ମାଣ ଜାରି ରହିଛି। ନିର୍ମାଣ କାଯ୍ୟରେ ନିୟୋଜିତ ଶ୍ରମିକମାନେ କୋଠା ଉପରେ ଶୋଇଥିଲେ ହେଲେ ମଧ୍ୟରାତ୍ରି ୨ଟା ସମୟରେ ଜଣେ ଶ୍ରମିକ ନିର୍ମାଣ ଧିନ କୋଠା ସମ୍ମୁଖରେ ରାସ୍ତାରେ ଏକ ଜଙ୍ଗଲି ଭାଲୁ ଯାଉଥିବା ଦେଖି ଭୟଭିତ ହୋଇଥିଲେ। ପରେ ଅନ୍ୟ ଶ୍ରମିକମାନେ ମୋବାଇଲରେ ଭାଲୁର ଫଟୋ ଉଠାଇଥିଲେ। ଭାଲୁଟି ସାହି ମୁଖ୍ୟ ରାସ୍ତା ଦେଇ ଚାଲି ଯାଉଥିବା ଦେଖିଥିଲେ। ଆଜି ସକାଳେ ବିଷମ କଟକ ସହରରେ ଏହା ପ୍ରଚାରିତ ହେବା ପରେ ସାହିବାସିନ୍ଦା ଓ ସହରବାସୀଙ୍କ ମଧ୍ୟରେ ଭୟର ବତାବରଣ ଖେଳି ଯାଇଛି। ଗାଁ ନିକଟରେ ଥିବା ପାହାଡ଼ ଓ ଜଙ୍ଗଲ ଦିନକୁ ଦିନ ପଦା ହେବା ସହ ଜଙ୍ଗଲରେ ନିଆଁ ଲଗାଇବା ସହ ପ୍ରଚୁର ମାତ୍ରା ପଡୁ ଚାଷ କରୁଛନ୍ତି। ତାହାର ପରିଣାମ ସ୍ୱରୁପ ଜଙ୍ଗଲରେ ରହୁଥି ଜୀବଜନ୍ତୁ ଏବେ ସହର ମୁହା ହେବାର ଲାଗିଛନ୍ତି। ଘଟଣା ସଂକ୍ରାନ୍ତରେ ସ୍ଥାନୟୀ ଲୋକେ ବିଷମ କଟକ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନପାଳ ହେମ ଚନ୍ଦ୍ର ବେହେରା ମାର୍କମ ସାହିରେ ପହଞ୍ଚି ସାହିରେ ରହିଥିବା ସିସି ଫୁଟେଜ ଯାଞ୍ଚ କରିବା ସହ ସ୍ଥିତି ଉପରେ ଅନୁଧ୍ୟାନ କରୁଛନ୍ତି। ଏହା ସହିତ ସାହି ବାସିନ୍ଦାମାନଙ୍କୁ ସତର୍କତା ଅବଲମ୍ବନ କରି ରାତ୍ରି ସମୟରେ ବାହାରକୁ ନ ବାହାରିବାକୁ ପରାମାର୍ଶ ଦେଇଛନ୍ତି। ଭାଲୁର ଗତିବିଧି ସଂକ୍ରାନ୍ତରେ କୌଣସି ସୂଚନା ପାଇଲେ ତୁରନ୍ତ ଜଣାଇବାକୁ କହିଛନ୍ତି।



ଆଜି ବିଶ୍ୱ ମାତୃ ଦିବସ

# ମା'ଙ୍କ ସେବା ହିଁ ପ୍ରକୃତ ପୂଜା

ଶେରଗଡ, ୯ ।୫(ସମିସ)



ସନ୍ତାନ ସନ୍ତତିଙ୍କ ମୁହଁରେ ହସ ଫୁଟାଇବାକୁ ମା'ର ମନ ସବୁବେଳେ ବ୍ୟାକୁଳ ଥାଏ। ସନ୍ତାନର ସୁଖ ଲାଗି ଜନ୍ମଦାତ୍ରୀ ମା' ଆବଶ୍ୟକ ପଡିଲେ ନିଜ ଜୀବନକୁ ବାଜି ଲଗାଇ ଦେଇଥାଏ। ସେମାନଙ୍କ ମଧ୍ୟରୁ କେହି ଆଶ୍ରୟସ୍ଥଳରେ ଥାଇ ବି ପିଲାଙ୍କ ଲାଗି କାନ୍ଦୁଛନ୍ତି ତ ଆଉ କେହି ପିଲାଙ୍କୁ ମଣିଷ କରିବାକୁ ରାସ୍ତାକୁ ଚାଲି ଆସୁଛନ୍ତି। ଆଉ କେହି ମା'ଦେବକୀ ନହେଲେ ବି ଯଶୋଦାର ଭୂମିକା ନିଭାଇଥାନ୍ତି। ଲୋକେ କହନ୍ତି, ମା'ପେଟ ହେଲେ ବାପା ପିଠି। ମା'ଘର ହେଲେ ବାପା ସେହି ଘରର ଛାତ। ମା'ର ବିକଳ୍ପ ନାହିଁ, ଏକଥା ସତ, ହେଲେ ଆଜିର ଦୁନିଆରେ ସିଙ୍ଗଲ ମଦର ହେବା ସହଜ ନୁହେଁ। ତଥାପି ପ୍ରତିକୂଳ ପରିସ୍ଥିତିକୁ ସାମନା କରି ଯିଏ ନିଜ ପିଲାଙ୍କ ଲାଗି ବାପାର ଭୂମିକା ତୁଲାଏ, ସେ ତା ଛୁଆ ଲାଗି ପେଟ ବି ପିଠି ବି। ନିଜେ ନଖାଇ ନପିଇ ନଶୋଇ ରାତି ଦିନ ଏକ କରି ସନ୍ତାନଙ୍କ ଚିନ୍ତାରେ ଥାଏ। ତା ପିଲା ଯେଉଁଠି ଯେଉଁ ବୟସରେ ଥିଲେ ବି ସେ ସର୍ବଦା ସନ୍ତାନ ସନ୍ତତିଙ୍କ କଥା ଭାବେ। ନିଜ ସନ୍ତାନଙ୍କୁ ବଡ଼ ମଣିଷ କରିବାକୁ ଯାଇ କେତେବେଳେ ଯେ ତାର ବଳ ବୟସ ଗଡି ଯାଇଥାଏ, ତାହା ମଧ୍ୟ ମା ଜାଣି ନଥାଏ। ତଥାପି ସେ ସନ୍ତାନର ମୁହଁରେ ହସ ଫୁଟାଇବାକୁ ପ୍ରାଣପଣେ ଲାଗିଥାଏ। ତାଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ଜଣାଇ ତାଙ୍କର ଦୀର୍ଘାୟୁ କାମନା କରିବା, ତାଙ୍କର ସେବା ଯତ୍ନ ଲାଗି ଜୀବନ ସମର୍ପି ଦେବା ହେଉଛି ଏହି ବିଶ୍ୱ ମାତୃ ଦିବସର ସଙ୍କଳ୍ପ। ବିଶ୍ୱରେ ମା'ଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ମାସର ଦ୍ୱିତୀୟ ରବିବାରକୁ ମଦର୍ସ ଡେ ବା ମାତୃ ଦିବସ ରୂପେ ପାଳନ କରାଯାଇଥାଏ। ମାତୃତ୍ୱ, ମାତୃ ଦିବସ ଓ ସମାଜରେ ମା'ଙ୍କ ଭୂମିକାକୁ ସମ୍ମାନ ଜଣାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

ଆସନ୍ତାକାଲି ଅର୍ଥାତ ରବିବାର ପାଳିତ ହେବ ବିଶ୍ୱ ମାତୃ ଦିବସ। ପାଶ୍ଚାତ୍ୟ ଦେଶରେ ମା'ଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ମାସ ଦ୍ୱିତୀୟ ରବିବାରକୁ ମଦର୍ସ ଡେ ବା ମାତୃ ଦିବସ ରୂପେ ପାଳନ କରାଯାଏ। ଏବେ ଲୋକେ ଏହି ଦିବସକୁ ଆମ ଦେଶରେ ମଧ୍ୟ ପାଳନ କଲେଣି। ହେଲେ ଅନେକ ଏହି ଦିବସ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଅଜ୍ଞ। ବିଶେଷ କରି ସୋସିଆଲ ମିଡିଆର ବ୍ୟାପକ ପ୍ରଚାର, ପ୍ରସାର ଫଳରେ ଏହି ଦିବସ ବହୁଳ ଭାବେ ପାଳିତ ହେଉଛି। ବିଶ୍ୱ ମାତୃ ଦିବସରେ କେହି ନିଜ ପିଲାଙ୍କ ସହ ସାଥିରେ ରହି ମଜା କରି ଏହି ଦିବସ ପାଳନ କରିଥାଏ ତ ଆଉ କେହି ନିଜର ମନର କୋହକୁ ସମ୍ବରଣ କରି ନପାରି କିଛି ଅକୁହା କଥା କହିଥାଏ। ମା'ର ସ୍ନେହର କୌଣସି ପଟାନ୍ତର ନାହିଁ। ମା ପାଖରେ ଥିଲେ ସନ୍ତାନର ଡର, ଭୟ କିଛି ନଥାଏ। ଏହି ମହି ମଣ୍ଡଳରେ ଭଗବାନଙ୍କ ତୁଲ୍ୟ ଆଉ କେହି ନାହାନ୍ତି। ସେ ହେଉଛନ୍ତି ଆମର ମା'। ଆସନ୍ତୁ ଏହି ଦିବସରେ ତାଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ଜଣାଇ ତାଙ୍କର ଦୀର୍ଘାୟୁ କାମନା କରି ସେବା ଓ ଯତ୍ନ ଲାଗି ଜୀବନ ସମର୍ପି ଦେବା ହେଉଛି ସଙ୍କଳ୍ପ।

# ‘ବିକଶିତ ଭାରତ ଗଠନରେ କର୍ମଯୋଗୀ କେଶୁଭାଇଙ୍କ ଅବଦାନ ଅତୁଳନୀୟ’

ନିରାକାରପୁର, ୯।୫ (ସମିସ): ସମଗ୍ର ଭାରତବର୍ଷରେ ଶିକ୍ଷାର ଆଲୋକ ବିସ୍ତାର କରି ଏକ ସୁସଂସ୍କୃତି ସମ୍ପନ୍ନ ତଥା ଉତ୍କୃଷ୍ଟ ସମାଜ ଗଠନ ଦିଗରେ ସୁରଟର ମାତୃଶ୍ରୀ କାଶିବା ହରିଭାଇ ଗୋଟି ଚାରିଟେବୁଲ ଟ୍ରଷ୍ଟ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ କେଶୁଭାଇ ହରିଭାଇ ଗୋଟିଙ୍କ ମହାନତା ପାଇଁ ଦିବ୍ୟସିଂହପୁର ବେଦ ପାଠଶାଳା ପକ୍ଷରୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଇଛି। କର୍ମଯୋଗୀ ଶ୍ରୀ କେଶୁଭାଇଙ୍କ ପରିବାର ଦେଶର ୧୮ଟି ରାଜ୍ୟରେ ୨୫୬ଟି ବିଦ୍ୟାଳୟ ଭବନ ନିର୍ମାଣ କରିଛନ୍ତି। ବିଶେଷକରି ଦୁର୍ଗମ ପାହାଡ଼, ପର୍ବତ ଓ



ଆଦିବାସୀ ବହୁଳ ଅବହେଳିତ ଅଞ୍ଚଳରେ ଅଶିକ୍ଷିତଙ୍କ ମଧ୍ୟରେ ଶିକ୍ଷାର ଜ୍ୟୋତି ଜଳାଇବା ସହ ବିକଶିତ ଭାରତ ନିର୍ମାଣରେ ସେ ଜଣେ ମୁଖ୍ୟ ସାରଥି ସାଜିଛନ୍ତି। ସନାତନ ହିନ୍ଦୁ ଧର୍ମର ମୂଳ ଆଧାର ହେଉଛି ବେଦ। ଏହି ବୈଦିକ ଜ୍ଞାନକୁ ଜୀବିତ ରଖିବା ପାଇଁ ଶ୍ରୀ ଗୋଟି ନିଜର ସହାୟତାର ହାତ ବଢ଼ାଇଛନ୍ତି। ଦିବ୍ୟସିଂହପୁର ସ୍ଥିତ ଶ୍ରୀ ଦେବ୍ୟୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦ ପାଠଶାଳାର ଭବନ ନିର୍ମାଣ ପାଇଁ ତାଙ୍କର ଏହି ମହତ୍ ସହାୟତା ବୈଦିକ ଶିକ୍ଷାର ବିକାଶରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ଏହି ମହାନ କାର୍ଯ୍ୟ ପାଇଁ ପାଠଶାଳା ତରଫରୁ ଡଃ କୃପାସିନ୍ଧୁ ପଣ୍ଡା ଶ୍ରୀ କେଶୁଭାଇ ହରିଭାଇ ଗୋଟି ଓ ତାଙ୍କ ପରିବାରକୁ ବିଶେଷ ଭାବେ ସାଧୁବାଦ ଜଣାଇବା ସହ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଚିଲିକାରେ ମଶାରି ଜାଲ ନିଷେଧ ସତ୍ତ୍ୱେ ବିପୁଳ ବ୍ୟବହାର



ବାଲୁଗାଁ, ୯।୫ (ସମିସ): ଏସିଆ ମହାଦେଶର ସର୍ବ ବୃହତମ ଲବଣାକ୍ତ ହ୍ରଦ ଚିଲିକା ଉପରେ ଗଂଜାମ, ପୁରୀ ଓ ଖୋର୍ଦ୍ଧା ତିନି ଜିଲ୍ଲାର ୧୪୭ ଖଣ୍ଡ ଗ୍ରାମର ପ୍ରାୟ ୬୦ହଜାର ପରିବାରର ଅଢ଼େଇ ଲକ୍ଷ ଲୋକଙ୍କ ଜୀବନ ଜୀବିକା ନିର୍ଭର କରେ। ତେବେ ଚିଲିକା ହ୍ରଦରେ ମଶାରି ଜାଲ ବ୍ୟବହାର ଫଳରେ ମିନ ତଥା ଜାଆଁଳ ମାଛ-ଚିଙ୍ଗୁଡ଼ି ମଶାରି ଖନ୍ଦା ଜାଲରେ ପଡ଼ିବା ସହ ନଷ୍ଟ ହୋଇ ମରିଯାଇଥାନ୍ତି। ମିନ ଓ ଜାଆଁଳ ସବୁ ମରିଯିବା ଯୋଗୁଁ ଚିଲିକାରେ ମାଛ ଚିଙ୍ଗୁଡ଼ି ଉତ୍ପାଦନ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି। ବର୍ତ୍ତମାନ ସମୟରେ ପର୍ଯ୍ୟାପ୍ତ ପରିମାଣରେ ଚିଙ୍ଗୁଡ଼ି ଉତ୍ପାଦନ ହେବା କଥା ହେଲେ ମାତ୍ର ୨୦ପ୍ରତିଶତ ଚିଙ୍ଗୁଡି ମିଳୁଥିବା ଜଣାଯାଇଛି। ଏପରିସ୍ଥଳେ ଚିଲିକାର ଚିଙ୍ଗୁଡି ସ୍ଥାନରେ ଏବେ ବେନାମୀ ଚିଙ୍ଗୁଡ଼ି ଚାଷ ବୃଦ୍ଧି ପାଇବା ଫଳରେ ଚିଲିକା ର ଜୈବ ବିବିଧତା ନଷ୍ଟ ହେବାକୁ ବସିଲାଣି। ରାଜ୍ୟ ଉଚ୍ଚନ୍ୟାୟାଳୟ ଚିଲିକାରେ ମଶାରି ଜାଲ ବ୍ୟବହାର ଉପରେ ନିଷେଧା ଦେଶ ଜାରି କରିଛନ୍ତି। ଉଚ୍ଚନ୍ୟାୟାଳୟର ନିଷେଧା ଦେଶ ଥାଇ ମଧ୍ୟ କେତେକ ଅସାଧୁ ମତ୍ସ୍ୟଜୀବୀ ଏହାକୁ ଖାତିରି ନକରି ଚିଲିକା ହ୍ରଦରେ ମଶାରି ଜାଲରେ ଖନ୍ଦା ଓ ଜାଲ ପକାଇ ମିନ ଓ ଜାଆଁଳ ସବୁ ଧରି ନେଉଛନ୍ତି। ଜାଆଁଳ ଓ ମୀନ ଧରି ନେବା ଫଳରେ ମାଛ ବଂଶ ବୃଦ୍ଧିରେ ବାଧା ଉପୁଜି ଚିଲିକାରୁ ମାଛ ଓ ଚିଙ୍ଗୁଡ଼ି ଆମଦାନୀ ହ୍ରାସ ହେବାରେ ଲାଗିଛି। ଏହି ମଶାରୀଜାଲ ବନ୍ଦ ନିମନ୍ତେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଡ଼ିଏଫଓ ଫିସେରୀ ଓ ଆର୍ନ୍ତଦେଶୀୟ ଜଳପଥ ବିଭାଗକୁ ନିର୍ଦ୍ଦେଶ ଥିବା ସ୍ଥଳେ ମାସିକିଆ ଅର୍ଥ ଦେଣନେଣରେ ଅସାଧୁ ବ୍ୟବସାୟୀଙ୍କୁ ମଶାରି ଜାଲ ବ୍ୟବହାର ପାଇଁ ସୁଯୋଗ ଦେଉଛନ୍ତି। ଯାହାଫଳରେ ନିର୍ଭୟରେ ଖୁଲମ ଖୁଲା ଭାବେ ଅସାଧୁ ମତ୍ସ୍ୟଜୀବୀ ମାନେ ମଶାରି ଜାଲ ଦ୍ୱାରା ମୀନ ଓ ଜାଆଁଳକୁ ଧରି ନେଉଥିବାରୁ ମୀନ ଓ ଜାଆଁଳ ସବୁ ବଡ଼ ହେବାକୁ ସୁଯୋଗ ଦେଉ ନଥିବା ଅଭିଯୋଗ ହେଉଛି।

ପକ୍ଷୀତୀର୍ଥ ଚିଲିକାର ନଳବଣ ଠାରୁ ନଈରୀ, ବଉଳାବନ୍ଧ ଠାରୁ କଳିଯୁଗେଶ୍ୱର ପାହାଡ଼, ପଥରା ଠାରୁ କେଶପୁର ଓ ରମ୍ଭା ଆଦି ଅଂଚଳରେ ମଶାରି ଜାଲ ବନ୍ଧାଯାଇ ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଜାଆଁଳ ଓ ମୀନ ସବୁ ଧରା ଯାଉଛି। ଚିଲିକା ହ୍ରଦରେ ଜାଆଁଳ ଓ ମୀନ ସବୁ ବଂଶ ବୃଦ୍ଧି କରିବା ସହ ବଡ ହେବାକୁ ସୁଯୋଗ ନଦେଇ ଅସାଧୁ

## ହ୍ରାସ ପାଉଛି ମାଛ ଚିଙ୍ଗୁଡ଼ି ଉତ୍ପାଦନ

ବ୍ୟବସାୟୀ ମଶାରି ଜାଲ ପକାଇ ସେସବୁ ଧରି ନେବା ସହ ଜୁଆର ସମୟରେ ଚିଲିକାକୁ ସଂଯୋଗ କରୁଥିବା ସମୁଦ୍ର ମୁହାଁଣରେ ମଶାରୀ ଜାଲ ଦ୍ୱାରା ଆବଦ୍ଧ କରି ଜାଆଁଳ ଓ ମୀନ ସବୁ ଧରି ନେଉଛନ୍ତି। ଫଳରେ ଚିଲିକାରେ ମାଛ ଚିଙ୍ଗୁଡି ବଡ଼ ହେବା ସହ ବଂଶ ବୃଦ୍ଧିରେ ବାଧା ସୃଷ୍ଟି ହେଉଛି। ଏପରି ପରିସ୍ଥିତି ଲାଗି ରହିଲେ ସମୟ ଆସିବ ଚିଲିକା ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଆଦି ମିଳିବା ସ୍ୱପ୍ନ ହୋଇ ପଡ଼ିବ। ବର୍ତ୍ତମାନ ବାଲେଶ୍ୱର, ଆନ୍ଧ୍ରରୁ ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଆଣି ଚିଲିକା ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା କହି ଅସାଧୁ ବ୍ୟବସାୟୀ ମାନେ ଖାଉଟି ମାନଙ୍କୁ ବିକ୍ରି କରୁଥିବା ବେଳେ ବର୍ତ୍ତମାନ ଚିଲିକାରେ ବେନାମୀ ଚିଙ୍ଗୁଡ଼ି ଚାଷ ପ୍ରବଳ ମାତ୍ରାରେ ଚାଲିଛି। ଏଥିପ୍ରତି ସଂପୃକ୍ତି ବିଭାଗ ଏବଂ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନକଲେ ଚିଲିକାର ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଲୋପ ପାଇବାକୁ ଏଡ଼ାଇ ହେବ ନାହିଁ। ଫଳରେ ଚିଲିକା ଉପରେ ନିର୍ଭର କରୁଥିବା ୬୦ ହଜାର ମତ୍ସ୍ୟଜୀବୀ ପରିବାର ଭୋକ ଉପବାସରେ କାଳାତିପାତ କରିବା ସହ ଦୁର୍ଦ୍ଦିନ ଭିତରକୁ ଚାଲିଯାଇ ଦାଦନ ଖଟିବା ରାସ୍ତା ବାଛି ନେବା ହିଁ ସେମାନଙ୍କ ପାଇଁ ଏକ ମାତ୍ର ରାସ୍ତା। ରାଜ୍ୟ ସରକାର ଏଥି ପ୍ରତି ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ। ନଚେତ୍ ୧୯୯୯ ମସିହା ସୋରଣ ଗୁଳିକାଣ୍ଡ ପରି ପରିସ୍ଥିତ ସୃଷ୍ଟିହେବାକୁ ଏଡ଼ାଇ ହେବ ନାହିଁ। ଏଥିପାଇଁ ସରକାର ହିଁ ଦାୟୀ ରହିବେ ବୋଲି ମତ୍ସ୍ୟଜୀବୀ ନେତା ମୂରଲୀଧର ବେହେରା, ଭୀମସେନ ବେହେରା ଓ ଜୟକୃଷ୍ଣ ବେହେରା ପ୍ରମୂଖ ଚେତାବନୀ ଦେଇଛନ୍ତି।

# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ରେଡ୍‌କ୍ରସ ଦିବସ



ଖୋର୍ଦ୍ଧା, ୯।୫ (ସମିସ): ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡକ୍ଟର ପୂର୍ଣ୍ଣିମା ନାୟକଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତର ଓଡିଶା ବିଶ୍ୱବିଦ୍ୟାଳୟ ର ପୁର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ରେଡ଼କ୍ରସକୁ ନେଇ ତାଙ୍କର ଅନୁଭୂତି ବଖାଣିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୁବୋଧ ଜଗଦ୍ଦେବ ରେଡ଼କ୍ରସ ସମ୍ବନ୍ଧରେ ଏକ ତଥ୍ୟ ଭିତିକ ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କଟକ ରେଡ଼କ୍ରସ ର ଗବେଷକ ଡକ୍ଟର ଏସ୍.କେ କଲାମୁଲ୍ଲା ସାହେବ ଯୋଗଦେଇ ବିଶ୍ୱରେ ରେଡ଼କ୍ରସ ର ଭୂମିକା ଏବଂ ରେଡ଼କ୍ରସ ର ସ୍ୱେଚ୍ଛାସେବୀ ଓ ସେବିକା ମାନଙ୍କ ନିସ୍ୱାର୍ଥ ସେବା ମନୋଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ଆବାହକ ପ୍ରଫେସର ପ୍ରଫୁଲ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ।

# ଅଂଶୁଘାତରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ଟାଙ୍ଗୀ/ଭୂଷଣ୍ଡପୁର, ୯।୫ (ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ବାଲିପାଟପୁର ପଞ୍ଚାୟତ ବଡ଼ ବାହାଣିଆ ସାହିର ଗୋଦାବରୀ ବେହେରାଙ୍କ ପୁଅ କଳିଙ୍ଗ ବେହେରା (୩୩) ସବୁଦିନ ପରି ଗତ କାଲି ଚିଲିକାକୁ ପରିବାର ର ଗୁଜୁରାଣ ମେଣ୍ଟାଇବା ପାଇଁ ମାଛ ଧରିବାକୁ ଯାଇଥିଲେ। ମଧ୍ୟାହ୍ନ ସମୟରେ ଅସହ୍ୟ ରୌଦ୍ର ତାପରେ ମାଛ ମାରୁଥିବା ବେଳେ କଳିଙ୍ଗ ମୁଣ୍ଡ ବୁଲେଇ ତଳେ ପଡିଯାଇଥିଲେ। ତାଙ୍କ ପାଖରେ ଥିବା ଅନ୍ୟ ସହଯୋଗୀ ମାନେ ତୁରନ୍ତ ଡ଼ଙ୍ଗାକୁ ଗାଁ ଅଭିମୁଖେ ଆଣିଥିଲେ। ଗ୍ରାମରେ ପହଞ୍ଚି କଳିଙ୍ଗକୁ ନିକଟସ୍ଥ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଚିକିତ୍ସା କରୁଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅର ମୃତ୍ୟୁରେ ପରିବାରରେ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। କଳିଙ୍ଗ ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଦେବେନ୍ଦ୍ର ବେହେରା ସଭାପତି ଚିଲିକା ମତ୍ସ୍ୟଜୀବୀ କେନ୍ଦ୍ରୀୟ ସମବାୟ ସମିତି ଅନୁରୋଧ କରିଛନ୍ତି। ଅନ୍ୟପଟେ ଚିକିତ୍ସାଳୟରେ ଚାନ୍ଦପୁର ପୁଲିସ୍ ପହଞ୍ଚି କଳିଙ୍ଗଙ୍କ ମରଶରୀର କୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ରଣପୁର ପଠାଯାଇଥିବା ଜଣାପଡିଛି।

# କେରଙ୍ଗ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଘାଟିତ



ଖୋର୍ଦ୍ଧା, ୯।୫ (ସମିସ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଇଦଗାହ ପରିସରରେ ୫୯ତମ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦଘାଟିତ ହୋଇଛି। ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ ପୌରୋହିତ୍ୟ କରିଥିଲେ। ମଦିୟା ମୁସଲିମ ଧ୍ୱଜାରୋହଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପବିତ୍ର କୋରାନ ପାଠ ମୌଲାନା ନୁରୁଲ ହକ ଖାନ କରିଥିବାବେଳେ ଏହାର ଓଡିଆ ଅନୁବାଦ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ଯୁବ ସଭାପତି ସୋଲେମାନ ଅହମଦ ପଢି ଶୁଣାଇଥିଲେ। ଉର୍ଦ୍ଦୁ ନଜମ ସଂଗୀତ ଇସରାଇଲ ଖାଁ ପରିବେଷଣ କରିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ଭୁବନେଶ୍ୱରର ମୌଲାନା ହଲିମ ଖାଁ ଈଶ୍ୱଙ୍କ ଅସ୍ତିତ୍ୱ ଓ ପ୍ରାଧନା ଗ୍ରହଣୀୟ ବିଷୟରେ ମତାମତ ରଖିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରୀୟ ଅହମଦିୟା ମୁସଲିମ ସଂଗଠନର ଉପସଚିବ ମୌଲାନା ମୁହମ୍ମଦ ଶାହାବୁଦ୍ଦିନ ଧର୍ମରେ ଆର୍ଥିକ ଅନୁଦାନ ବିଷୟରେ ମତାମତ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ଶିଶୁ ମନ୍ଦିର ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଗିରିଶ କୁମାର ମହାପାତ୍ର ଯୋଗଦେଇ ମାନବର କ୍ରମଗତ ବିକାଶ ଓ ସମୃଦ୍ଧି ବିଷୟରେ ମତାମତ ରଖିଥିଲେ। ଅନ୍ୟତମ ଅତିଥିଭାବେ ସୁଙ୍ଗୁଡାର ମୌଲାନା ମକସୁଦ ଅଲ୍ଲୀ, ମୌଲବି ମିର ସୁବହାନ ଅଲ୍ଲି, ଭଦ୍ରକ ଓ ଯାଜପୁର ଯୋଗଦେଇ ମୌଲାନା ଇନଚାର୍ଜ ମିର ଅବ୍ଦୁଲ ହଫୀଜ, ଜିଲ୍ଲା କଟକ, ଢେଙ୍କାନାଳ, ଅନଗୁଳ, କେନ୍ଦ୍ରାପଡାର ସଭାପତି ମୌଲାନା ହାରୁନ ରସିଦ, ଅତିରିକ୍ତ ଇସଲାହ ଓ ଏରଶାଦର ମୁଖ୍ୟ ସଚିବ ଅତାଉଲ ମୁଜିବ ଲୋନ, କେନ୍ଦ୍ରୀୟ ଅହମଦିୟା ଓକଫେ ଜଦିଦ ବିଭାଗର ଉପସଚିବ ଟି. ଅବ୍ଦୁଲ ମୁଜିବ, କେରଙ୍ଗ ସଭାପତି ଓସିମ ଅହମଦ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ କେରଙ୍ଗର ମୌଲାନା ହଲିମ ଅହମଦ ପରିଚାଳନା କରିଥିଲେ।

# କାନ୍ଥ କଣା କରି ଦୋକାନରୁ ଅଳଙ୍କାର ଲୁଟ୍

ବେଗୁନିଆ, ୯।୫ (ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ବଜାରରେ କୁମ୍ଭିଲୋ ଗ୍ରାମର ପ୍ରତାପ ଚିନାରାଙ୍କ ସୁନା ଗହଣା ଦୋକାନରୁ ଗୁରୁବାର ଦିନ ବିଳମ୍ବିତ ରାତିରେ କାନ୍ଥ କଣା କରି ଲକ୍ଷାଧିକ ଟଙ୍କାର ରୂପା ଓ ସୁନା ଅଳଙ୍କାର ଚୋରୀ ହୋଇଥିବାର ପୂର୍ବାହ୍ନରେ ସ୍ଥାନୀୟ ଜନସାଧାରଣ ଦେଖିବାକୁ ମିଳିଥିଲା। ବାଘମାରୀ ଥାନା ଅଧିକାରିଣୀ ସୁଚିତ୍ରା ଜେନାଙ୍କ ସୂଚନା ଅନୁଯାଇ ସାରୁଅ ବଜାରରେ ସୁନା ଗହଣା ଦୋକାନରୁ ରୂପା ୧୭ କେଜି ଓ ୫୦ ଗ୍ରାମ ସୁନା ସହ ୧୫ ନଗଦ ଅର୍ଥକୁ କେହି ଦୁର୍ବୃର୍ତ୍ତ କାନ୍ଥ କଣା କରି ନେଇ ଯାଇଛନ୍ତି। ଏଥିରେ ଗହଣା ଦୋକାନ ମାଲିକ ଶ୍ରୀ ଚିନାରା ବାଘମାରି ଥାନାରେ ବଡ଼ି ଭୋରରୁ ଜଣାଇଥିଲେ ମଧ୍ୟ ବିଳମ୍ବରେ ପହଁଚି ଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା। ପରେ ଘଟଣା ସ୍ଥଳରେ ପୁଲିସ କର୍ମଚାରୀ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ୍ ଟିମ୍ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଆମ ପୁଲିସର କେତେ ଦୂର ପାଟ୍ରୋଲିଙ୍ଗ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

# ଅରବିନ୍ଦ ରାୟ ପାଇବେ ମନ୍ମଥ ଚମ୍ପତି ସେବା ସମ୍ମାନ

ନିରାକାରପୁର, ୯।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଧିନସ୍ଥ, ସିକୋ ଗ୍ରାମ ପଞ୍ଚାୟତର ପ୍ରକୃତିମିତ୍ର ଓ ସମାଜସେବୀ ସ୍ୱର୍ଗତ ମନ୍ମଥ ଚମ୍ପତିଙ୍କ ସ୍ମୃତିରେ "ମନ୍ମଥ ଚମ୍ପତି ସେବା ସମ୍ମାନ" ସମାଜସେବୀ ଅରବିନ୍ଦ ରାୟଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏହି ସମ୍ମାନ ସାମ୍ବାଦିକ ସନ୍ତୋଷ କୁମାର ସାହୁଙ୍କ ରଚିତ "ସିକୋ ଇତିହାସ' ଚଳିତ ମାସ ୧୭ ତାରିଖ ଅପରାହ୍ନରେ ସିକୋ ତିନିତୀମୁଣ୍ଡା ଛକ ରାମଲୀଳା ପଡିଆରେ ଠାରେ ଅବସର ପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ଛୋଟରାୟଙ୍କ ପୌରହିତରେ ହେବାକୁ ଯାଉଥିବା ଲୋକାର୍ପଣ ଉତ୍ସବରେ ପ୍ରଦାନ କରାଯିବ। ସେହିପରି ଯଜ୍ଞପୁରୁଷ ଗୌରାଙ୍ଗ ଗୋଛାୟତଙ୍କୁ "ପୁଣ୍ୟାଶ୍ଳୋକ" ବୋତଳମା ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ଦଳେଇଙ୍କୁ "ଗାଁ ଗୌରବ" ସଗଡ଼ଭଙ୍ଗା ପଞ୍ଚାୟତ ସରପଞ୍ଚ ଲିଳା ସ୍ୱାଇଁଙ୍କୁ "କୁଳ ତିଳକ', ହଜ ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ସାମନ୍ତରାୟଙ୍କୁ "କୁଳ ତିଳକ", ହୀରାପୁର ପଞ୍ଚାୟତ ସରପଞ୍ଚ ଆରାତ ଚନ୍ଦ୍ର ମାଝୀଙ୍କୁ "ଗାଁ ଗୌରବ", ସମାଜସେବୀ ରଣଜିତ ପଟ୍ଟନାୟକଙ୍କୁ "ସେବା ଗୌରବ" ସମ୍ମାନରେ ସମ୍ମାନିତ କରାଯିବା ସହିତ ସାମ୍ବାଦିକ ସଞ୍ଜୟ ବାହୁବଳେନ୍ଦ୍ରଙ୍କୁ "ସିକୋ ଇତିହାସ" ପ୍ରକାଶନର ମୁଖ୍ୟ ସହଯୋଗୀ ହେତୁ "ଧନ୍ୟବାଦ ପତ୍ର" ମୁଖ୍ୟ ଅତିଥି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଅର୍ପଣ କରାଯିବ ବୋଲି ଆୟୋଜକ "ସାଥି ପରିବାର ଟ୍ରଷ୍ଟର" ସମ୍ପାଦକ ସମ୍ବିତ କୁମାର ଦାସ ଆମ ପ୍ରତିନିଧିଙ୍କୁ ଜଣାଇଁଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ



ବାଣପୁର, ୯।୫ (ସମିସ): ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଶନିବାରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଇପ୍‌ସିତା ପ୍ରିୟା ଏକ୍କା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ବିଚାର କରି ଫଇସଲା କରିଥିଲେ। ସେଥି ମଧ୍ୟରୁ ଗୋଟିଏ ବ୍ୟାଙ୍କର ପ୍ରାକ୍ ବିବାଦୀୟ ମକଦ୍ଦମାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ୭୬ ହଜାର ୫୧୨ଟଙ୍କା ଆଦାୟ କରାଯାଇଥିଲା। ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଚାଲାଣ ସମ୍ବନ୍ଧୀୟ ୫୭ଟି ମାମଲାର ସମାଧାନ କରାଯାଇ ୫ଲକ୍ଷ ୫୫ ହଜାର ୫ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ତେବେ ଏହି ଲୋକ ଅଦାଲତରେ ୩ଟି ଫୌଜଦାରୀ ଏବଂ ୫ଟି ଦେୱାନୀ ମକଦ୍ଦମା ସମେତ ସମୁଦାୟ ୬୭ଟି ମାମଲାର ଫଇସଲା କରାଯାଇଛି। ଲୋକ ଅଦାଲତରେ ବାଣପୁର ଓ ବାଲୁଗାଁର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଅନାଦେୟ ଋଣ ଆଦାୟ ଲାଗି ମାମଲା ପରିଚାଳନାରେ ସହ ଯୋଗ କରିଥିବା ବେଳେ ଆଇନଜୀବୀ ପ୍ରଦୀପ ସ୍ୱାଇଁ, ଜୟ କିଷାନ ଷଡଙ୍ଗୀ, ଭବାନି ଶଙ୍କର ଶତପଥି, ମନୋଜ ମହାପାତ୍ର, ବିପ୍ଳବ ମୁଦୁଲି, ବିନୋଦ ସ୍ୱାଇଁ, ଜଗଦୀଶ ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀଙ୍କ ଓ ଅଦାଲତ କର୍ମଚାରୀ ମାନେ ଲୋକ ଅଦାଲତ ପରିଚାଳନାରେ ସହାୟତା କରିଥିଲେ।

# ପିଇବା ପାଣି ପାଇବାରୁ ବଞ୍ଚିତ ଗ୍ରାମବାସୀ

ବେଗୁନିଆ, ୯।୫ (ସମିସ): ବେଗୁନିଆ ବ୍ଲକର କେତେକ ପଞ୍ଚାୟତରେ ମେଗା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଲୋକ ମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିବାବେଳେ ଠିକ ଭାବରେ ପାଣି ନପାଇବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଜନସାଧାରଣ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ । ବର୍ତ୍ତମାନ ସମୟରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗଡ଼ମାଣତିର ଓ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମ ସମେତ ପାଖ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖା ଯାଇଥିବାବେଳେ ମେଗା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଲୋକମାନଙ୍କୁ ପାଣି ଯୋଗାଇବା ଧର୍ମକୁ ଆଖି ଠାର ସଦୃଶ ହୋଇଛି। ଷ୍ଟାଣ୍ଡ ପୋଷ୍ଟ ଗୁଡିକରେ ଟ୍ୟାପ ଆଦୌ ଲାଗିନଥିବା ଯୋଗୁଁ ଯେଉଁ ସ୍ୱଳ୍ପ ସମୟ ପାଇଁ ପାଣି ଆସୁଛି ସେଥିମଧ୍ୟରୁ ଅଧାରୁ ଅଧିକ ଗାଁ ଦାଣ୍ଡରେ ପାଣି ବୋହି କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଜଳ ନଷ୍ଟ ହେଉଛି । ଏପରିକି ପାଣି ପାଇପ୍ ଫାଟି ବୋହିଯାଉଥିବାବେଳେ ମରାମତି କରାଯାଇ ନ ଥିବାରୁ ସବୁ ଟ୍ୟାପରେ ପାଣି ଆସୁ ନାହିଁ । ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ନିକଟରେ ଥିବା ଓଭର ହେଡ ଟାଙ୍କିକୁ ପାଣି ଠିକ ଭାବରେ ଆସୁନଥିବାରୁ ସବୁ ଜାଗାକୁ ପାଣି ଯୋଗାଣରେ ଅସୁବିଧା ହେଉଛି ବୋଲି ପାଣି ଯୋଗାଣ ଦାୟିତ୍ୱରେ ଥିବା ନିବାସ ପାଇକରାୟଙ୍କୁ କନିଷ୍ଠ ଯନ୍ତ୍ରୀ ପଚାରିବାରେ କହିଛନ୍ତି। ଏହି ଟାଙ୍କିରୁ ଗଡ଼ମାଣତିର, ବାଲିବେରେଣି ଏବଂ ଅଢେଇ କିମି ଦୂରରେ ଥିବା ଛିଆମ ଗ୍ରାମର ଗ୍ରାମବାସୀ ମାନେ ପାଣି ପାଇବା ପାଇଁ ଥିବାବେଳେ କୌଣସି ସ୍ଥାନରେ ଲୋକମାନେ ଠିକ ଭାବରେ ପାଣି ନପାଇବା ଯୋଗୁଁ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି । ଗତ ୭ତାରିଖ ଦିନ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କୁ ସାଙ୍ଗରେ ନେଇ ସମ୍ପୃକ୍ତ ସ୍ଥାନରେ ଲୋକମାନେ ଠିକ ଭାବରେ ପାଣି ପାଉଛନ୍ତି ନାଁ ନାହିଁ, ପାଣି କେମିତି ଆସୁଛି ଇତ୍ୟାଦିର ତଦାରଖ କରିବା ପାଇଁ ଯାଇଥିବାବେଳେ ଗ୍ରାମର ବସନ୍ତ ସୁନ୍ଦରାୟ, ପ୍ରକାଶ ସୁନ୍ଦରାୟ, ସ୍ୱପ୍ନେଶ୍ୱରର ରାଉତରାୟ, ସୁଶାନ୍ତ ରାଉତରାୟ, ରମେଶ ଜେନା, ସୁକାନ୍ତ ସୁନ୍ଦରାୟ, ମିନ ଛୁଆଳସିଂହ, ଗୀତାଞ୍ଜଳି ଜୁଝାରସିଂହ, ନିରୁପମା ସାମନ୍ତସିଂହାର, ବୀଣାପାଣି ସୁନ୍ଦରାୟ ପ୍ରମୁଖ କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ଠିକ ଭାବରେ ପାଉ ନଥିବା ବେଳେ ମରାମତି ସମ୍ପର୍କରେ ଜଣାଇଥିଲେ । କନିଷ୍ଠ ଯନ୍ତ୍ରୀ ସଙ୍ଗେ ସଙ୍ଗେ ଠିକାଦାରଙ୍କୁ ଜଣାଇବା ପରେ ସେ କାର୍ଯ୍ୟ କରିଦେବେ ବୋଲି କହିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଅସହ୍ୟ ଗ୍ରୀଷ୍ମ ପ୍ରବାହ ସମୟରେ ପାଣି ସମସ୍ୟା ଲାଗି ରହିଥିବାବେଳେ ଲୋକମାନଙ୍କର ଦାବି ମୁତାବକ ଯଥା ଶୀଘ୍ର କାର୍ଯ୍ୟ କରାଯାଇ ପାଣି ଯୋଗାଇ ଦିଆ ନଗଲେ ସମ୍ପୃକ୍ତ ବ୍ୟକ୍ତିମାନେ ଆନ୍ଦୋଳନାରକ ପନ୍ଥା ଗ୍ରହଣ କରିବେ ବୋଲି ଜଣାଇଛନ୍ତି।

# ବାଲୁଗାଁ ମହାବିଦ୍ୟାଳୟରେ ରେଡକ୍ରସ ଦିବସ



ବାଲୁଗାଁ, ୯।୫ (ସମିସ): ରେଡ଼କ୍ରସର ସଂସ୍ଥାପକ ହେନେରୀ ଡୁରାଣ୍ଟଙ୍କ ଜନ୍ମ ଦିବସକୁ ବିଶ୍ୱ ରେଡ଼କ୍ରସ ଦିବସ ଭାବେ ପାଳନ କରା ଯାଉଥିବା ବେଳେ ବାଲୁଗାଁ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଓ ରେଡ ରିବନ କ୍ଲବ ପକ୍ଷରୁ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରେଡ଼କ୍ରସ ଦିବସର ଉଦ୍ଦେଶ୍ୟ ଏବଂ ବର୍ଷ ସାରା ଚାଲି ଥିବା ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ପ୍ରଜ୍ଞାସ୍ମିତା ସାହୁ ରେଡ଼କ୍ରସ ସଂଗୀତ ଗାନ କରି ଥିବା ବେଳେ ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସମଗ୍ର ବିଶ୍ୱରେ ରେଡ଼କ୍ରସ କିପରି ସର୍ବବୃହତ ସେବା ସଂସ୍ଥା ଭାବେ ଜନସାଧାରଣଙ୍କ ଦୁର୍ଦ୍ଦିନ ସମୟରେ କାର୍ଯ୍ୟ କରି ଶିକ୍ଷାର୍ଥୀ ମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେଉଛି, ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯୁବ ରେଡ଼କ୍ରସ ଅଧିକାରୀ ଡ. ମନସ୍ୱିନୀ ପଟ୍ଟନାୟକ ପିଏଚଡି ଲାଭ କରିଥିବାରୁ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା କରାଯାଇ ଥିବା ବିଭିନ୍ନ ଉଲ୍ଲେଖନୀୟ ସେବା ମୂଳକ କାର୍ଯ୍ୟ ସମ୍ପର୍କରେ ଡକ୍ଟର ମନସ୍ୱିନୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରକୁ ସଫେଇ କରି ପରିସରରେ ଥିବା ବୃକ୍ଷ ଗୁଡିକର ଯତ୍ନ ନେବା ସହ ଚିଲିକା କୂଳସ୍ଥିତ ବୃଦ୍ଧାଶ୍ରମ ଯାଇ ଅନ୍ତେବାସୀ ମାନଙ୍କୁ ଫଳ ବଣ୍ଟନ କରି ଆଶୀର୍ବାଦ କାମନା କରିଥିଲେ। ଶେଷରେ ସୁଶ୍ରୀ ସରସ୍ୱତୀ ଘଟୁଆଳି ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଉଁରୀ ଯାତ୍ରାରେ ଶ୍ରୀଉମାମହେଶ୍ୱର ଦେବଙ୍କ ନୌବିହାର



ବାଲୁଗାଁ, ୯।୫ (ସମିସ): ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସାଧାରଣ ମଣିଷ ଢ଼ହଳବିକଳ ହୋଇ ପଡୁଥିବା ବେଳେ ଦେବାଦେବୀ ମଧ୍ୟ ଏଥିରୁ ବାଦ ପଡୁ ନାହାନ୍ତି। ଏହି ପ୍ରଚଣ୍ଡ ରୌ÷ାଦ୍ରତାପରୁ ଦେବାଦେବୀଙ୍କୁ ଉପସମ ଲାଗି ଚନ୍ଦନ ଲାଗି କରିବା ସହ ଜଳକ୍ରିଡ଼ା କରାଯିବାର ପରମ୍ପରା ଚଳିଆସୁଛି। ସମଗ୍ର ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବ ପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ଚନ୍ଦନ ମହୋତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଷୟ ତୃତୀୟା ଠାରୁ ୨୦ଦିନ ବ୍ୟାପି ନୀତିକାନ୍ତିର ସହ ପାଳିତ ହୋଇଆସୁଥିବା ବେଳେ ଏହି ଉପଲକ୍ଷେ ଶେଷ ୩ଦିନ ମନ୍ଦିର ନିକଟସ୍ଥ ଠାକୁରଙ୍କ ପୁଷ୍କରିଣୀରେ ନୌବିହାର ତଥା ଭଉଁରୀ ଯାତ୍ରା ସମାରୋହରେ ପାଳିତ ହେଉଛି। ଚୁଡ଼େୟତ କୈବର୍ତ୍ତ ସମାଜ ବାଲୁଗାଁ ଆନୁକୂଲ୍ୟରେ ପ୍ରତିବର୍ଷ ଏହି ଚନ୍ଦନ ମହୋତ୍ସବ ପାଳିତ ହୋଇ ଆସୁଅଛି। ଚଳିତ ବର୍ଷ ୨୦ଦିନ ଧରି ଅନୁଷ୍ଠିତ ଏହି ଚନ୍ଦନ ମହୋତ୍ସବର ଅନ୍ତିମ ୩ଦିନ ତଥା ଗୁରବାର ଠାରୁ ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ ତିନିଦିନ ଭଉଁରୀ ଯାତ୍ରା ଆଡମ୍ବର ସହ ଅନୁଷ୍ଠିତ ହେଉଛି। ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କୁ ଶୀତଳ ମଣୋହି ଲାଗି ସୁସଜ୍ଜିତ ଭାସମାନ ବୋଇତରେ ବିଜେ କରାଇ ଚନ୍ଦନ ପୁଷ୍କରିଣୀରେ ଜଳକ୍ରୀଡା ତଥା ନୌବିହାର କରାଯାଉଛି। ଏହି ଉପଲକ୍ଷେ ୩ ଦିନ ବ୍ୟାପି ରାମଲୀଳା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ମନ୍ଦିରକୁ ସୁନ୍ଦର ଆଲୋକମାଳା ଓ ପୁଷ୍ପମାଳାରେ ସୁସଜ୍ଜିତ କରିବା ସହ ନୌବିହାର ସମୟରେ ଆତସବାଜୀ ସହ ଠାକୁରଙ୍କୁ ଶୋଭାଯାତ୍ରାରେ ଅଣାଯାଇ ନୌବିହାର କରାଯାଉଛି। ଚୁଡ଼େୟତ କୈବର୍ତ୍ତ ସମାଜର ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱ ସଂପାଦକ ଜୟକୃଷ୍ଣ ବେହେରା ପ୍ରମୁଖଙ୍କ ସମେତ ମନ୍ଦିର ଟ୍ରଷ୍ଟ ଓ ସେବାୟତଙ୍କ ସହଯୋଗରେ ଏହି ପାରମ୍ପରିକ ମହୋତ୍ସବ ସମାରୋହରେ ପାଳିତ ହେଉଛି। ସେହିପରି ସ୍ଥାନୀୟ ଶ୍ରୀ ରାମେଶ୍ୱର ଦେବ ଓ ବୁଢ଼ାବାଲୁଙ୍କେଶ୍ୱର ଦେବଙ୍କ ସମେତ ଭେଲେରି, ଚନ୍ଦ୍ରାପୁଟ ଓ ବଡ଼କୁଳ ଚନ୍ଦ୍ରଶେଖର ଓ ଶ୍ରୀଜଗନ୍ନାଥଙ୍କର ମଧ୍ୟ ଅନୁରୂପ ଭାବେ ଚନ୍ଦନଯାତ୍ରା ପାଳିତ ହେବା ସହ ୩ଦିନ ବ୍ୟାପି ଗ୍ରାମ ପୁଷ୍କରିଣୀରେ ଭଉଁରୀଯାତ୍ରା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ସମାରୋହରେ ପାଳିତ ହେଉଛି। ଠାକୁରଙ୍କ ଏହି ଅପୂର୍ବ ଜଳକ୍ରୀଡା ତଥା ଭଉଁରୀ ଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହେଉଛି।

# ପଦ୍ମଚରଣ ବିଦ୍ୟାପୀଠର ଛାତ୍ରୀ ଶୁଭଦର୍ଶନୀଙ୍କୁ ସମ୍ବର୍ଦ୍ଧନା





ନିରାକାରପୁର, ୯।୫ (ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଲେଣ୍ଡୁ ପଦ୍ମଚରଣ ବିଦ୍ୟାପୀଠର ଛାତ୍ରୀ ଶୁଭଦର୍ଶନୀ ଦାସ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ମୋଟ ୫୪୩ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଶୁଭଦର୍ଶନୀଙ୍କୁ ସମ୍ମାନିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମତ କୁମାର ମାଝୀଙ୍କ ସଭାପତିତ୍ୱରେ ଅତିଥି ଭାବେ ଶିକ୍ଷାବିତ୍ ତଥା ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ସରପଞ୍ଚ ବିନୋଦିନୀ ଦାଶ, ଆଲୁମିନା ସଭ୍ୟ ଧନେଶ୍ୱର ମାଝୀ ଏବଂ ଗ୍ରାମ୍ୟ କମିଟି ସଭାପତି ସୁରେଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ତ୍ରିପାଠୀ, ପଠାଣି ମହାନ୍ତି, ସ୍ୱପ୍ନାମୟୀ ସାମନ୍ତରାୟ, ନବଘନ ସାହୁ, ଆଶିଷ କୁମାର ବିଶ୍ୱାଳ, ବିଭୂତି ଭୂଷଣ ଜଗଦେବ, ପୁଷ୍କର ସ୍ୱାଇଁ, ନବ କିଶୋର ପାହାଡ ସିଂହ ଓ ଗୋପାଳ ରଣସିଂହ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୯/୫/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୪୫,୩୮୧/- ସୁନା:୦୦.୩୨୦ ଗ୍ରାମ୍ ରୁପା: ୦୮.୪୦୦ ଗ୍ରାମ୍







### ଭଉଁରୀ ସାଙ୍ଗକୁ ଦ୍ୱିତୀୟ ଶନିବାର

# ଶ୍ରୀମନ୍ଦିରରେ ଭିଡ଼; ସହରରେ ଟ୍ରାଫିକ୍ ଜାମ୍





ଗହଳି ଭିତରକୁ କାର୍ ଛାଡ଼ିବାକୁ ନେଇ ଉଦ୍‌ବେଗ

**ପୁରୀ, ୯।୫(ସମିସ):** ଶନିବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ। ବାହାର ଚନ୍ଦନ ଯାତ୍ରାର ସବୁଠୁ ଆକର୍ଷଣ ଦିନ। ତେଣ ମହାପ୍ରଭୁଙ୍କ ଭଉଁରୀ ଯାତ ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୁଣି ଦ୍ୱିତୀୟ ଶନିବାର ଯୋଗୁଁ ଛୁଟି ଥିଲା। ତେଣୁ ଛୁଟିଦିନ ସାଙ୍ଗକୁ ଠାକୁରଙ୍କ ଭଉଁରୀ ଯାତ ପାଇଁ ପୁରୀରେ ପ୍ରବଳ ଗହଳି ହୋଇଥିଲା। ଅପରାହ୍ଣ ପରଠାରୁ ଭିଡ଼ ଏମିତି ହୋଇଥିଲା ଯେ, ସହରରେ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ବଡ଼ଦାଣ୍ଡ, ବେଳାଭୂମି ସମେତ ସହରର ପ୍ରମୁଖ ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାରେ ହିଁ ଏହାର ପ୍ରଭାବ ଜଣାପଡ଼ିଥିଲା। ସନ୍ଧ୍ୟାରେ ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା ବିଶେଷକରି ମେଡିକାଲ ଛକ ସଂଲଗ୍ନ ରାସ୍ତାରେ ଗାଡ଼ିଗୁଡ଼ିକ ଲମ୍ବା ଲାଇନ୍‌ରେ ଥିବା ଦେଖିବାକୁ ମିଳିଥିଲା। ଫଳରେ ପୁଲିସକୁ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏହି ଭିଡ଼ ଭିତରେ ଗୋଟିଏ କାର୍ ଶ୍ରୀମନ୍ଦିର କାର୍ଯ୍ୟାଳୟ ପାଖକୁ ଯାଇଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ ଶ୍ରଦ୍ଧାଳୁ।

ମେ' ୯ ତାରିଖ ଦ୍ୱିତୀୟ ଶନିବାର ସାଙ୍ଗକୁ ଥିଲା ଭଉଁରୀ ଯାତ। ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ୨୧ ଘେରା ଚାପ ଖେଳ ଦେଖିବା ପାଇଁ ଅପରାହ୍ଣ ପରଠାରୁ ବଡ଼ଦାଣ୍ଡରେ ଭିଡ଼ ଆରମ୍ଭ ହୋଇଯାଇଥିଲା। ଅଧିକାଂଶ ଭକ୍ତ ଦିନ ଚାପ ଦେଖିବା ସହ ରାତିରେ ଠାକୁରଙ୍କ ୨୧ ଘେରା ଚାପ ଦେଖିବାକୁ ଅପେକ୍ଷା କରିଥିଲେ। ଏମିତି ବି ଦ୍ୱିତୀୟ ଶନିବାର ଏବଂ ରବିବାର ଦୁଇଦିନିଆ ଛୁଟିଦିନ ଥିବାରୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ଅଧିକ ରହିଥିଲା। ଫଳରେ ପୁରୀକୁ ଅପରାହ୍ଣ ପରଠାରୁ ବହୁ ସଂଖ୍ୟାରେ ଚାରିଚକିଆ ଗାଡ଼ି ଆସୁଥିଲା। ଏହି ଭିଡ଼ ଯୋଗୁଁ ସନ୍ଧ୍ୟାରେ କୁମ୍ଭାରପଡ଼ାରୁ ମେଡିକାଲ ଛକ, ମେଡିକାଲ ଛକରୁ ଭିଆଇପି ରୋଡ୍, ଗୁଣ୍ଡିଚା ମନ୍ଦିର ଏବଂ ଶ୍ରୀମନ୍ଦିର ପାଶ୍ୱର୍କୁ ଚାଲି ଚାଲି ଯିବା କଷ୍ଟକର ହୋଇପଡ଼ିଥିଲା। ଏହାରି ଭିତରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କାର୍ ଯାଇଥିଲା। ଭିଡ଼ରେ ଏହି କାର୍‌କୁ କାହିଁକି ଛଡ଼ାଗଲା ବୋଲି ପ୍ରଶ୍ନ ଉଠାଇଥିଲେ ସ୍ୱାଧୀନ କୁମାର ପଣ୍ଡା ଏବଂ ଅନ୍ୟମାନେ। ଅନ୍ୟପକ୍ଷରେ ଦୁଇଦିନିଆ ଛୁଟି ଥିବାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ପୁରୀକୁ ଆସିଥିଲେ। ଫଳରେ ବେଳାଭୂମି ରାସ୍ତାରେ ବି ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଦେଖିବାକୁ ମିଳିଥିଲା।

## ରଥ କାରିଗର ସମ୍ମାନିତ

**ପୁରୀ, ୯।୫(ସମିସ):** ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଶନିବାର ରଥ ଖଳାରେ ରଥ ନିର୍ମାଣକାରୀ ସେବକମାନଙ୍କୁ ସମ୍ମାନିତ କରାଯାଇଛି। ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ଓ ରାଜ୍ୟ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ଏହି କାର୍ଯ୍ୟକ୍ରମକୁ ପୁରୀ ନଗର କମିଟି ଆୟୋଜନ କରିଥିଲା। ରାଜ୍ୟ ଉପଦେଷ୍ଟା ଦୟାନିଧି ମହାରଣା, ସହ ସମ୍ପାଦକ ଭାଗିରଥି ମହାରଣା, ସଂଗଠନ ସମ୍ପାଦକ ଗୋବର୍ଦ୍ଧନ ମହାରଣା, ରାଜ୍ୟ କୋଷାଧ୍ୟକ୍ଷ ଗୁରୁଚରଣ ସୁତାର, ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭାର ରାଜ୍ୟ ମହିଳା ଅଧ୍ୟକ୍ଷ ଆଡ୍‌ଭୋକେଟ ସୁମତି ମହାରଣା ଓ କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ବିଶ୍ୱନାଥ ମହାରଣା, ସୁଦର୍ଶନ ମହାରଣା, ଗଙ୍ଗାଧର ମହାରଣା, ପୁରୀ ଜିଲ୍ଲା କମିଟି ଉପସଭାପତି ଦେବରାଜ ମହାରଣା, ସମ୍ପାଦକ ନରହରି ଓଝା, ପ୍ରମୋଦ ମହାରଣା, ନଗର କମିଟି ସଭାପତି ହୃଷୀକେଶ ମହାରଣା, ବିଶ୍ୱନାଥ ମହାରଣା, ନାରାୟଣ ମହାରଣା, ସୁଶାନ୍ତ ମହାରଣା, ଚିତ୍ରସେନ ମହାରଣା, ରମେଶ ମହାରଣା, ଚନ୍ଦନ ମହାରଣା, କାଳୁ ମହାରଣା, ଛବିରାଣୀ ମହାରଣା, ଶର୍ମିଳା ମହାରଣା, କଟକ ନଗର କମିଟିରୁ ସୁବାସ ମହାରଣା, ଜୟନ୍ତ ମହାରଣା, ନୟାଗଡ଼ ସହ ସମ୍ପାଦକ ବିଜୟ ମହାରଣା, ଭୁବନେଶ୍ୱରରୁ ପ୍ରମୋଦ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀକ୍ଷେତ୍ର ଭଉଁରୀ: ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା

**ପୁରୀ, ୯।୫(ସମିସ):** ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀକୁ ନଜରରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରବଳ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ନରେନ୍ଦ୍ର ପୁଷ୍କରିଣୀ ଓ ଆଖପାଖ ଅଞ୍ଚଳରେ କଡ଼ା ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀ ଏସ୍‌ପି ପ୍ରତୀକ୍ ସିଂ ନିଜେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେହିପରି ବରିଷ୍ଠ ପୁଲିସ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ରହି ସୁରକ୍ଷା ଦାୟିତ୍ୱ ତଦାରଖ କରୁଥିଲେ। ନରେନ୍ଦ୍ର ପୁଷ୍କରିଣୀରେ ଅଗ୍ନିଶମ ବାହିନୀ ସହ ଲାଇଫ୍‌ଗାର୍ଡ ମୁତୟନ କରାଯାଇଥିବାବେଳେ, ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଯାତାୟାତ ସୁଚାରୁ ରଖିବା ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇଛି।

### ● ହତ୍ୟାକୁ ଦୁର୍ଘଟଣାର ରୂପ ଦେଇଥିଲେ

## ପର୍ଦ୍ଦାଫାଶ୍ କଲା ପୁଲିସ; ୨ ଗିରଫ

**ପୁରୀ, ୯।୫(ସମିସ):** ସଡ଼କ ଦୁର୍ଘଟଣା ନାଁରେ ଚାପି ଦିଆଯାଇଥିବା ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ କରିଛି ପୁରୀ ସଦର ଥାନା ପୁଲିସ। ମାମଲାର ମୁଖ୍ୟ ଅଭିଯୁକ୍ତ ଓ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ରାଜା ଜଙ୍କିଆ ଗାଁର ପିଣ୍ଟୁ ମାଝୀ (୨୪) ଏବଂ ପୁରୀ ସଦର ଥାନା ଖଡ଼ିପଦାର ଅକ୍ଷୟ ରାଉତ (୨୦)।

ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧ ତରିଖ ରାତିରେ ଅଭିଯୁକ୍ତ ପିଣ୍ଟୁ ଖଡ଼ିପଦା ଅଞ୍ଚଳର ସୋମନାଥ ରାଉତଙ୍କ ଫାର୍ମ ହାଉସ୍ ନିକଟରେ ଅନିଲ ରଞ୍ଜନ ପାଣିଙ୍କୁ ଲୁହା ଛଡ଼ରେ ଆକ୍ରମଣ କରି ହତ୍ୟା କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ହତ୍ୟାକୁ ସଡ଼କ ଦୁର୍ଘଟଣା ରୂପ ଦେବା ପାଇଁ ଷଡ଼ଯନ୍ତ୍ରକାରୀମାନେ ମୃତକଙ୍କ ବାଇକ୍ ଭାଙ୍ଗି ପୁରୀ-ବ୍ରହ୍ମଗିରି ଜାତୀୟ ରାଜପଥର କୋଇଲାଡ଼ା ଛକରେ ଫିଙ୍ଗି ଦେଇଥିଲେ। ପରେ ମୃତକଙ୍କ ଭାଇ ସୁନିଲ ରଞ୍ଜନ ପାଣି ମୃତଦେହକୁ ଡାକ୍ତରଖାନା ନେଇ ଏହାକୁ ଦୁର୍ଘଟଣା ବୋଲି ଥାନାରେ ରିପୋର୍ଟ କରିଥିଲେ। ସେହି ଆଧାରେ ପ୍ରଥମେ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ, ଅଭିଯୋଗକାରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାର ଧମକ ଦିଆଯାଇଥିଲା। ଫଳରେ ଭୟରେ ଅଭିଯୋଗକାରୀ ଘଟଣାକୁ ସଡ଼କ ଦୁର୍ଘଟଣା ବୋଲି ରିପୋର୍ଟ କରିଥିଲେ। ପୁଲିସର ତଦନ୍ତ ପରେ ଏହା ଏକ ପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। ପୁଲିସ ଉଭୟଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପୁଲିସ ବ୍ୟବହୃତ ଲୁହା ଛଡ଼, ଗୋଟିଏ ଭଙ୍ଗା ବାଇକ୍, ଗୋଟିଏ ମୋବାଇଲ୍ ଜବତ କରିଛି। ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ପୁଲିସ ତଦନ୍ତ ଚଳାଇଛି।

## ମାର୍‌ପିଟ୍ ଘଟଣାରେ ଜଣେ ଗିରଫ

**ପୁରୀ, ୯।୫(ସମିସ):** ଗତ ୫ ତାରିଖରେ ଦୁଇ ପରିବାର ମଧ୍ୟରେ ଆମ୍ବ ତୋଳାକୁ ନେଇ ବିବାଦ ସୃଷ୍ଟି ହୋଇ ଦୁଇ ଭାଇଙ୍କ ମଧ୍ୟରେ କଟାକଟି ଓ ମାର୍‌ପିଟ୍ ହୋଇଥିଲା। ଏ ସମ୍ପର୍କରେ ଚନ୍ଦନପୁର ଥାନା ପାରିଦବନ୍ଧର ଅର୍ଜୁନ ବେହେରା ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ତାଙ୍କର ଭାଇ ଓ ପୁତୁରା ଆମ୍ବ ତୋଳିବାକୁ ବିରୋଧ କରି ତାଙ୍କୁ ମାଡ଼ ମାରିଥିଲେ ଏବଂ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଚନ୍ଦନପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ପୁଲିସ ତଦନ୍ତ ସମୟରେ ଗୋଟିଏ ବନ୍ଧୁକ ଜବତ କରିଥିଲେ। ଶନିବାର ନକୁଳ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ରଥଖଳାରୁ... ଭୋଇ ସେବକ ପକାଇଲେ ପ୍ରଥମ ହରିବୋଲ






**ପୁରୀ, ୯।୫(ସମିସ):** ଚଳଚଞ୍ଚଳ ଏବେ ରଥଖଳା। ପରମ୍ପରା ଅନୁଯାୟୀ, ଶନିବାର ଭଉଁରୀରେ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ, ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ରଥର ଚକ ସହ ଅଖ ସଂଯୋଗ ପୂର୍ବକ ଚକ ଡେରା ନୀତି ଶ୍ରୀବିଗ୍ରହଙ୍କ ଆଜ୍ଞାମାଳ ବିଜେ ପରେ ପୂଜାର୍ଚ୍ଚନା ପୂର୍ବକ ସମ୍ପନ୍ନ ହୋଇଛି। ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ଆଜ୍ଞାମାଳ ବିଜେ କରାଇ ଶୋଭାଯାତ୍ରାରେ ବଡ଼ଠାକୁରଙ୍କ ବାଡ଼ରୁ ଦାଶରଥୀ ପୂଜାପଣ୍ଡା ସାମନ୍ତ, ଦେବୀ ସୁଭଦ୍ରାଙ୍କ ବାଡ଼ରୁ ବୈରାଗୀ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ରୁ ଗୋପାଳ କୃଷ୍ଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ତିନି ରଥର ଚକ, ଅଖରେ ଲାଗି କରିଥିଲେ। ଚକ ଡେରା ନୀତି ପରେ ପରମ୍ପରା ଅନୁସାରେ ରଥ ଖଳାରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥାଏ। ଶନିବାର ମଧ୍ୟାହ୍ନ ବିରତି ପର୍ଯ୍ୟନ୍ତ ରଥ ଖଳାରେ ତିନି ରଥର ନିର୍ମାଣକାରୀ ସେବକମାନେ ରଥ ନିର୍ମାଣ କାର୍ଯ୍ୟ ଜାରି ରଖି କାର୍ଯ୍ୟ ଶେଷ ବେଳକୁ ଶନିବାର ସୁଦ୍ଧା ତିନିରଥର ମୋଟ୍ ୧୯ ଚକ ନିର୍ମାଣ ଶେଷ ହୋଇଛି। ସୂଚନାଥାଉ କି, ରଥ ନିର୍ମାଣରେ ନିୟୋଜିତ ଭୋଇ ସେବକମାନେ ମୋଟ୍ ୯ଟି ହରିବୋଲ ପକାଇଥା'ନ୍ତି। ଶନିବାର ଚକ ଡେରା ନୀତିରେ ଭୋଇ ସେବକ ପ୍ରଥମ ହରିବୋଲ ପକାଇଛନ୍ତି। ରଥ ନିର୍ମାଣ ଶେଷ ପର୍ଯ୍ୟନ୍ତ ବିଧି ଅନୁଯାୟୀ ଆଉ ୮ଟି ହରିବୋଲ ପକାଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।







ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସରେ ବିରାଟ ଶୋଭାଯାତ୍ରା

## ଔଷଧ ଦୋକାନରେ ବୋମାମାଡ଼ ଘଟଣା; ଜଣେ ଗିରଫ

**କୋଣାର୍କ, ୯।୫(ସମିସ):** ରାମଚଣ୍ଡୀ ଥାନା ଅନ୍ତର୍ଗତ ଆଳଶଙ୍ଖାଠାରେ ଥିବା ଏକ ଔଷଧ ଦୋକାନରେ ବଟି ମାଗିବା ଓ ବୋମାମାଡ଼ ଘଟଣାରେ ଫେରାର୍ ଥିବା ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ପ୍ରଦୀପ କୁମାର ବିଶ୍ୱାଳ ଗତବର୍ଷ ଜୁଲାଇ ୧୦ ତାରିଖରେ ଅଭିଯୋଗ କରିଥିଲେ ଯେ, ପୂର୍ବ ରାତି ପ୍ରାୟ ୧ଟାରୁ ୧.୩୦ ମଧ୍ୟରେ ରୁଷିପଡ଼ା ଗ୍ରାମର ପିଣ୍ଟୁ ସ୍ୱାଇଁ ଆଳଶଙ୍ଖସ୍ଥିତ ତାଙ୍କ ଔଷଧ ଦୋକାନକୁ ଆସି ତାଙ୍କ ବାପାଙ୍କୁ ବଟି ମାଗିଥିଲା। ଟଙ୍କା ନ ଦେଲେ ଦୋକାନ ବନ୍ଦ କରିଦେବ ବୋଲି ଧମକ ଦେଇଥିଲା। ଅଭିଯୋଗକାରୀ ଦୋକାନରେ ପହଞ୍ଚିବା ପରେ ଅନ୍ୟତମ ଅଭିଯୁକ୍ତ ଲିଟି ସାମନ୍ତରାୟ ଦୁଇଟି ବୋମା ଫିଙ୍ଗି ଏକ ଦୁଇଚକିଆ ଯାନରେ ଫେରାର୍ ହୋଇଯାଇଥିଲା। ବୋମାମାଡ଼ ଯୋଗୁଁ ଦୋକାନର କବାଟ ଓ ର୍‍ୟାକ୍ କ୍ଷତିଗ୍ରସ୍ତ ହୋଇଥିଲା। ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ଏବଂ ପୁଲିସରେ ଅଭିଯୋଗ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଅଭିଯୁକ୍ତ ପିଣ୍ଟୁ ପୂର୍ବରୁ ଗିରଫ ହୋଇଥିବାବେଳେ ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ ଅନ୍ୟତମ ଅଭିଯୁକ୍ତ ଲିଟିକୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି ପୁଲିସ।

## 'ଶ୍ରୀଜଗନ୍ନାଥ ରସାମୃତ' ପୁସ୍ତକ ଉନ୍ମୋଚିତ

**ପୁରୀ, ୯।୫(ସମିସ):** ପବିତ୍ର ଭଉଁରୀ ଯାତ୍ରା ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ 'ଶ୍ରୀଜଗନ୍ନାଥ ରସାମୃତ' ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ପ୍ରଚାରପ୍ରସାର କରିବା ପାଇଁ ଶ୍ରୀକ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ସଂଗୃହିତ ହୋଇଥିବା ଜଗନ୍ନାଥଙ୍କ ସ୍ତୁତିମାନ ରସାମୃତ ପୁସ୍ତକରେ



ସ୍ଥାନିତ ହୋଇଛି। ଜଗନ୍ନାଥ ମହିମା ଧର୍ମ ସଂସ୍କୃତି ପ୍ରଚାରପ୍ରସାର କରିବା ଲକ୍ଷ୍ୟ ନେଇ ପଣ୍ଡିତ ଦୟାନିଧି ପଣ୍ଡା ଏହି ପୁସ୍ତକରେ ସଂଗୃହିତ କରିଛନ୍ତି। ଏ ପୁସ୍ତକଟିକୁ ଏଏସ୍ ଆଇନ ବିଶେଷଜ୍ଞ ଟିମ୍‌ର ସଦସ୍ୟ ତଥା ପୂର୍ବତନ ଚିଫ୍ ଇଞ୍ଜିନିୟର ଡ. ଏନ୍‌ସି ପାଲ୍, ଡ. ସିଦ୍ଧେଶ୍ୱର ମହାପାତ୍ର ଦେଉଳ ପୁରୋହିତ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା, ପଣ୍ଡିତ ଦୟାନିଧି ପଣ୍ଡା, ଗଣେଶ୍ୱର ମହାସୁଆର, ଡ. ବଳରାମ ଦାଶ, ବିନୋଦ ପଣ୍ଡା ଓ ଜଗନ୍ନାଥଙ୍କ ପୂଜାପଣ୍ଡା ପତିତପାବନଙ୍କୁ ଅର୍ପଣ କରି ଶୁଭ ଉନ୍ମୋଚନ କରାଯାଇଥିଲା।

### ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୪,୨୧୭ ମୋକଦ୍ଦମାର ହେଲା ଫଇସଲା

**ପୁରୀ, ୯।୫(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ, କାକଟପୁର ଓ ସତ୍ୟବାଦୀ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ୧୪ ହଜାର ୨୧୭ଟି ମୋକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୩ କୋଟି ୨୪ ଲକ୍ଷ ୯୦ ହଜାର ୨୧୮ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ଇତିଶ୍ରୀ ମହାପାତ୍ର, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଡ. ଦୀପକ ରଞ୍ଜନ ସାହୁ, ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଚିନ୍ମୟୀ ଦେହୁରି, ମୁଖ୍ୟ ବିଚାରପତି ପ୍ରସନ୍ନ କୁମାର ବେହେରା, ବରିଷ୍ଠ ଦେୱାନି ବିଚାରପତି ସୌମ୍ୟରୂପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୋନାଲୀ ଅପରାଜିତା, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଅବିନାଶ ଜେନା, ଗ୍ରାମ୍ୟ ନ୍ୟାୟାଧିକାରୀ ସୋନାଲୀ ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରୀତିକା ଗର୍ଗ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଅନିମେଶ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ମହାପାତ୍ର, ଶିବାନୀ ମହାପାତ୍ର, ସୀମା ଅଗ୍ରୱାଲା, ଚେତନ ଲାଢା ମାମଲାଗୁଡ଼ିକର ବିଚାର କରିଥିଲେ। ଲୋକ ଅଦାଲତରେ ୨୩ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୧ କୋଟି ୧୭ ଲକ୍ଷ ୮୫ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ୩୧ଟି ଚେକ୍ ବାଉନ୍ସ ମାମଲା, ୧୦ଟି ବ୍ୟାଙ୍କ ରିକଭରୀ ମାମଲା, ୨୬ ବୈବାହିକ ବିବାଦ, ୪୫ଟି ସିଭିଲ୍ ମାମଲା, ୧୫୪ଟି ଫୌଜଦାରି ମାମଲାର ଫଇସଲା କରାଯାଇଥିଲା। ଏହାଛଡ଼ା ୧୭୧ଟି ପ୍ରାକ୍ ମୋକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ଇତ୍ୟାଦି ବାବଦକୁ ୭୭ ଲକ୍ଷ ୨ ହଜାର ୨୬୬ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ୍ କୋର୍ଟ ପରିସରରେ ଆୟୋଜିତ ହୋଇଥିଲା।

**ଜରିମାନା ଓ କ୍ଷତିପୂରଣ ବାବଦ ୩,୨୪,୯୦,୨୧୮ ଟଙ୍କା ଆଦାୟ**

### ଅଲାରନାଥଙ୍କ ପୀଠରେ ଭଉଁରୀ ଯାତ୍ରା

## ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ

**ବ୍ରହ୍ମଗିରି, ୯।୫(ସମିସ):** ଶନିବାର ଅଲାରନାଥଙ୍କ ପୀଠରେ ପବିତ୍ର ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ ହୋଇଥିବାବେଳେ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁମାନେ।

ଅକ୍ଷୟ ତୃତୀୟାଠାରୁ ୨୧ ଦିନ ଚନ୍ଦନ ପୁଷ୍କରିଣୀରେ ଚାପ ଖେଳିଛନ୍ତି ଶ୍ରୀଅଲାରନାଥ ଜୀଉଙ୍କ ଚଳନ୍ତି ପ୍ରତିମାମାନେ। ଶ୍ରୀଜୀଉଙ୍କ ଶନିବାର ଦୁର୍ଲ୍ଲଭ ସର୍ବାଙ୍ଗ ଚନ୍ଦନ ବେଶ ଗୋପାଳ ବଲ୍ଲଭ ନୀତି ପରେ ଆରମ୍ଭ ହୋଇଥିଲା। ଶୁକ୍ରବାର ୧୦ କେଜି ଚନ୍ଦନ କାଠ ଆସି ମନ୍ଦିର ଭିତରେ ଥିବା ଗଙ୍ଗା ଓ ଯମୁନା କୂଅରେ ରହିଥିଲା। ଶନିବାର ସକାଳୁ ଗୋପାଳ ବଲ୍ଲଭ ପରେ ୧୬ ଜଣ ବିମାନବଡ଼ୁ ସେବାୟତ ଏହି ଚନ୍ଦନ କାଠକୁ ନେଇ ଶ୍ରୀଚୈତନ୍ୟ ଚକଡ଼ାରେ ପହଞ୍ଚିବା ପରେ ଚନ୍ଦନ ଘୋରା ଆରମ୍ଭ ହୋଇଥିଲା। କର୍ପୂର, କେଶର, ଜାଇଫଳ, ଜାଇପତ୍ରୀ, ଅଗୁର, କୁଙ୍କୁମ, କେଶର, କସ୍ତୁରୀ ପ୍ରଭୃତି ସୁବାସିତ ଦ୍ରବ୍ୟ ମିଶ୍ରିତ ହୋଇ ଶ୍ରୀଜୀଉଙ୍କ ବେଶ ପାଇଁ ଚନ୍ଦନ ପ୍ରସ୍ତୁତି ହୋଇଥିଲା। ୭ ଜଣ ସିଂହାରୀ ଓ ମେକାପ ସେବାୟତ ଶ୍ରୀଜୀଉଙ୍କ ବେଶ ସକାଳ ୮ଟାରୁ ଆରମ୍ଭ କରି ସନ୍ଧ୍ୟା ୫ଟାରେ ଶେଷ କରିଥିଲେ। ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ ଚାଲିଥିବାବେଳେ ଶ୍ରଦ୍ଧାଳୁ ଅର୍ଗଳୀ ପୂର୍ବରୁ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ ଶେଷ ହେବା ପରେ ବିଜୟ ବିଗ୍ରହ ବନକ ଲାଗି ହୋଇ ସୁସଜ୍ଜିତ ପାଲିଙ୍କି ଓ ବିମାନକୁ ବିଜେ କରି ଭଉଁରୀ ଚାପକୁ ବିଜେ କରିଥିଲେ। ଚନ୍ଦନ କୁଣ୍ଡରେ ମହାସ୍ନାନ କରି ସେଠାରେ ବିଜୟ ବିଗ୍ରହଙ୍କର ବନକ ଲାଗି ହୋଇଥିଲା। ଏହି ସମୟରେ ମୁଖ୍ୟ ମନ୍ଦିରରେ ସନ୍ଧ୍ୟା ଆଳତି, ମଇଲମ ଓ ସନ୍ଧ୍ୟା ଧୂପ ନୀତି ହୋଇଥିଲା। ପରେ ବିଜୟ ବିଗ୍ରହ ରାତି ଚାପରେ ପୁଷ୍କରିଣୀରେ ୨୧ ଘେରା ଚାପ ପରିକ୍ରମା କରି ବିମାନ ଓ ପାଲିଙ୍କିରେ ବିଜେ ହୋଇ ସେବାୟତ ଗାଁ ଅଲାରପୁରଠାରେ ଦୋଳବେଦୀରେ ପହଞ୍ଚିଥିଲେ। ସେଠାରେ ପନ୍ତି ଭୋଗ ଅର୍ପଣ ହୋଇ ମୁଖ୍ୟ ମନ୍ଦିରକୁ ଫେରିବା ପରେ ବଡ଼ସିଂହାର ବେଶ ଓ ଧୂପ ନୀତି ବଡ଼ି ପହୁଡ଼ ହୋଇଥିଲା। ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ଥିବାବେଳେ ଚନ୍ଦନ ଚକଡ଼ା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଛି। ଓଡ଼ିଶୀ ନୃତ୍ୟ, ଗୋଟିପୁଅ ସହିତ ଭଜନ ସମାରୋହରେ ଚନ୍ଦନ ଚକଡ଼ା କମ୍ପିଛି। ରବିବାର ଶ୍ରୀଅଲାରନାଥଙ୍କ ହଳଦୀ ପାଣି ନୀତି ବଡ଼ିବ। ସେଥିପାଇଁ ଶନିବାରଠାରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରବିବାର ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ମଇଲମ ଓ ଧୂପ ନୀତି ବଢ଼ିବା ପରେ ଶ୍ରୀଜୀଉଙ୍କ ବିଜୟ ବିଗ୍ରହ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଜେ ହୋଇ ଚାପ ପୋଖରୀ କୂଳରେ ପହଞ୍ଚିବା ପରେ ଚାପ ପୋଖରୀରେ ଥିବା ନନ୍ଦା ଓ ଭଦ୍ରା ନାମକ ଦୁଇଟି ଡଙ୍ଗାକୁ କେବଳ ସ୍ପର୍ଶ କରି ହଳଦୀ ପାଣି ନୀତି ବଢ଼ିବା ସହିତ ମୁଖ୍ୟ ମନ୍ଦିରକୁ ବିଜେ କରିବେ ବୋଲି ଅଲାରନାଥ ଟ୍ରଷ୍ଟ ତଥା ସେବାୟତ ନିଯୋଗ ପକ୍ଷରୁ ସୂଚନା ମିଳିଛି।



## ସରକାରୀ ସହାୟତାରେ ଘରୋଇ ସ୍କୁଲର ବେପାର

# ସରକାରୀ ସ୍କୁଲରେ ନାଁ; ଘରୋଇ ସ୍କୁଲରେ ପଢ଼ା

ବଲାଙ୍ଗିର, ୯।୫(ସମିସ)

ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ବେପାର ଚାଲିଛି। ଛତୁ ଫୁଟିଲା ଭଳି ସ୍କୁଲ ଓ କଲେଜ ଖୋଲୁଛି। ଅଧାରୁ ଅଧିକଙ୍କ ପାଖରେ କିନ୍ତୁ ଅନୁମତି ନାହିଁ। ସରକାରୀ ସ୍କୁଲ ସହାୟତାରେ ଜିଲ୍ଲାରେ ଘରୋଇ ସ୍କୁଲ ଚାଲିଛି। କେବଳ ଘରୋଇ ସ୍କୁଲର ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପାଠ ପଢୁନାହାନ୍ତି ବରଂ ସେମାନଙ୍କ ନାମଲେଖା ମଧ୍ୟ ସରକାରୀ ସ୍କୁଲରେ କରାଯାଉଛି; କିନ୍ତୁ ଖାଇବା, ରହିବା, ପଢିବା ସବୁ ଘରୋଇ ସ୍କୁଲରେ ଚାଲିଛି। ଘରୋଇ ସ୍କୁଲ ସରକାରୀ ସ୍କୁଲକୁ ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ପାଠପଢା ବାବଦକୁ ନେଉଛନ୍ତି। ଏଥିରେ ସରକାରୀ ସ୍କୁଲ ନିଜ ଫାଇଦା ଦେଖିବା ସହ ଘରୋଇ ସ୍କୁଲ କାରବାରକୁ ପ୍ରୋତ୍ସାହନ ଦେଉଛନ୍ତି। ଚଳିତ ବର୍ଷ ଦଶମ ଶ୍ରେଣୀ ଫଳାଫଳ ବାହାରିବା ପରେ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ଏହି କାରବାରକୁ ପଦାରେ ପକାଇଛି।

ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାର ଉନ୍ନତି ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ବ୍ୟବସ୍ଥା କରୁଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମିର ଉନ୍ନତି କରୁଛନ୍ତି। ତଥାପି ଅଭିଭାବକଙ୍କ ପ୍ରଥମ ପସନ୍ଦ ଘରୋଇ ସ୍କୁଲ। ବଲାଙ୍ଗିର ଜିଲ୍ଲାରେ ଘରୋଇ ସ୍କୁଲ ନାମରେ ଅଭିଭାବକଙ୍କୁ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି। କିଛି ଘରୋଇ ସ୍କୁଲ ଅଭିଭାବକଙ୍କ ପାଖରୁ ମୋଟା ଅଙ୍କର ଟଙ୍କା ନେଉଛନ୍ତି। ଅଥଚ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି। ସରକାରୀ ସ୍କୁଲରେ ନାମ ଲେଖାଇବା ପରେ ଘରୋଇ ସ୍କୁଲରେ ପଢାଉଛନ୍ତି; ହେଲେ ସରକାରୀ ସ୍କୁଲରେ ପିଲା ପରୀକ୍ଷା ଦେଉଛନ୍ତି। ଘରୋଇ ସ୍କୁଲରେ ଏହିଭଳି କାରବାର ପଛରେ ସରକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କ ସହଯୋଗ ଧରାପଡିଛି। ଗୋଟିଏ ପଟେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରଙ୍କ ପାଇଁ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ ବାହାବା ନେଉଛନ୍ତି। ଅନ୍ୟପଟେ ଘରୋଇ ସ୍କୁଲ ମାଲିକ ବିନା ଅନୁମତିରେ ନିଜ ଶିକ୍ଷା ବ୍ୟବସାୟରୁ ଲାଭ ନେଇ ଖୁସି।

ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୩୬ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇଛନ୍ତି। ଏହି ତାଲିକାରେ ପାଟଣାଗଡ ବ୍ଲକର ୬ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଭରତବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ର ରହିଛନ୍ତି। ସରକାରୀ ସ୍କୁଲର ୩ ଜଣ ଛାତ୍ର ଗୋଟିଏ ବ୍ଲକରୁ ଏ-୧ ଗ୍ରେଡ ପାଇବା ନିହାତି ଭାବେ ଖୁସିର କଥା; କିନ୍ତୁ ସେନେଇ ଛାନଭିନ କରିବା ପରେ ଜଣାପଡିଥିଲା ଯେ ଏହି ୩ ଜଣ ଛାତ୍ର ଭରତବାହାଲ ସ୍କୁଲକୁ କେବେ ଯାଇନାହାନ୍ତି। ସେମାନେ ନିକଟସ୍ଥ କୁକୁରମୁଣ୍ଡାସିତ ବିଦ୍ୟାଶ୍ରୀ ବିଦ୍ୟାପୀଠର ଛାତ୍ର ବୋଲି ଜଣାପଡିଛି। ଅର୍ଥାତ ସେମାନେ ଘରୋଇ ସ୍କୁଲରେ ମୋଟା ଅଙ୍କର ଟଙ୍କା ଦେଇ ହଷ୍ଟେଲରେ ରହି ପାଠ ପଢନ୍ତି; କିନ୍ତୁ ସେହି ଘରୋଇ ସ୍କୁଲ ପାଖରେ ଅନୁମତି ନ ଥିବାରୁ ସେମାନେ ସରକାରୀ ସ୍କୁଲ ପକ୍ଷରୁ ପରୀକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ନାମଲେଖା କେବଳ ଭରତବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କରାଯାଇଥିବା ଜଣାପଡିଛି। ତେବେ ଯଦି ଜଣେ କେବେ ସ୍କୁଲ ଯାଇନାହିଁ ତେବେ ତାଙ୍କୁ ପରୀକ୍ଷାରେ କିଭଳି ଅନୁମତି ପ୍ରଦାନ କରାଗଲା ବୋଲି ପ୍ରଶ୍ନ ଉଠୁଛି। ନିୟମ ଅନୁସାରେ ଯଦି କୌଣସି ଘରୋଇ ସ୍କୁଲକୁ ନାମ ଲେଖାଇବା ପାଇଁ ଅନୁମତି ମିଳିଥିବ; କିନ୍ତୁ ପରୀକ୍ଷା ପାଇଁ ଅନୁମତି ମିଳି ନ ଥିବ ସେହି କ୍ଷେତ୍ରରେ ଶିକ୍ଷା ଅଧିକାରୀଙ୍କ ଅନୁମତି ଅନୁସାରେ ଘରୋଇ ସ୍କୁଲ ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପରୀକ୍ଷା ଦେଇପାରିବେ; କିନ୍ତୁ ତାଙ୍କର ନାମଲେଖା ଘରୋଇ ସ୍କୁଲରେ ହିଁ ହେବା କଥା। ଜିଲ୍ଲାରେ ଏହାକୁ ବାହାନା କରି ଘରୋଇ ସ୍କୁଲଗୁଡ଼ିକ ବିନା ଅନୁମତିରେ ମାଧ୍ୟମିକ ସ୍କୁଲ ଖୋଲି ଅଭିଭାବକଙ୍କୁ ଠକେଇ କରୁଥିବା ଅଭିଯୋଗ ହୋଇଛି। ଏପରିକି ସ୍କୁଲଗୁଡ଼ିକ ପାଖରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନୁମତି ରହିଥିବା ବେଳେ ବେଆଇନ ଭାବେ ନବମ ଓ ଦଶମ ଶ୍ରେଣୀ ଖୋଲି ନିଜ ବ୍ୟବସାୟ ଚଳାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅଧିକ ନାମଲେଖା ଓ ଘରୋଇ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସଫଳତାକୁ ନିଜ ସ୍କୁଲ ସଫଳତା ଦେଖାଇ ଖୁସିଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ଜିଲ୍ଲା ପ୍ରଦର୍ଶନରେ ଖୁସି; କିନ୍ତୁ ଅସଲରେ ଏ-୧ ତାଲିକାରେ ୯୦ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ ସ୍କୁଲର ଥିବା ସ୍ପଷ୍ଟ ହୋଇଛି। ଗତ ବର୍ଷ ମଧ୍ୟ ସମ୍ପୃକ୍ତ ଘରୋଇ ସ୍କୁଲର ୨ ଜଣ ଛାତ୍ର ଭରତବାହାଲ ସ୍କୁଲ ନାମରେ ପରୀକ୍ଷା ଦେଇ ଏ-୧ ଗ୍ରେଡ ହାସଲ କରିଥିଲେ। ସେହି ସମୟରେ ଏହି ଅଭିଯୋଗ ଆସିବା ପରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଶିକ୍ଷା ବିଭାଗ କହିଥିଲା। ଚଳିତ ବର୍ଷ ପୁଣି ତାହାର ପୁନରାବୃତ୍ତି ହୋଇଛି। ଏନେଇ ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ପାଟଣାଗଡ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ମାଝୀଙ୍କୁ ପଚାରିବାରୁ ଏ ବିଷୟରେ କିଛି କହିପାରିବେ ନାହିଁ। ସେମାନେ କୁକୁରମୁଣ୍ଡାର ଏକ ସ୍କୁଲର ଛାତ୍ର। ସେମାନେ ସ୍କୁଲ ଆସୁଥିବେ। ନ କେମିତି ପରୀକ୍ଷା ଦେଲେ ବୋଲି କହିଥିଲେ। ଏନେଇ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସହ କଥା ହେଲେ ଜଣାପଡିବ ବୋଲି କହି ପ୍ରଶ୍ନକୁ ଏଡାଇଯାଇଥିଲେ। ଏଥିରୁ ଏହା ସ୍ପଷ୍ଟ ଯେ ସେ ଏ ବିଷୟରେ ଜାଣିଛନ୍ତି। ପରୋକ୍ଷରେ ଘରୋଇ ସ୍କୁଲକୁ ମଧ୍ୟ ସହଯୋଗର ହାତ ବଢାଇଛନ୍ତି। ତେବେ ବଲାଙ୍ଗିର ଜିଲ୍ଲାରେ ଏମିତି ଅନେକ ଘରୋଇ ସ୍କୁଲ ରହିଛି ଯେଉଁମାନଙ୍କ ପାଖରେ ମାଧ୍ୟମିକ ଶିକ୍ଷା ପାଇଁ ଅନୁମତି ନ ଥାଇ ସ୍କୁଲ ଚଳାଇଛନ୍ତି। ଏହି ସ୍କୁଲଗୁଡ଼ିକୁ ଜିଲ୍ଲା ଶିକ୍ଷା ବିଭାଗ ହିଁ ସହଯୋଗ କରୁଥିବାରୁ ସେମାନେ ମଧ୍ୟ ବିନା ଅନୁମତିରେ ଚଳାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ।

- ବିନା ଅନୁମତିରେ ଘରୋଇ ସ୍କୁଲ ଚଳାଇଛନ୍ତି ମାଧ୍ୟମିକ ଶିକ୍ଷା
- ଘରୋଇ ସ୍କୁଲରୁ ଲାଭ ନେଇ ସହଯୋଗ କରୁଛନ୍ତି ସରକାରୀ ସ୍କୁଲ
- ସରକାରୀ ନିୟମକୁ ବାହାନା କରି ଚାଲିଛି ବ୍ୟବସାୟ, ଶିକ୍ଷା ବିଭାଗ ଚୁପ୍

● କୁମ୍ଭାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

## ଡାକ୍ତରଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ଅଞ୍ଚଳବାସୀ



ସଇଁତଲା, ୯ ।୫ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା କୁମ୍ଭାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଅଧିକାରିଣୀ ସୁମିତ୍ରା ପରିଡ଼ାଙ୍କ ଦୁର୍ବ୍ୟବହାରରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଲେଣି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଏହି କେନ୍ଦ୍ରକୁ ଆସୁଥିବା ରୋଗୀ ଠିକରେ ଚିକିତ୍ସା ପାଉ ନାହାନ୍ତି। ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ରୋଗୀମାନେ କୌଣସି ସମସ୍ୟା ସମ୍ପର୍କରେ ପଚାରିଲେ ସିଏଚଓଙ୍କ ପକ୍ଷରୁ ଉଚିତ ଉତ୍ତର ମିଳୁନି। ଅସଦାଚରଣ ଓ କଠୋର ବ୍ୟବହାର କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରି ବ୍ୟବହାର ଯୋଗୁଁ ବୃଦ୍ଧ, ମହିଳା ଓ ଗରିବ ଶ୍ରେଣୀର ରୋଗୀ ଅଧିକ ଅସୁବିଧାରେ ପଡୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ବଣ୍ଟନ କରାଯାଉନି। ସ୍ୱାସ୍ଥ୍ୟ ପରାମର୍ଶ ଠିକ୍ ଭାବରେ ଦିଆଯାଉନି। ଏଣୁ ରୋଗୀମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧ୍ୟକ୍ଷ ଡାକ୍ତର ସମରେନ୍ଦ୍ର ନାରାୟଣ ମହାପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ସୁମିତ୍ରା ପରିଡ଼ାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି।


## କାଦୋଭସାରେ ମନଇଚ୍ଛା ମାଟି ଖନନ; ପ୍ରଶାସନ ଚୁପ୍



କଣ୍ଟାବାଞ୍ଜି, ୯ ।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ କାଦୋଭସା ଗାଁରେ ଜେସିବି ଓ ହାଇୱା ବ୍ୟବହାର ହରି ମନଇଚ୍ଛା ମାଟି ଖନନ କାର୍ଯ୍ୟ ଚାଲିଛି; ହେଲେ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ନିରବ ରହିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନ ଦ୍ୱିପହରରେ ବେଧଡକ ଭାବେ ମାଟି ଖନନ କରି ଚାଲାଣ କରୁଥିବା ଯୋଗୁଁ କାଦୋଭସା ଗାଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆଣୁଛନ୍ତି। ଅନ୍ୟପକ୍ଷରେ ଗତ କିଛି ଦିନ ତଳେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ କଣ୍ଟାବାଞ୍ଜିରେ ବେଆଇନ ମାଟି ଖନନ କଲେ ତା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥଲେ। ବର୍ତ୍ତମାନ ଟିଟିଲାଗଡ଼ ଉପ ଜିଲ୍ଲାପାଳ ସେହି ମନ୍ତବ୍ୟ କାମ ଦେଉ ନ ଥିବା ଦେଖିବାକୁ ମିଳିଛି। ଏହାଫଳରେ ଏବେ ମାଟି ମାଫିଆ ସକ୍ରିୟ ହୋଇଛନ୍ତି। ତାଙ୍କ ସହ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀ ସହଯୋଗ କରି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି। ବଲାଙ୍ଗୀର ଜିଲ୍ଲାପାଳ ନଜର ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ନିରବ ରହିବେ ତାହା ଦେଖିବାକୁ ରହିଛି।

## ବଙ୍ଗୋମୁଣ୍ଡା ଝିରଗାପଡ଼ାରେ ବେଆଇନ ପଥର ଖାଦାନ

● ପଥର ବିସ୍ଫୋରଣ ଯୋଗୁ କେନାଲରେ ଫାଟ



କଣ୍ଟାବାଞ୍ଜି, ୯ ।୫(ସମିସ): ବଙ୍ଗୋମୁଣ୍ଡା ତହସିଲ ଝିରଗାପଡ଼ାରେ ବେଆଇନ ଭାବେ ଏକ ପଥର ଖଣି ଚାଲିଛି। ବର୍ଷ ବର୍ଷ ଧରି ଏହି ଅଞ୍ଚଳ ଦେଇ ଯାଇଥିବା କେନାଲ କଡ଼ରେ ବେଆଇନ ଭାବେ ପଥର ବିସ୍ଫୋରଣ କରାଯାଉଛି। ଏହାଫଳରେ କେନାଲରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ଚାଷୀ ପାଇଁ ଜୀବନ ରେଖା ହୋଇଥିବା ଏହି କେନାଲ ଏବେ ପଥର ମାଫିଆଙ୍କ ପାଇଁ ନଷ୍ଟ ହୋଇଛି।

## ଠିକାଦାର ତୁଷ୍ଟିକରଣରେ ବଲାଙ୍ଗିର ପୌରପରିଷଦ

# ଜାତୀୟ ରାଜପଥ କଡ଼ରେ ନିର୍ମାଣ କାର୍ଯ୍ୟକୁ ବିରୋଧ

ବଲାଙ୍ଗିର, ୯ ।୫(ସମିସ): ବଲାଙ୍ଗିର ସହରରେ ଦେଇ ଜାତୀୟ ରାଜପଥ ଯାଇଛି। ଏହି ରାସ୍ତାର ଭାଗୀରଥି ଛକରୁ ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତା କଡରେ ସ୍ଥାନୀୟ ପୌରପରିଷଦ ପକ୍ଷରୁ ସୌନ୍ଦର୍ଯ୍ୟକରଣ ନାଁରେ ବେଆଇନ ନିର୍ମାଣ କାମ ଚାଲିଛି। ଏହି କାମକୁ ବିରୋଧ କରି ସ୍ଥାନୀୟ ଲୋକେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କୁ ଅଭିଯୋଗ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ, ବଲାଙ୍ଗିର ସାଂସଦ, ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଜଣାଇଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ ଏହି କାମ ହେବା ଦ୍ୱାରା ରାସ୍ତା ସଂକୁଚିତ ହେଉଛି। ପ୍ୟାଲେସ ଲାଇନ, ସାଗରପଡା ତଥା ଏହି ଆଖପାଖ ଅଞ୍ଚଳର ଅଧିବାସୀ ସହରକୁ ଆସିବାରେ ଅସୁବିଧା ହେଉଛି। ଏହାସହ ପ୍ରତିଦିନ ମହିଳା ମହାବିଦ୍ୟାଳୟ ଛାତ୍ରୀ ଓ ଶିକ୍ଷକ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରଛାତୀ ପ୍ୟାଲେସ ଲାଇନରୁ ଭାଗୀରଥି ଛକ ପର୍ଯ୍ୟନ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି; କିନ୍ତୁ ପୌର ପରିଷଦ ପକ୍ଷରୁ ଗତ ୨ ବର୍ଷର୍ ହେଲା ଭାଗୀରଥି ଛକରୁ ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ନିର୍ମାଣ କାମ ଚାଲିଛି। ଏହାଦ୍ୱାରା ରାସ୍ତା ସଂକୁଚିତ ହେଉଚି। ଏହାଦ୍ୱାରା ରାସ୍ତାରେ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟମୋଟ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଜାତୀୟ ରାଜପଥ ବିଭାଗର। ନିୟମ ଅନୁସାରେ ରାସ୍ତା ପାର୍ଶ୍ୱରେ କୌଣସି କଂକ୍ରିଟ କାମ କରାଯାଇ ପାରିବ ନାହିଁ। ତଥାପି ପୌରପରିଷଦ ପକ୍ଷରୁ ଏଠାରେ କଂକ୍ରିଟ କାମ ଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ବି ଜିଲ୍ଲାପାଳଙ୍କୁ ଲୋକେ ଲିଖିତ ଅଭିଯୋଗ କରିଥିଲେ। କିଛିଦିନ ବିଭାଗ ପକ୍ଷରୁ କାମ ବନ୍ଦ କରିଦିଆ ଯାଇଥିଲା; କିନ୍ତୁ ପୁଣିଥରେ ପିଡବ୍ଲୁଡି କାର୍ଯ୍ୟାଳୟ ରାସ୍ତା ପାଶ୍ୱର୍ରେ କଂକ୍ରିଟ କାମ ଚାଲିଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଏହି କାମକୁ ବନ୍ଦ କରିବା ସହ ଏହି ରାସ୍ତାକୁ ସଫା କରିବାକୁ ଲୋକେ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ରାସ୍ତାକଡରେ ପୌର ପରିଷଦ କାମ କଲା ପରେ ଏବେ ରାସ୍ତା ଉପରେ ଖୁଣ୍ଟ ପୋତି ଆଲୋକୀକରଣ କରିବ ବୋଲି ସ୍ପଷ୍ଟୀକରଣ ଦେଉଛି। ଏହି ରାସ୍ତାକଡ କାମ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ଚାଲିବା ରାସ୍ତା ଉପରେ ଖୁଣ୍ଟ ପୋତିବା ଯୋଗୁଁ ଆହୁରି ଅସୁବିଧାର ସମ୍ମୁଖୀନ ହେବେ। ରାସ୍ତା ଉପରେ ପୌରପରିଷଦର ଏହି ବେଆଇନ ନିର୍ମାଣ ଯୋଗୁଁ ମଟର ସାଇକଲ, ସାଇକଲ ଓ ଚାଲିକି ଯିବା ଲୋକଙ୍କ ପାଇଁ ରାସ୍ତା ନାହିଁ। ଯେଉଁ ରାସ୍ତା ଥିଲା ତା ଉପରେ ବାଡ ଦେଇ ନିର୍ମାଣ ଚାଲିଛି। ତେଣୁ ତୁରନ୍ତ ଏହି କାମ ବନ୍ଦ କରିବା ସହ ରସ୍ତା ଉପରେ ତିଆରି ହୋଇଥିବା ଏହି କଂକ୍ରିଟ କାମକୁ ହଟାଇ ରାସ୍ତା ପ୍ରସ୍ତୁତି କରଣ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳର ଆନନ୍ଦ ମିଶ୍ର, ରିତରାଜ ସିଂହ, ରଂଜନ ମହାନ୍ତି, ରାକେଶ ପଣ୍ଡା, ମୁରାରୀ ମୋହନ ମିଶ୍ର, ଦିଲୀପ ପାଢ଼ୀ, ଅଜିତ ତ୍ରିପାଠୀ, ରମାକାନ୍ତ ହୋତା, ତପନ ଦାସ, ଅଜିତ ପଣ୍ଡା ପ୍ରମୁଖ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

### ଇଓଙ୍କୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ

## ଜଙ୍ଗଲକୁ କୋଳି ଖାଇବାକୁ ଯାଇ ୨ ସାଙ୍ଗ ଭାଲୁ ଆକ୍ରମଣରେ ଗୁରୁତର

ମୁରିବାହାଲ, ୯ ।୫(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଭାଲୁ ଆକ୍ରମଣରେ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି। ଏମାନେ ହେଲେ କୁଟୁନୀଝରନ୍ ଗ୍ରାମର କରନ୍ ନାଗ (୩୩) ଏବଂ ରାନୀସିଲେଟ୍ ଅଞ୍ଚଳର ଜନ୍ମୟ ମାଝୀ (୩୫)। ଉଭୟ ସାଙ୍ଗ ହୋଇ ସ୍ଥାନୀୟ ଜଙ୍ଗଲକୁ ଚାର କୋଳି ଖାଇବାକୁ ଯାଇଥିଲେ। ସେଠାରେ ହଠାତ୍ ଏକ ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା। କରନ୍‌ଙ୍କ ମୁହଁ, ବେକ ଏବଂ ଡାହାଣ ବାହୁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଜନ୍ମୟଙ୍କ ଗୋଡ଼କୁ ଭାଲୁଟି କାମୁଡ଼ି କ୍ଷତବିକ୍ଷତ କରିଦେଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଅଧିକ ଉଦ୍‌ବେଗଜନକ ହେବାରୁ ଉଭୟଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାରମ୍ବାର ଏଭଳି ବନ୍ୟଜନ୍ତୁ ଆକ୍ରମଣ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ସହ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଉପରଝର କ୍ରିକେଟ ପ୍ରିମିୟର ଲିଗ୍ ପାଇଁ ଖେଳାଳି ଚୟନ

ଦେଓଗାଁ, ୯।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଉପରଝର ମିନି ଷ୍ଟାଡିୟମରେ ଚଳିତ ମାସ ୧୬ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉପରଝର କ୍ରିକେଟ ପ୍ରିମିୟର ଲିଗ (ୟୁପିଏଲ) ପାଇଁ ଶନିବାର ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ୫ଟି ଦଳ ଭାଗ ନେଇଥିଲେ। ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା। ଦିନେଶ ପଧାନ, ପ୍ରେମ ବେହେରା, ଶଙ୍କର ପଧାନ, ରାଜା ପଧାନ, ଲିଟୁ ପଧାନ, ଆଲୋକ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ବଙ୍ଗୋମୁଣ୍ଡା ସାମ୍ବାଦିକ ଭବନ ପାଇଁ ଭୂମିପୂଜା



କଣ୍ଟାବାଞ୍ଜି, ୯ ।୫(ସମିସ): ବଙ୍ଗୋମୁଣ୍ଡାରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସିନ୍ଧେକେଲା ସମିତି ସଭ୍ୟ ଭୋଳନାଥ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ହୁଲେଶ୍ୱର ହଂସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, କୋଷାଧ୍ୟକ୍ଷ ଦୀପକ ଯାଦବ, ଉପସଭାପତି ଅନିଲ ତ୍ରିପାଠୀ, ଉପଦେଷ୍ଟା ଅଶୋକ ଖମାରୀ, ସୁଶାନ୍ତ ଥନାପତି, ରାଧେଶ୍ୟାମ ମେହେର, ଦୀପକ ପାଣିଗ୍ରାହୀ, ନିତ୍ୟାନନ୍ଦ ପୃଷେଠ, ଭକ୍ତବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୧୨ରେ ଓଡ଼ିଶା ଜନତା କଂଗ୍ରେସର ଜିଲ୍ଲାସ୍ତରୀୟ ସମାବେଶ

କଣ୍ଟାବାଞ୍ଜି, ୯ ।୫(ସମିସ): କଣ୍ଟାବାଞ୍ଜିରେ ୧୨ ତାରିଖ ଓଡ଼ିଶା ଜନତା କଂଗ୍ରେସର ଜିଲ୍ଲାସ୍ତରୀୟ ସମାବେଶ ଆୟୋଜିତ ହେବ। ଏହି ସମାବେଶରେ ରାଜ୍ୟ ସଭାପତି ମହମ୍ମଦ ମୋକିମ୍ ଯୋଗ ଦେଇ ଯୁବ ନେତୃତ୍ୱକୁ ଉଦ୍‌ବୋଧନ ଦେବେ। ଏହି ସମାବେଶରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫ହଜାରରୁ ଅଧିକ ଯୁବକ ଯୋଗ ଦେବେ। କଣ୍ଟାବାଞ୍ଜି ଓଡ଼ିଶା ଜନତା କଂଗ୍ରେସ କାର୍ଯ୍ୟାଳୟଠାରେ ଶନିବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ରୂପେଶ ବେହେରା ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ଗୁପ୍ତେଶ୍ୱର ବେହେରା ଓ ଯୁବ ସଂଗଠକ ଅରୁଣ ତାଣ୍ଡି ସାମିଲ ଥିଲେ।

## ପ୍ରଶାସନିକ ଅଧିକାରୀଙ୍କ ସାଲେପାଲି ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନ



ଦେଓଗାଁ, ୯।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲିସ୍ଥିତ ଗ୍ରାମମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ଶିଶୁଯତ୍ନ ଅନୁଷ୍ଠାନକୁ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ଏହାପରେ ବିଡିଓ ପ୍ରିୟରଞ୍ଜନ କୁମାର ଓ ତହସିଲଦାର ନର୍ମଦା ନାୟକ ପରିଦର୍ଶନ କରିଥିଲେ। ଶିଶୁମାନଙ୍କ ରହିବା ବ୍ୟବସ୍ଥାର ତଦାରଖ କରିବା ସହ ବିଭିନ୍ନ ସମସ୍ୟା ଉପରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧୀକ୍ଷକ ସୁରେଶ ମାହାକୁଡ, ରାମନାଥ ସାଏ, ଗିତିକୃଷ୍ଣ ସାହୁ, ସାନନ୍ଦ ଷଡଙ୍ଗୀ, ପ୍ରତ୍ୟୁଷ ସାହୁ, ଧନୁର୍ଜୟ ସାମଲ, ସଂଗୀତ ଶିକ୍ଷକ ଶିବପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୁରିବାହାଲ, ତୁରେକେଲା ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ





ମୁରିବାହାଲ, ୯।୫(ସମିସ)

ଓଡ଼ିଶା ସରକାରଙ୍କ ଅଭିନବ ପ୍ରୟାସରେ ଆଜି ମୁରିବାହାଲ ଥାନା ପରିସରରେ ମହିଳା ଓ ଶିଶୁମାନଙ୍କ ସଚେତନତା ପାଇଁ "ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର ଛାତ୍ରୀ ସେମାନଙ୍କ ଶିକ୍ଷୟିତ୍ରୀ ତଥା ଦିଦିମାନଙ୍କ ସହ ଯୋଗ ଦେଇଥିଲେ। ସମାଜରେ ମହିଳା ଓ ଶିଶୁମାନେ ସାମ୍ନା କରୁଥିବା ବିଭିନ୍ନ ଜଟିଳ ସମସ୍ୟାର ସମାଧାନ ଏବଂ ବିଶେଷ କରି ବଢୁଥିବା ସାଇବର ଅପରାଧରୁ ସେମାନଙ୍କୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ନେଇ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରି ଶିଶୁ ଓ ମହିଳାମାନେ କିପରି ନିର୍ଭୟରେ ଥାନାକୁ ଆସି ପୁଲିସ ସହ ନିଜର ସମସ୍ୟା ବାଣ୍ଟିପାରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଭିଡିଓ କନଫରେନ୍ସ ମାଧ୍ୟମରେ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ସେ ମହିଳା ଓ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଉପସ୍ଥିତ ସମସ୍ତଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀମାନଙ୍କୁ ଭିଡିଓ ମାଧ୍ୟମରେ ବିଭିନ୍ନ ଅନଲାଇନ୍ ଠକେଇ ଏବଂ ଡିଜିଟାଲ୍ ଦୁନିଆର ବିପଦ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଥାନା କିପରି କାର୍ଯ୍ୟ କରେ ସେ ବିଷୟରେ ଜାଣିବା ପାଇଁ ଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଥାନା ପରିସର ବୁଲାଇ ଦେଖାଯାଇଥିଲା। ଏହି ଅବସରରେ ବଲାଙ୍ଗୀର ସାଇବର ଥାନାର ଆଇଆଇସି ଯୋଗଦେଇ ବର୍ତ୍ତମାନ ସମୟରେ ହେଉଥିବା ସାଇବର କ୍ରାଇମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସୋସିଆଲ ମିଡିଆ ଓ ଇଣ୍ଟରନେଟ୍ ବ୍ୟବହାର ସମୟରେ କେଉଁ ସତର୍କତା ଅବଲମ୍ବନ କରିବା ଉଚିତ୍ ଏବଂ କୌଣସି ଅପରାଧର ଶିକାର ହେଲେ ତୁରନ୍ତ କିପରି ପଦକ୍ଷେପ ନେବାକୁ ହେବ ସେ ନେଇ ସେ ପୁଙ୍ଖାନୁପୁଙ୍ଖ ସୂଚନା ପ୍ରଦାନ କରିଥିଲେ।

ତୁରେକେଲା: ମହିଳା ମାନଙ୍କ କ୍ଷେତ୍ରରେ ବଢୁଥିବା ଅପରାଧ ଓ ଶୋଷଣକୁ ରୋକିବା ପାଇଁ କିଶୋରୀମାନଙ୍କୁ ନେଇ ତୁରେକେଲା ଥାନାରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ରାକେଶ ବେହେରାଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ଏହି ସଚେତନ କାର୍ଯ୍ୟକ୍ରମରେ ମହିଳା ଓ କିଶୋରୀମାନେ ସାଇବର ଠକେଇରୁ କେମିତି ସୁରକ୍ଷା ପାଇବେ ଏବଂ ବିଶେଷ କରି କିଶୋରୀମାନେ ତାଙ୍କ ସମସ୍ୟାକୁ କେମିତି ଜଣାଇପାରିବେ ସେ ନେଇ ସଚେତନ କରାଯାଇଥିଲା। ମହିଳା ଓ କିଶୋରୀମାନେ ପୁଲିସକୁ ବନ୍ଧୁ ଭାବରେ ଦେଖିବେ ଏବଂ ନିଜ ସମସ୍ୟାକୁ ପୁଲିସକୁ ନିର୍ଭୟରେ କେମିତି ଜଣାଇପାରିବେ ସେ ନେଇ ସଚେତନ କରାଯାଇଥିଲା। କିଶୋରୀମାନଙ୍କୁ ଥାନା ପରିଦର୍ଶନ କରାଇ ଅବଗତ କରାଯାଇଥିଲା।